# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୪/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 4/2024 Page 20 ₹ 7.00

୫୦ଶ ଭାଗ ୨୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 251 ମୂଲ୍ୟ₹୭/-




**ବାଇଲ୍ସଙ୍କୁ ସପ୍ତମ ସ୍ୱର୍ଣ୍ଣ**

ଆମେରିକୀୟ ମହିଳା ଜିମ୍ନାଷ୍ଟ ସିମୋନ ବାଇଲ୍ସ ଅଲିମ୍ପିକ୍ସରେ ସପ୍ତମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୭

୧୧

**ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ମୃଣାଳ**

ଏକଦା ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ କୌଣସି କାମ ମିଳୁ ନ ଥିଲା। ତେଣୁ ସେ ହତାଶ ହୋଇ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ।





ବିଶିଷ୍ଟ ସାହିତ୍ୟ ସାଧିକା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ଅଷ୍ଟାଦଶ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

**ମୁକ୍ତ ସ୍ୱରର ପ୍ରଭାବ**

**ଆଜିର ମନ୍ତବ୍ୟ**

"ସରକାରଙ୍କ ଉପରେ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଭାଜପା 'ପାୱାର ଜିହାଦ'ରେ ସମ୍ପୃକ୍ତ ରହି ରାଜନୈତିକ ଦଳଗୁଡ଼ିକରେ ବିଭାଜନ ସୃଷ୍ଟି କରୁଛି।

**-ଉଦ୍ଧବ ଠାକ୍‌ରେ, ଶିବସେନା (ୟୁବିଟି) ଅଧ୍ୟକ୍ଷ**

# ୫ ମହିଳାଙ୍କ ଠକ ସ୍ୱାମୀ ଗିରଫ

**ମାଟ୍ରିମୋନିଆଲ ସାଇଟ ଜରିଆରେ ପ୍ରଥମେ ପରିଚୟ ସୃଷ୍ଟି କରୁଥିଲେ। ତା'ପରେ ମିଠା ମିଠା କଥା ସହ ମିଥ୍ୟା ପ୍ରଲୋଭନ ଦେଇ ପ୍ରେମ ସମ୍ପର୍କ ଏବଂ ପରେ ବିବାହ ପ୍ରତିଶ୍ରୁତି ଦେଇ ଏକାଧିକ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟୁଥିଲେ। ଏପରିକି ଉକ୍ତ ଟଙ୍କାରେ ବିଦେଶରେ ବୁଲି ସଉକ କରୁଥିଲେ। ୫ଜଣ ମହିଳାଙ୍କୁ ବିବାହ କରିବା ସହିତ ୫୦ଜଣ ମହିଳାଙ୍କ ସହ ସମ୍ପର୍କରେ ଥିଲେ। ଅଭିଯୋଗ ପରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଯାଜପୁର ବିଞ୍ଝାରପୁରର ସତ୍ୟଜିତ ମାନଗୋବିନ୍ଦ ସାମଲଙ୍କୁ ଧରିବା ପାଇଁ ପୋଲିସ 'ଅପରେଶନ ଦୁଲେହ ରାଜା' ଆରମ୍ଭ କରିଥିଲା। ଜଣେ ମହିଳା ପୋଲିସ କର୍ମଚାରୀ ବିବାହର ନାଟକ ରଚି ଅଭିଯୁକ୍ତ ସତ୍ୟଜିତ୍‌ଙ୍କୁ ପାଖକୁ ଡକାଇବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ନଗଦ ୨.୧୦ ଲକ୍ଷ ଟଙ୍କା, ଏକ ବାଲେନୋ କାର୍, ଏକ ବୁଲେଟ, ଗୋଟିଏ ବନ୍ଧୁକ, ଗୁଳି, ୩ଟି ମୋବାଇଲ ଫୋନ ଓ ୨ଟି ବିବାହ ଏଗ୍ରିମେଣ୍ଟ ପେପର ଜବତ କରାଯାଇଛି।**

**ଭୁବନେଶ୍ୱର,୩।୮**
**(ସୂର୍ଯ୍ୟକାନ୍ତ ବେହେରା)**

ଅଭିଯୁକ୍ତ ସତ୍ୟଜିତ୍ ଜଣେ ମହିଳାଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବାବେଳେ ଅନ୍ୟ ୪ଜଣଙ୍କ ସହ ବିବାହ ଏଗ୍ରିମେଣ୍ଟ କରିଥିଲେ। ଅଧିକ ଟଙ୍କା ରୋଜଗାର କରି ଅୟସ ଜୀବନ ବିତାଇବା ପାଇଁ ଏକାଧିକ ମହିଳାମାନଙ୍କୁ ପ୍ରେମ ଜାଲରେ ଫସାଇ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟୁଥିଲେ। ପୋଲିସ ସୂଚନାନୁସାରେ ଅଭିଯୁକ୍ତଙ୍କ ନାଁରେ କ୍ୟାପିଟାଲ ଥାନାରେ ଦୁଇଜଣ ମହିଳା ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ ଜୀବନସାଥୀ ମାଟ୍ରିମୋନିଆଲ ସାଇଟ ଜରିଆରେ ସତ୍ୟଜିତଙ୍କ ସହିତ ସେମାନଙ୍କ ପରିଚୟ ହୋଇଥିଲା। ସେମାନଙ୍କ ସହ ଚାଟିଂ କରିବା ପରେ ସେ ସେମାନଙ୍କୁ ବାହାହେବାକୁ ରାଜି ହୋଇଥିଲେ। ଏହାପରେ ଅଭିଯୁକ୍ତ ସେମାନଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ସେମାନଙ୍କଠାରୁ ପଇସାପତ୍ର ସହିତ ଗାଡ଼ି ନେଇଥିଲେ। ଏହି ୨ମହିଳାଙ୍କ ମଧ୍ୟରୁ ଅଭିଯୁକ୍ତ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ ବାଲେନୋ କାର ନେଇଥିବାବେଳେ ଅନ୍ୟ ଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ନେଇଛନ୍ତି। ଏସବୁ ଟଙ୍କା ମହିଳା ଜଣକ ବିଭିନ୍ନ ବ୍ୟାଙ୍କରୁ ଋଣ କରି ଆଣିଥିଲେ। ଯେତେବେଳେ ପୀଡିତାଦ୍ୱୟ ତାଙ୍କୁ ଲୋନ ଶୁଝିବା ପାଇଁ ଟଙ୍କା ଫେରସ୍ତ କରିବାକୁ କହୁଥିଲେ, ସେତେବେଳେ ସେ ବାହାନା କରି ଦୁବାଇ ପଳାଉଥିଲେ। ସେଠାରେ ବୁଲାବୁଲି କରି କିଛି ଦିନ ପରେ ଫେରି ଆସୁଥିଲେ। ହେଲେ ଅଭିଯୁକ୍ତ ଫେରି ଆସିବା ପରେ ମହିଳାଦ୍ୱୟ ପୁଣି ଟଙ୍କା ମାଗିବାକୁ ଆରମ୍ଭ କରିଥିଲେ। ମାତ୍ର ଅଭିଯୁକ୍ତ ଟଙ୍କା ଦେବା ବଦଳରେ ଓଲଟା ବନ୍ଧୁକ ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ମହିଳାଦ୍ୱୟ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ।



ସତ୍ୟଜିତ ମାନଗୋବିନ୍ଦ ସାମଲ

## ବିବାହ ପ୍ରତିଶ୍ରୁତି ଦେଇ ୫୦ ମହିଳାଙ୍କ ସମ୍ପର୍କରେ ଥିଲେ

କମିଶନରେଟ ପୋଲିସ ଅଭିଯୁକ୍ତ ସତ୍ୟଜିତଙ୍କୁ ଧରିବା ପାଇଁ ଦୁଲେହ ରାଜା ନାମକ ଅପରେଶନ ଆରମ୍ଭ କରିଥିଲା। ଏଥିପାଇଁ ଜଣେ ମହିଳା ପୋଲିସ ଅଭିଯୁକ୍ତଙ୍କ ସହ ଚାଟିଂ କରିଥିଲେ। ମହିଳା ପୋଲିସ ଜଣଙ୍କ ତାଙ୍କୁ ବିବାହ କରିବାକୁ ଭୁବନେଶ୍ୱର ଡକାଇଥିଲେ। ଫଳରେ ଅଭିଯୁକ୍ତ ତୁରନ୍ତ ଦୁବାଇରୁ ଭୁବନେଶ୍ୱର ଆସିଥିଲେ। ଏହାପରେ ପୋଲିସ ସତ୍ୟଜିତଙ୍କୁ ମାଡ଼ି ବସିଥିଲା। ଅଭିଯୁକ୍ତ ସତ୍ୟଜିତଙ୍କ ୩ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ଅଭିଯୁକ୍ତ ଜଣଙ୍କ ବିଭିନ୍ନ ଟ୍ରାଭେଲ୍ସରେ କାର୍ ଲଗେଇଥିବା ବେଳେ ଉକ୍ତ ଗାଡ଼ିଗୁଡ଼ିକୁ ପୋଲିସ ଚିହ୍ନଟ କରିଥିବା ଜଣାପଡ଼ିଛି। ସେହିପରି ଅଭିଯୁକ୍ତଙ୍କ ମୋବାଇଲରେ ମହିଳାଙ୍କ ଆପତ୍ତିଜନକ ଭିଡିଓ ଓ ଚାଟିଂର ପ୍ରମାଣ ପୋଲିସ ହାତରେ ଲାଗିଛି। ଅଭିଯୁକ୍ତଙ୍କୁ ଜାମିନ ନ ମିଳିବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ☞ପୃଷ୍ଠା-୨












ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୪ର ଗ୍ରାଣ୍ଡ ଫାଇନାଲକୁ ଯାଇଥିବା ୮ ସିନିୟର ଗ୍ରୁପ୍‌ର ପ୍ରତିଯୋଗୀମାନଙ୍କ ସହ ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ କୁଇଜ୍ ମାଷ୍ଟର ଅଜୟ ପୁନିଆ।

# ଫାଇନାଲ୍‌କୁ ଗଲେ ୮-୮ ଟିମ୍

## ଆଜି ଗ୍ରାଣ୍ଡ ଫାଇନାଲ୍ସ

ଜୁନିୟର ବର୍ଗର ୮ ଟିମ୍ ଓ ସିନିୟର ବର୍ଗର ୮ ଟିମ୍ ରବିବାର କ୍ରିଷ୍ଟାଲ କ୍ରାଉନ୍ ହୋଟେଲଠାରେ ଆୟୋଜିତ ହେବାକୁ ଥିବା ଗ୍ରାଣ୍ଡ୍ ଫାଇନାଲ୍ସରେ ଭାଗ ନେବେ। ପୁରସ୍କାର ବାବଦରେ ମୋଟ ୩.୫ଲକ୍ଷ ଟଙ୍କା ରହିଥିବାବେଳେ ଉଭୟ ବର୍ଗର ବିଜେତା ଟିମ୍‌କୁ ୧ଲକ୍ଷ, ପ୍ରଥମ ରନର୍ସଅପ୍‌କୁ ୫୦ ହଜାର ଏବଂ ଦ୍ୱିତୀୟ ରନର୍ସଅପ୍‌କୁ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବ। ଗ୍ରାଣ୍ଡ୍ ଫାଇନାଲ୍ସ ଅପରାହ୍ନ ୨ଟାରୁ ଆରମ୍ଭ ହେବାକୁ ଥିବାବେଳେ ଏହାର ଲାଇଭ ସ୍କ୍ରିନିଂକୁ ଓଡ଼ିଶାପୋଷ୍ଟ ଲାଇଭ୍, ଫେସ୍‌ବୁକ୍ ସହିତ ମେଟଲ୍ ମିଟ୍ ଲାଇଭ୍ ଏବଂ ଫେସ୍‌ବୁକ୍ ପେଜ୍‌ରେ ଲୋକେ ଘରେ ବସି ଦେଖିପାରିବେ।



'ମେଟଲ୍ ମିଟ୍ ୨୦୨୪'ର ଗ୍ରାଣ୍ଡ ଫାଇନାଲକୁ ଯାଇଥିବା ଜୁନିୟର ବର୍ଗର ୮ ଟିମ୍

**ଭୁବନେଶ୍ୱର, ୩।୮ (ଅସମାପିକା ସାହୁ)**

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାର ଷଷ୍ଠ ସଂସ୍କରଣ 'ମେଟଲ୍ ମିଟ୍ ୨୦୨୪'ର ଆରମ୍ଭ ହୋଇଛି। କ୍ରିଷ୍ଟାଲ କ୍ରାଉନ୍ ହୋଟେଲରେ ଆୟୋଜିତ କୁଇଜ୍‌ର ଏହି ମହାକୁମ୍ଭରେ ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରୁ ମୋଟ ୮୩ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରିଲିମ୍ସ ରାଉଣ୍ଡ୍‌ରେ ଜୁନିୟର ବର୍ଗରେ ୪୨ ଟିମ୍ ଓ ସିନିୟର ବର୍ଗରେ ୪୧ ଟିମ୍ ଭାଗ ନେଇଥିବାବେଳେ ଗ୍ରାଣ୍ଡ ଫାଇନାଲ୍ସ ପାଇଁ ୮ଟି ଜୁନିୟର ଟିମ୍ ଓ ୮ଟି ସିନିୟର ଟିମ୍ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ ଏହି ପ୍ରତିଯୋଗିତା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। 'ମେଟଲ୍ ମିଟ୍'ର କୌଣସି ପ୍ରତିଯୋଗୀ ଲୁଜର ନୁହନ୍ତି, ସମସ୍ତଙ୍କ ପାଖରେ ପ୍ରତିଭା ରହିଛି ଏବଂ ସମସ୍ତେ ଏଠି ୱିନର ବୋଲି କହିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଲେ, ଓଡ଼ିଶାରେ କୁଇଜିଂ କଲଚର୍‌କୁ ପ୍ରୋତ୍ସାହିତ କରିବା ହେଉଛି 'ମେଟଲ୍ ମିଟ୍'ର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୬ରେ ଆରମ୍ଭ ହୋଇଥିବା ଏହି ପ୍ରୟାସ ଧୀରେ ଧୀରେ ବ୍ୟାପକ ହୋଇଛି। କୁଇଜିଂରେ ଆଗ୍ରହ ରଖୁଥିବା ପିଲାମାନଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ଆଣିଦେଇଛି। ଏଥିରେ ଭାଗ ନେବା ପାଇଁ ଏବେ ପିଲାମାନେ ଅପେକ୍ଷା କରି ରହୁଛନ୍ତି। ଏଥର ରାଜ୍ୟ ବାହାରୁ ମଧ୍ୟ ପିଲାମାନେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେଣୁ ଆଗାମୀ ବର୍ଷରେ ଆମେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଜାତୀୟସ୍ତରୀୟ ଭାବେ ଆୟୋଜନ କରିବା ପାଇଁ ପ୍ରୟାସ କରିବୁ ବୋଲି ଆଦ୍ୟାଶା କହିଥିଲେ। କୁଇଜ୍‌ର ଏହି ମହାକୁମ୍ଭକୁ ଚଳିତବର୍ଷ ଲୋକପ୍ରିୟ କୁଇଜ୍ ମାଷ୍ଟର ଅଜୟ ପୁନିଆ ହୋଷ୍ଟ କରିଥିଲେ। କାର୍ଯ୍ୟକ୍ରମକୁ ମୁନ୍‌ମୁନ୍ ସିଂ ସଂଯୋଜନା କରିଥିଲେ। ଜୁନିୟର ବର୍ଗରେ ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ବୁର୍ଲା, ବାଲେଶ୍ୱର, ଭଦ୍ରକ ଓ ଢେଙ୍କାନାଳର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇ ଜ୍ଞାନ ପ୍ରଦର୍ଶନ କରିଥିଲେ। ସେହିପରି ସିନିୟର ବର୍ଗରେ ଭୁବନେଶ୍ୱର, କଟକ, ପୁରୀ, କୋରାପୁଟ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା ଏବଂ ବୁର୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ଦିନରେ ଏମାନଙ୍କୁ ନେଇ ପ୍ରିଲିମ୍ସ ରାଉଣ୍ଡ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ଜୁନିୟର ଓ ପରେ ସିନିୟର ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ମୋଟ ୩୫ଟି ଲେଖାଏ ପ୍ରଶ୍ନ ରହିଥିଲା, ଯେଉଁଥିରେ ସାଧାରଣ ଜ୍ଞାନ ସହ ଅଡିଓ ଭିଜୁଆଲ ପ୍ରଶ୍ନ ଏବଂ ବର୍ତ୍ତମାନର ଘଟଣାବଳୀକୁ ଗୁରୁତ୍ୱ ଦିଆଯାଇଥିଲା।

## ଜୁନିୟର ଫାଇନାଲିଷ୍ଟସ୍

- କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
- ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର
- ଲୟୋଲା ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର
- ଦିଲ୍ଲୀ ପବ୍ଲିକ ସ୍କୁଲ, କଳିଙ୍ଗା, କଟକ
- ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର

## ସିନିୟର ଫାଇନାଲିଷ୍ଟସ୍

- ଏନ୍‌ଆଇଟି, ରାଉରକେଲା
- ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, କଟକ
- କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
- ଆଇଆଇଟି, ଭୁବନେଶ୍ୱର
- ନାଇଜର, ଜଟଣୀ, ଖୋର୍ଦ୍ଧା
- ଭିମ୍‌ସାର, ବୁର୍ଲା, ସମ୍ବଲପୁର
- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, କଟକ
- ଏମ୍ସ, ଭୁବନେଶ୍ୱର





## ଉତ୍ତର ପାଇ କସରତ








ପ୍ରତିଯୋଗୀଙ୍କୁ ପ୍ରଶ୍ନ ପଚାରୁଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ





ଭୁବନେଶ୍ୱର କ୍ରିଷ୍ଟାଲ କ୍ରାଉନ୍ ହୋଟେଲରେ ଶନିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୪ ପ୍ରିଲିମ୍ସରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିଯୋଗୀମାନେ। **(ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର)**

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୪/୨୦୨୪ | Bhubaneswar, Sunday, August 4/2024 | ପୃଷ୍ଠା-୧


# କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଟାସ୍କ ଫୋର୍ସ

**ଭୁବନେଶ୍ୱର,୩।୮(ଅନିଲଦାସ)**

କେନ୍ଦୁଝର ଏକ ଖଣିଜସମ୍ପଦ ସମୃଦ୍ଧ ଜିଲା। ଏହି ଜିଲାରେ ଖଣିଜ ସମ୍ପଦ ସହ ଜମି, ଜଳ, ବିଦ୍ୟୁତ୍, ଯୋଗାଯୋଗ ସହ ଅନ୍ୟ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମିର ସୁବିଧା ରହିଛି। ଜିଲାରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଉଦ୍ୟମ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇ ବିଭିନ୍ନ ଆଗ୍ରହୀ ଶିଳ୍ପସଂସ୍ଥା ସହିତ ଆଲୋଚନା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।



ଲୋକସେବା ଭବନରେ ଶନିବାର ଶିଳ୍ପ କ୍ଷେତ୍ରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଶିଳ୍ପ ପ୍ରକଳ୍ପର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ଶନିବାର ଲୋକସେବା ଭବନରେ ରାଜ୍ୟର ଶିଳ୍ପ କ୍ଷେତ୍ରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ରଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ୫ ବର୍ଷରେ ରାଜ୍ୟରେ ୩.୫ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ରଗୁଡ଼ିକରେ ଅଧିକ ନିଯୁକ୍ତି ସମ୍ଭାବନା ରହିଛି। ଏ ସବୁ କ୍ଷେତ୍ରରେ କିପରି ଅଧିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଆ ଉଦ୍ୟୋଗୀମାନଙ୍କୁ ଶିଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିପୁଳ ସୁଯୋଗ ରହିଛି। ଏ ଦିଗରେ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ସରକାରୀ ସ୍ତରରେ ଶିଳ୍ପ ସଂସ୍ଥାଗୁଡ଼ିକୁ ଉପଯୁକ୍ତ ସୁଯୋଗ ଯୋଗାଇଦେବା ସହିତ ସେମାନଙ୍କ ସମସ୍ତ ଆବଶ୍ୟକତା ☞ପୃଷ୍ଠା-୨

# ଅଲିମ୍ପିକ୍ସ ପୋଡିୟମରେ ବିବାହ ପ୍ରସ୍ତାବ



ହୁଆଙ୍ଗ ୟା କିଓଙ୍ଗ୍‌ଙ୍କ ସହ ସାଥୀ ଖେଳାଳି ଲିୟୁ ୟୁଚେନ।

## ଗୋଲ୍ଡ ପରେ ମିଳିଲା ଡାଏମଣ୍ଡ

**ପ୍ୟାରିସ୍, ୩।୮(ପି.ଟି.)**

ପ୍ରଥମଥର ପାଇଁ ଏକ ନଦୀରେ ଉଦ୍‌ଘାଟନୀ ସମାରୋହଠାରୁ ଆରମ୍ଭ କରି ବିଭିନ୍ନ କାରଣ ପାଇଁ ପ୍ୟାରିସ ଅଲିମ୍ପିକ୍ସ ଏପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଆସିଛି। ଖେଳ ପଡ଼ିଆ ବାହାରର କିଛି ଘଟଣା ମଧ୍ୟ କ୍ରୀଡ଼ାପ୍ରେମୀଙ୍କୁ ବେଶ୍ ଆମୋଦିତ କରିଛି। ଏହା ମଧ୍ୟରେ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଏକ ନିଆରା ବିବାହ ପ୍ରପୋଜାଲ ଅନ୍ୟତମ। ଚାଇନାର ବ୍ୟାଡ୍‌ମିଣ୍ଟନ ଖେଳାଳି ହୁଆଙ୍ଗ ୟା କିଓଙ୍ଗ ମିକ୍ସଡ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ପୋଡିୟମ ନିକଟରେ ସାଥୀ ଖେଳାଳି ଲିୟୁ ୟୁଚେନଙ୍କୁ ବିବାହ ପାଇଁ ପ୍ରପୋଜ୍ କରିଥିଲେ। ଫଳରେ ସ୍ୱର୍ଣ୍ଣ ପଦକ ସହ ହୀରା ମୁଦି ହାସଲ କରିଥିଲେ କିଓଙ୍ଗ। ଲା ଚାପେଲେ ଆରେନାରେ ମିକ୍ସଡ ଡବଲ୍ସ ଇଭେଣ୍ଟର ପଦକ ବିତରଣ ଶେଷ ହେବା ପରେ କିଓଙ୍ଗ ଫେରୁଥିବା ବେଳେ ଫୁଲତୋଡା ଓ ମୁଦି ସହ ସରପ୍ରାଇଜ୍ କରିଥିଲେ ଲିୟୁ।

୩୦ ବର୍ଷୀୟା କିଓଙ୍ଗ ଝେଙ୍ଗ ସିଓ୍ୱେଇଙ୍କ ସହିତ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଥିଲେ। ପ୍ରପୋଜାଲ ସମୟରେ ଦର୍ଶକଙ୍କ କରତାଳି ଦେଖିବାକୁ ମିଳିଥିଲା। କିଓଙ୍ଗ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିବା ବେଳେ ଲିୟୁ ତାଙ୍କ ହାତରେ ମୁଦି ପିନ୍ଧାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ☞ପୃଷ୍ଠା-୨


ଓଡ଼ିଶା ସରକାର | No.T-50

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୦୫।୦୮।୨୦୨୪ରିଖ (ସୋମବାର) ଦିବା ୧୧ ଘଟିକା ସମୟରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସେହି ଦିନ ଦିବା ୮ ଘଟିକାରୁ ୧୨ ଘଟିକା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଉକ୍ତ ଅଭିଯୋଗ ଶୁଣାଣି ସ୍ଥାନରେ ଉପରୋକ୍ତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ପଞ୍ଜୀକରଣ କରାଇ ଅଭିଯୋଗଗୁଡ଼ିକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0014/2425


# ସେପ୍ଟେମ୍ବର ୧୦ ଯାଏ ଚାଲିବ ବିଏସ୍‌କେଓ୍ୱାଇ: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ

**ଭୁବନେଶ୍ୱର,୩।୮(ଅନିଲ ଦାସ)**

ବିଜେଡି ସରକାର ଅମଳରେ ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେଓ୍ୱାଇ) ଆସନ୍ତା ସେପ୍ଟେମ୍ବର ୧୦ ତାରିଖ ଯାଏ ଚାଲିବ। ଏହା ପରଠାରୁ ଏହି ଯୋଜନା ବଦଳରେ ଲୋକଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ମିଳିବ। ବିଏସ୍‌କେଓ୍ୱାଇରେ ଯେତିକି ସୁବିଧା ମିଳୁଛି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ମଧ୍ୟ ସମାନ ସୁବିଧା ରହିବ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବା ପରେ ରାଜ୍ୟରେ ନୂଆ କାର୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏଥିସହ ବିଏସ୍‌କେଓ୍ୱାଇ କାର୍ଡର ରୂପରେଖ ବଦଳିଯିବ। ବିଏସ୍‌କେଓ୍ୱାଇ କାର୍ଡ ଏବେ ଚାଲୁ ରହିଛି। ଏହା ବଦଳରେ ସମସ୍ତଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡ ମିଳିବ । ଆସନ୍ତା ସେପ୍ଟେମ୍ବର ୧୦ତାରିଖରେ ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବ। ଏହାପରେ ପର୍ଯ୍ୟାୟ କ୍ରମେ ଗୋପବନ୍ଧୁ ଆରୋଗ୍ୟ ଯୋଜନା ଲାଗୁ ହେବ। ଏବେ ବିଏସ୍‌କେଓ୍ୱାଇ ଯେମିତି ଚାଲିବା କଥା ସେମିତି ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୬.୫ ଲକ୍ଷ ପରିବାରକୁ ସାମିଲ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଓ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବାର୍ଷିକ ଚିକିତ୍ସା ସହାୟତା ମିଳୁଛି। ମାସିକ ୧ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ପ୍ରାୟ ୨୦୦ କୋଟି ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ପାଉଛନ୍ତି। ବିଏସ୍‌କେଓ୍ୱାଇ ରାଜ୍ୟରେ ଏକ ଲୋକପ୍ରିୟ ଯୋଜନା ଭାବେ ଆଦୃତି ଲାଭ କରିଛି। ବିଜେଡି ସରକାର ବଦଳିବା ପରେ ଭାଜପା ସରକାର ଏହି ଯୋଜନାର ନାମ ପରିବର୍ତ୍ତନ କରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ନାମିତ କରିଛନ୍ତି । ଏଥିପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ୫୪୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ୟାମିନି କ୍ରିଷ୍ଣାମୂର୍ତ୍ତିଙ୍କ ପରଲୋକ

**ନୂଆଦିଲ୍ଲୀ,୩।୮**

ପଦ୍ମ ବିଭୂଷଣ ବିଜୟିନୀ ବର୍ଷିୟାନ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଡ. ୟାମିନି କ୍ରିଷ୍ଣମୂର୍ତ୍ତିଙ୍କର ଶନିବାର



ଅପରାହ୍ଣରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ୭ ମାସ ହେଲା ଆପୋଲେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ବହୁବିଧ ରୋଗ ରହିଥିଲା। ସେ ଆଇସିୟୁରେ ରହି ଡ. ସୁନିଲ ମୋଦିଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଏକ ଟିମ୍ ଦ୍ୱାରା ଚିକିତ୍ସିତ ହେଉଥିଲେ ବୋଲି କ୍ରିଷ୍ଣାମୂର୍ତ୍ତିଙ୍କ ମ୍ୟାନେଜର ତଥା ସଚିବ ଗଣେଶ କହିଛନ୍ତି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ କ୍ରିଷ୍ଣମୂର୍ତ୍ତିଙ୍କର ଭାରତନାଟ୍ୟମ୍ ଏବଂ କୁଚିପୁଡ଼ି ନୃତ୍ୟରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ୨୦୧୬ରେ ତାଙ୍କୁ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା। ବିଶ୍ୱ ନୃତ୍ୟ ଜଗତରେ ସେ ଜଣେ ଉତ୍ତୁଙ୍ଗ ଶିଳ୍ପୀ ଭାବେ ବହୁ ଦଶନ୍ଧି ଧରି ରାଜ କରିଥିଲେ। ତାଙ୍କ ନୃତ୍ୟରେ କୌଶଳଗତ ଶୁଦ୍ଧତା, ଅଭିବ୍ୟକ୍ତିର ଗାମ୍ଭୀର୍ଯ୍ୟତା ଏବଂ ସମୃଦ୍ଧ ସଂସ୍କୃତିର ଝଲକ ତାଙ୍କୁ ବିଶ୍ୱ ମଞ୍ଚର ଶାସ୍ତ୍ରୀୟ ନୃତ୍ୟରେ ଭାରତୀୟଙ୍କ ପ୍ରତିଷ୍ଠିତ ରାଷ୍ଟ୍ରଦୂତରେ ପରିଣତ କରିଥିଲା। କ୍ରିଷ୍ଣମୂର୍ତ୍ତିଙ୍କର ୨ ଭଉଣୀ ରହିଛନ୍ତି। ସେ ଚଳାଉଥିବା ୟାମିନି ସ୍କୁଲ୍ ଅଫ୍ ଡ୍ୟାନ୍ସକୁ ତାଙ୍କ ମରଶରୀର ରବିବାର ଅଣାଯିବ। ତାଙ୍କ ପରଲୋକରେ ସମଗ୍ର ନୃତ୍ୟ ଜଗତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅଷ୍ଟାଦଶତମ ପୁଣ୍ୟତିଥି ପାଳନ, ସ୍ଥାନ: ରାଜଭବନ ନିକଟ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରାଜଭବନ ପଛ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା।
- ଓଡ଼ିଶା ଏନ୍‌ଭାଇରନମେଣ୍ଟାଲ ସୋସାଇଟି ପକ୍ଷରୁ ସେମିନାର, ସ୍ଥାନ: ଓଇଏସ୍ ପ୍ରିମିସେସ୍, ଆଇଆର୍‌ସି ଭିଲେଜ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଲବମ୍ ଉପଲକ୍ଷେ ସେବା ଶିବିର, ସ୍ଥାନ: ଜୟଦୁର୍ଗା ନଗର, ସମୟ: ସନ୍ଧ୍ୟା ୬ଟା।
- ସଙ୍ଗୀତ ସନ୍ଧ୍ୟା 'କିଶୋର କୁମାର ନାଇଟ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ବରିଷ୍ଠଙ୍କୁ ଉପେକ୍ଷା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପଣ୍ଡା ମେଡିକାଲ ସଭାଗୃହ, କେଶରପୁର, ସମୟ: ଅପରାହ୍ନ ୫ଟା।

## ପୁରୀ

- ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀ, ସମୟ: ସକାଳ ୮ଟା।
- ଶିଶୁ ସମାଚାର ପକ୍ଷରୁ ସପ୍ତଦଶ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସର, ନୂଆପାଟଣା, ଗୋରୁଆଳ, ସମୟ: ସକାଳ ୮ଟା ୩୦।
- ଜଡ଼ିବୁଟି ଦିବସ ପାଳନ, ସ୍ଥାନ: ସେନାପତି ବଗିଚା, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସାମ୍ବିଧାନିକ ସମ୍ମିଳନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଭକ୍ତ ନିବାସ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ, ସ୍ଥାନ: ଚୈତନ୍ୟ ଛକ ବେଳାଭୂମି, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଏମ୍‌ପିଙ୍କ ଦ୍ୱାରା ଥଣ୍ଡା ପାନୀୟଜଳ ମେଶିନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ୮ନମ୍ବର ୱାର୍ଡର ଆଖଣ୍ଡଳମଣି ଦେବଙ୍କ ମନ୍ଦିର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଶିକ୍ଷାବିତ୍ ବଂଶୀଧର ମିଶ୍ରଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ରଘୁନାରାୟଣ ବିଦ୍ୟାଳୟ, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ସର୍କିଟ ହାଉସ ନୂଆ ଭବନ, ସମୟ– ପୂର୍ବାହ୍ନ ୧୦ଟା ୩୦।
- ହରିହର କଳାବିକାଶ କେନ୍ଦ୍ରର ବାର୍ଷିକ ସମାରୋହ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହରିହର ଏମ୍‌ଇ ସ୍କୁଲ, ରୂପସା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱର୍ଗତ ଅରୁଣ ଦେ'ଙ୍କ ତୃତୀୟ ବାର୍ଷିକ ସ୍ମୃତିସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ଏଡ଼ିଏମ୍ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖାର କାର୍ଯ୍ୟକାରୀ ସଦସ୍ୟ ଓ ଜୋନ ସମ୍ପାଦକଙ୍କ ବୈଠକ, ସ୍ଥାନ: ଆଖଣ୍ଡଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ, ଖଇରା, ସମୟ: ଅପରାହ୍ନ ୩ଟା।
- ଆମ ପରିବାର ସଙ୍ଗଠନ ଆନୁକୂଲ୍ୟରେ ପତ୍ରିକା ଲୋକାର୍ପଣ ଉତ୍ସବ, ସ୍ଥାନ: କସିପଦା ପଞ୍ଚାୟତ ହାଇସ୍କୁଲ, ରୂପସା, ସମୟ: ଅପରାହ୍ନ ୪ଟା।
- ୧୪ତମ ଜଉ କଣ୍ଢେଇ ବାହାଘର ଉତ୍ସବ ୨୦୨୪, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଦ୍ରକର ପ୍ରସିଦ୍ଧ ମୋଗଲ ତାମସା, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସ୍କୁଲସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିହିଡ଼ି, ସମୟ: ସକାଳ ୭ଟା।
- ଚାରାରୋପଣ, ସ୍ଥାନ: ଗିରିଧାରୀ ନଗର, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଭୂମିକନ୍ୟା ମହିଳା ସଙ୍ଗଠନ ପକ୍ଷରୁ ଭଦ୍ରକ ସହରରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ ଆଲୋଚନାଚକ୍ର ଓ ବର୍ଷା ଉପରେ କବିତାପାଠ, ସ୍ଥାନ: ବାଇପାସ୍ ବଳନିବାସ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ପୀଠରେ ଅମାବାସ୍ୟା ବିହିତ ପୂଜା, ସ୍ଥାନ:ସୁନ୍ଦରାପାଳ, ହାଟଡିହୀ, ସମୟ: ସକାଳ ୭ ଟା।
- ଅମାବାସ୍ୟା ଉପଲକ୍ଷେ ମା' ଦୁର୍ଗାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଡ଼ଅଁର, ହାଟଡିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ଓଡ଼ିଆ ସାମ୍ବାଦିକତା ଦିବସ ପାଳନ, ସ୍ଥାନ: ବଡବିଲ ପ୍ରେସ କ୍ଲବ୍, ବଡବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୯ ଟା।
- ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଛେନାପଦୀ କଲ୍ୟାଣ ମଣ୍ଡପ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ମା' ଭୂଆସୁଣୀ ମନ୍ଦିରରେ ନାମ ସଂକୀର୍ତ୍ତନ, ସ୍ଥାନ: ମଠ ଗୋବିନ୍ଦପୁରା, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଓମ୍ ସାଇ ମେଡିକାଲ ହଲ୍, ବାରିପଦା ବଡ଼ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ତାଲୁକ ଆଇନ ସେବା ଯୋଜନା ପକ୍ଷରୁ ସଚେତନତା ଅଭିଯାନ, ସ୍ଥାନ: ସନ୍ଧାନୀ ସଭାଗୃହ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାମନ ଘାଟି କରଣ ସମାଜ ସଂଘ ବୈଠକ, ସ୍ଥାନ: ରାଇରଙ୍ଗପୁର, ରାଉତଖମାର ବସ୍ତି ଲିଟିଲ ଫ୍ଲାୱର ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ତ୍ରିଧାରା ସାହିତ୍ୟ ସଂସଦର ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ଋଷିକୁଲ୍ୟା ନଦୀ ସୁରକ୍ଷା ସମ୍ମିଳନୀ,ସ୍ଥାନ:କମାପଲୀ, ସମୟ:ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଭଞ୍ଜନଗର ଜେଲ ପଡ଼ିଆ, ସମୟ: ସକାଳ ୭ଟା।
- ଜେସିସ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କନ୍ୟକା ପରମେଶ୍ୱରୀ ମନ୍ଦିର, ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ତ୍ରୀଙ୍କ ଧନ୍ୟବାଦ ଅର୍ପଣ ଓ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ବୁଗୁଡା ବ୍ଲକ (ଗୋଳାବନ୍ଧ, ସଙ୍କୁରୁ, କାନକୁଟୁରୁ, ଘୋଳପୂର, ମାଣିତରା),ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା।

## କନ୍ଧମାଳ

- ଭାଜପା ପକ୍ଷରୁ ସାମ୍ବାଦିକ ସମିଳନୀ, ସ୍ଥାନ:ସର୍କିଟ ହାଉସ, ସମୟ:ମଧ୍ୟାହ୍ନ ୧୨ଟା।
- ନଟରାଜ କଳା ମନ୍ଦିର ପକ୍ଷରୁ ବର୍ଷା ଉତ୍ସବ, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ଗୁଡାରି ବ୍ରାହ୍ମଣ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ପାଠୀ କଲ୍ୟାଣ ମଣ୍ଡପ, ଗୁଡାରି, ସମୟ: ସକାଳ ୯ଟା।
- ରାୟଗଡା ଟ୍ୟାଲେଣ୍ଟ ଆୱାର୍ଡ ୨୦୨୪, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ସନ୍ଧ୍ୟା ୫ରୁ ଆରମ୍ଭ ।

## ନବରଙ୍ଗପୁର

- କୌଶଳ ରଥ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁରସ୍ଥିତ ସରକାରୀ ପଲିଟେକ୍‌ନିକ୍ କଲେଜ, ସମୟ: ସକାଳ ୯ଟା।

## କୋରାପୁଟ

- ଓଡ଼ିଆ ସାମ୍ବାଦିକତା ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଶିକ୍ଷାବିତ ତଥା ସାହିତ୍ୟିକ ଉମାକାନ୍ତ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ପୁସ୍ତକ ଉନ୍ମୋଚନ, ସ୍ଥାନ: ଆଦିବାସୀ ସଂଗ୍ରାହଳୟ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୯ଟା।
- ଜିଲା ସମ୍ବାଦିକ ସଂଘ ଆୟୋଜିତ ସାମ୍ବାଦିକତା ଦିବସ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ : ବୁର୍ଲା ଅଶୋକ ନିବାସ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କୁଲତା ସମାଜ ପକ୍ଷରୁ ଶ୍ରୀଧର ପ୍ରଧାନଙ୍କ ଜୟନ୍ତି, ସ୍ଥାନ : ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ସେବା ସଦନ, ସମୟ : ପୂର୍ବାହ୍ନ ୧୧ଟା।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ ଆଦିବାସୀ କ୍ଲବ ବନାମ ଅଫତାବ କ୍ଲବ , ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ଟା୪୫।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ–ବୁର୍ଲା କ୍ରୀଡା ସଂଘ ବନାମ ବାମରା କ୍ରୀଡା ସଂଘ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।

## ରାଉରକେଲା

- ଆମ୍ ଆଦମୀ ପାର୍ଟିର ବୈଠକ, ସ୍ଥାନ : ବାସନ୍ତୀ କଲୋନୀ, ଏମ୍–୨୭, ସମୟ : ସକାଳ ୯ଟା ୩୦।
- ଲାୟନ୍ସ ଅର୍ବାନର ଇନ୍‌ଷ୍ଟଲେଶନ ସଭା, ସ୍ଥାନ : ବ୍ରାହ୍ମଣୀ କ୍ଲବ, ସମୟ : ସନ୍ଧ୍ୟା ୭ଟା ୩୦।
- ହାପି ମୁମେଣ୍ଟ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ : ହୃଷୀକେଶ ରାୟ କଲେଜ, ଛେଣ୍ଡ, ସମୟ: ସକାଳ ୯ଟା।
- ଗୁରୁକୁଳ ବୈଦିକ ଆଶ୍ରମରେ ଶ୍ରାବଣୀ ଉପାକର୍ମ ପାଳନ ପ୍ରସ୍ତୁତି, ସ୍ଥାନ : ବେଦବ୍ୟାସ, ସମୟ: ସକାଳ ୭ଟା।

## ବରଗଡ଼

- ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ଅତାବିରା ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ଅଲ୍ ଓଡ଼ିଶା ରବି ଦାସ ସମାଜ ପକ୍ଷରୁ ପୁସ୍ତକ ଲୋକାର୍ପଣ, ଆଲୋଚନାଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଏସ୍‌ଏଚ୍‌ଜି ଭବନ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସୌଖିନ ରଙ୍ଗମଞ୍ଚ, ବରଗଡ଼, ସମୟ: ଅପରାହ୍ନ ୫ଟା।
- କେନ୍ଦ୍ରୀୟ ବଜେଟ୍, ଏକ ବିଶ୍ଳେଷଣ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ଭବନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।

## ବୌଦ୍ଧ

- ରୁଦ୍ର ପୂଜା, ସ୍ଥାନ: ଚନ୍ଦ୍ରଚୁଡ ମନ୍ଦିର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଦେବଗଡ଼

- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସକାଳ ୯ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଉଚ୍ଚବିଦ୍ୟାଳୟସ୍ତରୀୟ ଚିତା (ଝୋଟି) ପ୍ରତିଯୋଗିତା, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ମହାବିଦ୍ୟାଳୟସ୍ତରୀୟ ଚିତା (ଝୋଟି)ପ୍ରତିଯୋଗୀତା, ସ୍ଥାନ: ମନ୍ଦାକିନୀ ବାଳିକା ଉନ୍ନିତ ବିଦ୍ୟାଳୟ, ଦେବଗଡ, ସମୟ: ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମନ୍ଦିରରେ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପ୍ରଭାତ କାଳୀନ ନଗର ସଙ୍କୀର୍ତ୍ତନ, ସ୍ଥାନ: ସୁବଳୟା,ବୀରମହାରାଜପୁର, ସମୟ: ପ୍ରାତଃ ୫ଟା ୩୦।
- ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନ୍ଦନା ଅଭ୍ୟାସ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ସକାଳ ୭ଟା।
- କାଦୋପୂଜା, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଚିତାଲାଗି ଅମାବାସ୍ୟା ବା ହରିଆଳି ତିହାର ହଳଲଙ୍ଗଳ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ହରିଆଳି ଅମାବାସ୍ୟା ଉପଲକ୍ଷେ ଦେବୀ ପୂଜନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁର ନାଗବାଚା ଗୁଡି, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ସହ ମହାଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- କୋଶଲ ରଥ ଆଗମନ, ସ୍ଥାନ: ସହରସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ନନ୍ଦିନୀ ଦେବୀଙ୍କ ତିରୋଧାନ ଦିବସ, ସ୍ଥାନ: ଢେଙ୍କାନାଳ ଷ୍ଟାଡିୟମ ପରିସରରେ ଥିବା ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥଳ,ସମୟ: ସକାଳ ୭ଟା।
- ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ସାମ୍ବାଦିକତା ଦିବସ, ସ୍ଥାନ: ଢେଙ୍କାନାଳ ଷ୍ଟାଡିୟମ ପରିସର, ସମୟ: ସକାଳ ୭ଟା।
- ନନ୍ଦିନୀ ଦେବୀଙ୍କ ତିରୋଧାନ ଦିବସ, ସ୍ଥାନ: ଢେଙ୍କାନାଳସ୍ଥିତ ନନ୍ଦିନୀ ଦେବୀ ମୂକ ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ସ୍ୱେଚ୍ଛାସେବୀ ସଙ୍ଗଠନ 'ବୃଷଭ'ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଯୁବ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ତୁଣପୁର ହାଇସ୍କୁଲ, କେନ୍ଦ୍ରାପଡ଼ା,ସମୟ:ସକାଳ ୯ଟା।
- ଶ୍ରୀବଳଦେବଜୀଉଙ୍କ ଚିତାଲଗି ବେଶ, ସ୍ଥାନ:ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ:ଅପରାହ୍ନ ୫ଟା।

## ଯାଜପୁର

- ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ ଏବଂ ପରିବେଶ ସୁରକ୍ଷା ଆମର କର୍ତ୍ତବ୍ୟ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବ୍ୟାସସରୋବର ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ନୀଳମାଧବ ଜୀଉଙ୍କ ଚିତାଲାଗି ପର୍ବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ନାଗରିକ ମଞ୍ଚର ବୈଠକ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପେଟ୍ରୋଲ ଟାଙ୍କି, ସମୟ: ପୂର୍ବାହ୍ନ ୧୦ଟା ।
- ବଂଶୀଧର ଇଣ୍ଟର ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ପଞ୍ଚମ ବାର୍ଷିକ ଚାରା ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ଇଟିକିରି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ସାମ୍ବାଦିକତା ଦିବସ, ସ୍ଥାନ: ନୟାଗଡ଼ ସହରର ରୋଟାରୀ କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଗ୍ରାମ୍ୟସ୍ତରୀୟ ଗୋଷ୍ଠୀ ଖାଦ୍ୟ ମେଳା ଓ ମହିଳା ଉଦ୍ୟୋଗୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ବ୍ଲକ୍ ଘୁଗୁଡିପଡା ପଞ୍ଚାୟତ ସରଧାପୁରୀ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ସ୍ୱଗୃହରେ ରବିଙ୍କ ସହିତ ଥିବା ହେତୁ ସକାଳୁ ସକାଳୁ ଶୁଭ ଖବର ପାଇ ମନଟା ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ଆବଶ୍ୟକତାନୁଯାୟୀ ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ୍ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ଆଜି ସକାଳୁଆ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କ୍ଷେତ୍ରରେ ଉଚ୍ଚମାନର ଫଳ ପାଇବେ। ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନବାହନ ମରାମତି, ଦୋକାନବାଡ଼ିର ଉନ୍ନତିରୁ ଖୁସି ରହିବେ। ନୀଚାରୋହୀ ଶୁକ୍ର ସ୍ୱାସ୍ଥ୍ୟହାନିର କାରଣ ହେବ।

**ମିଥୁନ** ତୃତୀୟସ୍ଥ ବୁଧ ପ୍ରଭାବରେ କର୍ମକ୍ଷେତ୍ରର ସ୍ଥଗିତ କାମ ପାଇଁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଆଜି ଯାହା କରିବେ କ୍ଷତି ହେବନି, ମାତ୍ର ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ। ଆଗାମୀ ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** ଚନ୍ଦ୍ର ପ୍ରଭାବରେ ମନ ବିଚଳିତ ରହିଥିବାରୁ ଟଙ୍କାପଇସା ଦେବାନେବା କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡ଼ିବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କଚେରି ମାମଲା ମନ୍ଥର ହେବା କାରଣରୁ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ଶୁଭ ସୂଚନା ପାଇବେ।

**ସିଂହ** ରାଶିରେ ବୁଧ ଓ ଶୁକ୍ରଙ୍କ ସ୍ଥିତି ହେତୁ କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ଜମିଜମା, ନିର୍ମାଣ, ପରିବହନରୁ ଭଲ ଲାଭ ପାଇବେ। କଥାରେ ସଂଯମତା ନ ରହିଲେ ସମସ୍ୟା ଭୋଗିବେ। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ଦାୟିତ୍ୱ ନେଇଥିବା କାମରେ ଆଦୌ ହେଳା କରିବେ ନାହିଁ।

**କନ୍ୟା** କେତୁଙ୍କ ପ୍ରଭାବରେ ବନ୍ଧୁଙ୍କ କାର୍ଯ୍ୟକଳାପକୁ ପସନ୍ଦ ନ କଲେ ମଧ୍ୟ ସାମ୍ନାରେ କିଛି କହିପାରିବେ ନାହିଁ। ଶତ୍ରୁତା କରୁଥିବା ଲୋକ ମଧ୍ୟ ମିତ୍ର ସାଜିବା ପାଇଁ ଚେଷ୍ଟିତ ହେବ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ସାମ୍ବାଦିକତା, ଆଇନ, ପ୍ରକାଶନ କ୍ଷେତ୍ରରେ ଯାହା ଓ ଯେମିତି ଇଚ୍ଛା କରୁଛନ୍ତି ତାହା ପାଇବେ।

**ତୁଳା** ଲାଭ ଭାବରେ ଶୁକ୍ରଙ୍କ ସ୍ଥିତି ପ୍ରଭାବରୁ ଆନୁଷଙ୍ଗିକ ସାହାଯ୍ୟରେ ସ୍ଥଗିତ କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ। କଳା, କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ରାଶି ପ୍ରତି ରାଶ୍ୟାଧିପତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ଆରୋଗ୍ୟଲାଭ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ ପ୍ରଭୃତି ପାଇଁ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ଆଶଙ୍କା ଉପୁଜିପାରେ। ନିକଟରେ ରହୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ମନେହେବ।

**ଧନୁ** ବୃହସ୍ପତି ଦୁଃସ୍ଥାନସ୍ଥ ଯୋଗୁ ପୁରାତନ ରୋଗର ପୀଡ଼ା ସାମାନ୍ୟ ଅନୁଭବ କରିପାରନ୍ତି। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ହେବ ନାହିଁ।

**ମକର** ରବି ଓ ଚନ୍ଦ୍ରଙ୍କ ରାଶି ପ୍ରତି ଦୃଷ୍ଟି ହେତୁ ପରିବାରରେ ମତାନ୍ତରଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଅବଶ୍ୟ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଆଶା ରହିଛି। ଧନହାନି ସହ ପୂର୍ବ ଶତ୍ରୁତାରୁ କଳହକୁ ଏଡ଼ି ହେବ ନାହିଁ।

**କୁମ୍ଭ** କେନ୍ଦ୍ରସ୍ଥ ବୃହସ୍ପତିଙ୍କ ଯୋଗୁ ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିପାରନ୍ତି। ଅନ୍ୟମାନଙ୍କ ପ୍ରରୋଚନାରେ ନୀଚ ସଂସର୍ଗରେ ପୂର୍ବଭାଦ୍ର ସମାଲୋଚିତ ହୋଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ, କିନ୍ତୁ ଋଣ ପରିଶୋଧ କଷ୍ଟକର ହେବ। ଜମିଜମା କାରବାର, ନିର୍ମାଣ, ବାଣିଜ୍ୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** କୋଣ ସ୍ଥାନରେ ଚନ୍ଦ୍ର ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲ କରିବେ। କ୍ଷତିରେ ଚାଲୁଥିବା ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଭୁଲ୍ ବୁଝାମଣାଜନିତ ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

ଆଜି ଅଗଷ୍ଟ ୪ ତାରିଖ, ରାଷ୍ଟ୍ରୀୟ ବନ୍ଧୁତା ଦିବସ (ଅଗଷ୍ଟ ପ୍ରଥମ ରବିବାର), ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ରବିବାର, ଶ୍ରୀମନ୍ଦିରରେ ଚିତ୍ରକପର୍ବ, ଶ୍ରୀଜୀଉଙ୍କ ସୁବର୍ଣ୍ଣ ଚିତାଲାଗି, ରାଶି ନକ୍ଷତ୍ର– ଦିବା ଘ.୦୧।୨୬ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୭ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୮ ଗତେ ଘ.୦୨।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୧ ଗତେ ଘ.୦୬।୧୮ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୫ ମହିଳାଙ୍କ ଠକ ...

#### ନିଜକୁ ପୋଲିସ ଅଫିସର କହୁଥିଲେ

କମିଶନରେଟ ପୋଲିସ ମାଟ୍ରିମୋନିଆଲ ସାଇଟ ଯାଞ୍ଚ କଲା ପରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ମାଟ୍ରିମୋନିଆଲ ସାଇଟରେ ସତ୍ୟଜିତ ନିଜକୁ ପୋଲିସ ଅଫିସର ସହ ସେଣ୍ଟ୍ରାଲ ଗଭର୍ନମେଣ୍ଟରେ ଚାକିରି କରିଥିବା ପରିଚୟ ଦେଉଥିଲେ। ଫଳରେ ମହିଳାମାନେ ସତ୍ୟଜିତଙ୍କ ଫାଶରେ ପଡ଼ି କଥା ହେବାକୁ ଆଗ୍ରହ ପ୍ରକାଶ କରୁଥିଲେ। ଅଭିଯୁକ୍ତ ମୋଟ ୫୦ଜଣ ମହିଳାଙ୍କ ସମ୍ପର୍କରେ ରହି ସେମାନଙ୍କ ସହ ଚାଟିଂ କରିଥିବା ଜାଣିବାକୁ ମିଳିଛି। ଦୁଇ ଜଣ ମହିଳା ଏତଲା ଦେଇଥିବାବେଳେ ଆଉ ଦୁଇ ଜଣ ମହିଳାଙ୍କୁ ଅଭିଯୁକ୍ତ ସେମାନଙ୍କ ସହିତ ଏଗ୍ରିମେଣ୍ଟ କରି ବାହା ହୋଇଥିବା ଜଣାପଡ଼ିଛି। ଏହି ଦୁଇ ମହିଳାଙ୍କ ମଧ୍ୟରୁ ଜଣେ କୋଲକାତାର ଓ ଅନ୍ୟ ଜଣେ ଦିଲ୍ଲୀର ହୋଇଥିବା ସୂଚନା ମିଳିଛି। ତେବେ ଠକେଇର ଶିକାର ହୋଇଥିବା ମହିଳାଙ୍କ ସଂଖ୍ୟା ଆହୁରି ବଢିବା ସହ ରାଜ୍ୟ ଓ ରାଜ୍ୟ ବାହାର ହୋଇଥିବା ପୋଲିସ ସନ୍ଦେହ କରୁଛି।

#### ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ଟାର୍ଗେଟ କରୁଥିଲେ

ଅଭିଯୁକ୍ତ ବିଶେଷକରି ଛାଡ଼ପତ୍ର ପାଇଥିବା ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ମାଟ୍ରିମୋନିଆଲ ସାଇଟ ଜରିଆରେ ସେମାନଙ୍କୁ ଜାଣିବାପରେ ସେମାନଙ୍କ ସହିତ ସମ୍ପର୍କ ଘନିଷ୍ଠ କରିବା ପାଇଁ ନିୟମିତ ଚାଟିଂ କରୁଥିଲେ। ଚାଟିଂ ମଧ୍ୟରେ ବାରମ୍ବାର ବିବାହ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଉଥିଲେ। ଏନେଇ ଏଗ୍ରିମେଣ୍ଟ ମଧ୍ୟ କରୁଥିଲେ। ଏଗ୍ରିମେଣ୍ଟ କଲା ପରେ ଅଭିଯୁକ୍ତ ସେମାନଙ୍କଠାରୁ ଟଙ୍କା ଓ ଗାଡ଼ି ନେଉଥିଲେ। ଆଉ ଯଦି କୌଣସି ମହିଳା ଟଙ୍କା କ'ଣ କରିବ ବୋଲି ପଚାରୁଥିଲେ, ସେତେବେଳେ ସେମାନଙ୍କୁ ଚତରୁତାର ସହ ବ୍ୟବସାୟ କରିବାକୁ କହି କଥାକୁ ଏଡ଼ାଉଥିଲେ ।

### କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ ...

ପୂରଣ ଦିଗରେ ସରକାରଙ୍କ ସମ୍ପୃକ୍ତ ବିଭାଗ ସହଯୋଗ ଯୋଗାଇଦେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିଷ୍ଠାରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ରାଜ୍ୟରେ ୨୦୧୬ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯୮୯ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଆବେଦନ ଆସିଥିବା ବେଳେ ୬୭୪ଟି ପ୍ରକଳ୍ପ ସିଙ୍ଗିଲ ୱିଣ୍ଡୋ ଅଥରିଟି ଦ୍ୱାରା ଅନୁମୋଦିତ ହୋଇଛି। ସେଥି ମଧ୍ୟରୁ ୩୫୨ଟି ପ୍ରକଳ୍ପକୁ ଜମି ହସ୍ତାନ୍ତର କରାଯାଇଛି। ଏତଦ୍‌ବ୍ୟତୀତ ୧୮୩ଟି ପ୍ରକଳ୍ପ ଶିଳ୍ପ ସ୍ଥାପନ ପାଇଁ କାମ ଆରମ୍ଭ ହୋଇଛି। ୭୪ଟି ଶିଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି। ସେହିପରି ରାଜ୍ୟରେ ୧୨ଟି ବୈଦେଶିକ ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି। ୪୧ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ନିବେଶ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଶିଳ୍ପ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ସଚିବ କହିଛନ୍ତି। ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଓ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ଅଲିମ୍ପିକ୍ସ ପୋଡିୟମରେ ....

ଲିୟୁ ୟୁଚେନ୍ ଟୋକିଓ ୨୦୨୦ ଅଲିମ୍ପିକ୍ସର ପୁରୁଷ ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ପ୍ରପୋଜାଲ ସମୟର ଭିଡିଓଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଥିବା ବେଳେ ଏହାକୁ ଲୋକମାନେ ମଧ୍ୟ ପସନ୍ଦ କରିଛନ୍ତି। ଅଲିମ୍ପିକ୍ସ ପୋଡିୟମ ନିକଟରେ ଏହା ପ୍ରଥମ ପ୍ରପୋଜାଲ ହୋଇଥିଲେ ମଧ୍ୟ ଚଳିତ ଅଲିମ୍ପିକ୍ସର ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ଆର୍ଜେଣ୍ଟିନା ମହିଳା ହକି ଦଳର ଖେଳାଳି ମାରିଆ କ୍ୟାମ୍ପୟଙ୍କୁ ପ୍ରପୋଜ କରିଥିଲେ ଆର୍ଜେଣ୍ଟିନା ହ୍ୟାଣ୍ଡବଲ୍ ଦଳର ଖେଳାଳି ତଥା ବୟଫ୍ରେଣ୍ଡ ପାବଲୋ ସିମୋନେଟ। ଉଭୟ ମହିଳା ହକି ଓ ହ୍ୟାଣ୍ଡବଲ୍ ଦଳର ମ୍ୟାଚିଙ୍ଗ ୟୁନିଫର୍ମ ଫଟୋ ଅପ୍ ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା। ସେନ୍ ନଦୀ କୂଳରେ ଏହି ପ୍ରପୋଜାଲ ହୋଇଥିବା ବେଳେ ଏହାକୁ ସିମୋନେଟ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ।



ମାଲକାନଗିରି ଜିଲାରେ ଲଗାଣ ବର୍ଷା ଯୋଗୁ ଜାତୀୟ ରାଜପଥ ନଂ ୩୨୬ କାଙ୍ଗୁରୁକୋଣ୍ଡା ପୋଲ ଉପରେ ପାଣି ପ୍ରବାହିତ ହେଉଛି।

## ମାଲକାନଗିରିରେ ୬ ଲକ୍ଷ୍ମୀ ଏସି ବସ୍ ବନ୍ଦ

**ମାଲକାନଗିରି, ୩।୮ (ଦୁର୍ଯ୍ୟୋଧନ ପାତ୍ର)**

ବିଜେଡି ସରକାର ଅମଳରେ ମାଲକାନଗିରି ଜିଲାରେ ଆରମ୍ଭ କରାଯାଇଥିବା ଲକ୍ଷ୍ମୀ ବସ୍ ଯୋଜନା ପାଇଁ ୩୪ଟି ବସ୍ ଯୋଗାଇ ଦିଆଯାଇଥିଲା। ସେଥିରୁ ୬ଟି ଏସି ବସ୍ ଥିଲା। ତେବେ ଏହି ୬ଟି ଏସ୍‌ସି ବସ୍ ବ୍ଲକ ସଦର ମହକୁମାଠାରୁ ଜିଲା ସଦର ମହକୁମାକୁ ଚଳାଚଳ କରୁଥିଲା। ଅନ୍ୟ ନନ୍‌ଏସି ବସ୍‌ଗୁଡିକ ବ୍ଲକ ସଦର ମହକୁମାରୁ ପଞ୍ଚାୟତ ସଦର ମହକୁମା ଓ ଆଭ୍ୟନ୍ତରୀଣ ଗ୍ରାମଗୁଡ଼ିକୁ ଯାତାୟାତ କରୁଥିଲା। ନନ୍‌ଏସି ବସ୍‌ରେ ଭଡା ୫ ଟଙ୍କା ରଖା ଯାଇଥିବା ବେଳେ ଏସି ବସ୍‌ରେ ମହିଳା ଯାତ୍ରୀଙ୍କୁ ୧୦ ଟଙ୍କା ବସ୍ ଭଡା ଧାର୍ଯ୍ୟ କରା ଯାଇଥିଲା। ତେବେ ଅଗଷ୍ଟ ୧ରୁ ୬ ଏସି ବସ୍‌ର ପରମିଟ୍‌କୁ ବନ୍ଦ କରି ଦିଆଯାଇଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲକ୍ଷ୍ମୀବସ୍ ସେବା ପରିଚାଳନା କରୁଥିବା ଅଧିକାରୀ ବିଭୁ ପ୍ରସାଦ ତ୍ରିପାଠୀ କହିଛନ୍ତି, ଏସି ବସଗୁଡିକ ପାଇଁ ରୁଟ୍ ପରମିଟ୍ ବନ୍ଦ କରାଯାଇଥିବାରୁ ତାହା ଯାତାୟାତ କରୁନାହିଁ ଓ ଅନ୍ୟ ବସ୍‌ଗୁଡିକ ନିଜନିଜ ରୁଟ୍‌ରେ ଯାତାୟାତ କରୁଛି। ଆଗାମୀ ଦିନରେ ରୁଟ୍ ପରମିଟ୍ ପାଇଁ ନିର୍ଦ୍ଦେଶ ଆସିଲେ ଏହି ସେବା ପୁଣି ଆରମ୍ଭ ହେବ।

## ସୀମାନ୍ତରେ ପୋଲିସ–ମାଓବାଦୀ ଗୁଳି ବିନିମୟ

**ମାଲକାନଗିରି, ୩।୮ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ର ନାରାୟଣପୁରରେ ଶନିବାର ପୋଲିସ–ମାଓବାଦୀ ଗୁଳି ବିନିମୟ ହୋଇଛି। ମାଓବାଦୀମାନେ ଗତ ୨ରୁ ଶହୀଦ ସପ୍ତାହ ପାଳନ କରୁଥିବାରୁ ପୋଲିସ ଓ ସୁରକ୍ଷା ବଳ ପକ୍ଷରୁ ବାରମ୍ବାର ତଲାସି ଅଭିଯାନ କରାଯାଉଛି। ଏହି କ୍ରମରେ ନାରାୟଣପୁର ଜିଲାର କୋହକାମେଟାର ଜଙ୍ଗଲରେ ଡିଆରଜି ଓ ବିଏସ୍‌ଏଫ୍ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ଜାରି ଥିବାବେଳେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଫଳରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇଥିଲେ।




# ଜୈବିକ ଖତ ବ୍ୟବହାରକୁ ଗୁରୁତ୍ୱ ଦିଅ: ଉପମୁଖ୍ୟମନ୍ତ୍ରୀ

ବାରିପଦା/ବେତନଟୀ, ୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ଅଧୀନ ଧନପୁର ଗ୍ରାମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବୃହତ୍ ତାଳତେଲ (ଅଏଲ ପାମ୍) ଚାରାରୋପଣ ଅଭିଯାନ-୨୦୨୪ର ଶୁଭାରମ୍ଭ ହୋଇଛି। ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହାକୁ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ସିଂଦେଓ କହିଛନ୍ତି, କେନ୍ଦ୍ର ସରକାରଙ୍କ ଯୋଜନା ଅନୁଯାୟୀ ରାଜ୍ୟର ୨୦ଟି ଜିଲାରେ ଏହି ପ୍ରକଳ୍ପ ହେବାକୁ ଥିବା ବେଳେ ମୟୂରଭଞ୍ଜ ଜିଲାରୁ ଏହା ଆରମ୍ଭ କରାଯାଇଛି। ଚାଷୀମାନେ ନିଜ କ୍ଷେତରେ ତାଳତେଲ ଚାଷକରି ୩ବର୍ଷ ପରଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ଲାଭବାନ୍ ହେବା ସହ ଆର୍ଥିକ ବିକାଶରେ ଉନ୍ନତି ଘଟିବ। ସେହିପରି ରାସାୟନିକ ସାର ପ୍ରୟୋଗକୁ ନେଇ ଜୀବଜଗତ ପ୍ରତି ପଡୁଥିବା ଘୋର ପ୍ରଭାବକୁ ନେଇ ଜୈବିକ ଖତର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଲୀ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ପ୍ରମୁଖ ମଞ୍ଚାସୀନ ରହି କୃଷି ଓ କୃଷକ ସଶକ୍ତୀକରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟରେ ଚାଷୀଙ୍କୁ ଧାନ ଚାଷଠାରୁ ଆରମ୍ଭକରି ଉଦ୍ୟାନ କୃଷି ପର୍ଯ୍ୟନ୍ତ ସମସ୍ତ ଯୋଜନାକୁ ଲୋକାଭିମୁଖୀ କରିବାକୁ ପ୍ରୟାସ ଜାରି ରହିଥିବା କାର୍ଯ୍ୟକ୍ରମରୁ ଜଣାପଡ଼ିଛି। ୨୦ଟି ଜିଲାରେ ଥିବା ୧୧ଟି ତାଳତେଲ କମ୍ପାନୀର ସହଯୋଗରେ ଏହି ଫସଲର କାର୍ଯ୍ୟକ୍ରମ ଜାରି ରହିଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ତେଲ କମ୍ପାନୀ ପକ୍ଷରୁ ଆୟୋଜିତ ମେଳାରେ କୃଷକଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଏହି ଫସଲର ପ୍ରଚାର ଓ ପ୍ରସାର ନିମନ୍ତେ କୃଷକମାନଙ୍କୁ ଜାତୀୟ ଖାଇବା ତେଲ ମିଶନ ଯୋଜନାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁକାନ୍ତ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁବ୍ରତ ଚାନ୍ଦ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ମୟୂରଭଞ୍ଜ ଟଙ୍କଧର କାଲୋଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ।

## ମୟୂରଭଞ୍ଜରୁ ଆରମ୍ଭ ବୃହତ୍ ତାଳତେଲ ପ୍ରକଳ୍ପ




ରାଜ୍ୟସ୍ତରୀୟ ବୃହତ୍ ତାଳତେଲ (ଅଏଲ ପାମ୍) ଚାରାରୋପଣ ଅଭିଯାନକୁ ଶୁଭାରମ୍ଭ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ। ନିକଟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଓ ଜିଲାର ବିଧାୟକମାନେ।

# କେଦାରନାଥରେ ଫସିଛନ୍ତି କେନ୍ଦୁଝରର ୪ କାଉଡ଼ିଆ

କେନ୍ଦୁଝର,୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ୪ ଜଣ ବୋଲବମ ଭକ୍ତ(କାଉଡିଆ) ଉତ୍ତରାଖଣ୍ଡର କେଦାରନାଥରେ ଫଶିଛନ୍ତି। ସେମାନେ ହେଲେ ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ଗ୍ରାମର ସଦାନନ୍ଦ ସାହୁ(୩୫), ସରୁଆଳୀ ଗ୍ରାମର କାର୍ତ୍ତିକ ଖିଲାର(୪୪), ଚନ୍ଦ୍ରଶେଖରପୁର ଗ୍ରାମର ମହେଶ୍ୱର ପ୍ରଧାନ(୫୪) ଓ ସଦର ଥାନା ଅନ୍ତର୍ଗତ କେମ୍ପସଡା ଗ୍ରାମର ରଷିନାଥ ମହାନ୍ତ(୨୮)। ସମସ୍ତେ ଜୁଲାଇ ୩୧ରେ କେଦାରନାଥଙ୍କୁ ପୂଜାର୍ଚ୍ଚନା ପରେ ଅଗଷ୍ଟ ୧ ସକାଳେ ଫେରିବା ଯୋଜନା ରହିଥିଲା। ଜୁଲାଇ ୩୧ ରାତିରେ ବାଦଲଫଟା ବର୍ଷା ସାଙ୍ଗକୁ ଭୂ-ସ୍ଖଳନ ଯୋଗୁ ଉତ୍ତରାଖଣ୍ଡର ସୋନପ୍ରୟାଗ ଓ ଗୌରୀକୁଣ୍ଡ ମଧ୍ୟରେ କେଦାରନାଥ ରାଜପଥ ଧୋଇ ହୋଇଯିବା ସହିତ ପୋଲ ମଧ୍ୟ ନଷ୍ଟ ହୋଇଯାଇଥିଲା। ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ମଧ୍ୟ ଘଟିଛି। ସେଠାରେ ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏବେ ବି ଫଶି ରହିଛନ୍ତି। ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ରିଲିଫ ସହାୟତା ସହିତ ହେଲିକପ୍ଟର ଯୋଗେ ଉଦ୍ଧାର କାର୍ଯ୍ୟ ଚାଲିଛି। ପ୍ରତିକୂଳ ପାଗ ପାଇଁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ସେଠାରେ ଆବଶ୍ୟକ ଅମ୍ଳଜାନ ଅଭାବ ପରିଲକ୍ଷିତ ହେଉଥିବା ଫଶି ରହିଥିବା ଶ୍ରଦ୍ଧାଳୁମାନେ ପ୍ରକାଶ କରିଛନ୍ତି।

# ଟ୍ରକ୍ ଧକ୍କାରେ ୨ କାଉଡ଼ିଆ, ଜଣେ ଶ୍ରମିକ ମୃତ

ଖଲ୍ଲିକୋଟ,୩।୮ (ପ୍ରଶାନ୍ତ କୁମାର ମିଶ୍ର)



ଦୁର୍ଘଟଣାସ୍ଥଳ।

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଡିମିରିଆ ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ କାଉଡ଼ିଆଙ୍କ ସମେତ ଜଣେ ଶ୍ରମିକଙ୍କ ଉପରେ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଭଗବତୀ ମନ୍ଦିର ନିକଟସ୍ଥ ହରିଜନ ସାହିର ରଞ୍ଜି ନାୟକ ଓ ପପୁ ନାୟକ ଏବଂ ଖଲ୍ଲିକୋଟ ଥାନା ଦଳିବାଟି ଗ୍ରାମର ଶ୍ରମିକ ଏ. ବନମାଳି ପାତ୍ର। ଦୁର୍ଘଟଣା ପରେ ଆଗକୁ ଯାଇ ଟ୍ରକ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍‌ର ଡ୍ରାଇଭର ଓ ହେଲ୍‌ପର ଫସି ରହିଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଥିଲା। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, କାଉଡ଼ିଆ ରଞ୍ଜି ଓ ପପୁ ଋଷିକୁଲ୍ୟା ନଦୀରୁ ପାଣି ଭାର ନେଇ ବାଲୁଗାଁ ଉମା ମହେଶ୍ୱର ମନ୍ଦିର ଅଭିମୁଖେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଆନ୍ଧ୍ର ପ୍ରଦେଶରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଚଷୁ ବୋଝେଇ ଟ୍ରକ୍ (ନଂ ଏପି ୩୯ ୟୁ ୧୯୪୯) ଡିମିରିଆ ଛକ ନିକଟରେ ହଠାତ ଦୁଇ କାଉଡ଼ିଆଙ୍କ ଉପରେ ମାଡ଼ିଯିବା ସହ ସାଇକେଲରେ ଆସୁଥିବା ଜଣେ ଶ୍ରମିକ ବନମାଳୀଙ୍କୁ ଧକ୍କା ଦେଇଥିଲା। ପରେ କିଛି ଦୂରରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଦୁଇ କାଉଡ଼ିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବନମାଳୀଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ଓ ରମ୍ଭା ଥାନା ପୋଲିସ ଓ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଡ୍ରାଇଭର ଓ ହେଲ୍‌ପରକୁ ଟ୍ରକ ଭିତରୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ପୋଲିସ ୩ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଝାଡ଼ାବାନ୍ତିରେ ୬ ଆକ୍ରାନ୍ତ

କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ପିପଲପଡ଼ା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଶନିବାର ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଗ୍ରାମର ଜଗ ସୋରି(୩୫), ଖଗେଶ୍ୱର ପୋଟା (୩୨), ପ୍ରମିଳା ପୋଟା(୩୦), ବାସନ୍ତୀ ପୋଟା(୨୮), ଅନିତା ଧରୁଆ(୨୮), ପିତାମ୍ବର ସୋରି(୮)ଙ୍କୁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶର୍ମିଳା ଛତ୍ରିଆ, ସ୍ୱାସ୍ଥ୍ୟକର୍ମୀ ନୀଳମଣି ଖମାରୀ, ସ୍ୱାସ୍ଥ୍ୟ ପରିଦର୍ଶକ କୃଷ୍ଣଜିତ ସିଂ ରାଜପୁତ, ଫାର୍ମାସିଷ୍ଟ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ଝାଡ଼ାବାନ୍ତି ବ୍ୟାପିବାର ପ୍ରମୁଖ କାରଣ ଦୂଷିତ ପାନୀୟ ଜଳ ସେବନ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ପଡାରେ ୩ ଗୋଟି ନଳକୂପ ରହିଥିବା ବେଳେ ଏହି ନଳକୂପର ପାଣିକୁ ପଡ଼ାବାସୀ ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ କିଛିଦିନ ପୂର୍ବରୁ ଖୁଣ୍ଟିଆ ପଞ୍ଚାୟତ ବାରବଖରା ଗାଁରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ଘଟିଥିଲା।

# ୬ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା) :** ବଙ୍ଗୋପସାଗରରେ ଶନିବାର ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଉପରେ ଏହି ଲଘୁଚାପ କେନ୍ଦ୍ରୀଭୂତ ରହିଛି। ତେବେ ସମ୍ପୂର୍ଣ୍ଣ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନରୁ ବାୟୁମଣ୍ଡଳରେ ୭.୬ କି.ମି. ଉଚ୍ଚତା ଯାଏ ଲମ୍ବିଛି, ଯାହା ୨୪ ଘଣ୍ଟା ମଧ୍ୟରେ ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହେବ। ଏବେ ରାଜ୍ୟରେ ବର୍ଷା କମିଥିବାବେଳେ ସୋମବାର ପର୍ଯ୍ୟନ୍ତ ଏହି ସ୍ଥିତି ଲାଗି ରହିବ। ତେବେ ଲଘୁଚାପ ପ୍ରଭାବରେ ଆସନ୍ତା ୬ ତାରିଖରୁ ବର୍ଷା ପରିମାଣ ବଢ଼ିବ। ବିଶେଷକରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ୬ ଜିଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। କେନ୍ଦୁଝର, ସୁନ୍ଦରଗଡ, ଦେବଗଡ଼, ଝାରସୁଗୁଡା, ସମ୍ବଲପୁର ଏବଂ ବରଗଡ଼କୁ ଏହି ସତର୍କତା ଜାରି କରାଯାଇଛି। ୭୦ରୁ ୧୧୦ ମି.ମି. ପର୍ଯ୍ୟନ୍ତ ବର୍ଷା ହେବାର ଆକଳନ କରାଯାଉଥିବାବେଳେ ଲଘୁଚାପ ପାଇଁ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ତେବେ ରାଜ୍ୟରେ ବର୍ତ୍ତମାନ ମୌସୁମୀ ରେଖା ସକ୍ରିୟ ରହିଥିଲେ ସୁଦ୍ଧା ଏବେ ବି ୧୧ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଶନିବାର ବିଭିନ୍ନ ଜିଲାରେ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଥିଲାବେଳେ ପାରଳାଖେମୁଣ୍ଡିରେ ତାପମାତ୍ରା ସର୍ବାଧିକ ୩୩.୫ ଡିଗ୍ରୀ ରେକର୍ଡ କରାଯାଇଛି।




## ଗାଡ଼ି କାଗଜପତ୍ର ଯାଞ୍ଚ କଡ଼ାକଡ଼ି ହେବ
# ବକେୟା ଟ୍ୟାକ୍ସ ଏକକାଳୀନ ଦେଲେ ଜରିମାନା ଛାଡ଼

କଟକ,୩।୮(କାର୍ତ୍ତିକ ସାହୁ)- ଆଗକୁ ଗାଡ଼ି କାଗଜପତ୍ର ଯାଞ୍ଚ ବ୍ୟାପକ କରିବାକୁ ଯାଉଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ବେଆଇନ ଭାବେ ଚାଲୁଥିବା ଗାଡ଼ିଗୁଡ଼ିକ ଉପରେ ମୋଟରଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରାଜ୍ୟରେ ଚଢ଼ାଉ କରାଯିବ। ତେବେ ମୋଟରଯାନ ଟ୍ୟାକ୍ସ କ୍ଷେତ୍ରରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିବା ରିହାତି ବ୍ୟବସ୍ଥା ଏବେ ବି ବଳବତ୍ତର ରହିଛି। ତେଣୁ ଟ୍ୟାକ୍ସ ବାବଦ ଅର୍ଥ ପଇଠ କରି ନ ଥିବା ଗାଡ଼ି ମାଲିକମାନେ ବକେୟା ଟ୍ୟାକ୍ସ ଏକକାଳୀନ ପଇଠ କରି ଜରିମାନା ରାଶି ସମ୍ପୂର୍ଣ୍ଣ ଛାଡ଼ ପାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି।ପ୍ରକାଶ ଯେ, ଆଇନ ଅନୁଯାୟୀ ଟ୍ୟାକ୍ସ ପଇଠ ନ କରି ଗାଡ଼ି ଚଳାଉଥିବା ମାଲିକଙ୍କ ବିରୋଧରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଏସ୍‌ଟିଏର ବରିଷ୍ଠ ଅଧିକାରୀ ଓ ଆର୍‌ଟିଓମାନଙ୍କ ସହ ଆଲୋଚନା କରିଛନ୍ତି ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର। କାର୍ଯ୍ୟାନୁଷ୍ଠାନ ପୂର୍ବରୁ ବିଭାଗର ଜରିମାନା କ୍ଷମା ନିଷ୍ପତ୍ତି ଯେପରି ଅଧିକରୁ ଅଧିକ ଗାଡ଼ି ମାଲିକଙ୍କ ପାଖରେ ପହଞ୍ଚିପାରିବ ଏବଂ ସେମାନେ ଏହାର ଲାଭ ନେଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ କମିଶନର ପରାମର୍ଶ ଦେଇଛନ୍ତି। ଏ ଦିଗରେ ସଚେତନତା ସୃଷ୍ଟି ସହ ଗାଡ଼ି ମାଲିକଙ୍କୁ ତଥ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶିତ ରିହାତି ଯୋଜନା ଅନୁଯାୟୀ, ବାଣିଜ୍ୟଭିତ୍ତିକ ଗାଡ଼ି କ୍ଷେତ୍ରରେ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖିଲାପକାରୀମାନେ ଏହି ଯୋଜନାର ଲାଭ ନେଇପାରିବେ। ଏହି ଯୋଜନା ଅନୁଯାୟୀ ବାକି ଥିବା ସମସ୍ତ ଟ୍ୟାକ୍ସକୁ ଏକକାଳୀନ ପଇଠ କରିବାକୁ ହେବ। ଟ୍ୟାକ୍ସ ପଇଠରେ ବିଳମ୍ବ ଯୋଗୁ ଲାଗୁ ହୋଇଥିବା ଜରିମାନା ରାଶି ଛାଡ଼ କରିଦିଆଯିବ। ଏହାସହ ସ୍କ୍ରାପ୍ ସୁବିଧା ନେବାକୁ ଚାହୁଁଥିବା ଗାଡ଼ି ମାଲିକଙ୍କ ପାଇଁ ମଧ୍ୟ ଏହି ରିହାତି ସୁବିଧା ରହିଛି। ୧୯୯୨ ଏପ୍ରିଲ ୧ରୁ ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଟ୍ୟାକ୍ସ ବାକିଥିବା ଗାଡ଼ି କ୍ଷେତ୍ରରେ ଜରିମାନା ସହ ଟ୍ୟାକ୍ସ ୫୦% ପର୍ଯ୍ୟନ୍ତ ଛାଡ଼ର ସୁଯୋଗ ରହିଛି। ଏଥିସହ ୨୦୨୨ ଏପ୍ରିଲ ୧ ପୂର୍ବରୁ ବାକି ଥିବା ଗାଡ଼ିଗୁଡ଼ିକ ପାଇଁ ଶତପ୍ରତିଶତ ସମସ୍ତ ରାଶି ଛାଡ଼ କରିବାର ଘୋଷଣା କରାଯାଇଛି। ଫଳରେ ସେମାନେ ବିନା କୌଣସି ରାଶି ପଇଠ କରି ସରକାରୀ ଭାବେ ଗାଡ଼ି ସ୍କ୍ରାପ୍ ସୁବିଧା ନେଇପାରିବେ। ଯଦି କେହି ପୂର୍ବରୁ ଆର୍‌ଟିଓଙ୍କ ଅନୁମତି ବିନା ଗାଡ଼ି ସ୍କ୍ରାପ୍ କରିଦେଇଛନ୍ତି ତେବେ ସେମାନେ ମଧ୍ୟ ଏହି ସୁବିଧାର ଲାଭ ନେଇପାରିବେ। ତେବେ ଟ୍ରାକ୍ଟର, କୃଷିଭିତ୍ତିକ ଟ୍ରାକ୍ଟର, ଟ୍ରେଲର, ୩ ଚକିଆ ଯାତ୍ରୀବାହୀ ଓ ମାଲ୍‌ବାହୀ ଗାଡ଼ି କ୍ଷେତ୍ରରେ ସାମାନ୍ୟ ଭିନ୍ନ ନିୟମ ରହିଛି। ଏହାର ବିସ୍ତୃତ ତଥ୍ୟ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟ ଓ ପରିବହନ ବିଭାଗର ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ତେଣୁ ଟ୍ୟାକ୍ସ ବାକି ରଖିଥିବା ଗାଡ଼ି ମାଲିକ ଆରଟିଓ କାର୍ଯ୍ୟାଳୟ ଯାଇ ନିଜ ଗାଡ଼ିର ବାକି ଥିବା ଟ୍ୟାକ୍ସ ଏକକାଳୀନ ପଇଠ କରି ଏ ଦିଗରେ ମିଳୁଥିବା ସୁବିଧାର ଲାଭ ଉଠାଇବାକୁ ପରାମର୍ଶ ଦେଇଛନ୍ତି ପରିବହନ କମିଶନର। ଏହି ସୁବିଧାର ଲାଭ ଥରେ ନିଆଯାଇପାରିବ ଏବଂ ୨୦୨୪ ଡିସେମ୍ବର ୨୬ ପର୍ଯ୍ୟନ୍ତ ଏହା ଉପଲବ୍ଧ ରହିବ ବୋଲି ସୂଚନା ଦିଆଯାଇଛି।



ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ ହେଲା – ତୁମର ଚରମ ନିଷ୍ଠାପରତା। –ଶ୍ରୀମା

ଚିତଉ ଅମାବାସ୍ୟା,
ଶ୍ରୀମନ୍ଦିରରେ ଚିତାଲାଗି,
ସୂର୍ଯ୍ୟମହତି ସ୍ନାନ



# ମୁକ୍ତସ୍ୱରର ପ୍ରଭାବ



**ଆକାର ପଟେଲ**

'ପ୍ରଚାର'(ପ୍ରୋପାଗଣ୍ଡା) ଶବ୍ଦର ଅର୍ଥକୁ ଅଭିଧାନ 'ସୂଚନା' ବୋଲି ବ୍ୟାଖ୍ୟାକରେ। ଏହା ରାଜନୈତିକ ଉଦ୍ଦେଶ୍ୟ ବା ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବହୃତ ହୋଇଆସୁଛି। ଅତୀତରେ ଦୂରଦର୍ଶନକୁ ନିୟନ୍ତ୍ରଣ କରାଯାଇ ପ୍ରଚାର କରାଯାଉଥିଲା କିମ୍ବା ଅନ୍ତତଃ ପକ୍ଷେ ତାହାକୁ ହିଁ ରାଜନୈତିକ ଦଳ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଖବର ପ୍ରସାରଣ ସଂସ୍ଥାଗୁଡ଼ିକ ସରକାର ଏବଂ ତାଙ୍କର କାର୍ଯ୍ୟକ୍ରମ ସମ୍ପର୍କରେ ରିପୋର୍ଟ କରୁଥିଲେ। ସେଥିରେ ବିରୋଧୀଙ୍କ ପାଇଁ କୌଣସି ସ୍ଥାନ ନ ଥିଲା। ଏହାକୁ ଏକ ସ୍ୱାଭାବିକ ଧାରା ଭାବେ ଗ୍ରହଣ କରି ନିଆଯାଇଥିଲା। ୨୫ ବର୍ଷ ପୂର୍ବେ ବେସରକାରୀ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଆରମ୍ଭ ହେଲା ପରେ ଏହି ଧାରା ବଦଳିଗଲା ଏବଂ ଦୂରଦର୍ଶନ ବ୍ୟତୀତ କିମ୍ବା ବୋଧହୁଏ ଏହାସହିତ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଦଳର ବରିଷ୍ଠ ନେତାମାନେ ଚ୍ୟାନେଲଗୁଡ଼ିକର ଷ୍ଟୁଡିଓରେ ପ୍ୟାନେଲକୁ ଆସିଲେ। ଏହା ମିଡିଆ କ୍ଷେତ୍ରରେ ସ୍ୱାଧୀନତାର ସକାଳ ବା ଶୁଭାରମ୍ଭ ବୋଲି ଜଣାପଡୁଥିଲା ଏବଂ ଆଜିର କେତେଜଣ ବରିଷ୍ଠ ସାମ୍ବାଦିକ ବିଶେଷକରି ଯେଉଁମାନେ ପୁରୁଣା ଷ୍ଟାର୍ ନ୍ୟୁଜ୍ ସଂସ୍ଥା (ଏବର ଏନ୍‌ଡିଟିଭି)ରେ ଥିଲେ ସେମାନେ ସେହି ସମୟରେ ସୃଷ୍ଟି ହୋଇଥିଲେ। ସମୟକ୍ରମେ ଗୋଦି ମିଡିଆ ବିଷୟ ୨୦୧୪ର କିଛି ମାସ ପୂର୍ବରୁ ଆରମ୍ଭ ହୋଇଥିଲା ଏବଂ ତାହାର ପ୍ରଚାର ଆମକୁ ଯଥେଷ୍ଟ ପଛକୁ ନେଇଗଲା। ଏହି ସମୟରେ ଏହା ପୁରୁଣା ଭାରତ ତୁଳନାରେ ଖରାପ ଏବଂ ଅଧିକ କ୍ଷତିକାରକ ଥିଲା। ଦୂରଦର୍ଶନରେ କେବଳ ବିରୋଧୀଙ୍କୁ ଅଣଦେଖା କରାଯାଇଥିଲା। କିନ୍ତୁ ଏହାକୁ ପ୍ରତିଦିନ ଅପମାନିତ ଓ ଆକ୍ରମଣ କରାଯାଇ ନ ଥିଲା କି ଜାତୀୟ ବିରୋଧୀ କୁହାଯାଉ ନ ଥିଲା। ଏହାବ୍ୟତୀତ ସଂଖ୍ୟାଲଘୁମାନଙ୍କ ଉପରେ ଲଗାତର ଆକ୍ରମଣ ହେଉ ନ ଥିଲା ଏବଂ ବିଭ୍ରାନ୍ତି ସୃଷ୍ଟି କରାଯାଉ ନ ଥିଲା। ହେଲେ ନୂଆ ଭାରତରେ ଚ୍ୟାନେଲଗୁଡ଼ିକରେ ଏସବୁ ଦୈନନ୍ଦିନ ଘଟିଲା ଏବଂ ଏକ ଦଶନ୍ଧି ପର୍ଯ୍ୟନ୍ତ ରହିଲା। ଏବେ ବର୍ଷେ କି ଦୁଇ ବର୍ଷ ମଧ୍ୟରେ ଏକ ତୃତୀୟ ପରିବର୍ତ୍ତନ ଆସିଛି। ଏହା ଏତେ ଦୃଢ଼ ଯେ ସରକାର ଏହା ଉପରେ ନିୟନ୍ତ୍ରଣ ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ଅଧିକଥର ଦର୍ଶକଙ୍କ ନିକଟରେ ପହଞ୍ଚିବା ପାଇଁ ସ୍ୱାଧୀନ ଭାବେ କାମ କରୁଥିବା ସାମ୍ବାଦିକମାନେ ସୋସିଆଲ ମିଡିଆ(ସାମାଜିକ ଗଣମାଧ୍ୟମ)କୁ ବ୍ୟବହାର କରୁଛନ୍ତି। ଏହି ପରିବର୍ତ୍ତନରେ ସାମିଲ ହୋଇଛନ୍ତି ଏକ ଗୋଷ୍ଠୀ, ଯେଉଁମାନେ କଣ୍ଟେଣ୍ଟ୍ କ୍ରିଏଟର ଭାବେ ଜଣାଶୁଣା। ତେବେ ସ୍ୱାଧୀନ ଭାବେ କାର୍ଯ୍ୟରତ ସାମ୍ବାଦିକଙ୍କ ଦର୍ଶକ ସଂଖ୍ୟା ଉପରେ ନଜର ପକାନ୍ତୁ। ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଭଳି ୟୁଟ୍ୟୁବ୍‌ରେ ଏଭଳି ସାମ୍ବାଦିକମାନଙ୍କ ରିଚ୍ (ପହୁଞ୍ଚ)ଅଧିକ। ପୁଣ୍ୟ ପ୍ରସୂନ ବାଜପେୟୀ (୪୭ ଲକ୍ଷ ସବ୍‌ସ୍କ୍ରାଇବର), ଅଜିତ ଅଞ୍ଜୁମ (୬୧ ଲକ୍ଷ), ଅଭିସାର ଶର୍ମା (୬୭ ଲକ୍ଷ) ଏବଂ ରବିଶ କୁମାର (୧.୧ କୋଟି) ସମଗ୍ର ନ୍ୟୁଜ୍ ନେଟ୍‌ୱର୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଟାଇମ୍ସ ନାଓ (୫୩ ଲକ୍ଷ ସବ୍‌ସ୍କ୍ରାଇବର), ରିପବ୍ଲିକ (୬୨ ଲକ୍ଷ) ଏବଂ ଇଣ୍ଡିଆ ଟୁଡେ (୯୩ ଲକ୍ଷ) ପାଖାପାଖି ସମାନ ଅଛନ୍ତି। ଦେଖିବାକୁ ମୁକ୍ତସ୍ୱର ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି। କାରଣ ନିର୍ଦ୍ଦିଷ୍ଟ ଦୈନିକ ପ୍ରସଙ୍ଗ ଉପରେ ମୁକ୍ତ ସାମ୍ବାଦିକଙ୍କ ବିଷୟବସ୍ତୁ କେନ୍ଦ୍ରିତ ହେଉଛି। ଜି'ର ଗୋଟିଏ ଭିଡିଓକୁ ହାରାହାରି କେତେ ହଜାର ଲୋକ ଦେଖୁଥିବାବେଳେ ରବିଶ କୁମାରଙ୍କ ଭିଡିଓକୁ ହାରାହାରି ୧୦ ଲକ୍ଷରୁ ଅଧିକ ଦେଖୁଛନ୍ତି। ହ୍ୱାଟସ୍ ଆପ୍ ମାଧ୍ୟମରେ ଏହି କ୍ଲିପଗୁଡ଼ିକର ପ୍ରସାର ସ୍ୱାଧୀନ ସ୍ୱରକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇଥାଏ। ସାମ୍ବାଦିକମାନଙ୍କ ସହିତ ଆମ ସମୟ ଉପରେ ମନ୍ତବ୍ୟ ଦେବାକୁ ଏକ ବ୍ୟଙ୍ଗବକ୍ତା ଗୋଷ୍ଠୀ ସାମ୍ନାକୁ ଆସିଛନ୍ତି। ସେମାନେ ଗୋଦି ମିଡିଆର ପ୍ରାଧାନ୍ୟରୁ ସୃଷ୍ଟି ହୋଇଛନ୍ତି। ଭଗତ ରାମ, ଶ୍ରୀମତୀ ମେଡୁସା, ମେଘନାଦ, ଗରିମା, ରାଷ୍ଟିଙ୍ଗ ଗୋଲା, ଶ୍ୟାମ ରେଙ୍ଗିଲା ଏବଂ ଉର୍ବଶୀ କୋଠାରିଙ୍କ ଭଳି କେତେକଙ୍କ ନାମ ଏଠାରେ ଉଲ୍ଲେଖଯୋଗ୍ୟ। ଗୋଦି କ୍ରିଏଟରମାନେ ଯେଉଁ ବିଷୟବସ୍ତୁ ସୃଷ୍ଟି କରିବାକୁ ଚାହିଁଥାନ୍ତି, ତାହା ବିରକ୍ତିକର ଏବଂ କ୍ରୋଧ ସୃଷ୍ଟି କରେ। ଏହି କାରଣରୁ ସାଧାରଣତଃ ତାହାକୁ ଅଣଦେଖା କରାଯାଏ।

ଏହା ନିଃସନ୍ଦେହ ଯେ, ମୁକ୍ତସ୍ୱର ମୋଦି ସରକାରଙ୍କ ଏକଚାଟିଆ କାର୍ଯ୍ୟକୁ ଦୁର୍ବଳ କରିବାରେ ସଫଳ ହୋଇଛନ୍ତି। ଏହି କାରଣରୁ ସରକାର କ୍ରିଏଟର ତଥା ସ୍ୱାଧୀନ ସାମ୍ବାଦିକଙ୍କ କଣ୍ଠରୋଧ କରିବାକୁ ଆଗେଇ ଆସିଛନ୍ତି। ପ୍ରସାରଣ ବିଲ୍ ମାଧ୍ୟମରେ ଏହା କରାଯାଉଛି, ଯାହାର ଏକ ଡ୍ରାଫ୍ଟ ପ୍ରସାରିତ ହେଉଛି। ମୂଳତଃ ସୋସିଆଲ ମିଡିଆରେ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ସରକାର ନିୟନ୍ତ୍ରଣ କରିବାକୁ ଚାହାନ୍ତି। କାରଣ ଏହା ହେଉଛି ଏକମାତ୍ର ଉପାୟ, ଯେଉଁଥିରେ ସରକାର ଏଥିରେ ହସ୍ତକ୍ଷେପ, ଅବରୋଧ ଏବଂ ପ୍ରକାଶ କରିବାକୁ ଚାହୁଁ ନ ଥିବା ବିଷୟବସ୍ତୁ ଉପରେ ପ୍ରତିବନ୍ଧକ ଲଗାଇପାରିବେ। ୱ୍ୟାର, ସ୍କ୍ରୋଲ, ନ୍ୟୁଜ୍ ଲଣ୍ଡ୍ରି ଏବଂ ନ୍ୟୁଜ୍‌ମିନିଟ୍ ପରି ସ୍ୱାଧୀନ ୱେବ୍‌ସାଇଟ ଉପରେ ଲଗାମ ଲଗାଇବାକୁ ମଧ୍ୟ ସରକାର ଚେଷ୍ଟା କରୁଛନ୍ତି। କାରଣ ଏହି କ୍ରିଏଟରସବୁ ସୋସିଆଲ ମିଡିଆରେ ସ୍ୱାଧୀନ। ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ଯେଭଳି ଲାଇସେନ୍ସ କିମ୍ବା ଆଇନ ଦ୍ୱାରା ନିୟନ୍ତ୍ରଣ କରାଯାଉଛି ଏମାନଙ୍କ କ୍ଷେତ୍ରରେ ସେଭଳି ହୋଇପାରିବ ନାହିଁ। ସେଥିପାଇଁ ସରକାର ବ୍ୟାପକ ଉପାୟରେ ଲଗାମ ଲଗାଇବାକୁ ଚେଷ୍ଟା କରୁଛନ୍ତି, ଯାହା ସୋସିଆଲ ମିଡିଆ ବ୍ୟବହାର କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଭାବିତ କରିବ। ଅସୁବିଧାରେ ପକାଇବା ଉଦ୍ଦେଶ୍ୟରେ ହୁଏତ ଆଇନକୁ ବ୍ୟବହାର କରାଯାଇପାରୁଥାଏ, କିନ୍ତୁ ତାହା ହେବ ନାହିଁ। ଖରାପ ଆଇନ ହିଁ ଖରାପ ପରିଣାମ ସୃଷ୍ଟି କରେ।

ଏହି ଅଧିନିୟମକୁ ଆଗେଇ ନେବାରେ ମୋଦି ସରକାର ସଫଳ ହେବେ ନାହିଁ। ସରକାର ଗତବର୍ଷ ଯେଉଁ ସ୍ଥିତିରେ ଥିଲେ ଏବେ ସେମିତି ନାହାନ୍ତି। ଏହାପାଇଁ ବହୁ ବାଧାବିଘ୍ନ ଏବଂ ପ୍ରତିରୋଧ ଲାଗି ଅନେକ କ୍ଷେତ୍ର ଅଛି। ଏପରି କି ଏହାକୁ ପୂର୍ବ ସଂସଦରେ ପାସ୍ କରାଯାଇଥିଲେ ତାହାକୁ କାର୍ଯ୍ୟକାରୀ କରିବାରେ ବିଶୃଙ୍ଖଳା ହୋଇଥାନ୍ତା। ଅନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ସରକାର ଯେଭଳି ତାଙ୍କ ନାଗରିକଙ୍କ ସମାଲୋଚନା ଶୁଣନ୍ତି ଓ ତାହାକୁ ସହନ୍ତି ଏବଂ ସେଥିରୁ କିଛି ଶିଖନ୍ତି, ସେଭଳି ପ୍ରଧାନମନ୍ତ୍ରୀ ଏବଂ ତାଙ୍କ କ୍ୟାବିନେଟ୍‌କୁ କରିବାକୁ ପଡ଼ିବ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 6 | | | 1 | | |
| | | 4 | | 5 | 3 | | | |
| | | | | | | | 6 | 4 |
| | | | | 7 | | 2 | 3 | |
| 8 | | | 2 | | 4 | 6 | | |
| 9 | | | 3 | | | | | |
| | | 7 | | | 5 | | 4 | 8 |
| | | | | 6 | 7 | | | |
| | | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 5 | 4 | 9 | 3 | 1 | 7 | 6 |
| 4 | 3 | 6 | 7 | 1 | 8 | 2 | 9 | 5 |
| 7 | 1 | 9 | 5 | 6 | 2 | 4 | 3 | 8 |
| 1 | 5 | 2 | 8 | 7 | 6 | 3 | 4 | 9 |
| 3 | 6 | 7 | 1 | 4 | 9 | 5 | 8 | 2 |
| 9 | 4 | 8 | 3 | 2 | 5 | 7 | 6 | 1 |
| 5 | 9 | 4 | 6 | 3 | 1 | 8 | 2 | 7 |
| 6 | 7 | 1 | 2 | 8 | 4 | 9 | 5 | 3 |
| 2 | 8 | 3 | 9 | 5 | 7 | 6 | 1 | 4 |

ଗତକାଲିର ଉତ୍ତର

# ସବୁରି ଉପରେ ମଣିଷ ସତ୍ୟ

(ନନ୍ଦିନୀ ଶତପଥୀଙ୍କ ଜୀବନଦୃଷ୍ଟି)



**ଡ. ହୃଷୀକେଶ ମଲ୍ଲିକ**

ମର-ଜଗତରେ ଯାହା କିଛି ଦୃଶ୍ୟମାନ, ତାହା ସବୁ କ୍ଷୟଶୀଳ। ଗଛଲତା, ପଶୁପକ୍ଷୀଙ୍କ ପରି ମଣିଷ ଜନ୍ମ ହେଲେ ମରେ। ଏହି ମୃତ୍ୟୁଶୀଳତା ଭିତରେ କିନ୍ତୁ ଏପରି କୌଣସି କୌଣସି ବ୍ୟକ୍ତିଙ୍କର ଆବିର୍ଭାବ ଘଟେ, ଯାହାଙ୍କର ଜୀବନାବସାନ ପରେ ବି ତାଙ୍କ ବିଚାରବୋଧର ମୃତ୍ୟୁ ଘଟେ ନାହିଁ। ଏହିପରି ଜଣେ ବ୍ୟକ୍ତି ଥିଲେ ନନ୍ଦିନୀ ଶତପଥୀ। ଅଭାବ ଅନଟନ ଭିତରେ ଜନ୍ମ ହୋଇ, ନାନା ପ୍ରତିକୂଳତା ଭିତରେ ସେ ନିଜକୁ ଜଣେ ଦୃଷ୍ଟାନ୍ତକାରୀ ବ୍ୟକ୍ତିତ୍ୱରେ ପରିଣତ କରିପାରିଥିଲେ। ତାରୁଣ୍ୟରେ, ନିଜର ନିଷ୍ଠା ଓ ଅଧ୍ୟବସାୟ ଦ୍ୱାରା ଭାରତୀୟ ରାଜନୀତିରେ ସେ ନବୀନତମ ନକ୍ଷତ୍ରର ଗରିମା ହାସଲ କରିଥିଲେ। କେନ୍ଦ୍ରରେ ମନ୍ତ୍ରୀ ହେବା ସାଙ୍ଗକୁ ଦୁଇ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାର ସମ୍ଭାଳି ଥିଲେ। କଂଗ୍ରେସ ସମେତ ଭାରତର ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ଯେତେବେଳେ ଘୋର ଦ୍ୱନ୍ଦ୍ୱ ଓ ସଂଘାତ ଦେଇ ଗତି କରୁଥିଲେ, ସେଇ ଘନଘଟା ଭିତରେ ନିଜର ପାରଦର୍ଶୀ ଦକ୍ଷତା ଦ୍ୱାରା ସେ ରାଜନୀତି ଓ ପ୍ରଶାସନରେ ନିଜ ପାଇଁ ଏକ ମହତ୍ତର ଆସନ ବାଛି ନେଇଥିଲେ। ସେ ଏପରି ଜଣେ ନେତ୍ରୀ ଥିଲେ, ଯେ କୌଣସି ନିର୍ବାଚନରେ ପରାଜୟ ବରଣ କରି ନ ଥିଲେ।

ଗଭୀର ଆତ୍ମବିଶ୍ୱାସର ପ୍ରତୀକ ଥିଲେ ନନ୍ଦିନୀ। ଯେଉଁ କାର୍ଯ୍ୟଟି ହେବାର ନୁହେଁ, ତାକୁ କରି ଦେଖାଇବାକୁ ସେ ଥିଲେ ନଛୋଡ଼ବନ୍ଦା। ଇଚ୍ଛାଶକ୍ତି ଥିଲେ ଅସମ୍ଭବ ବି ସମ୍ଭବ ହୁଏ– ଏହା ସେ ତାଙ୍କ ଜୀବନରେ ବାରବାର ପ୍ରମାଣ କରି ଦେଖାଇଥିଲେ। ତୁଳସୀ ଗଛଟିଏ ଜନ୍ମରୁ ତୁଳସୀ ବୋଲି ଜଣାଗଲା ପରି ନନ୍ଦିନୀ ଶୈଶବରୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୧୯୬୨ ମସିହା କଥା। କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ଥା'ନ୍ତି ତାଙ୍କ ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ। ଏକାଡେମୀର ଏକ ବୈଠକ ସାରି ସେ ଏକାଡେମୀ ବାହାରେ ଠିଆ ହୋଇଥାଆନ୍ତି। ସେହି ବୈଠକରେ ଇନ୍ଦିରା ଗାନ୍ଧୀ ମଧ୍ୟ ଯୋଗ ଦେଇଥିଲେ। ସେତେବେଳେ ଏକାଡେମୀର ସଭାପତି ଥା'ନ୍ତି ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ। ଇନ୍ଦିରା ଗାନ୍ଧୀ ସେଇ ବାଟ ଦେଇ ଫେରିଲାବେଳେ ସେ କାଳିନ୍ଦୀବାବୁଙ୍କୁ ବାହାରେ ଠିଆ ହୋଇଥିବାର ଦେଖି ପଚାରିଲେ: ''ଆପଣ ନନ୍ଦିନୀର ବାପା ନା?'' କାଳିନ୍ଦୀବାବୁ କହିଲେ: ''ଆପଣ ଏହା କିପରି ଜାଣିଲେ?'' ''ଆପଣଙ୍କ ମୁହଁ ସାଙ୍ଗରେ ତା' ମୁହଁ ମିଶିଯାଉଛି''– କହିଲେ ଇନ୍ଦିରା ଗାନ୍ଧୀ। କାଳିନ୍ଦୀବାବୁ କହିଲେ– ଏହା ସତ ଯେ ହେଲେ ମୁଁ ନନ୍ଦିନୀର ବାପା ନୁହେଁ, ନନ୍ଦିନୀ ମୋ' ଝିଅ।'' ଏହା ଶୁଣି ଇନ୍ଦିରା ଗାନ୍ଧୀ ଠୋ ଠୋ ହୋଇ ହସିଉଠିଲେ ଓ ତାଙ୍କୁ ନେଇ ନନ୍ଦିନୀ ଦେବୀ ରହୁଥିବା କ୍ୱାର୍ଟରରେ ଛାଡ଼ିଦେଇ ଆସିଲେ। ତିରିଶ ଡେଇଁଲାବେଳକୁ ବାପାଙ୍କୁ ଅତିକ୍ରମ କରି ନନ୍ଦିନୀଙ୍କର ଏକ ନିଜସ୍ୱ ପରିଚୟ ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇ ସାରିଥିଲା।

**ପୁଣ୍ୟତିଥି ଅବସରରେ**



ଅତି ଛୋଟବେଳୁ ନନ୍ଦିନୀ ନିଜ ବୟସର ଅନେକ ଝିଅଙ୍କଠାରୁ ବେଶ୍ ନିଆରା ଥିଲେ। ବାପା କାଳିନ୍ଦୀ ଚରଣ ମୟୂରଭଞ୍ଜରେ 'ଭଞ୍ଜ ପ୍ରଦୀପ' ପତ୍ରିକାର ସମ୍ପାଦକ ଥିବାବେଳେ ସେଠାରେ ଏକ ପ୍ରାଥମିକ ବିଦ୍ୟାଳୟରେ ନନ୍ଦିନୀ ଭର୍ତ୍ତି ହୋଇଥା'ନ୍ତି। ସ୍କୁଲକୁ ମୋଟେ ସାତ ଆଠ ଦିନ ଯାଇଛନ୍ତି କି ନା, ଦିନେ ବାପାଙ୍କୁ ଆସି କହିଲେ– ''ବାପା, ମତେ ଏ ସ୍କୁଲ ଜମା ଭଲ ଲାଗୁନି। ମୁଁ କଟକରେ ପଢ଼ିବି।'' କାଳିନ୍ଦୀବାବୁ ପଚାରିଲେ– ''ପଢ଼ିବୁ ଯେ, କିନ୍ତୁ କାହିଁକି?'' ନନ୍ଦିନୀ କହିଲେ– ଆମ ସ୍କୁଲରେ କ'ଣ ପ୍ରାର୍ଥନା ବୋଲାଯାଉଛି, ଜାଣ? ''ଏହି ମୋର ଭଞ୍ଜଭୂମି ଏହି ମହାରାଜା/ ଜନ୍ମେ ଜନ୍ମେ କରୁଥିବି ଏ ଦୁହିଁଙ୍କୁ ପୂଜା। – ଯେଉଁଠି ରାଜାଙ୍କର ସ୍ତୁତିଗାନ କରାଯାଉଛି, ସେ ସ୍କୁଲରେ ମୁଁ ପଢ଼ିବି ନାହିଁ।'' ପିଲାଦିନରୁ ବାପା ଓ କକା ଭଗବତୀ ଚରଣଙ୍କ ସଂସ୍ପର୍ଶରେ ଆସି ନନ୍ଦିନୀଙ୍କର ହୃଦ୍‌ବୋଧ ହୋଇଥିଲା ଯେ ପୃଥିବୀରେ ମଣିଷ ହିଁ ଏକମାତ୍ର ସତ୍ୟ, ମଣିଷଠୁଁ ବଳି ବଳୀୟାର ଆଉ କେହି ନାହିଁ। ଏ ମଣିଷ ପୁଣି ସାଧାରଣ ମଣିଷ, ମେହେନତ କରୁଥିବା ମଣିଷ, ଯେତେ ବାଧାବିଘ୍ନର ସମ୍ମୁଖୀନ ହେଲେ ବି କାହାକୁ ହାରିଗୁହାରି ନ କରି ନିଜର ଅସ୍ମିତାକୁ ନେଇ ଗର୍ବବୋଧ କରୁଥିବା ମଣିଷ।

ନିଜେ ନାରୀ ହୋଇ ବି କେବେ ନାରୀକୁ ନାରୀ ବୋଲି ସେ ବିଚାରୁ ନ ଥିଲେ। ତାଙ୍କ ମତରେ ନାରୀ, ନାରୀ ନୁହେଁ; 'ବ୍ୟକ୍ତି'। ନାରୀ ରୂପଭେକରେ ଯେତେ ଆଧୁନିକ ହେଉ, ମନା ନାହିଁ; କିନ୍ତୁ ତା' ମନରେ ଆଧୁନିକତା ଆସିବା ଦରକାର। ବିଦ୍ୟା, ବୁଦ୍ଧି ଓ ଗୁଣରେ ଆଧୁନିକତା ଆସିଲେ ଯାଇ ନାରୀ ସମାଜର ହିତରେ ଲାଗିପାରିବ। ଯଦି କେହି କହେ– 'ନାରୀ ପରାଧୀନ, ତାକୁ ଏ ସମାଜ କୋଉ ସ୍ୱାଧୀନତା ଦେଇଛି'– ତେବେ ତତ୍‌କ୍ଷଣାତ୍ ସେ ଏହାର ପ୍ରତିବାଦ କରି କହୁଥିଲେ: ''ଭୁଲ୍ କଥା। କେହି କାହାରିକୁ ସ୍ୱାଧୀନତା ଯାଚି ଦିଏ ନାହିଁ। ନିଜ ସାମର୍ଥ୍ୟ ଓ ଆସ୍ପୃହା ବଳରେ ଜଣକୁ ଏହା ଅର୍ଜନ କରିବାକୁ ହୋଇଥାଏ। ଚିଟାଗଙ୍ଗ ଅସ୍ତ୍ରାଗାର ଲୁଣ୍ଠନ ମାମଲାରେ ଗିରଫ ହୋଇ ଫାଶୀ ପାଇଥିବା ମହିଳାମାନଙ୍କୁ କିଏ ଦେଇଥିଲା ସ୍ୱାଧୀନତା? ଅସୂର୍ଯ୍ୟଂପଶ୍ୟା ଜମିଦାର ଘରର ବୋହୂ, ଝିଅ ଓ ବଡ଼ ଧନୀଘରର ଉଚ୍ଚଶିକ୍ଷିତା ଝିଅମାନେ କିପରି ହେଲେ, ଏତେ ସ୍ୱାଧୀନଚେତା ଯେ ମଦ ଦୋକାନ ଆଗରେ ସତ୍ୟାଗ୍ରହ କରିବାକୁ ଅଣ୍ଟାରେ ଶାଢ଼ି ଭିଡ଼ି ଠିଆ ହେଇଗଲେ? ଲବଣ ସତ୍ୟାଗ୍ରହରେ ଭାଗନେଇଥିବା, ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଦେଇଥିବା, ଖଦଡ଼ ପିନ୍ଧି ବ୍ରିଟିଶ୍ ପୋଲିସ୍‌ର ଲାଠି ଆଗରେ ମୁଣ୍ଡ ପତାଇ ଦେଇଥିବା ମହିଳାମାନଙ୍କୁ କିଏ ମୋଫତରେ ଦେଇଥିଲା ସ୍ୱାଧୀନତା? ଏମାନଙ୍କୁ କେହି ସ୍ୱାଧୀନତା ଦେଇ ନ ଥିଲେ, ନିଜର ମନୋବଳ, ଅଙ୍ଗୀକାରବଦ୍ଧତା ଓ ଆଦର୍ଶ ବଳରେ ଏମାନେ ଛାଆଁକୁ ଛାଆଁ ସ୍ୱାଧୀନ ହୋଇ ଉଠିଥିଲେ ନିଜ ବିଚାରଣାରେ, କାର୍ଯ୍ୟପନ୍ଥା ନିର୍ଦ୍ଧାରଣରେ। ଦେଶ ସ୍ୱାଧୀନ ହେଲା ପଛରେ, ଆଗ କିନ୍ତୁ ଭାରତୀୟ ମହିଳାମାନଙ୍କୁ ମିଳିସାରିଥିଲା ସ୍ୱାଧୀନତା।

ଏପରିକହୁଥିଲେସତ, ତା' ବୋଲିନାରୀକୁକଦାପି ବାଧାବିପତ୍ତିରେ ଏକା ଛାଡ଼ିଦେଇ ନିଜକୁ ନିରାପଦ ଦୂରତ୍ୱରେ ରଖୁ ନ ଥିଲେ ନନ୍ଦିନୀଦେବୀ। ଜୀବନର ସାୟାହ୍ନରେ ଯେତେବେଳେ କ୍ଷମତା ହାତଛଡ଼ା, ନିଜ ଲୋକ ପର; ଠିକ୍ ସେତିକିବେଳେ ସେ 'ଯୌତୁକ ପ୍ରଥା' ବିରୁଦ୍ଧରେ ଅଣ୍ଟାଭିଡ଼ି ଛିଡ଼ା ହୋଇଥିଲେ। ପ୍ରତିପକ୍ଷ କହୁଥିଲେ– ''ନନ୍ଦିନୀଦେବୀଙ୍କର କିଛି କାମ ନାହିଁ। ଯୌତୁକ ଭଳି ତୁଚ୍ଛା କଥାଟାରେ ଦିନରାତି ମାତିଛନ୍ତି।'' ହେଲେ ତାଙ୍କରି ଲଗାତର ପ୍ରବର୍ତ୍ତନା ଯୋଗୁଁ ଯୌତୁକ ନିରୋଧ ଆଇନ ତିଆରି ହେଲା, ଯାହାର ଫଳ ଆଜି ଆମ ଆଖିସାମ୍ନାରେ।

'ମଣିଷ ସତ୍ୟ' ବୋଲି ନିଶ୍ଚିତ ଥିଲେ ବୋଲି ନିଜର ସାହିତ୍ୟକର୍ମରେ ସେ ନିପୀଡ଼ିତ ଜନତାର ଲହୁଲୁହକୁ ସୃଜନର ସାମଗ୍ରୀ କରି ଆପଣାଇ ନେଇଥିଲେ। ତାଙ୍କ ପ୍ରଥମ ପ୍ରକାଶିତ ଗଳ୍ପର ଶୀର୍ଷକ ଥିଲା 'ଅନାଥ', ଯାହା କଟକ ଟ୍ରେନିଂ ସ୍କୁଲ ପତ୍ରିକାରେ ପ୍ରକାଶ ପାଇଥିଲା। 'ଅନାଥ' ଥିଲା ପିତୃମାତୃହୀନ ଏକ ପିଲାର ଜୀବନ କାହାଣୀ। ମାନବିକତାର କ୍ରମିକ ଅବକ୍ଷୟରେ ମଣିଷର ବାମନତ୍ୱ ଲାଭ ପ୍ରସଙ୍ଗରେ କହିବାକୁ ଯାଇ ସେ କହିଥିଲେ– ''ଦିନକୁ ଦିନ ମଣିଷ ସାନ ହୋଇଯାଉଛି। ସେଇ ରୂପକଥାର ଏକୋଇଶ ହାତ ମଣିଷ– ଯିଏ କମି କମି ହେଲା ଚଉଦ ହାତ। ତା'ପରେ ସାତ ଓ ଶେଷରେ ସାଢ଼େ ତିନି ହାତ। ହୁଏତ ଆହୁରି ଛୋଟ ହୋଇଯିବ ମଣିଷ। ତାକୁ ସେତେବେଳେ ଇଞ୍ଚରେ ମପା ହେବ।''

ମଣିଷକୁ ହୃଦୟର ଗଭୀରରୁ ଭଲ ପାଉଥିଲେ ବୋଲି ମଣିଷମାନେ ତାଙ୍କୁ ନିଦରେ ଆସି ନିଜ ନିଜର ଗପ କହି ଯାଉଥିଲେ। ନନ୍ଦିନୀଙ୍କ ଭାଷାରେ– ''ରାତିରେ ଶୋଇ ଶୋଇ ମୁଁ ଗୋଟିଏ ଗୋଟିଏ ଗପ ପୂରା ସ୍ୱପ୍ନରେ ଦେଖିଦିଏ। ଏମିତିକି ମଝିରୁ ଉଠି ବାଥ୍‌ରୁମ୍‌କୁ ଯାଇ ପୁଣି ଆସି ଶୋଇପଡ଼ିଲେ ସେଇ ଗପର ଧାରା ଅବ୍ୟାହତ ରହିଥାଏ। କବିତାର ଅବସ୍ଥା ବି ସେଇଆ। ନିଦରେ ଶୋଇ ଶୋଇ କବିତା କହୁଥାଏ ଆଉ ଉଠି ଧୈର୍ଯ୍ୟ ଥିଲେ ଲେଖିପକାଏ।'' କଳ୍ପନା ନୁହେଁ, ନନ୍ଦିନୀ ଥିଲେ ବାସ୍ତବତାର ସଙ୍କୋଚ ରୂପକାର। ତାଙ୍କୁ ସହି ପାରୁ ନ ଥିବା ସମକାଳୀନମାନେ ଆଜି ଇତିହାସରେ ନିରୁଦ୍ଦିଷ୍ଟ ହେଇଗଲେଣି, ହେଲେ ମୃତ୍ୟୁର ଦୁଇ ଦଶନ୍ଧି ପରେ ଅତୀତର ଅନ୍ଧାର ଭିତରୁ ଆଜି ଯେଉଁ ମୁହଁଟି ଉଜ୍ଜ୍ୱଳ ହୋଇ ଦିଶିଯାଉଛି, ସେଇଟି ଅବଧାରିତ ଭାବେ ନନ୍ଦିନୀଙ୍କର। ବଜ୍ରବିଜୁଳିର ସେଇ ଅତୁଟ ପ୍ରତିମାଙ୍କୁ ତାଙ୍କ ପୁଣ୍ୟତିଥିରେ ଦେଶବାସୀଙ୍କର ଶତକୋଟି ପ୍ରଣାମ!

ମୋ: ୯୮୫୩୨୮୭୭୫୫

# ଆତ୍ମହତ୍ୟା ନୁହେଁ ସମାଧାନ



**ପ୍ରୀତିଛନ୍ଦା ଧଳ**

ଆତ୍ମହତ୍ୟାକୁ ନେଇ ବହୁତ ଖବର ଏବେ ଶିରୋନାମା ପାଲଟିଯାଉଛି ଅନେକ ଜାଗାରେ। କହିବାକୁ ଗଲେ ଏହା ଏବେ ଏକ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ପାଲଟିଯାଇଛି ବୋଲି କହିଲେ କିଛି ଭୁଲ୍ ହେବନାହିଁ। ଯଦି ଟିକେ ପଛକୁ ଯିବା ତେବେ ଦେଖିବା ଆତ୍ମହତ୍ୟାର ରୂପରେଖ ପୂରା ଅଲଗା ଥିଲା। ଅର୍ଥାତ୍ ପାରିବାରିକ ଅଶାନ୍ତି ଓ ଦୁଃଖ, ଋଣବୋଝ ଏ ସବୁକୁ ନେଇ ଲୋକଟିଏ ଏ ରାସ୍ତାକୁ ଆପଣେଇ ନେଉଥିବା ଘଟଣା ମଧ୍ୟ ବହୁତ କମ୍ ଘଟୁଥିଲା। ବର୍ତ୍ତମାନର ପରିସ୍ଥିତି କିନ୍ତୁ ପୂରା ଓଲଟା ହୋଇଯାଇଛି। ଏବେ କିଛି କାରଣ ନ ଥିଲେ ମଧ୍ୟ ଅତ୍ୟନ୍ତ ଛୋଟ ଛୋଟ କଥାରେ ଭାବପ୍ରବଣ ହୋଇ କେତେକ ବ୍ୟକ୍ତିବିଶେଷ ନିଜ ଜୀବନକୁ ହାରିବାରେ ପଛଘୁଞ୍ଚା ଦେଉନାହାନ୍ତି। ପରିବାରରେ ଅଶାନ୍ତି, ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଝଗଡ଼ା, କେଉଁଠି ପରସ୍ପରକୁ ଭଲ ପାଉଥିବା ଝିଅ, ପୁଅଙ୍କ ବ୍ରେକ୍ ଅପ୍ ଆଉ କେଉଁଠି ଋଣବୋଝ ଏ ସବୁରେ ମଣିଷ ଏତେ ଚାପଗ୍ରସ୍ତ ହୋଇଯାଉଛି ଯେ ନିଜକୁ ଆଉ ଗୋଟେ ସୁଯୋଗ ଦେବା ପାଇଁ ମଧ୍ୟ ଚିନ୍ତା କରୁନି। ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ମଣିଷର ମନକୁ ବୁଝିବା ବା ପରଖିବା ଏ ସମୟରେ ନିହାତି ଗୁରୁତ୍ୱପୂର୍ଣ୍ଣ। ଯଦି ଠିକ୍ ସମୟରେ ଏଇ ସବୁ ସମସ୍ୟା ଭିତରେ କଲବଲ ହେଉଥିବା ମଣିଷଟି ସହ ଭାବର ଆଦାନପ୍ରଦାନ କରାଯାଇପାରିବ ତା'ହେଲେ ବହୁତ ସୁଫଳ ମିଳିଥାଏ ଏବଂ ଏ ପ୍ରକାର ମାନସିକତାରୁ ମଧ୍ୟ ପୀଡ଼ିତା ବା ପୀଡ଼ିତଟିଏ ଶୀଘ୍ର ମୁକୁଳି ଆସିଥାଏ। ତେଣୁ ସବୁଠାରୁ ବଡ଼ କଥା ହେଲା ଯେ ଆମେ କେତେ ମାତ୍ରାରେ ଏଇ ପରିସ୍ଥିତିରୁ ମୁକୁଳି ପାରୁଛେ।

ଅନେକଙ୍କ ମତରେ କାହିଁକି ଏଇଭଳି ଭୟଙ୍କର ନିଷ୍ପତ୍ତି ନିଅନ୍ତି ସମସ୍ତେ। ତର୍ଜମା ଯଦି କରିବା ପରିବେଶ ମଧ୍ୟ ଅନେକାଂଶରେ ଦାୟୀ ହୋଇଥାଏ। ଅର୍ଥାତ୍ ପରିବେଶ କହିଲେ ଯେଉଁଠାରେ ଆମେ ରହୁଛେ, ଉଦାହରଣ ଆମ ସମାଜ। କିନ୍ତୁ ଆମେ ଭୁଲିଯାଉଛେ ଯେ ତା'ର ନିରାକରଣ କେବଳ ଆମ ପାଖରେ ହିଁ ଅଛି। ପରିବାରର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଯେତେବେଳେ କୌଣସି ଲୋକ ଏଇ ପରିବେଶ ଦେଇ ଗତିକରୁଥାଏ ତାକୁ ବୁଝିବା ହେଉଛି ସବୁଠାରୁ ବଡ଼ ଦାୟିତ୍ୱ ଆମର। ଯେମିତି କି ମୁଁ କହିଲି ଆମ ସମାଜ କିଛି ଦାୟୀ ରହିଥାଏ ଆତ୍ମହତ୍ୟା କ୍ଷେତ୍ରରେ ତାହା ଶତ ପ୍ରତିଶତ ସତ। ଉଦାହରଣ ସ୍ୱରୂପ ସ୍ୱାମୀ, ସ୍ତ୍ରୀଙ୍କ ଝଗଡ଼ାରେ ଛାଡ଼ପତ୍ର ପର୍ଯ୍ୟନ୍ତ କଥା ଯାଇ ଏମିତି ହୁଏ ଯେ କିଏ ଟ୍ରେନ୍ ଆଗକୁ ଡେଇଁ ପଡ଼ି ଜୀବନ ହାରେ ତ କିଏ ଆଉ କେଉଁ ଉପାୟରେ ଲୋକଲଜ୍ଜାରୁ ରକ୍ଷାପାଇବା ପାଇଁ ଅନେକେ ଏମିତି ରାସ୍ତାକୁ ଆପଣେଇ ନେଇଥାନ୍ତି; ଯାହା ଗ୍ରହଣୀୟ ନୁହେଁ। ସେ ସମୟରେ ଯଦି ସମାଜ ଏ ପ୍ରତି ଟିକେ ସମ୍ବେଦନଶୀଳତା ଦେଖାନ୍ତା ତା'ହେଲେ ଏ ରାସ୍ତାରୁ ମଣିଷ ବାହାରିବା ଅଧିକ ସହଜ ହୋଇପାରିବ। ବଡ଼ କଥା ହେଲା କାଉନ୍‌ସେଲିଂ, ଯାହାର ଅନେକ ମାତ୍ରାରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ ଏଇ ପରିସ୍ଥିତିରେ ସେ ବ୍ୟକ୍ତିବିଶେଷଙ୍କ ଉପରେ। କିନ୍ତୁ ସଚେତନତାର ପ୍ରଚାର ବା ପ୍ରସାର ଅଭାବ ଅଥବା ଲୋକଲଜ୍ଜା ଏଥିରେ ବାଧକ ସାଜିଥାଏ; ଯାହା ମଣିଷଟିକୁ ଏମିତି ରାସ୍ତାରେ ଯିବାକୁ ବାଧ କରିଥାଏ। ଆମେ ଯଦି ଦେଖିବା ସବୁ ବର୍ଗ, ବୟସର ସମସ୍ତେ ପ୍ରାୟ ପୀଡ଼ିତ ହେଲେଣି ଏଇ ବ୍ୟାଧିରେ।



ଉଦାହରଣ ଦେବା ପାଇଁ ଚାହିଁବି ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଓ ମାଆ, ବାପାଙ୍କ ଚାପ ପାଠପଢ଼ାକୁ ନେଇ ମଧ୍ୟ ବଡ଼ କାରଣ ସବୁ ହୋଇଥିଲାବେଳେ। ଏଇ କିଛିଦିନ ତଳର ଘଟଣା ବେଶି ଆନ୍ଦୋଳିତ କରିଥିଲା ଜଣେ ନବମ ଶ୍ରେଣୀ ପିଲାର କ୍ରିକେଟ ବଲ୍ ଜଣେ ମହିଳାଙ୍କ ଦେହରେ ବାଜିଯିବାରୁ ଥାନା ପର୍ଯ୍ୟନ୍ତ ଘଟଣା ଯିବାରୁ ପିଲାଟି ଅପମାନ ସହି ନ ପାରି ବିଷପିଇ ଆତ୍ମହତ୍ୟା କରିଦେଇଥିଲା। ବେଶ୍ କିଛି ସମୟ ବ୍ୟସ୍ତ ବିବ୍ରତ କରିଥିବ ସେ ଖବରଟି ଯେଉଁମାନେ ତାହାକୁ ପଢ଼ିଥିବେ ସେହି ମୁହୂର୍ତ୍ତରେ। ଏମିତି ଅନେକ ଘଟଣା ଆମେ ଦେଖୁଛେ ଏବେ ସମାଜରେ।

ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ୨୦୨୨ର ତଥ୍ୟ ଅନୁଯାୟୀ ଆତ୍ମହତ୍ୟାକାରୀଙ୍କ ମଧ୍ୟରେ ୨୬ ପ୍ରତିଶତ ଦୀନମଜୁରିଆ, ୧୪.୮ ପ୍ରତିଶତ ଗୃହିଣୀ, ୧୧.୦୪ ପ୍ରତିଶତ ଆତ୍ମନିର୍ଭର ବ୍ୟକ୍ତି, ୯.୬ ପ୍ରତିଶତ ବେକାରି, ୯.୨ ପ୍ରତିଶତ ଚାକିରିଆ ତଥା ଛାତ୍ରୀଛାତ୍ର ସାମିଲ ରହିଛନ୍ତି। ଏଇ ଚିନ୍ତାଜନକ ତଥ୍ୟକୁ ଆଖି ଆଗରେ ରଖି ଅନେକେ ମଧ୍ୟ ସଚେତନତାର ପ୍ରୟାସ ଆରମ୍ଭ କରିବାକୁ ଆଗଭର ହେଲେଣି। ନିକଟରେ ଗୋଟିଏ ଜନସ୍ୱାର୍ଥ ମାମଲାର ଆଇନଜୀବୀ ଗୌରବ ବଂଶଲଙ୍କ ଶୁଣାଣି କରି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ କ'ଣ ପଦକ୍ଷେପ ନିଆଯାଇଛି କ୍ରମାଗତ ଆତ୍ମହତ୍ୟା ବଢ଼ିବାର ବୋଲି ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଆତ୍ମହତ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସିଜେଆଇ ଓ ଏହାକୁ ଏକ ଗୁରୁତର ସାମାଜିକ ସମସ୍ୟା ରୂପେ ବିଚାରକୁ ନେଇଛନ୍ତି।

ତେଣୁ ଯେମିତି କି ଆମେ ଉଲ୍ଲେଖ କରିଛୁ ଯେ ସମାଜର ଅର୍ଥାତ୍ ସମାଜରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ କର୍ତ୍ତବ୍ୟ ରହିବା ଦରକାର ଏ ଦିଗରେ। ବଡ଼ କଥା ହେଲା ଅବସାଦ ହିଁ ଆତ୍ମହତ୍ୟାର ଏକ ବଡ଼ କାରଣ । ଏହାର ଚାପ ଅନେକ କ୍ଷେତ୍ରରୁ ଆସିଥାଏ ଯେମିତି କି କାମର ଚାପ, ଆର୍ଥିକ ସଙ୍କଟର ଚାପ, ସମ୍ପର୍କ ତିକ୍ତ ହେବାର ଚାପ। ତେଣୁ ଯେ କୌଣସି ପରିସ୍ଥିତିରେ ଧୈର୍ଯ୍ୟ ନ ହରେଇ ଟିକେ ଦୁଃଖକୁ ଆମେ ଯଦି କାହା ଆଗରେ କହିପାରିବା ଆଉ କିଏ ସମୟ ଦେଇ ଖାଲି ସେତିକି ଟିକେ ଶୁଣିଦିଏ, ତା'ହେଲେ ଅନେକ ସମସ୍ୟାର ସମାଧାନ ବାହାରି ଆସେ। ସବୁ ସମସ୍ୟାର ରାସ୍ତା ଥାଏ। ଆମେ ଯଦି ଗୋଟେ ବ୍ୟାପ୍ତ ରାସ୍ତାକୁ ଦେଖିପାରିବା ତା'ହେଲେ ଆତ୍ମହତ୍ୟା ଭଳି ରାସ୍ତାକୁ ନିଶ୍ଚୟ ଦୂରେଇଦେବା। ଆଜିକାଲି ଅନେକ ପ୍ରୟାସ ଚାଲିଛି: ୧– ମଦକୁ ନା, ୨– ହିଂସାକୁ ନା, ସେମିତି ଆତ୍ମହତ୍ୟାକୁ ନା। ଏଇଭଳି ପ୍ରୟାସରେ ଆମେ ଯଦି ସମସ୍ତେ ସାମିଲ ହେବା ତା'ହେଲେ ପରିବାର, ସମାଜ ସମସ୍ତଙ୍କ ସହଯୋଗରେ ଆମେ ଏଇ ବ୍ୟାଧିକୁ ଟାଳିପାରିବା। ଆତ୍ମହତ୍ୟା ନୁହେଁ ସମାଧାନ। ଏହା ନୁହେଁ ଶେଷପନ୍ଥା, ଏହାର ସଂଜ୍ଞାକୁ ସମସ୍ତେ ବୁଝିପାରିବା।

ମୋ– ୯୯୩୭୭୩୪୪୬୧

## ଏଇ ଭାରତରେ

ଚାକିରି କରିବା ସହ ଜଣେ ମହିଳା ଫୁଲଚାଷରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରିବା ନିଶ୍ଚିତ ଭାବେ ଏକ ବଡ଼ ସଫଳତା। କେରଳର ଇଞ୍ଜିନିୟର ପାର୍ବତୀ ମୋହନାନ୍‌ଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏବେ ତାଙ୍କ ନିକଟକୁ ଦିନକୁ ୧୦୦ ପର୍ଯ୍ୟନ୍ତ ଅର୍ଡର ଆସୁଛି। ପାର୍ବତୀଙ୍କ ଘର ଆଲପ୍ପୁଜା ଜିଲା ମୁହାମ୍ମା ପଞ୍ଚାୟତରେ। ସେ ଅଧ ଏକର ଜମିରେ ପର୍ତ୍ତୁଲାକା ଫୁଲ ଚାଷ କରୁଛନ୍ତି। ବଡ଼ କଥା ହେଉଛି ସେ ଚାକିରିରୁ ସମୟ ବାହାର କରି ଏହି ଚାଷ ଜାରି ରଖିଛନ୍ତି। ପାର୍ବତୀ କୋଚିରେ ଏକ ଆଇଟି କମ୍ପାନୀରେ ସଫ୍ଟୱେର ଟେଷ୍ଟର ଭାବେ କାମ କରୁଛନ୍ତି, କିନ୍ତୁ ସପ୍ତାହାନ୍ତରେ ଘରକୁ ଆସି ଫୁଲ ବଗିଚାର ଯତ୍ନ ନେବା ସହ ବ୍ୟବସାୟ ସମ୍ପର୍କରେ ବୁଝନ୍ତି। ସେ ତାଙ୍କ ବଗିଚାରେ ୩୦ ପ୍ରକାର ପର୍ତ୍ତୁଲାକା ଫୁଲ ଚାଷ କରୁଥିଲେ। ଏବେ ତାହା ୩୦୦୦ କିସମର ଫୁଲଚାଷ ହେଉଛି। ଏହାକୁ ସେ ଭାରତର ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଅଗଷ୍ଟ ୧୯୭୫**

- ଶ୍ରୀ ସୁବିରଜିତ୍ ସିଂହ ମାଲେସିଆରେ ନୂତନ ଭାରତୀୟ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ ହୋଇଛନ୍ତି।
- ସୀମାନ୍ତ ଅଞ୍ଚଳରେ ପଙ୍ଗପାଳ ନିରୋଧ ନିମନ୍ତେ ମିଳିତ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ଭାରତ ଓ ପାକିସ୍ତାନ ଉଭୟ ସ୍ୱୀକୃତି ପ୍ରଦାନ କରିଛନ୍ତି।
- ବୀରଭୂମ ଜିଲାର ଅଜୟ ନଦୀ କୂଳବର୍ତ୍ତୀ ଘୁରିସା ଗ୍ରାମର ମାଟିତଳୁ ୩ ହଜାର ବର୍ଷ ତଳର ଏକ ସଭ୍ୟତାର ଭଗ୍ନାବଶେଷ ଉଦ୍ଧାର କରାଯାଇଛି।

## ଚିରନ୍ତନୀ

ଅଭେଦ ପାଚେରି ଡୋଳି ଚଉପାଶେ ସଦା ସେ
ଥିଲେ ହେଁ ନିକଟେ ଯଥା ଅଛି ଦୂର ପ୍ରବାସେ
ନିଭୃତ ମାନସର ସୁନିବିଡ଼ ପରାସ
କ୍ଷତ ଅନ୍ତରେ ମମ ରକ୍ତର ଯବା ସେ!
(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ଥ ବରବାଦ ନ ହେଉ

ମହାଶୟ,

ଲକ୍ଷ୍ୟକଲେ ଦେଖାଯାଏ ରାଜ୍ୟରେ ସରକାର ବଦଳିଲେ ନୂତନ ସରକାର ନିଜର ପ୍ରଚାର ନିମନ୍ତେ ପୂର୍ବ ସରକାରଙ୍କର ଯୋଜନାଗୁଡ଼ିକୁ ଗୌଣ କରିବା ପ୍ରଚେଷ୍ଟାରେ ଲାଗିପଡ଼ିଥାନ୍ତି। ପ୍ରଥମରେ ସବୁ ଯୋଜନାର ନାମକରଣ ପରିବର୍ତ୍ତନ କରିଥାନ୍ତି। ତା'ପରେ ଯୋଜନାର ରୂପରେଖ ଓ ଫଳକଗୁଡ଼ିକୁ ବଦଳାଇ ଦେଇଥାନ୍ତି। ନିଜ ସରକାରଙ୍କ ପତିଆରା ପାଇଁ ଯୋଜନାଗୁଡ଼ିକ ଅର୍ଥ ଅଟକଳର ଏପଟ ସେପଟ କରି ଘୋଷଣାକରି ଦିଅନ୍ତି। ପ୍ରକୃତରେ ଦେଖିବାକୁ ଗଲେ ପୂର୍ବ ସରକାର ଯୋଜନାଗୁଡ଼ିକ ନାମକରଣ ଓ ଫଳକ ଇତ୍ୟାଦି ପ୍ରସ୍ତୁତି ପାଇଁ ରାଜକୋଷରୁ ଅର୍ଥ ବ୍ୟୟ କରାଯାଇଥାଏ। ମାତ୍ର ନୂତନ ସରକାର ରାଜକୋଷ ଅର୍ଥ ବିନିମୟରେ ପରିବର୍ତ୍ତନ କରିବା ଫଳରେ ଅଯଥାରେ ଅର୍ଥ ବ୍ୟୟ ହେଉଛି। ଏହି ପରିପ୍ରେକ୍ଷୀରେ ନୂତନ ସରକାର ଏପରି ଅର୍ଥ ବରବାଦ ନ କରି ରାଜ୍ୟର ବିକାଶ ଓ ପ୍ରଗତି ଦିଗରେ ତାହାକୁ ଖର୍ଚ୍ଚ କରିବା ଉଚିତ ।

– ମହେଶ୍ୱର ନାୟକ,
ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକର ବହୁତ ଗର୍ବ,**
**ଧଣ୍ଡ ସାପ ପ୍ରାୟ ଟେକନ୍ତି ମେରୁ।**

ନିମ୍ନସ୍ତରର ବ୍ୟକ୍ତି ହଠାତ୍ ଉଚ୍ଚ ପଦପଦବୀ ବା ଧନ ସମ୍ପଦର ଅଧିକାରୀ ହୋଇଗଲେ ଗର୍ବରେ ଫାଟିପଡ଼ିଥାନ୍ତି। ନିଜକୁ ଖୁବ୍ ଉଚ୍ଚ ବୋଲି ଦେଖେଇ ହୋଇ କାହାକୁ ଖାତିର କରି ନ ଥାନ୍ତି। ଏପରି ହୀନ ଆଚରଣ ଦେଖାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଙ୍ଗ କଉଡ଼ି ଭାଙ୍ଗରେ ଯାଏ,**
**ଚିତା କଉଡ଼ି ସାଙ୍ଗରେ ଯାଏ।**

ସାଧାରଣତଃ ନିଜ ଦ୍ୱାରା ଉପାର୍ଜିତ ହୋଇଥିବା ସମସ୍ତ ଧନ ସମ୍ପତ୍ତି ନିଜ ମୃତ୍ୟୁ ପରେ ଅନ୍ୟମାନେ ହିଁ ଭୋଗ କରିଥାନ୍ତି। କେବଳ ଅର୍ଜିଥିବା ଯଶ ବା ସୁନାମ ହିଁ ସାଙ୍ଗରେ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲାଞ୍ଚନେଇ ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିଅର ଗିରଫ

## ମଷ୍ଟରରୋଲ ପ୍ରସ୍ତୁତି ପାଇଁ ହିତାଧିକାରୀଙ୍କଠାରୁ ୧୧ ହଜାର ଟଙ୍କା ନେଉଥିଲେ

ସୋନପୁର,୩।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିଅର ସୁଧାଂଶୁ ଶେଖର ରଣା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ କାଦୋଦର ପଞ୍ଚାୟତ ବୀରସିଂହପୁର ଗ୍ରାମର ଫାର୍ମପଣ୍ଡ ହିତାଧିକାରୀ ରାମଚନ୍ଦ୍ର ମହାକୁରଙ୍କ ନିକଟରୁ ମଷ୍ଟର ରୋଲ ପ୍ରସ୍ତୁତି ପାଇଁ ଲାଞ୍ଚ ନେଉଥିଲେ। ସୁବର୍ଣ୍ଣପୁର ସହର ପଟାଭାଡି ଛକରେ ରଣା ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏଥିସହ ଉଲୁଣ୍ଡାସ୍ଥିତ ଓଭରସିଅରଙ୍କ କାର୍ଯ୍ୟାଳୟ ଓ ବଲାଙ୍ଗୀର ସହର ରୁଗୁଡ଼ିପଡ଼ାସ୍ଥିତ ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଛି। ସୁବର୍ଣ୍ଣପୁର ଓ ବରଗଡ଼ର ୨ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଏହା ସହ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ ୧୮/୨୪) ରୁଜୁ କରାଯାଇଛି। ଅଭିଯୁକ୍ତ ରଣାଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି।

ସୂଚନାନୁସାରେ, ଉଲୁଣ୍ଡା ବ୍ଲକ୍ ବୀରସିଂହପୁର ଗ୍ରାମର ରାମଚନ୍ଦ୍ର ମହାକୁରଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ





ଗିରଫ ଓଭରସିଅର ସୁଧାଂଶୁ ଶେଖର ରଣା। ଜବତ ହୋଇଥିବା ଟଙ୍କା।

ଏକ ଫାର୍ମପଣ୍ଡ ମଞ୍ଜୁର ହୋଇଥିଲା। ହିତାଧିକାରୀ ମହାକୁର ନିଜ ଜମିରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଫାର୍ମପଣ୍ଡ ଖୋଳିଥିଲେ। ଚୂଡ଼ାନ୍ତ ବିଲ୍ ପାଇବା ପାଇଁ ସେ ଓଭରସିଅର ରଣାଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ତେବେ ମଷ୍ଟରରୋଲ ପ୍ରସ୍ତୁତି ପାଇଁ ରଣା ୧୧ହଜାର ଟଙ୍କା ଦାବି କରିଥିଲେ। ଶୁକ୍ରବାର ମହାକୁର ଏ ସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସ ଅଫିସରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ମହାକୁର ସୁବର୍ଣ୍ଣପୁର ସହରକୁ ଆସି ଦାବି ଅନୁଯାୟୀ ଓଭରସିଅର ରଣାଙ୍କୁ ରାସାୟନିକ ରଙ୍ଗବୋଳା ୧୧ହଜାର ଟଙ୍କା ପ୍ରଦାନ କରିଥିଲେ। ରଣା ଉକ୍ତ ଟଙ୍କା ଗ୍ରହଣ କରିବା ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କ ନିକଟରୁ ୨୨ଟି ୫୦୦ଟଙ୍କିଆ ନୋଟ୍ ଭିଜିଲାନ୍ସ ଟିମ୍ ପକ୍ଷରୁ ଜବତ କରାଯାଇଛି। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ବରଗଡ ଭିଜିଲାନ୍ସ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଏହି ଚଢ଼ାଉ ଜାରି ରହିଥିବାରୁ ପ୍ରକୃତ ସୂଚନା ମିଳିପାରିନି। ରଣା ଗତ ୨୦୨୨ ମେ ୧ ତାରିଖଠାରୁ ସୁବର୍ଣ୍ଣପୁର ଜିଲାରେ ଅବସ୍ଥାପିତ ଅଛନ୍ତି। ସେ କିଛି ମାସ ଧରି ଉଲୁଣ୍ଡା ବ୍ଲକର ଭାରପ୍ରାପ୍ତ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଭାବେ ଦାୟିତ୍ୱରେ ଥିଲେ।

# ଟାଟା ମ୍ୟାଜିକ୍-ବାଇକ୍ ମୁହାଁମୁହିଁ: ୨ ମୃତ

ନୂଆପଡ଼ା,୩।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଜଟଗଡ ପଞ୍ଚାୟତ ସାହାଜଟ ରାସ୍ତାରେ ଶନିବାର ଏକ ଟାଟା ମ୍ୟାଜିକ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସାହାଜଟ ଗାଁର ଟିକେଶ୍ୱର ସାହୁ (୪୫) ଓ ପାଟଣାଗଡ ଥାନା ଯୋଗୀମୁଣ୍ଡା ପଞ୍ଚାୟତ ଖଲିଆ ଗାଁର ସୁଶାନ୍ତ ମିର୍ଦ୍ଧା (୨୩)। ସୁଶାନ୍ତ ସାହାଜଟ ଗାଁରେ ସମ୍ପର୍କୀୟଙ୍କ ଘରେ ରହି ରାଜମିସ୍ତ୍ରି ଭାବେ କାମ କରୁଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ସମୟରେ ସୁଶାନ୍ତ ଓ ଟିକେଶ୍ୱର ଏକ ବାଇକ୍ (ଓଆର୨୬ଏ-୫୨୩୧) ଯୋଗେ କୌଣସି କାମରେ ତରବୋଡ଼ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟାଟା ମ୍ୟାଜିକ୍ (ଓଡି୨୬ଜି-୬୩୮୯) ସହ ଛତ୍ରିଆପଡା ଜମିଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ୨ ଯୁବକ ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତରବୋଡ ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ସନ୍ଧ୍ୟା ହୋଇଯିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଟାଟା ମ୍ୟାଜିକ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

# ନଦୀପଠାରେ ଶୋଇଛି କୁମ୍ଭୀର



ବାରଙ୍ଗ,୩।୮ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ସୁଭାଷ ସେତୁ ନିକଟ କାଠଯୋଡ଼ି ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। କୁମ୍ଭୀରଟି ନଦୀପଠାରେ ଶୋଇ ରହିଥିବା ଶନିବାର ଦ୍ୱିପ୍ରହର ସମୟରେ ଜଣାପଡ଼ିବା ପରେ ଦେଖଣାହାରିଙ୍କ ଭିଡ଼ ଲାଗି ରହିଥିଲା। ଭିଡ଼ ନିୟନ୍ତ୍ରଣ କରିବା ପୋଲିସ ପାଇଁ କାଠିକର ପାଠ ହୋଇଥିଲା। କୁମ୍ଭୀରଟିର ଲମ୍ବ ପ୍ରାୟ ୧୦ରୁ ୧୨ ଫୁଟ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ମହାନଦୀର ଧବଳେଶ୍ୱର ଓ ସିଡିଏ ଅଞ୍ଚଳରେ କୁମ୍ଭୀର ଦେଖାଦେଇଥିବାବେଳେ ଏବେ ବନ୍ୟାପାଣିରେ କାଠଯୋଡ଼ିକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ତେବେ କାଠଯୋଡ଼ିରେ କୁମ୍ଭୀର ଦେଖି ସ୍ଥାନୀୟ ଲୋକେ ଭୟଭୀତ ଅଛନ୍ତି। ଖବରପାଇ ବାରଙ୍ଗ ଓ ମର୍କତ ନଗରୀ ଥାନା ପୋଲିସ, ଦମକଳ ବାହିନୀ ଉପସ୍ଥିତ ରହିଥିଲେ। ସନ୍ଧ୍ୟାରେ ବନ ବିଭାଗ କର୍ମଚାରୀ ଆସି ନଦୀ ମଧ୍ୟକୁ ପଶି କୁମ୍ଭୀର ପାଖକୁ ଯାଇଥିଲେ। ତା' ପାଖକୁ ଯିବା ପରେ କୁମ୍ଭୀରଟି ନଦୀମଧ୍ୟକୁ ପଳାଇଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଶୁକ୍ରବାର ରାଜଧାନୀ ଉପକଣ୍ଠ ଦାଢ଼ା ପଞ୍ଚାୟତ ଅଧୀନ ଝିଙ୍କରଡ଼ିହ ଗ୍ରାମ ନିକଟସ୍ଥ କୁଆଖାଇ ନଦୀରେ କୁମ୍ଭୀର ଥିବା ଜଣେ ମତ୍ସ୍ୟଜୀବୀ ଦେଖିବା ପରେ ବନବିଭାଗ କର୍ମଚାରୀ ଆସି ନଦୀକୂଳିଆ ଗ୍ରାମବାସୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ।

# ହାତୀ ଉପଦ୍ରବରେ ବଳି ପଡ଼ିଲା ୨ବର୍ଷର ପୁଅ

ବୈଶିଙ୍ଗା, ୩।୮ (ରତନ ଦାଶ)

ହତୀପଲଙ୍କ ଉପଦ୍ରବରେ ବଳିପଡ଼ିଛି ଏକ ୨ ବର୍ଷର ଶିଶୁପୁତ୍ର। କାନ୍ଥ ତଳେ ଚାପି ହୋଇ ଉକ୍ତ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ତଥା ବୈଶିଙ୍ଗା ଥାନା ଅଧୀନ ସଇତପୁର ଗ୍ରାମରେ।

ଶୁକ୍ରବାର ବିଳମ୍ବିତ ରାତିରେ ୭ ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ସଇତପୁର ଗ୍ରାମକୁ ପଶି ଆସିଥିଲେ। ସେଥିମଧ୍ୟରୁ ଦୁଇଟି ହାତୀ ସେହି ଗ୍ରାମର ଯୁଧିଷ୍ଠିର କିସ୍କୁଙ୍କ ଘର ଉପରେ ବାରମ୍ବାର ଆକ୍ରମଣ କରି ଖାଦ୍ୟ ଖୋଜି ଚାଲିଥିଲେ। ଘର ଭିତରେ ଜେଜେମା ସାଲଗେ, ମା' ରୀନା କିସ୍କୁ ଓ ତାଙ୍କ ୨ ବର୍ଷର ପୁଅ ଦିବ୍ୟପ୍ରକାଶ ଶୋଇଥିଲେ। ହାତୀ କାନ୍ଥ ଭାଙ୍ଗିଦେବାରୁ ପୁଅ ଦିବ୍ୟପ୍ରକାଶ ମାଟି ତଳେ ଚାପି ହୋଇଯାଇଥିଲେ। ଜେଜେମା ଓ ମା' ଅଳ୍ପକେ ବର୍ତ୍ତିଯାଇଥିଲେ। ହେଲେ ଶିଶୁପୁତ୍ର ଦିବ୍ୟପ୍ରକାଶ ଦୀର୍ଘସମୟ ପର୍ଯ୍ୟନ୍ତ ମାଟି ତଳେ ଚାପି ହୋଇରହିଥିଲେ। ଦୀର୍ଘ ସମୟ ପରେ ହାତୀଗୁଡିକ ଗ୍ରାମଠୁ ଦୂରକୁ ଯିବା ପରେ କାନ୍ଥ ତଳୁ ତାଙ୍କୁ ଉଦ୍ଧାର କରାଯାଇ ବନବିଭାଗ କର୍ମକର୍ତ୍ତାଙ୍କ ସହାୟତାରେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୋଲିସ ଡାକ୍ତରଖାନାରେ ପହଞ୍ଚି ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ସଇତପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଓଡ଼ିଆ ସାମ୍ବାଦିକତା ଦିବସ

# ହାତଲେଖା ପତ୍ରିକାରୁ ଆରମ୍ଭ...

ଓଡ଼ିଆ ସାମ୍ବାଦିକତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସିଛି 'ପତ୍ରିକା'। ହାତଲେଖା ପତ୍ରିକାରୁ ଆରମ୍ଭ ହୋଇଥିଲା ଏହାର ଯାତ୍ରା। କଟକ ଚୌଦ୍ୱାର ନିକଟସ୍ଥ କୁଜିବର ମଠର ମହନ୍ତ ସାଧୁସୁନ୍ଦର ଦାସ ୧୭୬୯ରେ 'କୁଜିବର ପତ୍ର' ନାମରେ ଏକ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ। ସେତେବେଳେ ସାଧାରଣ ଲୋକଙ୍କୁ ସାମ୍ପ୍ରତିକ ସାମାଜିକ ଅବସ୍ଥା ଓ ଓଡ଼ିଆ ଭାଷା ସମ୍ପର୍କରେ ଅବଗତ କରିବା ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଥିଲା । ସମୟ କ୍ରମେ ଏହା ଏବେ ଡିଜିଟାଲରେ ପହଞ୍ଚିଛି ସତ, ହେଲେ କୁଜିବର ପତ୍ର ତା'ର ସ୍ୱର୍ଣ୍ଣିମ ଇତିହାସ ବହନ କରିଚାଲିଛି। କୁଜିବର ପତ୍ର ପରେ ପ୍ରଥମ ଛାପା ପତ୍ରିକା ଭାବେ ୧୮୪୯ରେ ଜ୍ଞାନାରୁଣ ପ୍ରକାଶ ପାଇଥିଲା। ପରେ ୧୮୫୬ରେ ପ୍ରବୋଧ ଚନ୍ଦ୍ରିକା ଏବଂ ୧୮୬୧ ଅରୁଣୋଦୟ ନାମରେ ପତ୍ରିକା ପ୍ରକାଶିତ ହୋଇଥିଲା। ହେଲେ ଏହା ଅଧିକଦିନ ପର୍ଯ୍ୟନ୍ତ ଚାଲିପାରି ନ ଥିଲା। ମାତ୍ର ୩ ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ଉକ୍ତ ୩ଟି ପତ୍ରିକାର ପ୍ରକାଶନ ବନ୍ଦ ହୋଇଯାଇଥିଲା। ପରେ ୧୮୭୩ରେ ଉତ୍କଳ ଦର୍ପଣ ନାମରେ ମାସିକ ପତ୍ରିକା ବାଲେଶ୍ୱରରୁ ପ୍ରକାଶିତ ହୋଇଥିଲା। ଓଡ଼ିଆ ଭାଷାରେ ଏହା ପ୍ରଥମ ସାହିତ୍ୟ ମାଗାଜିନ୍। ଏହାପରେ ୧୮୭୮ରେ ଉତ୍କଳ ମଧୁପ, ୧୮୮୫ରେ ପ୍ରଦୀପ ପତ୍ରିକା ଖୁବ୍ କମ୍ ଦିନ ପାଇଁ ବାହାରିଥିଲା। ୧୮୯୭ରେ ପ୍ରକାଶିତ ଉତ୍କଳ ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଏକାଧିକ ମାଗାଜିନ୍ ପ୍ରକାଶ ପାଇବାରେ ଲାଗିଲା। ୧୯୦୬ରେ ମୁକୁର, ୧୯୧୫ରେ ସତ୍ୟବାଦୀ, ୧୯୨୦ରେ ସାହାକାର, ୧୯୩୪ରେ ନବଭାରତ ଆଦି ପତ୍ରିକା ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ବେଶ୍ ସହାୟକ ହୋଇଥିଲା।

-ପ୍ରସ୍ତୁତି : ବନ୍ଦନା ସେଠୀ

## ପ୍ରଥମ ଓଡ଼ିଆ ଖବରକାଗଜ ...



ସେଦିନ ଥିଲା ୧୯୬୬ ମସିହା ଅଗଷ୍ଟ ୪। ଓଡ଼ିଆ ସାମ୍ବାଦିକତା ପାଇଁ ଗୌରବର ଦିନ।। ଓଡ଼ିଶାର ପ୍ରଥମ ଓଡ଼ିଆ ଖବର କାଗଜଭାବେ 'ଉତ୍କଳଦୀପିକା' ଆତ୍ମପ୍ରକାଶ କରିଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ। ପ୍ରଥମେ ଏହା ସାପ୍ତାହିକ ଏବଂ ପରବର୍ତ୍ତୀ ସମୟରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା। ଗୌରୀଶଙ୍କର ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନୀରୁ ଏହି ଖବର କାଗଜ ପ୍ରକାଶ ପାଉଥିଲା। ଉତ୍କଳ ଦୀପିକା ତତ୍କାଳୀନ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗଦର୍ଶନ ଦେବା ସହ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ବାଲ୍ୟବିବାହ ପରି ଘୃଣ୍ୟ ପ୍ରଥା ବିରୋଧରେ ମଧ୍ୟ ସ୍ୱର ଉତ୍ତୋଳନ କରି ସାମାଜିକ ସଂସ୍କାର ପାଇଁ ଏହି ଖବର କାଗଜ ଉଦ୍ୟମ କରିଥିଲା। ଉତ୍କଳ ଦୀପିକାର ସଫଳତା ଓଡ଼ିଶାରେ ଖବର କାଗଜ ପ୍ରକାଶନର ଧାରା ସୃଷ୍ଟି କରିଥିଲା। ତେଣୁ ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକ ଦିବସ ଭାବେ ପାଳନ କରାଯାଇଥାଏ।

## ସାମ୍ବାଦିକତା ପେସା ନୁହେଁ ବରଂ ଏକ ଶୈଳୀ



ଏବେ ରିପୋର୍ଟିଂରେ ସ୍ୱତନ୍ତ୍ରତା, ଭାଷାରେ ସରଳତା ଏବଂ ନୂତନ ଶବ୍ଦର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ପୂର୍ବରୁ ନୂଆନୂଆ ଶବ୍ଦର ସୃଷ୍ଟି ହେଉଥିଲା, ମାତ୍ର ଏବେ ଆମେ ସୀମିତ ଶବ୍ଦ ଭିତରେ ସଙ୍କୁଚିତ ହୋଇ ରହି ଯାଉଛେ। ଫଳରେ ଭାଷାର ଉତ୍ତୋରତ୍ତର ଉନ୍ନତି ହେଉନାହିଁ। ସାମ୍ବାଦିକତା ଏକ ପେଶା ନୁହେଁ ବରଂ ଏକ ଶୈଳୀ। କମ୍ ଶବ୍ଦରେ ଅଧିକ କଥା କୁହାଯିବା ସାମ୍ବାଦିକମାନଙ୍କର ଲକ୍ଷ୍ୟ ହେବା ଜରୁରୀ। ସେହିପରି ସମୟ ଅନୁଯାୟୀ ବୈଷୟିକ ଜ୍ଞାନ କୌଶଳକୁ ମଧ ଆଦରି ନେବା ଉଚିତ୍। ବିଶ୍ଳେଷଣାତ୍ମକ ସାମ୍ବାଦିକତା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଏଥିସହ 'ସମସ୍ତେ ଆମର, ମାତ୍ର ଆମେ କାହାର ହେବା ନୁହେଁ' ଏହି ଆଦର୍ଶ ରହିବା ଆବଶ୍ୟକ। ସାମ୍ବାଦିକତା କେବେ ବିକ୍ରି ହେବା କଥା ନୁହେଁ, ଏହା ସତ୍ୟ, ନିରବଚ୍ଛିନ୍ନତା ଏବଂ ନିଃସ୍ୱାର୍ଥପରତା ଉପରେ ପର୍ଯ୍ୟବସିତ ହେବା ଉଚିତ୍।

-ଡ. ନଳିନ୍ ପାତ୍ର, ବିଭାଗୀୟ ମୁଖ୍ୟ,
ସାମ୍ବାଦିକ ଗଣଯୋଗାଯୋଗ ବିଭାଗ, ବିଜେବି କଲେଜ

## ସାମ୍ବାଦିକତାକୁ ନେଇ ଲୋକଙ୍କ ଭାବନା ବଦଳିଛି

ଆଗ ଅପେକ୍ଷା ସାମ୍ବାଦିକତାକୁ ନେଇ ଲୋକଙ୍କ ଭାବନା ବଦଳିଛି। ଓଡ଼ିଆ ସାମ୍ବାଦିକତାରେ ପୂର୍ବରୁ ବେଶୀ ସୁଯୋଗ ନ ଥିଲା। ମାତ୍ର ଏବେ ଖବରକାଗଜ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍, ୱେବ ମିଡିଆ ରହିଛି। ଚାକିରୀର ବହୁ ସୁଯୋଗ ରହିଛି କେବଳ ତାହାର ସଦୁପଯୋଗ କରିବାର କୌଶଳକ ଆବଶ୍ୟକ। ଅପରପକ୍ଷେ ସାମ୍ବାଦିକମାନଙ୍କ ସ୍ୱାଧୀନତା ଉପରେ ସରକାରୀ ଅଙ୍କୁଶ ଲାଗୁଛି। ଏହି ସ୍ଥିତିରେ ପରିବର୍ତ୍ତନ ହେବା ଆବଶ୍ୟକ।



-ସରିତା ନାୟକ, ସାମ୍ବାଦିକତା ଛାତ୍ରୀ

## ଓଡ଼ିଆରେ ଜର୍ନାଲିଜମ୍ କରିବାକୁ ପିଲା ସହଜରେ ରାଜି ହେଉନାହାନ୍ତି



ବର୍ତ୍ତମାନ ଓଡ଼ିଆ ସାମ୍ବାଦିକତାକୁ ସ୍ୱତନ୍ତ୍ର ପରିଚୟ ମିଳିବାର ଆବଶ୍ୟକତା ରହିଛି। ପୂର୍ବରୁ ଏଣ୍ଟ୍ରାନ୍ସ ଦେଇ ସିଟ୍ ପାଇବାକୁ ପିଲାମାନେ ଅପେକ୍ଷା କରି ବସୁଥିଲେ, ମାତ୍ର ଏବେ ଓଡ଼ିଆରେ ଜର୍ଣ୍ଣାଲିଜିମ୍ କରିବାକୁ ପିଲା ସହଜରେ ରାଜି ହେଉନାହାନ୍ତି। ଓଡ଼ିଆ ସାମ୍ବାଦିକତାକୁ ଆଗକୁ ବଢାଇବା ପାଇଁ ହେଲେ ସରକାରଙ୍କୁ ସେହିଭଳି ଯୋଜନା କରିବାକୁ ପଡିବ। ସେଲ୍ଫ ଫାଇନାସିଂ କୋର୍ସଗୁଡିକୁ ଉଠାଇ ରେଗୁଲାର କରିବାକୁ ପଡିବ। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ପାଠ୍ୟକ୍ରମ ରହିବା ଆବଶ୍ୟକ।

-ଦୀପକ ସ୍ୱାଇଁ, ସାମ୍ବାଦିକତା ଛାତ୍ର




NAVIGATE NEW HORIZONS
SET SAIL WITH THE INDIAN NAVY

Applications are invited from unmarried men & women candidates (fulfilling the conditions of nationality as laid down by the Govt. of India) for grant of Short Service Commission (SSC) in Information Technolgy (Executive Brach) of Indian Navy under Special Naval Orientation Course commencing Jan 2025 at Indian Naval Academy (INA) Ezhimala.

**Age & Qualification** - The age eligibility & qualification criteria for the course are as under:-

| Branch | Vacancy | Qualification | Gender | Age |
|---|---|---|---|---|
| SSC Executive (Information Technology) | 18 | A candidate must have minimum 60% marks in English in class X or XII and one of the undermentioned education qualification with minimum 60% overall qualifying marks, in either or a combination of the following:- (a) MSc/ BE/B Tech/ M Tech (Computer Science/ Computer Science & Engineering/ Computer Engineering/ Information Technology/ Software System/ Cyber Security/ System Administration & Networking/ Computer Systems & Networking/Data Analytics/ Artificial Intelligence), OR (b) MCA with BCA/BSc (Computer Science/Information Technology) | Men and Women | Born Between 02 Jan 2000 to 01 Jul 2005 (both dates inclusive) |

Date of Opening
02 Aug 2024

Last date for receipt of online application
16 Aug 2024

cbc 10701/13/0018/2425

For more details visit - www.joinindiannavy.gov.in and Employment News dated 03 Aug 24

**ଦିଲ୍ଲୀ ସରକାରଙ୍କୁ ଏନ୍ଏଚ୍ଆର୍ସି ନୋଟିସ**

ଦିଲ୍ଲୀ ସରକାରଙ୍କ ପରିଚାଳିତ ଶେଲ୍ଟର ହୋମ୍ ଆଶା କିରନରେ ମାସକ ମଧ୍ୟରେ ୧୩ ପିଲାଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। କମିଶନ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ପରେ ଦିଲ୍ଲୀ ସରକାରଙ୍କୁ ନୋଟିସ ପଠାଇ ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଯୁଦ୍ଧଜାହାଜ ପଠାଇଲା ଆମେରିକା

## ଇସ୍ରାଏଲ୍, ଇରାନ ଯୁଦ୍ଧର ନିକଟତର ହେଉଛନ୍ତି



ୱାଶିଂଟନ,୩।୮

ଇସ୍ରାଏଲ୍ ଆକ୍ରମଣରେ ଗାଜାର ଶାସକ ହମାସ୍ ମୁଖ୍ୟ ଇସ୍‌ମାଇଲ ନିହତ ହେବା ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଛି। ଇରାନ ଏବଂ ଏହାର ସହଯୋଗୀ ହମାସ୍ ଓ ହେଜବୋଲ୍ଲା ପକ୍ଷରୁ ଯୁଦ୍ଧ ଧମକ ଦିଆଯାଇଛି। ଇସ୍ରାଏଲ୍ ଏବଂ ଇରାନ ଯୁଦ୍ଧର ନିକଟତର ହେଉଥିବାବେଳେ ଆମେରିକା ସୈନ୍ୟବାହିନୀ ମଧ୍ୟପ୍ରାଚ୍ୟରେ ଅତିରିକ୍ତ ଯୁଦ୍ଧବିମାନ ଏବଂ ନୌସେନା ଯୁଦ୍ଧଜାହାଜ ମୁତୟନ କରିବାକୁ ଯାଉଛି। ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ମଧ୍ୟପ୍ରାଚ୍ୟ ଏବଂ ୟୁରୋପକୁ ଅତିରିକ୍ତ ଯୁଦ୍ଧଜାହାଜ ଏବଂ ଲଢୁଆ ବିମାନ ପଠାଇବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଉକ୍ତ ଅଞ୍ଚଳରେ ଆମେରିକାର ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବା ସହ ଇସ୍ରାଏଲ୍ ସେନାକୁ ଅଧିକ ସହାୟତା ଯୋଗାଇଦେବା ନିମନ୍ତେ ଅଷ୍ଟିନ୍ ସେନାକୁ ନିର୍ଦ୍ଦେଶ ଦେଇଥିବା ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି।

ଇରାନ ରାଜଧାନୀ ତେହରାନ୍‌ରେ ବୁଧବାର ହମାସ୍ ନେତା ଇସ୍‌ମାଇଲ ହାନିୟେଙ୍କୁ ହତ୍ୟା କରାଯାଇଥିଲା। ଏହାର ଦିନକ ପୂର୍ବରୁ ତେହରାନ ସମର୍ଥିତ ହେଜବୋଲ୍ଲା ସଂଗଠନର କମାଣ୍ଡର ଫୁଆଦ ଶୁକ୍ରଙ୍କୁ ଇସ୍ରାଏଲ୍ ହତ୍ୟା କରିଥିଲା। ଏହି ଆକ୍ରମଣରେ ଅନ୍ୟ ୫ ଜଣ ସାଧାରଣ ନାଗରିକ ନିହତ ହୋଇଥିଲେ। ତେଣୁ ଲେବାନନ୍‌ର ହେଜବୋଲ୍ଲା ଆତଙ୍କବାଦୀମାନେ ଇସ୍ରାଏଲ୍‌ରେ ପ୍ରବେଶ କରି ଆକ୍ରମଣ କରିବାକୁ ଇରାନ ଚାହୁଁଛି। ଅନ୍ୟପକ୍ଷରେ ଜେରୁଜେଲମ୍ କହିଛି, ହେଜବୋଲ୍ଲା ଗୋଷ୍ଠୀ ଇସ୍ରାଏଲ୍ ଅଧିକୃତ ଗୋଲାନ ହାଇଟ୍ସରେ ରକେଟ ମାଡ଼ କରିବାକୁ ୧୨ ଜଣ ପିଲାଙ୍କ ଜୀବନ ଯାଇଥିଲା। ଗାଜା ଉପରେ ଆକ୍ରମଣ ଆରମ୍ଭ ଦିନଠାରୁ ହେଜବୋଲ୍ଲା ଇସ୍ରାଏଲ୍‌କୁ ଟାର୍ଗେଟକରି ଆକ୍ରମଣ କରିଆସୁଛି। ତେହରାନ୍‌ରେ ହମାସ୍ ମୁଖ୍ୟ ହାନିୟେଙ୍କୁ ହତ୍ୟା ପାଇଁ ଇରାନର ରିଭଲ୍ୟୁଶନାରି ଗାର୍ଡ ଇସ୍ରାଏଲ୍‌କୁ ଦାୟୀ କରୁଥିବାବେଳେ ଜେରୁଜେଲମ୍ ପକ୍ଷରୁ ଏହା ଉପରେ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ୟେମେନ୍‌ର ଇରାନ ସମର୍ଥିତ ହୁଟି ବିଦ୍ରୋହୀମାନେ ମଧ୍ୟ ଇସ୍‌ମାଇଲଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ସଂକଳ୍ପ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଁ ସେମାନେ ଇସ୍ରାଏଲ୍‌କୁ ଦାୟୀ କରିଛନ୍ତି। ଗତ ନଭେମ୍ବରରୁ ୟେମେନ୍‌ର ହୁଟି ବିଦ୍ରୋହୀମାନେ ଇସ୍ରାଏଲ୍ ଓ ଏହାର ସହଯୋଗୀ ଦେଶର ଜାହାଜଗୁଡ଼ିକୁ କ୍ରମାଗତ ଆକ୍ରମଣ ଜାରି ରଖିଛି। ଗତବର୍ଷ ଅକ୍ଟୋବରରୁ ଇସ୍ରାଏଲ୍ ଏବଂ ହେଜବୋଲ୍ଲା ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ଏଥିରେ ଲେବାନନ୍‌ରୁ ଅନ୍ୟୂନ ୫୪୨ ଜଣଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରେ ୧୧୪ ଜଣ ସାଧାରଣ ନାଗରିକ ରହିଛନ୍ତି। ଉତ୍ତେଜନା ବଢୁଥିବାରୁ ଯେକୌଣସି ସମୟରେ ଯୁଦ୍ଧ ଲାଗିଯିବା ସମ୍ଭାବନା ରହିଛି। ଆଞ୍ଚଳିକ ଉତ୍ତେଜନା ହ୍ରାସ ପାଇଁ ମଧ୍ୟପ୍ରାଚ୍ୟରେ ଆମେରିକା ତା'ର ସାମରିକ ସାମର୍ଥ୍ୟ ବଢ଼ାଉଥିବା ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି।

ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଇସ୍ରାଏଲ୍‌ରେ ଥିବା ଭାରତୀୟମାନଙ୍କୁ ସତର୍କ ରହିବା ପାଇଁ ନୂଆଦିଲ୍ଲୀ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତୀୟମାନଙ୍କୁ ଲେବାନନ୍ ନ ଯିବା ପାଇଁ ବେରୁଟ୍‌ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସତର୍କ କରିଦିଆଯାଇଛି।

## ହାନିୟେଙ୍କୁ ରକେଟ୍ ମାଡ଼ରେ ହତ୍ୟା କରାଯାଇଛି: ଇରାନ

ଜେରୁଜେଲମ୍,୩।୮

ହମାସ୍‌ର ରାଜନୈତିକ ମୁଖ୍ୟ ଇସ୍‌ମାଇଲ ହାନିୟେଙ୍କୁ ସ୍ୱଳ୍ପ ଦୂରଗାମୀ ରକେଟ ମାଡ଼କରି ହତ୍ୟା କରାଯାଇଥିବା ଇରାନର ରିଭଲ୍ୟୁଶନାରି ଗାର୍ଡ ପକ୍ଷରୁ କୁହାଯାଇଛି। ଉକ୍ତ ରକେଟରେ ୭ କିଲୋଗ୍ରାମ ଯୁଦ୍ଧାସ୍ତ୍ର ରହିଥିଲା। ତେହରାନରେ ହାନିୟେଙ୍କ ବାସଭବନକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ଇରାନ ସେନା କହିଛି। ଇରାନର ନବନିର୍ବାଚିତ ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ହାନିୟେ ତେହରାନରେ ଥିଲେ। ଏହି ଆକ୍ରମଣରେ ଅନେକ କ୍ଷୟକ୍ଷତି ହୋଇଛି। ଏଥିପାଇଁ ଇରାନ ଇସ୍ରାଏଲ୍‌କୁ ଦାୟୀ କରିଥିବାବେଳେ ଆମେରିକା ଏହାକୁ ସମର୍ଥନ କରୁଥିବା ଅଭିଯୋଗ କରିଛି। ହାନିୟେଙ୍କୁ ହତ୍ୟାର ପ୍ରତିଶୋଧ ଉପଯୁକ୍ତ ସମୟରେ ନିଆଯିବ। ଏଥିପାଇଁ ଇସ୍ରାଏଲ୍‌କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇରାନ ସେନା କହିଛି।



ଇସ୍‌ମାଇଲ ହାନିୟେ

## ଏୟାରଷ୍ଟ୍ରାଇକ୍‌ରେ ହମାସ୍ କମାଣ୍ଡରଙ୍କ ସମେତ ୯ ମୃତ

ରାମାଲ୍ଲା/କାଇରୋ,୩।୮

ୱେଷ୍ଟ ବ୍ୟାଙ୍କରେ ଶନିବାର ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ହମାସ୍ କମାଣ୍ଡରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଇସ୍‌ଲାମିକ ଜିହାଦ ଯୋଦ୍ଧା ରହିଛନ୍ତି। ସେହିପରି ଅନ୍ୟ ଏକ ଆକ୍ରମଣରେ ୪ ଜଣ ବନ୍ଧୁକଧାରୀ ନିହତ ହୋଇଥିବା ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଛି। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ତୁଲ୍‌କାର୍ମ ସହର ନିକଟ ଜେଇଟା ସହରରେ ଏକ କାର୍ ଉପରେ ପ୍ରଥମ ଏୟାରଷ୍ଟ୍ରାଇକ୍ ହୋଇଥିଲା। ଉକ୍ତ କାର୍‌ରେ ହମାସ୍ କମାଣ୍ଡରଙ୍କ ସହ ଇସ୍‌ଲାମିକ ଯୋଦ୍ଧାମାନେ ଥିଲେ। ଏହାର କିଛି ଘଣ୍ଟା ପରେ ଆଉ ଏକ ଆତଙ୍କବାଦୀ ଗୋଷ୍ଠୀକୁ ଟାର୍ଗେଟ କରି ଦ୍ୱିତୀୟ ଏୟାରଷ୍ଟ୍ରାଇକ୍ ହୋଇଥିଲା। ଏଥିରେ ୪ ଜଣ ନିହତ ହୋଇଥିବା ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆରମ୍ଭ ହେବାଠାରୁ ୱେଷ୍ଟ ବ୍ୟାଙ୍କରେ ହିଂସା ବଢ଼ିଚାଲିଛି। ଇସ୍ରାଏଲ୍ ବାରମ୍ବାର ଏହି ଅଞ୍ଚଳ ଉପରେ ଆକାଶ ମାର୍ଗରୁ ବୋମାମାଡ଼ କରୁଛି।



ଜେଇଟା ସହରରେ ଏୟାରଷ୍ଟ୍ରାଇକ୍‌ରେ ଧ୍ୱଂସପ୍ରାପ୍ତ କାର୍‌କୁ ଲୋକେ ଦେଖୁଛନ୍ତି।

## ସଂକ୍ଷେପରେ

### କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଦାବିରେ ବିକ୍ଷୋଭ

ନୂଆଦିଲ୍ଲୀ,୩।୮

ସେପ୍ଟେମ୍ବର ୩୦ ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିବାବେଳେ ଏହା ପୂର୍ବରୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଫେରାଇଦେବା ଦାବିରେ ଶନିବାର ଜୋର୍‌ଦାର ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ଜମ୍ମୁ-କଶ୍ମୀରର ସମସ୍ତ ବିରୋଧୀ ରାଜନୈତିକ ଏବଂ ସାମାଜିକ ଦଳ ସାମିଲ ହୋଇଥିଲେ। ଅଲ୍ ପାର୍ଟି ୟୁନାଇଟେଡ୍ ଫ୍ରଣ୍ଟ (ଏପିୟୁଏଫ୍) ପକ୍ଷରୁ ଡାକରା ଦିଆଯାଇଥିବା ଏହି ବିକ୍ଷୋଭରେ କଂଗ୍ରେସ, ନ୍ୟାଶନାଲ କନ୍‌ଫରେନ୍ସ, ପିଡିପି, ସିପିଆଇ(ଏମ୍) ଏବଂ ଶିବସେନା(ୟୁବିଟି) ଓ ଅନ୍ୟାନ୍ୟ ଦଳର ନେତାମାନେ ଯୋଗ ଦେଇଥିଲେ। ସେମାନେ ଜମ୍ମୁର ମହାରାଜା ହରି ସିଂଙ୍କ ପ୍ରତିମୂର୍ତ୍ତି ନିକଟରେ ଏକଜୁଟ୍ ହୋଇ ଉପରାଜ୍ୟପାଳଙ୍କୁ କେନ୍ଦ୍ର ସରକାର ଦେଇଥିବା ଅଧିକ କ୍ଷମତା ପ୍ରତ୍ୟାହାର କରିନେବାକୁ ଦାବି କରିଥିଲେ। ଜମ୍ମୁ-କଶ୍ମୀରକୁ ତୁରନ୍ତ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇବା ଆମେ ଚାହୁଁ ବୋଲି ନେତାମାନେ କହିଥିଲେ।

### ରିକି କେଜ୍‌ଙ୍କୁ ବିମାନରେ ଦୁର୍ବ୍ୟବହାର ଅଭିଯୋଗ

ନୂଆଦିଲ୍ଲୀ, ୩।୮



ଗ୍ରାମୀ ପୁରସ୍କାର ବିଜେତା ସଙ୍ଗୀତଜ୍ଞ ରିକି କେଜ୍ ଶନିବାର ଏୟାର ଇଣ୍ଡିଆ ଉପରେ ବର୍ଷିଛନ୍ତି। ରିକି ଏୟାର ଇଣ୍ଡିଆର ଏକ ବିମାନରେ ମୁମ୍ବାଇରୁ ବେଙ୍ଗାଲୁରୁ ଉଡ଼ାଣ ପାଇଁ ବିଜ୍‌ନେସ୍ କ୍ଲାସ୍ ଟିକେଟ କରିଥିଲେ। କିନ୍ତୁ ଏୟାରଲାଇନ୍ସ ତାଙ୍କ ଟିକେଟକୁ ଇକୋନୋମିକ କ୍ଲାସ୍‌ରେ ବଦଳାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହାସହ ଉକ୍ତ ବିମାନ ମଧ୍ୟରେ ଏୟାର ଇଣ୍ଡିଆ କର୍ମଚାରୀ ତାଙ୍କୁ ଖରାପ ବ୍ୟବହାର କରିଥିବା ନେଇ ରିକି ନିଜ ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଗୋଟିଏ ବର୍ଷ ମଧ୍ୟରେ ତାଙ୍କ ସହ ଏପରି ତୃତୀୟ ଥର ପାଇଁ ଘଟିଥିବା ରିକି କହିଛନ୍ତି। ତେବେ ରିକିଙ୍କ ଅଭିଯୋଗ ଉପରେ ଏୟାର ଇଣ୍ଡିଆ ସ୍ପଷ୍ଟୀକରଣ ରଖିଛି। ବୈଷୟିକ ତ୍ରୁଟି ଯୋଗୁ ରିକି ଯାତ୍ରା କରୁଥିବା ବିମାନଟିକୁ ସମ୍ପୂର୍ଣ୍ଣ ଭାବେ ଇକୋନୋମିକ୍ କ୍ଲାସ୍‌ରେ ବଦଳାଇ ଦିଆଯାଇଥିବା ଏୟାର ଇଣ୍ଡିଆ କହିଛି। ଏଥିପାଇଁ ଏୟାରଇଣ୍ଡିଆ ଦୁଃଖ ପ୍ରକାଶ କରିଛି।

### ପ୍ରସ୍ତାବିତ ଆଣବିକ କାରଖାନାକୁ ନେଇ ହିଂସା

ଉଦୟପୁର, ୩।୮

ରାଜସ୍ଥାନର ବାଂଶୱାଡ଼ା ଜିଲାର ପ୍ରସ୍ତାବିତ ମାହୀ ଆଣବିକ ଶକ୍ତିକେନ୍ଦ୍ରକୁ ନେଇ ବିବାଦ ସୃଷ୍ଟି ହୋଇଛି। ଶନିବାର ଏହି ଆଣବିକ କେନ୍ଦ୍ର ପାଇଁ ସୀମା ପ୍ରାଚୀର ନିର୍ମାଣ ହେଉଥିବାବେଳେ ଏହାକୁ ସ୍ଥାନୀୟ ଛୋଟି ସରୱନ ଗ୍ରାମର ବାସିନ୍ଦା ଘୋର୍ ବିରୋଧ କରିଛନ୍ତି। ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟି ଉକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ସଂଘର୍ଷରେ ୩ ପୋଲିସ କର୍ମୀ ଓ ଅନେକ ଗ୍ରାମବାସୀ ଆହତ ହୋଇଛନ୍ତି। ଘଟଣାକୁ ନେଇ ଭାରତ ଆଦିବାସୀ ପାର୍ଟିର ସ୍ଥାନୀୟ ନେତାଙ୍କ ସହ ୧୨ ଜଣଙ୍କୁ ଗିରଫ କରାଯାଇଛି।

## ବାଂଲାଦେଶରେ ପୁଣି ଉତ୍ତେଜନା, ୨ ମୃତ

ଢାକା, ୩।୮

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ମଧ୍ୟରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ନିମନ୍ତ୍ରଣକୁ ଆନ୍ଦୋଳନକାରୀ ଛାତ୍ର ପ୍ରତ୍ୟାଖ୍ୟାନ କରିଛନ୍ତି। ଶନିବାର ବିକ୍ଷୋଭକାରୀ ଛାତ୍ର ଢାକାର ପ୍ରମୁଖ ରାସ୍ତାଗୁଡ଼ିକୁ ଅବରୋଧ କରିଛନ୍ତି, ଯାହାଫଳରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଛି। ହିଂସାକୁ ଦୃଷ୍ଟିରେ ରଖି କଡ଼ା ସଜାଗ ରହିବାକୁ ସୁରକ୍ଷା ବାହିନୀଙ୍କୁ ବାଂଲାଦେଶ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଶୁକ୍ରବାର ବାଂଲାଦେଶରେ ପୁଣି ଥରେ ସଂରକ୍ଷଣ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ହିଂସାତ୍ମକ ରୂପ ଧାରଣ କରିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୦ ଜଣ ଆହତ ହୋଇଥିଲେ।

## ରାମଙ୍କ ଅସ୍ତିତ୍ୱର ପ୍ରମାଣ ନାହିଁ: ଡିଏମ୍‌କେ ମନ୍ତ୍ରୀ



ଏସ୍. ଏସ୍. ଶିବଶଙ୍କର

ଚେନ୍ନାଇ, ୩।୮

ତାମିଲନାଡୁ ସରକାରଙ୍କ ପରିବହନ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଏସ୍. ଏସ୍. ଶିବଶଙ୍କର ଶନିବାର ରାମଙ୍କୁ ନେଇ ଏକ ବିବାଦୀୟ ବୟାନ ଦେଇଛନ୍ତି। ଅରିୟାଲୁରରେ ଚୋଳ ବଂଶର ଶାସକ ରାଜେନ୍ଦ୍ର ଚୋଳଙ୍କ ଜୟନ୍ତୀ ଅବସରରେ ସେ ଏକ ସଭାକୁ ସମ୍ବୋଧନ ଭଗବାନ ରାମଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାମଙ୍କ ଅସ୍ତିତ୍ୱ ଥିବା ନେଇ କୌଣସି ପ୍ରମାଣ କିମ୍ବା ଐତିହାସିକ ରେକର୍ଡ ନଥିବା ସେ କହିଛନ୍ତି। ତେବେ ଶିବଶଙ୍କରଙ୍କ ବୟାନକୁ ତାମିଲନାଡୁ ଭାଜପା ସଭାପତି କେ. ଆନ୍ନାମଲାଇ ନିନ୍ଦା କରିଛନ୍ତି। ହିନ୍ଦୁ ଦେବତାଙ୍କୁ ଅପମାନ କରିବା ଡିଏମ୍‌କେ ନେତାମାନଙ୍କର ଅଭ୍ୟାସରେ ପରିଣତ ହୋଇଥିବା ଆନ୍ନାମଲାଇ କହିଛନ୍ତି।

## ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ୫ ପୋଲିସ, ଜଣେ ଶିକ୍ଷକ ବହିଷ୍କୃତ

ଶ୍ରୀନଗର,୩।୮

ଲୋକଙ୍କ ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ଜମ୍ମୁ-କଶ୍ମୀର ପୋଲିସ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ। ଏଭଳି ୫ ପୋଲିସ କର୍ମଚାରୀଙ୍କ ସମେତ ୬ ଜଣଙ୍କୁ ଜମ୍ମୁ-କଶ୍ମୀର ପ୍ରଶାସନ ଶନିବାର ଚାକିରିରୁ ବହିଷ୍କାର କରିଛନ୍ତି। ବହିଷ୍କୃତ ସରକାରୀ କର୍ମଚାରୀମାନେ ହେଲେ ସିଲେକ୍ସନ ଗ୍ରେଡ୍ କନ୍‌ଷ୍ଟେବଲ ସୈଫ ଡିନ୍, ଖଲିଦ ହୁସେନ ଶାହ, ହେଡ୍ କନ୍‌ଷ୍ଟେବଲ ଫାରୁକ ଅହମଦ ଶେଖ୍, କନ୍‌ଷ୍ଟେବଲ ହରମତ ଶାହ, ସିଲେକ୍ସନ ଗ୍ରେଡ୍ କନ୍‌ଷ୍ଟେବଲ ଇର୍ଶାଦ ଅହମଦ ଚଲ୍‌କୁ ଏବଂ ଶିକ୍ଷକ ନଜାମ ଡିନ୍। ଏମାନେ ଆତଙ୍କବାଦ ସହ ଜଡ଼ିତ କାର୍ଯ୍ୟକଳାପରେ ନିବିଡ଼ ଭାବେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୈଫ୍ ଡିନ୍ ଜଣେ କୁଖ୍ୟାତ ଡ୍ରଗ୍ସ ଚୋରା ଚାଲାଣକାରୀ ଏବଂ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ନାର୍କୋ ଟେରର ଫଣ୍ଡିଂର ମାଷ୍ଟରମାଇଣ୍ଡ। ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀଙ୍କୁ ସେ ଡ୍ରଗ୍ସ ଯୋଗାଇବା ସହ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ଦେଶବିରୋଧୀ ସଂସ୍ଥା ଓ ତତ୍ତ୍ୱମାନେ ଅସ୍ତ୍ରଶସ୍ତ୍ର, ନିଶାଦ୍ରବ୍ୟ ଚୋରା ଚାଲାଣ କରିବା ସହ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ସୈଫ୍‌ଙ୍କ ଡ୍ରଗ୍ସ ଚ୍ୟାନେଲକୁ ବ୍ୟବହାର କରୁଥିଲେ। ହେଡ୍ କନ୍‌ଷ୍ଟେବଲ ଫାରୁକ ଅହମଦ ଶେଖ, ଖଲିଦ ହୁସେନ ଶାହ ଏବଂ ରହମତ ଶାହ ପାକ୍ ଅଧିକୃତ କଶ୍ମୀରର ଡ୍ରଗ ସ୍ମଗଲରମାନଙ୍କଠାରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ଗ୍ରହଣ କରିଥିଲେ। ଫାରୁକଙ୍କର ପାକିସ୍ତାନୀ ଆତଙ୍କବାଦୀମାନଙ୍କ ସହ ଯୋଗାଯୋଗ ରହିଥିଲା। ଚଲକୁ ଆତଙ୍କବାଦୀ ସଂଗଠନଗୁଡ଼ିକ ସହ ଘନିଷ୍ଠ ସମ୍ପର୍କ ରଖିବା ସାଙ୍ଗକୁ ଲଶ୍କର-ଇ-ତୋଇବାର ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ।

## ୱାୟନାଡ୍ ଭୂସ୍ଖଳନ
## ମୃତ୍ୟୁସଂଖ୍ୟା ୩୬୧

## ମୃତ୍ୟୁ ଗୁମ୍ଫାରୁ ୪ ଶିଶୁ ଉଦ୍ଧାର

ଥିରୁଭାନନ୍ତପୁରମ୍/ୱାୟନାଡ୍,୩।୮

ଭୂସ୍ଖଳନ କ୍ଷତିଗ୍ରସ୍ତ କେରଳର ୱାୟନାଡ୍‌ରେ ବନ ବିଭାଗ ଅଧିକାରୀମାନେ ପ୍ରବଳ ବର୍ଷା ସତ୍ତ୍ୱେ ଦୁର୍ଗମ ପାହାଡ଼ିଆ ଅଞ୍ଚଳରୁ ୪ ଜଣ ଶିଶୁଙ୍କୁ ଉଦ୍ଧାର କରିଛନ୍ତି। ବନ ବିଭାଗ ଅଧିକାରୀମାନଙ୍କ ଏଭଳି ଦୁଃସାହସିକ କାର୍ଯ୍ୟକୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପିଲା ଓ ସେମାନଙ୍କ ମାଆବାପା ୫ ଦିନ ହେଲା ଏକ ଗୁମ୍ଫାରେ ଅଟକି ରହିଥିଲେ। ସେମାନେ ୫ ଦିନ ହେଲା କିଛି ଖାଇ ନ ଥିବା କହିଛନ୍ତି। ୪ ଜଣ ଅଫିସରଙ୍କୁ ନେଇ ବନ ବିଭାଗର ଏକ ଟିମ୍ ୮ ଘଣ୍ଟାର ଅପରେଶନ ପରେ ଉକ୍ତ ଶିଶୁ ଓ ସେମାନଙ୍କ ମାତାପିତାଙ୍କୁ ଉଦ୍ଧାର କରିଛନ୍ତି। ଶିଶୁମାନଙ୍କ ବୟସ ୧ରୁ ୪ ବର୍ଷ ମଧ୍ୟରେ। କାଲ୍‌ପେଟ୍ଟା ରେଞ୍ଜ୍ ଫରେଷ୍ଟ ଅଫିସର କେ. ହାଶିସ୍‌ଙ୍କ ନେତୃତ୍ୱରେ ୪ ଜଣିଆ ବନ ବିଭାଗ ଟିମ୍ ପ୍ରବଳ ବର୍ଷା ଓ ପଥୁରିଆ ଜଙ୍ଗଲ ରାସ୍ତାରେ ଯାଇ ଅଟ୍ଟାମାଳା ଜଙ୍ଗଲରେ ପହଞ୍ଚିଥିଲେ। ସେଠାରେ ପାନିୟା ସମ୍ପ୍ରଦାୟର ଜଣେ ମହିଳା ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ହାଶିସ୍ ଦେଖିବାକୁ ପାଇଥିଲେ। ୪ ପିଲାଙ୍କ ସହ ଉକ୍ତ ମହିଳା ୫ ଦିନ ହେଲା କିଛି ଖାଇ ନ ଥିବା ବନ ଅଧିକାରୀମାନଙ୍କୁ କହିଥିଲେ। ପରେ ସେ ଉକ୍ତ ଅଧିକାରୀମାନଙ୍କୁ ଗୁମ୍ଫା ପାଖକୁ ନେଇଯାଇଥିଲେ, ଯେଉଁଠି ପିଲାମାନେ ଆଶ୍ରୟ ନେଇଥିଲେ। ୮ ଘଣ୍ଟାର ମିଶନ ପରେ ଉକ୍ତ ଆଦିବାସୀ ପରିବାରକୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଛି। ଏହି ଆଦିବାସୀ ପରିବାରର ଲୋକମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଓ ତାହାକୁ ସ୍ଥାନୀୟ ବଜାରରେ ବିକି ଗୁଜରାଣ ମେଣ୍ଟାଇଥାନ୍ତି। ତେବେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ସେମାନେ ଖାଦ୍ୟ ସଂଗ୍ରହ କରିପାରି ନ ଥିଲେ। ଜଙ୍ଗଲ ଅଧିକାରୀମାନେ ଛୋଟ ପିଲାମାନଙ୍କୁ ନିଜ ଦେହରେ ବାନ୍ଧି ଦୁର୍ଗମ ଖସଡ଼ା ରାସ୍ତାରେ ଅତି ସତର୍କତାର ସହ ଫେରିଥିଲେ। ବନ ଅଧିକାରୀମାନେ ସାଙ୍ଗରେ ଯାହା ନେଇଥିଲେ, ପିଲାମାନଙ୍କୁ ଖୁଆଇଥିଲେ ବୋଲି ହାଶିସ କହିଛନ୍ତି।

ଗତ ୩୦ ତାରିଖରେ ୱାୟନାଡ୍‌ରେ ୩ଟି ଭୂସ୍ଖଳନରେ ୩୬୧ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଭୂସ୍ଖଳନ ଯୋଗୁ ମୁଣ୍ଡାକାଇ ଏବଂ ଚୁରାଲମାଲା ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଘରଦ୍ୱାର ହରାଇଥିବା ଲୋକମାନଙ୍କ ଥଇଥାନ ପାଇଁ କେରଳ ସରକାର ଏକ ନୂତନ ତଥା ନିରାପଦ ସହର ନିର୍ମାଣ ଲାଗି ଯୋଜନା କରୁଛନ୍ତି।



ଗୁମ୍ଫାରୁ ଉଦ୍ଧାର ହୋଇଥିବା ଶିଶୁଙ୍କୁ ଜଣେ ବନ କର୍ମଚାରୀ ଖାଦ୍ୟ ଦେଉଛନ୍ତି।

## ବିଚାର ପ୍ରକ୍ରିୟାକୁ ନେଇ ଲୋକେ ଅତିଷ୍ଠ: ସିଜେଆଇ

ନୂଆଦିଲ୍ଲୀ,୩।୮

କୋର୍ଟ କଚେରି ମାମଲାକୁ ନେଇ ଜନସାଧାରଣ ଏଭଳି ଅତିଷ୍ଠ ହୋଇଗଲେଣି ଯେ, ସେମାନେ ଯେକୌଣସି ପ୍ରକାରେ କେବଳ ସମାଧାନ ଚାହୁଁଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର କହିଛନ୍ତି। ଏପରି ସ୍ଥଳେ ଲୋକ ଅଦାଲତ ଏକ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ବୋଲି ସିଜେଆଇ କହିଛନ୍ତି। ଦୀର୍ଘଦିନ ଧରି ଅଦାଲତଗୁଡ଼ିକରେ ବିଚାରାଧୀନ ଥିବା କିମ୍ବା ମକଦ୍ଦମାର ପୂର୍ବ ସ୍ଥିତିରେ ଥିବା ମାମଲାଗୁଡ଼ିକୁ ଆପୋଷ ବୁଝାମଣା ଜରିଆରେ ସମାଧାନ କରିବାର ଫୋରମ୍ ହେଉଛି ଲୋକ ଅଦାଲତ। ଆପୋଷ ବୁଝାମଣା ଜରିଆରେ ହେଉଥିବା ଏହି ସମାଧାନ ବିରୋଧରେ ଅପିଲ୍ କରାଯାଇପାରିବ ନାହିଁ।

## ବଳାତ୍କାର ଅଭିଯୁକ୍ତ ଏସ୍‌ପି ନେତାଙ୍କ ବେକେରି ଭଙ୍ଗାଗଲା

ଅଯୋଧ୍ୟା,୩।୮

ଉତ୍ତରପ୍ରଦେଶର ଅଯୋଧ୍ୟାରେ ଜଣେ ୧୨ ବର୍ଷର ବାଳିକାଙ୍କୁ ବଳାତ୍କାର କରିବା ସହ ଏହାର ଭିଡିଓ ରେକର୍ଡିଂ କରାଇଥିବା ଅଭିଯୁକ୍ତଙ୍କ ବିରୋଧରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତ ମୋଇଦ୍ ଖାନ୍ ସମାଜବାଦୀ ପାର୍ଟିର ସ୍ଥାନୀୟ ନେତା। ବଳାତ୍କାର ଅଭିଯୋଗରେ ତାଙ୍କୁ ଜୁଲାଇ ୩୦ରେ ଗିରଫ କରାଯାଇଥିଲା। ସେ ବେଆଇନ ଭାବେ ନିର୍ମାଣ କରିଥିବା ଏକ ବେକେରିକୁ ଶନିବାର ପ୍ରଶାସନ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦିଆଯାଇଥିବା ଅଯୋଧ୍ୟା ଜିଲାପାଳ ଚନ୍ଦ୍ରବିଜୟ ସିଂ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୀଡ଼ିତାଙ୍କ ପରିବାରକୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ସୂଚନା ଅନୁଯାୟୀ, ମୋଇଦ ଓ ତାଙ୍କ କର୍ମଚାରୀ ରାଜୁ ଖାନ୍ ୨ ମାସ ପୂର୍ବେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ବଳାତ୍କାର ବୋଲି ମେଡିକାଲ ଚେକ୍‌ଅପ୍‌ରୁ ଜଣାପଡ଼ିବା ପରେ ଘଟଣା ସାମ୍‌ନାକୁ ଆସିଥିଲା। ଅଭିଯୁକ୍ତଙ୍କ ଡିଏନ୍ଏ ପରୀକ୍ଷା କରାଯାଉ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ସମାଜବାଦୀ ପାର୍ଟି ଶାସନରେ ଥିବାବେଳେ କେତେଜଣ ଅଭିଯୁକ୍ତଙ୍କ ଡିଏନ୍ଏ ପରୀକ୍ଷା ହୋଇଥିଲା ବୋଲି ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ ପ୍ରଶ୍ନ କରିଛନ୍ତି। ଡିଏନ୍ଏ ପରୀକ୍ଷା କଥା କହି ଅଖିଳେଶ ଦଳୀୟ ନେତାଙ୍କୁ କ୍ଲିନ୍‌ଚିଟ୍ ଦେଇଥିବା ଭାଜପା ଅଭିଯୋଗ କରିଛି।



## ସୁନୀତାଙ୍କ ଅସ୍ଥି ସାନ୍ଦ୍ରତା ହ୍ରାସ

ୱାଶିଂଟନ,୩।୮

ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲ୍‌ମୋର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)କୁ ସପ୍ତାହେ ପାଇଁ ଯାଇଥିବାବେଳେ ୫୮ ଦିନ ହେଲା ଫସି ରହିଛନ୍ତି। ମହାକାଶ ଯାନ ଷ୍ଟାର୍‌ଲାଇନରେ ହିଲିୟମ୍ ଲିକ୍ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ଦୀର୍ଘଦିନ ମହାକାଶରେ ଓଜନବିହୀନ ସ୍ଥିତିରେ ରହିବା ଫଳରେ ସୁନୀତାଙ୍କ ଅସ୍ଥିର ସାନ୍ଦ୍ରତା ହ୍ରାସ ପାଉଥିବା ଜଣାପଡ଼ିଛି। ମାଧ୍ୟାକର୍ଷଣ ଶକ୍ତିର ଅଭାବରେ ମାଂସପେଶୀ ଓ ଅସ୍ଥି ସାନ୍ଦ୍ରତା ହ୍ରାସ ପାଇଥାଏ, ଯାହା ଓଷ୍ଟିଓପୋରୋସିସ୍ ଭଳି ସ୍ଥିତି। ମହାକାଶଚାରୀଙ୍କ ଏଭଳି ସ୍ଥିତି ଚିନ୍ତାର ବିଷୟ ପାଲଟିଛି। ଦୁଇ ମହାକାଶଚାରୀଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ପାଇଁ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ହାତରେ ଆଉ ମାତ୍ର ୧୭ ଦିନ ରହିଛି। ଏହି ସମୟ ଭିତରେ ତ୍ରୁଟି ସୁଧାରି ଉଭୟଙ୍କୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରାଇବା କ୍ରିଉ-୯ ମିଶନ ପାଇଁ ଜରୁରୀ ହୋଇପଡ଼ିଛି। ଏଥିପାଇଁ ଇଞ୍ଜିନିୟରମାନେ ଅକ୍ଳାନ୍ତ ଉଦ୍ୟମ ଚଳାଇଛନ୍ତି। ସ୍ପେସେକ୍ସ ଡ୍ରାଗନ୍ କ୍ୟାପ୍‌ସୁଲକୁ ମିଶନରେ ସାମିଲ କରିବା ସମେତ ଅନ୍ୟ ବିକଳ୍ପଗୁଡ଼ିକ ଉପରେ ମଧ୍ୟ ନାସା ଚିନ୍ତା କରୁଥିବା ଜଣାପଡ଼ିଛି।



ସୁନୀତା ୱିଲିୟମ୍ସ

## କୋର୍ଟ ପରିସରରେ ଜ୍ୱାଇଁଙ୍କୁ ହତ୍ୟା

ଚଣ୍ଡିଗଡ଼,୩।୮

ଚଣ୍ଡିଗଡ଼ର ଏକ କୋର୍ଟ ପରିସରରେ ଜଣେ ନିଲମ୍ବିତ ପୋଲିସ ଅଫିସର ଶନିବାର ଅପରାହ୍ନରେ ତାଙ୍କ ଜ୍ୱାଇଁଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ମୃତ ହରପ୍ରୀତ ସିଂ ଜଳସେଚନ ବିଭାଗରେ ଜଣେ ଭାରତୀୟ ରାଜସ୍ୱ ସେବା ଅଧିକାରୀ। ମୃତକ ଏବଂ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ ଘରୋଇ ବିବାଦ ରହିଥିବାବେଳେ ଏହାର ସମାଧାନ ପାଇଁ ସେମାନେ ଚଣ୍ଡିଗଡ଼ ପରିବାର ଅଦାଲତରେ ପହଞ୍ଚିଥିଲେ। ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା ଚାଲିଥିବାବେଳେ ଅଭିଯୁକ୍ତ ମାଲୱିନ୍ଦର ସିଂ ସିଦ୍ଧୁ ୱାଶ୍‌ରୁମ୍ ଦେଖାଇଦେବାକୁ ଜ୍ୱାଇଁ ହରପ୍ରୀତଙ୍କୁ ଡାକିନେଇ ହଠାତ୍ ୫ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ୨ଟି ଗୁଳି ହରପ୍ରୀତଙ୍କ ଦେହରେ ବାଜିବା ଫଳରେ ସେ ସେହିଠାରେ ଟଳିପଡ଼ିଥିଲେ। ସେଠାରେ ଥିବା ଆଇନଜୀବୀମାନେ ଅଭିଯୁକ୍ତ ମାଲୱିନ୍ଦରଙ୍କୁ କାବୁ କରି ନେଇଥିଲେ।

# ଜଗତପୁରରେ ନକଲି ତରଳ ୟୁରିଆ କାରଖାନା

## ମାଲିକଙ୍କ ସମେତ ୩ ଗିରଫ

- ଚା'ଦୋକାନରେ ବେପାର, ଧରିଲା ଖୋର୍ଦ୍ଧା ପୋଲିସ
- ଜଗତପୁର ଗୋଦାମରୁ ବିପୁଳ ସାମଗ୍ରୀ ଜବତ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)




ଜବତ ହୋଇଥିବା ନକଲି ତରଳ ୟୁରିଆ ବକେଟଗୁଡ଼ିକୁ ଖୋର୍ଦ୍ଧା ଆଦର୍ଶ ଥାନା ପରିସରରେ ରଖାଯାଇଛି। ଗିରଫ ୩ ଅଭିଯୁକ୍ତ।

କଟକ ଜଗତପୁରରେ ତିଆରି ହେଉଥିଲା ନକଲି ତରଳ ୟୁରିଆ ବା ଲିକ୍ୟୁଡ୍ ନାଇଟ୍ରେଟ୍। ବ୍ରାଣ୍ଡେଡ୍ କମ୍ପାନୀର ଲୋଗୋ ଲଗାଇ ପ୍ଲାଷ୍ଟିକ୍ ବେକେଟରେ ବିକ୍ରି ହେଉଥିଲା। ଖୋର୍ଦ୍ଧା ତୋଟାପଡ଼ା ଛକରେ ଥିବା ଏକ ଚା' ଦୋକାନରେ ଦୀର୍ଘଦିନ ହେବ ଏହି ବେପାର ଚାଲିଥିବାବେଳେ କାରବାର ଚାଲିଥିବା ବେଳେ ଅସଲି କମ୍ପାନୀ ଅଧିକାରୀଙ୍କ ଅଭିଯୋଗ ପରେ ଖୋର୍ଦ୍ଧା ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ଏହି ର୍ୟାକେଟର ପର୍ଦ୍ଦାଫାସ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ତୋଟାପଡ଼ାର ଚା'ଦୋକାନୀ ଏସ୍.କେ. ଜୁନିଦ ଅଲ୍ଲୀ(୩୨), କଟକ ଜଗତ୍‌ପୁରସ୍ଥିତ ଗୋଦାମ ତଥା କାରଖାନା ମାଲିକ ଶିବ ଚରଣ ସିଂ ଜାଲି ଏବଂ ଗତିରାଉତପାଟଣାର ତ୍ରିଲୋଚନା ବେହେରା। ଜୁନିଦ ଅଲ୍ଲୀଙ୍କଠାରୁ ଦୁଇଟି କମ୍ପାନୀର ୬୪ଟି ନକଲି ତରଳ ୟୁରିଆ ବକେଟ ଜବତ ହୋଇଥିବାବେଳେ ଜଗତପୁରସ୍ଥିତ ଗୋଦାମରୁ ୨୭୦ଟି ତରଳ ୟୁରିଆ ବକେଟ, ୪ ପ୍ୟାକେଟ ୟୁରିଆ ବସ୍ତା, ୪୦ ଖାଲି ବକେଟ, ୨ଟି ସିଣ୍ଟେକ୍ସ ଟାଙ୍କି, ଏକ ଟାଟା ଏସିଇ(ଓଡି୦୫ ୱାଇ ୮୮୧୭) ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଶନିବାର ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି।

ସେ କହିଛନ୍ତି, କୋଲକାତା, ଦିଲ୍ଲୀ ଆଦି ଅଞ୍ଚଳରୁ କଞ୍ଚାମାଲ ଆଣି ନକଲି ତରଳ ୟୁରିଆ ପ୍ରସ୍ତୁତ କରାଯାଇଥାଏ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଏହି କାରବାରରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ ଚାଲିଛି। କୌଣସି କମ୍ପାନୀର ଅଏଲ କିଣିବା ବେଳେ ଏହାର ଅସଲି ଯାଞ୍ଚ କରନ୍ତୁ, ନକଲି ସନ୍ଦେହ ହେଲେ କମ୍ପାନୀକୁ ଜଣାନ୍ତୁ। ସଚେତନ ହେଲେ ଠକାମିର ଶିକାର ହେବେନି ବୋଲି ଏସ୍‌ଡିପିଓ ଦାସ କହିଛନ୍ତି।

ସୂଚନା ମୁତାବକ, ତରଳ ୟୁରିଆ ସାଧାରଣତଃ ଯାନବାହନଜନିତ ପରିବେଶ ପ୍ରଦୂଷଣ ରୋକିଥାଏ। ଏହା ବିଶେଷକରି ଭାରିଯାନରେ ବ୍ୟବହାର ହୋଇଥାଏ। ତେବେ ବ୍ରାଣ୍ଡେଡ କମ୍ପାନୀର ଲୋଗୋ ଲଗାଇ ନକଲି ତରଳ ୟୁରିଆ ବିକ୍ରି ହେଉଥିବା ନେଇ ଅସଲି କମ୍ପାନୀର ସ୍ଥାନୀୟ ଅଧିକାରୀ ଜାଣିବା ପରେ ଏନେଇ ବିଭିନ୍ନ ଅଞ୍ଚଳରେ ଯାଞ୍ଚ ଆରମ୍ଭ କରିଥିଲେ। ଖୋର୍ଦ୍ଧା ତୋଟାପଡା ଛକସ୍ଥିତ ଏକ ଚା' ଦୋକାନରେ ଏହି ବେପାର ଚାଲିଥିବା ନେଇ ଇଆଇପିଆର୍(ଇଣ୍ଡିଆ) ପ୍ରା.ଲିଃ ଗୋଇନ୍ଦା ଅଧିକାରୀ ରାଜେଶ ରବି ଦାସ ଅନୁସନ୍ଧାନ ବେଳେ ଜାଣିବା ପରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଗ୍ରାହକ ସାଜି ଚା' ଦୋକାନରେ ତରଳ ୟୁରିଆ ମାଗିଥିଲେ। ଚା'ଦୋକାନୀ ତାଙ୍କୁ ଏକ ବକେଟ ଦେବା ପରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ପୋଲିସ ଅଧିକାରୀମାନେ ଘେରି ଯାଇଥିଲେ। ତାଙ୍କ ନିକଟରୁ ୬୪ଟି ୨ଟି କମ୍ପାନୀର ତରଳ ୟୁରିଆ ବକେଟ ଜବତ କରିଥିଲେ। ଚା' ଦୋକାନୀ ଜୁନିଦ ଅଲ୍ଲୀଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଜଗତପୁରରୁ ଏହି ନକଲି ତରଳ ୟୁରିଆ ଆଣି ବିକ୍ରି କରୁଥିବା କହିଥିଲେ। ଏହାପରେ ସଦର ଏସ୍‌ଡିପିଓ ଦାସଙ୍କ ନେତୃତ୍ୱରେ ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ପ୍ରମୁଖଙ୍କୁ ନେଇ ଗଠିତ ୩ଜଣିଆ ଟିମ୍ କଟକ ଜଗତପୁରର ଶିବଚଣ ସିଂଙ୍କ ଗୋଦାମ ଓ କାରଖାନାରେ ଚଢ଼ାଉ କରିଥିଲେ। ସେହି ସମୟରେ ସେଠାରେ ନକଲି ତରଳ ୟୁରିଆ ପ୍ରସ୍ତୁତ ଚାଲିଥିବାବେଳେ ବିପୁଳ ପରିମାଣର ସାମଗ୍ରୀ ଗଚ୍ଛିତ ରହିଥିବା ପୋଲିସ ଦେଖିବାକୁ ପାଇଥିଲା। ଶିବ ସିଂ ମଧ୍ୟ ଏହା ନକଲି ବୋଲି ସ୍ୱୀକାର କରିଥିଲେ। ଏହାପରେ ଅଭିଯୁକ୍ତମାନେ କିପରି ନକଲି ତରଳ ୟୁରିଆ ପ୍ରସ୍ତୁତ ହେଉଛି ଡେମୋ ଦେଖାଇଥିଲେ। ପରେ ପୋଲିସ ସାମଗ୍ରୀ ଜବତ କରି ଖୋର୍ଦ୍ଧା ଥାନାକୁ ଆଣିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜଗଦୀଶ



@ ନିବେଦିତା



@ କିଶୋର



@ ସ୍ୱରୂପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୮।୨୦୨୪

| | |
|---|---|
| ୫,୫୭,୦୧୪ ଟଙ୍କା | |
| ସୁନା | ୩.୧୫୦ ଗ୍ରାମ୍ |
| ରୁପା | ୪୪ ଗ୍ରାମ୍ |

## କୁଳମଣି ବିଶ୍ୱାଳଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ 'ପ୍ରତିବିମ୍ବ'



ନୂଆଦିଲ୍ଲୀ ହାବିଟାଟ୍ ସେଣ୍ଟରସ୍ଥିତ ଓପନ ପାମ୍ କୋର୍ଟ ଗ୍ୟାଲେରୀଠାରେ ଆରମ୍ଭ ହୋଇଥିବା ପ୍ରଦର୍ଶନୀ।

ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ବରିଷ୍ଠ ପ୍ରଶାସକ କୁଳମଣି ବିଶ୍ୱାଳଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ 'ପ୍ରତିବିମ୍ବ' ନୂଆଦିଲ୍ଲୀ ହାବିଟାଟ୍ ସେଣ୍ଟରସ୍ଥିତ ଓପନ ପାମ୍ କୋର୍ଟ ଗ୍ୟାଲେରିଠାରେ ଗୁରୁବାର ଆରମ୍ଭ ହୋଇଯାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ବିଶ୍ୱାଳଙ୍କ ଦ୍ୱାରା ଅଙ୍କାଯାଇଥିବା ୪୦ଟି ବଛା ବଛା ଛବି ପ୍ରଦର୍ଶନ କରାଯାଇଛି। ଏହି ଚିତ୍ରଗୁଡ଼ିକରେ ଶାନ୍ତି ଦୂତ ଗୌତମ ବୁଦ୍ଧ, ନ୍ୟାୟର ସର୍ବୋଚ୍ଚ ମନ୍ଦିର ସୁପ୍ରିମକୋର୍ଟ, ମାନବବାଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରାଚୁର୍ଯ୍ୟଭରା ପ୍ରକୃତି ଏବଂ ସର୍ବଗୁଣସମ୍ପନ୍ନା ନାରୀ ଆଦି ପ୍ରସଙ୍ଗକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏ ସମ୍ପର୍କରେ ବିଶ୍ୱାଳ କହିଛନ୍ତି, ଫାଇନାନ୍ସ ଓ ମ୍ୟାନେଜମେଣ୍ଟ ମୋର ପେସା ହୋଇଥିବାବେଳେ ଚିତ୍ରକାରିତା ଓ ପଦ୍ୟ ଲିଖନ ପ୍ରତି ମୋର ବହୁତ ବଡ଼ ସୌକ ରହିଛି। ବୁଦ୍ଧମ୍ ଶରଣଂ ଗଚ୍ଛାମି, ଅଭିସାରିକା, ପ୍ରତବିମ୍ବ, ନୈନିତାଲ ଓ ଅଂଶୁପା ଆଦି ମୋର କିଛି ଚିତ୍ରର ସଂଜ୍ଞା ରହିଛି। ପ୍ରଦର୍ଶିତ ଚିତ୍ରଗୁଡ଼ିକର ବିକ୍ରୟରୁ ମିଳୁଥିବା ଆୟକୁ ନିଜ ଗ୍ରାମର ଏକ ବିଦ୍ୟାଳୟର ବିକାଶ ଓ ଗରିବ ମେଧାବୀ ବିଦ୍ୟାର୍ଥୀଙ୍କୁ ବୃତ୍ତି ପ୍ରଦାନରେ ବିନିଯୋଗ କରାଯିବ ବୋଲି ସେ କହିଥିଲେ। ପ୍ରଦର୍ଶନୀର ଉଦ୍‌ଘାଟନୀ ଅବସରରେ ଅତିଥି ଭାବେ ଆଇ.ସି.ସି.ଆର୍.ର ଉପସଭାପତି ଅଦ୍ୱୈତ ଗଡ଼ନାୟକ, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ବିଶିଷ୍ଟ ଚିତ୍ରକର ଯତୀନ ଦାସ, ବୈଦେଶିକ ମନ୍ତ୍ରଣାଳୟର ପୂର୍ବତନ ସଚିବ ଅମରେନ୍ଦ୍ର ଖଟୁଆ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏବଂ ପି.ଜି.ସି.ଆଇ.ଏଲ୍.ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୱାଇ.ଭି. ଦୀଖିଲ ଯୋଗଦେଇ ବିଶ୍ୱାଳଙ୍କ ଚିତ୍ରକଳାର ପ୍ରଶଂସା କରିଥିଲେ।

## 'ବିଶ୍ୱନାଥ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ'

### ସଂସ୍କୃତି ମନ୍ତ୍ରୀଙ୍କୁ ପତ୍ର ଲେଖିଲେ ମନ୍ତ୍ରୀ ଗୋକୁଳାନନ୍ଦ

ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ବରପୁତ୍ରଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ବିଶ୍ୱନାଥ ଦାସ ଅନ୍ୟତମ। ରାଜ୍ୟର ଏହି ମହାପୁରୁଷଙ୍କ ସ୍ମୃତି ରକ୍ଷା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ରାଜ୍ୟରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପତ୍ର ମାଧ୍ୟମରେ ସେ ଅନୁରୋଧ କରିଛନ୍ତି। ଭାଷାଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଏବଂ ଓଡ଼ିଆ ଭାଷା, ସଂସ୍କୃତିର ବିକାଶ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଅବିଭକ୍ତ ଗଞ୍ଜାମର ରୟତ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢେଇରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ପୋଲସରାଠାରେ ଜନନାୟକ ବିଶ୍ୱନାଥ ଦାସଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ସହ ପ୍ରତ୍ୟେକ ବର୍ଷ ତାଙ୍କ ଜନ୍ମ ଦିବସକୁ ରାଜ୍ୟସ୍ତରୀୟ ଉତ୍ସବ ଭାବରେ ପାଳନ କରିବାକୁ ଅନୁରୋଧ କରିଛନ୍ତି ମନ୍ତ୍ରୀ ଗୋକୁଳାନନ୍ଦ।

## ରୋଡ୍‌ଶୋ'ରେ ଚାରା ବିତରଣ

କଟକ,୩।୮ (କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ବ୍ୟୁରୋ ଏବଂ ରୋଟାରୀ କ୍ଲବ୍ କଟକର ମିଳିତ ସହଯୋଗରେ ଶନିବାର ଚାରା ବିତରଣ କରାଯାଇଛି। କଲେଜ ଛକରେ ଏକ ରୋଡ ସୋ' ମାଧ୍ୟମରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରର ଚାରାଗଛ ବିତରଣ କରାଯାଇଛି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ବହୁ ସ୍ୱେଚ୍ଛାସେବୀ, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଏବଂ ରୋଟାରୀଆନମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀମାନେ କଲେଜ ଛକ ଅଞ୍ଚଳରେ ଚାରା ବାଣ୍ଟିଲେ ଏବଂ ଗଛ ଲଗାଇବା ପାଇଁ ସଚେତନ କଲେ। ରୋଟାରୀ ଗଭର୍ଣ୍ଣର ଯାଜ୍ଞାଶିଷ ମହାପାତ୍ର, ରୋଟାରୀଆନ ପିଡିଜି ଶିବବ୍ରତ ଦାସ, ସୌମ୍ୟରଞ୍ଜନ ମିଶ୍ର, ଅଶୋକ ମହାପାତ୍ର, ଏନ୍ଏସ୍ଏସ୍ ବ୍ୟୁରୋ ସଂଯୋଜକ ଡ. ବି.ସି. ଦାସ ସ୍ୱେଚ୍ଛାସେବୀମାନଙ୍କୁ ୧୦ଟି ଗଛ ଲଗାଇବାକୁ ଶପଥ ପାଠ କରାଇଥିଲେ।

## ଓଡ଼ିଶାରେ ହେବ 'ମିସ୍, ମିଷ୍ଟର ଓ ମିସେ୍ସ ଇଣ୍ଡିଆ' ଗ୍ରାଣ୍ଡ୍ ଫିନାଲେ

ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତା 'ମିସ୍, ମିଷ୍ଟର ଓ ମିସେ୍ସ ଇଣ୍ଡିଆ-୨୦୨୪ ଓଡିଶାରେ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୧୧ ଓ ୧୨ରେ ପୁରୀଠାରେ ସିଜନ ୬ର ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହେବ। ମହାରାଷ୍ଟ୍ର, ବିହାର, ଗୁଜରାଟ, ରାଜସ୍ଥାନ, ଆସାମ, ଛତିଶଗଡ ଓ ନାଗାଲାଣ୍ଡ ଆଦି ରାଜ୍ୟର ପ୍ରତିଭା ଏହି ଗ୍ରାଣ୍ଡ ଫିନାଲେରେ ଯୋଗଦେବେ ବୋଲି ମିଶନ ଡ୍ରିମସ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ପ୍ରିୟା ପ୍ରିୟମ୍ବଦା କହିଛନ୍ତି। ମିଶନ ଡ୍ରିମ୍‌ସ ପକ୍ଷରୁ ଶନିବାର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରିୟମ୍ବଦା ଏହି ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଟିମ୍ ଆଡ୍‌ମାର୍କର ପରିଚାଳନା ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ମିସ୍ ଇଣ୍ଡିଆ ୨୦୨୩ର ବିଜେତା ଅୟନା, ୨୦୨୨ ବିଜେତା କେ. ଆର୍. ସନ୍ତୋସିନୀ, ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ, ଚଳଚ୍ଚିତ୍ର ନିର୍ମାତା ଶାନ୍ତନୁ କୁମାର ସିଅ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଡ୍ରିମସ୍‌ର ଓଡ଼ିଶା ମୁଖ୍ୟ ପ୍ରଭାସ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ସିବି ପରିସରରୁ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୩।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କ୍ୟାମ୍ପସରୁ ଶନିବାର ଆଉ ଜଣେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣଙ୍କ ଏସ୍‌ସିବି ମେଡିକାଲ କ୍ୟାମ୍ପସରେ ଥିବା ହଷ୍ଟେଲର ଡାକ୍ତରୀ ଛାତ୍ର ବୋଲି ଜଣାପଡିଛି। ଏସ୍‌ସିବିରେ ଡେଙ୍ଗୁ ସ୍ଥିତିକୁ ଆୟତ୍ତରେ ଆଣିବା ନେଇ ସିଏମ୍‌ସି ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲରେ ସର୍ଭେ କରାଯାଇଥିଲା। ଏପରି କି ଜିଲା ସ୍ୱାସ୍ଥ୍ୟ ବିଭାଗର ଚିଠି ପରେ ମେଡିକାଲରେ ଟିମ୍ ଗଠନ କରାଯାଇଛି। କିନ୍ତୁ ଆକ୍ରାନ୍ତ ସଂଖ୍ୟା କମିବାର ନାଁ ଧରୁନି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୬୬ରେ ପହଞ୍ଚିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ଏସ୍‌ସିବି ମେଡିକାଲ ଉପରେ ଏବେ ନଜର ରହିଛି। ଏପରିକି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସର୍ଭେ ନେଇ ପୁନର୍ବାର ନିର୍ଦ୍ଦେଶ ଦିଆଯାଇଛି। ମେଡିକାଲ କର୍ତ୍ତୃପକ୍ଷ ଏନେଇ ସତର୍କତା ଅବଲମ୍ବନ କରିବା ଆବଶ୍ୟକତା ରହିଛି। ଏଥିସହ ଡାକ୍ତର ଛାତ୍ରୀଛାତ୍ର ସଚେତନ ହେବା ଜରୁରୀ ବୋଲି ବେଉରା କହିଛନ୍ତି।

## 'ବିଚାରପତି ସାମ୍ବିଧାନିକ ନୈତିକତା ରକ୍ଷା କରିବା ଉଚିତ'

### ୨ ଦିନିଆ ଜାତୀୟ ନ୍ୟାୟିକ ସମ୍ମିଳନୀ ଉଦ୍‌ଘାଟିତ

କଟକ,୩।୮ (କାର୍ତ୍ତିକ ସାହୁ)




ଜାତୀୟ ନ୍ୟାୟିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଶା ହାଇକୋର୍ଟ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ଦ୍ୱାରା ୨ଦିନିଆ ଜାତୀୟ ନ୍ୟାୟିକ ସମ୍ମିଳନୀ ଏକାଡେମୀର ଗତିକୃଷ୍ଣ ମିଶ୍ର ମେମୋରିଆଲ ସମ୍ମିଳନୀ କକ୍ଷରେ ଶନିବାରଠାରୁ ଆରମ୍ଭ ହୋଇଛି। ସୁପ୍ରିମ୍‌କୋର୍ଟ ବିଚାରପତି ସୂର୍ଯ୍ୟ କାନ୍ତ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବିଚାରପତିମାନେ ସାମ୍ବିଧାନିକ ନୈତିକତାକୁ ରକ୍ଷା କରିବା ଉଚିତ୍। ସମସାମୟିକ ନ୍ୟାୟିକ ବିକାଶ ଏବଂ ଆଇନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ନ୍ୟାୟକୁ ସୁଦୃଢ଼ କରିବା ଶୀର୍ଷକ ପୂର୍ବ ମଣ୍ଡଳ-୧ ସ୍ତରୀୟ ଆଞ୍ଚଳିକ ସମ୍ମିଳନୀରେ ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ପ୍ରଶିକ୍ଷଣ ସମିତି ଅଧ୍ୟକ୍ଷ ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ତଥା ଜାତୀୟ ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ଅନିରୁଦ୍ଧ ବୋଷ ସମାରୋହର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏହି ସମ୍ମିଳନୀର ଆୟୋଜନ ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ।

ପ୍ରକାଶ ଯେ, ସୁପ୍ରିମ୍‌କୋର୍ଟ ବିଚାରପତି ଅଭୟ ଏସ୍. ଓକ, ଆସନୁଦ୍ଦିନ ଅମାନୁଲ୍ଲାହ, ପ୍ରଶାନ୍ତ କୁମାର ମିଶ୍ର, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ମଧ୍ୟପ୍ରଦେଶ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୀବ ସଚଦେବ, ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତି ଅନୁଭା ରାଓତ ଚୌଧୁରୀ, ମାଡ୍ରାସ୍ ହାଇକୋର୍ଟ ବିଚାରପତି ଡ. ଅନୀତା ସୁମନ୍ତ ଏବଂ ସୁପ୍ରିମକୋର୍ଟର ସହକାରୀ ସଲିସିଟର ଜେନେରାଲ ନବୀନ ଭେଙ୍କଟରମଣ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ସାମ୍ବିଧାନିକ ନୈତିକତା, ସମସାମୟିକ ସାମ୍ବିଧାନିକ ଧାରା, ସାମାଜିକ ନୈତିକତା, ନ୍ୟାୟିକ ଆଭିମୁଖ୍ୟ ମାଧ୍ୟମରେ ସାମ୍ବିଧାନିକ ନୈତିକତା ଧାରଣାର ବିବର୍ତ୍ତନ, ସମ୍ବିଧାନ ଟ୍ରଷ୍ଟ ମାଧ୍ୟମରେ ନ୍ୟାୟିକ ନବସୃଜନ ବଳିଷ୍ଠ ନୀତିଗ୍ରହଣ ବନାମ ପ୍ରତାରଣା, ସମବାୟ ସଂଘୀୟ ବ୍ୟବସ୍ଥା, ନୈତିକ ମାନଦଣ୍ଡ, ନ୍ୟାୟିକ ନିୟମ ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ବିଚାରପତିମାନଙ୍କ ଆଚରଣ, ନିଷ୍ପତ୍ତି ନେବାରେ ନିରପେକ୍ଷତା, ନ୍ୟାୟିକ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଅଖଣ୍ଡତା ଓ ନିରପେକ୍ଷତା, ଯୋଗାଯୋଗ ଦକ୍ଷତା, ନୈତିକ ଦ୍ୱନ୍ଦ୍ୱ ଓ ସମ୍ଭାବ୍ୟ ସମାଧାନ, ଭାଷା ଓ ଆଇନ ଡ୍ରାଫ୍ଟିଂ ସଂକ୍ଷିପ୍ତତା, ବାକ୍ୟ ସଂରଚନା ଏବଂ ସମ୍ପାଦନା ପାଇଁ ଆଇନଗତ ବିଶ୍ଳେଷଣ, ବିଚାରରେ ସ୍ୱଚ୍ଛତା, ସମ୍ବେଦନଶୀଳତା ଜନସାଧାରଣଙ୍କ ବିଶ୍ୱାସ ଆଦି ଅନେକ ପ୍ରସଙ୍ଗ ଉପରେ ସମ୍ମିଳନୀରେ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି।

ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ହାଇକୋର୍ଟର ବିଚାରପତିମାନଙ୍କ ସମେତ ଏହି ୪ଟି ରାଜ୍ୟର ଜିଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ସମ୍ମିଳନୀରେ ଯୋଗଦେଇଛନ୍ତି। ଓଡ଼ିଶା ହାଇକୋର୍ଟର ବିଚାରପତି, ଅଧିକାରୀ, ଓଡ଼ିଶା ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ୍ କୁମାର ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉଦ୍‌ଘୋଷିକା ସୁକନ୍ୟା ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଓଡ଼ିଶାରେ ପହଞ୍ଚିଲା ଡା. ବିଷ୍ଣୁପ୍ରସାଦଙ୍କ ମରଶରୀର

### ଚୌଦ୍ୱାରରେ ଶୋକାକୁଳ ପରିବେଶ

ଚୌଦ୍ୱାର,୩।୮ (ଆଶୁତୋଷ ଦାସ)

କେରଳର ୱାୟନାଡ୍‌ରେ ହୋଇଥିବା ଭୂସ୍ଖଳନରେ ମୃତ ଓଡ଼ିଆ ଡା. ବିଷ୍ଣୁ ପ୍ରସାଦ ଚିନାରାଙ୍କ ମରଶରୀର ଆମ୍ବୁଲାନ୍ସ ଯୋଗେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛି। ପରେ ରାତି ପ୍ରାୟ ୮ଟା ୪୫ ମିନିଟ୍‌ରେ କଟକ ଜିଲା ଚୌଦ୍ୱାର ପୌରପାଳିକା ଅଧୀନ ୧୯ ନମ୍ବର ୱାର୍ଡ ହାଉସିଂବୋର୍ଡ ଫେଜ୍-୨ସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଭାଜପା ନେତା ନୟନ କିଶୋର ମହାନ୍ତି, ସୁବ୍ରତ ସାମଲ ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କ୍ଲବ୍ ଓ ଅନୁଷ୍ଠାନ ପକ୍ଷରୁ ଚିନାରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟପକ୍ଷରେ ଭୂସ୍ଖଳନରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଚିନାରାଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ପାଲ୍ କେରଳସ୍ଥିତ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥିବାବେଳେ ବିମାନ ଯୋଗେ ଶନିବାର ରାତି ପ୍ରାୟ ୮ଟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତେବେ ଭୂସ୍ଖଳନରେ ଡା. ସ୍ୱାଧୀନ ପଣ୍ଡା ଏବେ ବି ନିଖୋଜ ଥିବାବେଳେ ତାଙ୍କ ବାନ୍ଧବୀ ଡା. ସ୍ୱୀକୃତି ମହାପାତ୍ର ଗୁରୁତର ଅବସ୍ଥାରେ କେରଳର ଏକ ହସ୍ପିଟାଲରେ ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଛନ୍ତି। ୪୮ ଘଣ୍ଟା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସ୍ପଷ୍ଟ ହେବ। ତେବେ ଭେଣ୍ଟିଲେଟରରୁ ବାହାରିବା ପରେ ବି ୧୦ ଦିନ ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଜାରି ରହିବ ବୋଲି ହସ୍ପିଟାଲ ପକ୍ଷରୁ ଜଣାପଡିଛି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇଂଲିଶ ପତ୍ରିକା 'ଇନ୍‌ସାଇଡ୍ କଭର' ଉନ୍ମୋଚିତ

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)

ମାସିକ ଇଂଲିଶ ପତ୍ରିକା 'ଇନ୍‌ସାଇଡ୍ କଭର'ର ସ୍ୱତନ୍ତ୍ର ସଂସ୍କରଣକୁ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଏହା ଏକ ଉଚ୍ଚକୋଟୀର ପତ୍ରିକା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପତ୍ରିକା ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଭାଜପାର ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ଏକାମ୍ର ନିର୍ବାଚନ ମଣ୍ଡଳୀ ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଅନୁଷ୍ଠାନର ଉପଦେଷ୍ଟା ତଥା ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ ସଭାପତି ସରୋଜ କାନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ସମ୍ପାଦକ ଜଗନ୍ନାଥ ପ୍ରସାଦ ସାହୁ କାର୍ଯ୍ୟ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଶତବାର୍ଷିକୀ ପୁଣ୍ୟତିଥିରେ ବଡ଼େ ହରିହର ଗୁରୁଙ୍କ ସ୍ମୃତି ଚାରଣ

ପୁରୀ, ୩।୮ (ଅଜିତ୍ କୁମାର ମହାନ୍ତି)

ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର ବଡ଼େ ହରିହର ଗୁରୁଙ୍କ ଶତବାର୍ଷିକୀ ପୁଣ୍ୟତିଥି ସ୍ମୃତି ସମାରୋହ ପୌରସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସେବାୟତ ତଲୁଛ ନୀଳକଣ୍ଠ ମହାପାତ୍ର, ଗୀତିକାର ବଦ୍ରି ମିଶ୍ର ଯୋଗଦେଇ ବଡ଼େ ହରିହର ଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ସଂସଦ ସଭାପତି ରବିନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସ୍ୱାଗତ ଭାଷଣ ଓ ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ସେବାୟତ ହରେକୃଷ୍ଣ ପୂଜାପଣ୍ଡା ସାମନ୍ତ, ବରିଷ୍ଠ ଅଧିବକ୍ତା ରାମପ୍ରସାଦ ଦାଶ, ଡାକ୍ତର ଦୀପଙ୍କର ଦାସଗୁପ୍ତା, ବୀରେନ୍ଦ୍ର ନାରାୟଣ ଗୋଛିକାର, ଡାକ୍ତର ହରିବଲ୍ଲଭ ମହାପାତ୍ର, ଶ୍ରେଷ୍ଠ ଛାତ୍ର ସୁବ୍ରତ କୁମାର ଦାଶ ଏବଂ ଜିତ୍ ନାରାୟଣ ପୂଜାପଣ୍ଡାଙ୍କୁ 'ପ୍ରତିଭା ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ପୂର୍ବରୁ ଅନୁଷ୍ଠିତ ପାରମ୍ପରିକ ଭକ୍ତିସଙ୍ଗୀତ, ଶ୍ଳୋକ ଆବୃତ୍ତି, ସାଧାରଣ ଜ୍ଞାନ, ଚିତ୍ରକଳା ଓ କ୍ୟାରମ୍ ପ୍ରତିଯୋଗିତାର କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସଂସଦର ଯୁଗ୍ମ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତିଙ୍କ ସଂଯୋଜନାରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ, ବାଣୀଶ୍ରୀ ସଙ୍ଗୀତ ଏକାଡେମୀ, ନବ ପ୍ରତିଭା ଓ ନାଚଘର ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶିଷ୍ଟ ସିତାରବାଦକ କୋଲକାତାର ଅଭିଷେକ ମଲ୍ଲିକ ସିତାର ବାଦନ କରିଥିଲେ। ଆନ୍ଦୋଳନ ଥିଏଟର ଖୋର୍ଦ୍ଧା ପକ୍ଷରୁ ନାଟକ 'ସେବକ ଦର୍ପଣ ଦାନବୀର' ମଞ୍ଚସ୍ଥ ହୋଇଥିଲା। ଜମେଶ୍ୱର ପୂଜାପଣ୍ଡା, ସୋମନାଥ ଗୁରୁ, ସତ୍ୟନାରାୟଣ ଗୁରୁ, ପ୍ରେମନାଥ ଗୁରୁ, ଅମରନାଥ ଗୁରୁ, ହରିହର ଗୁରୁ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ କୁମାର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଂସଦର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲରେ ଆସିଲାନି ପାଣି, ଚିନ୍ତାରେ ଚାଷୀ

ବଳଙ୍ଗା, ୩।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଚନ୍ଦନପୁର ଶାଖା କେନାଲରେ ଦଳ, ଅଳିଆ, ଅନାବନା ଗଛପତ୍ରରେ ଭର୍ତ୍ତି ହୋଇ ଜଙ୍ଗଲରେ ପରିପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଚାଷୀଙ୍କ ନିକଟରେ ପାଣି ପହଞ୍ଚିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀ ବିଲରେ ତଳି ରୋଇପାରୁନାହାଁନ୍ତି। ଚାଷୀଙ୍କ କେନାଲ ପାଣିର ଆବଶ୍ୟକତା ରହୁଛି। ଏ ପର୍ଯ୍ୟନ୍ତ ସେମାନଙ୍କ ଜମି ମୁଣ୍ଡକୁ କେନାଲ ପାଣି ପହଞ୍ଚି ପାରୁନାହିଁ। କେନାଲ ସଫା କରିବା ଆଳରେ ଜଳସମ୍ପଦ ବିଭାଗ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଠିକ୍ ଭାବେ ସଫେଇ ହେଉ ନ ଥିବା ଦେଖିବାକୁ ମିଳିଛି। ଚନ୍ଦନପୁର ଶାଖା କେନାଲ ସଫେଇ ପାଇଁ ଟେଣ୍ଡର ଡକାଯାଇ ଠିକାଦାର ମନୋନୟନ କରାଯାଇଛି। କିନ୍ତୁ ସଫେଇ ପୂର୍ବରୁ କେନାଲରେ ପାଣି ଆସିବା ଦ୍ୱାରା ଠିକ ଭାବେ ସଫେଇ ହୋଇପାରୁନାହିଁ। ଉପଶାଖା କେନାଲଗୁଡ଼ିକରେ ସଫା କରିବାକୁ ପାଣି ପଞ୍ଚାୟତଙ୍କୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ସେମାନେ ଏ ପର୍ଯ୍ୟନ୍ତ ଶାଖା କେନାଲଗୁଡ଼ିକୁ ଉତ୍ତମ ଭାବରେ ସଫା କରୁ ନ ଥିବାରୁ ତଳମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ



କେଶରୀ ମହାନ୍ତି କହିଛନ୍ତି, କାମ ଚାଲିଛି। ଚାଷୀଙ୍କ ନିକଟରେ ପାଣି ପହଞ୍ଚାଇବା ଲାଗି ସମସ୍ତ ବ୍ୟବସ୍ଥା କରାଯାଉଛି। ଯଦି କୌଣସି ସ୍ଥାନରେ ପାଣି ପହଞ୍ଚିବାରେ ସମସ୍ୟା ଉପୁଜେ, ତେବେ ସଫା କରିବାକୁ ପଦକ୍ଷେପ ନିଆଯିବ। ଏପଟେ ଚାଷୀମାନେ କହୁଛନ୍ତି, ଘାସ ମରା ଔଷଧ ପକାଇ ତରବରିଆ ଭାବେ ଠିକାଦାର ଓ ପାଣି ପଞ୍ଚାୟତ ଅଧିକାରୀ କମ୍ ଖର୍ଚ୍ଚରେ ସଫା କରୁଛନ୍ତି। ଚାଷୀମାନେ ଏ ବିଷୟକୁ ନେଇ ତଦନ୍ତ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

# ଜଗମୋହନରୁ ହଟିଲା ବ୍ୟାରିକେଡ

ପୁରୀ, ୩।୮ (ଅଜିତ୍ କୁମାର ମହାନ୍ତି)

**ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଧନ୍ୟବାଦ ଜଣାଇଲେ ବାଲୁକା ଶିଳ୍ପୀ**

ଶ୍ରୀମନ୍ଦିର ଜଗମୋହନ ମଝି ସ୍ଥାନରେ ଷ୍ଟିଲ ବ୍ୟାରିକେଡ ଦ୍ୱାରା ଆବଦ୍ଧ କରାଯାଇ ତାଲା ପକାଇ ରଖାଯାଇଥିଲା। ଉକ୍ତ ମଝି ସ୍ଥାନରେ କାଠର ପିଣ୍ଡି ପକାଯାଇଥିଲା। ଯେଉଁ ସମୟରେ ଭିଆଇପି ବ୍ୟକ୍ତି ଓ ତାଙ୍କ ପରିବାର ଲୋକ ଶ୍ରୀବିଗ୍ରହଙ୍କ ଦର୍ଶନ ନିମନ୍ତେ ଆସୁଛନ୍ତି ଉକ୍ତ ସମୟରେ ବ୍ୟାରିକେଡ ତାଲା ଖୋଲାଯାଇ ସେଠାରୁ ସେମାନଙ୍କୁ ଦର୍ଶନ ଯୋଗାଇ ଦିଆଯାଉଛି। ମାତ୍ର ସାଧାରଣ ଲୋକଟିଏ ଦର୍ଶନ ସୁବିଧା ପାଇପାରୁ ନାହାନ୍ତି। ଅପରପକ୍ଷେ ବାହାର କାଠ ନିକଟରେ ପ୍ରବଳ ଗହଳି ସୃଷ୍ଟି ହେଉଥିଲା। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଶନିବାର ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶ୍ରୀମନ୍ଦିରରେ ଏହି ଦୃଶ୍ୟ ଦେଖିବା ପରେ ଏହାକୁ ବିରୋଧ କରିଥିଲେ। ଏଥିସହ ସେ ଉକ୍ତ ସମସ୍ୟାକୁ ଚିତ୍ର ମାଧ୍ୟମରେ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଭିଆଇପିଙ୍କ ଦର୍ଶନ ନିମନ୍ତେ ଏପରି ବ୍ୟବସ୍ଥାକୁ ଅନୁମତି ଦିଆ ନ ଯିବା ଉଚିତ୍ ବୋଲି ଦର୍ଶାଇଥିଲେ। ଏନେଇ ପଟ୍ଟନାୟକ ଶ୍ରୀମନ୍ଦିର ପରିଚାଳନା କମିଟି ଗ୍ରୁପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କୁ ଜଣାଇ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନିମନ୍ତେ ବ୍ୟାରିକେଡ ଓ କାଠ ପୋଡିୟମକୁ କାଢିବାକୁ ନିବେଦନ କରିଥିଲେ। ତେବେ ସୁଦର୍ଶନଙ୍କ ଅଭିଯୋଗକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବିଚାରକୁ ନେଇ କାଠ ପୋଡିୟମ ଏବଂ ବ୍ୟାରିକେଡ ହଟାଇବାକୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାରୁ ତାକୁ ସମ୍ପୂର୍ଣ୍ଣ ରୂପେ କଢାଯାଇଛି। ଭବିଷ୍ୟତରେ ଏପରି କୌଣସି କାର୍ଯ୍ୟ ନ କରିବାକୁ କହିବା ସହ ମୁଖ୍ୟ ପ୍ରଶାସକ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ବିନା ଅନୁମତିରେ କୌଣସି କାର୍ଯ୍ୟ ନ କରିବାକୁ ମୁଖ୍ୟ ପ୍ରଶାସକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଟ୍ଟନାୟକଙ୍କ ଅନୁରୋଧ ରକ୍ଷା କରିଥିବାରୁ ସେ ମୁଖ୍ୟ ପ୍ରଶାସକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନକଲି ସାର, କୀଟନାଶକ ବିକ୍ରି ଅଭିଯୋଗ, ଚାଷୀ ଅସନ୍ତୁଷ୍ଟ

ଗୋପ, ୩।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଞ୍ଚଳରେ ଏବେ ନକଲି ସାର କୀଟନାଶକ ବିକ୍ରିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଥିବାବେଳେ କୃଷି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଏପରିକି ସାର ବିକ୍ରୟକାରୀ ଓ କୃଷି ଅଧିକାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ଖୁଲମଖୁଲା ଚୋରାରେ ଏ ସବୁ ବିକ୍ରି ହେଉଛି।

ପ୍ରକାଶ ଯେ, ନିଅଣ୍ଟିଆ ବର୍ଷା ଯୋଗୁ ଚାଷକାର୍ଯ୍ୟ ସେତେଟା ଆଗେଇ ପାରି ନ ଥିବାବେଳେ କେନାଲ ପାଣି ଠିକ୍ ଭାବେ ଚାଷଜମିରେ ପହଞ୍ଚି ପାରିନାହିଁ। ଶ୍ରାବଣ ମାସ ଅଧା ହୋଇଥିଲେ ମଧ୍ୟ ମଝିରେ ମଝିରେ ଝିପିଝିପି ବର୍ଷା ହେଉଥିବାବେଳେ ଅଧିକାଂଶ ସମୟ ଖରା ହେଉଛି। ଗୋପ ବ୍ଲକ ଅଞ୍ଚଳରେ ଯେଉଁଠି ଖାଲଜମି ରହିଛି, ସେହି ସବୁ ଚାଷଜମିରେ ରୁଆ ବେଉଷଣ କାମ ଆରମ୍ଭ ହୋଇଛି। ଏପରି ଅବସ୍ଥାକୁ ନେଇ ଚାଷୀମାନେ ଚାଷରୁ ବିମୁଖ ହୋଇଥିବାବେଳେ ସାର ବ୍ୟବସାୟୀ ଏପରି ଏକ ଘଡିସନ୍ଧି ସମୟରେ ନକଲି ଚୋରା ସାର, କୀଟନାଶକ ବିକ୍ରି କରି ଚାଷୀଙ୍କ ମନୋବଳ ଭାଙ୍ଗି ଦେଉଥିବା ଭଳି ଚାଷୀ ପରମାନନ୍ଦ ସ୍ୱାଇଁ, ଲୋକନାଥ ସ୍ୱାଇଁ, ଭଗବାନ ପ୍ରଧାନ, ସର୍ବେଶ୍ୱର ନାୟକ କହିଛନ୍ତି। ଗୋପ ବ୍ଲକ ଅଞ୍ଚଳ ବେଗୁନିଆ, ଗୋପ, ନାଗପୁର, ଗଣେଶ୍ୱରପୁର, ନୟାହାଟ, ନାଗପୁର, ଛଇତନା ଦଳନଇ, ବନାଖଣ୍ଡି, କୋଣାର୍କ, ସୁବର୍ଣ୍ଣପୁର ସହିତ ଆଉ କେତେକ ସ୍ଥାନରେ ଦୋକାନୀ ଖୁଲମଖୁଲା ଭାବେ ନକଲି ସାର, କୀଟନାଶକ ବିକ୍ରି କରୁଛନ୍ତି। ବାରମ୍ବାର କୃଷି ବିଭାଗ ଅଧିକାରୀଙ୍କ ନିକଟରେ ଏପରି ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏହି ଅଭିଯୋଗକୁ ନେଇ ଜିଲା କୃଷି ଅଧିକାରୀ ସତ୍ୟନାରାୟଣ କରଙ୍କୁ ପଚାରିବାରେ, ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବା ସହିତ ଖୁବ୍‌ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ପୁରୀ ପୌର ପରିଷଦରେ ବଡ଼େ ହରିହର ଗୁରୁଙ୍କ ସ୍ମୃତି ସମାରୋହ ଅବସରରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

### ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ବେଳାଭୂମି ସଫେଇ

ପୁରୀ, ୩।୮ (ଅଜିତ୍ କୁମାର ମହାନ୍ତି)

ଯାଜପୁରର ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ପୁରୀ ବେଳାଭୂମି ସଫେଇ କରାଯାଇଛି। ଦିଗବାରେଣୀ ଛକଠାରୁ ପୁରୀ ହୋଟେଲ ପର୍ଯ୍ୟନ୍ତ ଏହି ସଫେଇ କରାଯାଇଥିଲା। ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହସାଙ୍ଗଠନିକ ସମ୍ପାଦକ ତାରାକାନ୍ତ ମଲ୍ଲିକ, ସଂଯୋଜକ ପ୍ରଶାନ୍ତ କୁମାର ପତି ଓ କୋର୍ କମିଟି ସଦସ୍ୟ ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖଙ୍କ ନେତୃତ୍ୱରେ ପୁରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସ୍ୱଚ୍ଛତା ହିଁ ସେବା। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରରେ ବିଶେଷକରି ମହୋଦଧି କୂଳରେ ଆମେ ସଫେଇ କରିବାର ସୁଯୋଗ ପାଇଥିବାରୁ ଆନନ୍ଦିତ ବୋଲି ଅନୁଷ୍ଠାନର ସଭାପତି ଓ ସମ୍ପାଦକ କହିଛନ୍ତି।

### ସବୁଜ ସୁନ୍ଦର ଅଭିଯାନ

କଣାସ, ୩।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଯାମଳଗୋଦା ଗ୍ରାମପଞ୍ଚାୟତର ବସନ୍ତପୁର ଗ୍ରାମର ଏକ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଶନିବାର ବସନ୍ତପୁର ବିଦ୍ୟାଳୟ ନିକଟରେ ସବୁଜ ସୁନ୍ଦର କରିବାକୁ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ କଣାସ ବ୍ଲକ ବିଡିଓ ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ସମାଜ ଧ୍ୱଂସାଭିମୁଖୀ ହେବାକୁ ଯାଉଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ନିଜ ପୁଅକୁ ପାଳିଲା ପରି ଗୋଟିଏ ଗୋଟିଏ ଗଛ ଲଗା ତାହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ମାନସିଂ, ଅନୁଷ୍ଠାନ ମୁଖ୍ୟ ପରିଚାଳକ ନୀଳାଦ୍ରି ବିହାରୀ ପରିଡ଼ା ଓ ଗ୍ରାମର କେତେଜଣ ବୁଦ୍ଧିଜୀବୀ ଯୋଗଦେଥିଲେ। ରାସ୍ତାର ୨ ପାର୍ଶ୍ୱରେ ୩ଶହ ବିଭିନ୍ନ ଚାରାରୋପଣ କରାଯାଇଥିଲା।

# ଆଜି ଶ୍ରୀମନ୍ଦିରରେ ଚିତାଲାଗି

ପୁରୀ, ୩।୮ (ଅଜିତ୍ ମହାନ୍ତି)

**୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ**

ଶ୍ରାବଣ ଅମାବାସ୍ୟା ତଥା ଚିତାଲାଗି ଅମାବାସ୍ୟା ଅବସରରେ ରବିବାର ଅପରାହ୍ଣ ୨ଟାରୁ ସନ୍ଧ୍ୟା ୬ଟା ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚିତାଲାଗ ନୀତି ସମ୍ପନ୍ନ ହୋଇଥାଏ। ଦଇତାପତି ସେବକମାନେ ଏହି ନୀତି ସମ୍ପାଦନ କରିଥାନ୍ତି। ଏହା ଗୁପ୍ତ ନୀତି ହୋଇଥିବାରୁ ନୀତି ସମୟରେ ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିରରେ ପ୍ରଥମ ଭୋଗମଣ୍ଡପ ଶେଷ ହେବା ପରେ ଅନ୍ୟାନ୍ୟ ନୀତି ହୋଇ ଜୟବିଜୟ ଦ୍ୱାର ବନ୍ଦ ହେବ। ଏହାପରେ ଦଇତାପତି ସେବକମାନେ ଚିତାଲାଗି ପାଇଁ ଗର୍ଭଗୃହରେ ପ୍ରବେଶ କରିବେ। ବାଡ଼ଗ୍ରାହୀ ଦଇତା ପତି ମହାପାତ୍ର ରତ୍ନସିଂହାସନ ଉପରେ ଉଦ୍ଦିଷ୍ଟ କାଠଘୋଡ଼ା ଉପରେ ଚଢି ପାଟରା ଦେଇଥିବା ପାଟଡ଼ୋରାରେ ଉକ୍ତ ଚିତାକୁ ବାନ୍ଧି ଶ୍ରୀବିଗ୍ରହଙ୍କ ଶ୍ରୀମୁଖରେ ଲାଗି କରିବେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଉଜ୍ଜ୍ୱଳ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା, ମା' ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲାଗି କରାଯିବ। ଦଇତାମାନେ ଚିତା ଲାଗି କରି ଗର୍ଭଗୃହରୁ ଆସିଲା ପରେ ପାଳିଆ ମେକାପ ରତ୍ନସିଂହାସନ ମାର୍ଜଣା କରିବେ। ପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ଅସ୍ତରଙ୍ଗ, ୩।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ ନାୟକ, ମୁଖ୍ୟବକ୍ତା ଭାବେ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ରମାନାଥ ପରିଡ଼ା ଶୁଭାରମ୍ଭ କରିଥିଲେ। ଶିଶୁ ବୋଧଠାରୁ ୧୦ମ ପର୍ଯ୍ୟନ୍ତ ୭୫ଟି ପ୍ରକଳ୍ପ ଶିଶୁ ବିଜ୍ଞାନୀମାନେ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକମଣ୍ଡଳୀ ତଥା ସୁରେନ୍ଦ୍ର ସ୍ୱାଇଁ, ଅଭିମନ୍ୟୁ ନାୟକ, ପ୍ରଧାନ ଆଚାର୍ଯ୍ୟ ଅଶୋକ ପରିଡ଼ା ପ୍ରମୁଖ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ଅତିଥିମାନେ ଯୋଗଦେଇ ଶିଶୁ ବିଜ୍ଞାନୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି କରିବାକୁ ସୁନ୍ଦର ଗଳ୍ପ ମାଧ୍ୟମରେ ପ୍ରେରଣା ଯୋଗାଇଥିଲେ। ଯେଉଁମାନେ ଆଜିର ବିଜ୍ଞାନ ମେଳାରେ ନୂତନ ପ୍ରୟୋଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ସେମାନେ ସଙ୍କୁଳସ୍ତରକୁ ମନୋନୀତ ହୋଇଥିବା ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ବିପିନ ବିହାରୀ ମହାନ୍ତି, ସମ୍ପାଦକ ବିଜୟ ଭଟ ଓ ଅନ୍ୟ ସଦସ୍ୟ, ସଦସ୍ୟା ସହ ବିଦ୍ୟାଳୟ ଗୁରୁମା ଗୁରୁଜୀ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ଗୁରୁଜୀ ପ୍ରଦୀପ୍ତ ବେହେରା ଧନ୍ୟବାଦ ଅର୍ପଣ ଦେଇଥିଲେ।

# କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟର ୩୮ତମ ପ୍ରତିଷ୍ଠା ଦିବସ

ପୁରୀ, ୩।୮ (ଅଜିତ୍ କୁମାର ମହାନ୍ତି)

ପୁରୀ କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟରେ କଲେଜର ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୭୩ତମ ଜନ୍ମ ବାର୍ଷିକ ଓ କଲେଜର ୩୮ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ କଲେଜ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଧ୍ୟକ୍ଷ ଅମିୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରକ୍ତଦାନ ଏକ ମହତଦାନ ଏହି ଉକ୍ତିକୁ ଲକ୍ଷ୍ୟରେ ରଖି କଲେଜର ୫୩ ଜଣ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବଂଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରିବା ସହିତ ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ, ପରିଶ୍ରମୀ ଓ ଉଚ୍ଚକୋଟୀର ମଣିଷ ଥିଲେ ବୋଲି କହିଥିଲେ। ସଭାକାର୍ଯ୍ୟରେ ପୁରୀର ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ସମାଜସେବୀ ପ୍ରଦୀପ କୁମାର ମହାନ୍ତି ମୁଖ୍ୟବକ୍ତା ଓ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ବୟୋଜେଷ୍ଠ ସଭ୍ୟ ଲୋକନାଥ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। କଲେଜର ଅଧ୍ୟକ୍ଷ ମିଶ୍ର କହିଥିଲେ, ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଜଣେ ଏକାଧାରରେ ସାହିତ୍ୟକ, ସାମ୍ବାଦିକ, ଆଇନଜୀବୀ, ସମାଜସେବୀ, ସଂଗଠକ ଓ ଶିକ୍ଷାବିତ୍ ଥିଲେ। ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଧର୍ମ ଧର୍ମ ମଧ୍ୟରେ ଭେଦଭାବ ଭଳି କଦର୍ଯ୍ୟ ଚିନ୍ତାଧାରାକୁ ଦୂର କରିବାକୁ ହେଲେ ଶିକ୍ଷା କ୍ଷେତ୍ରରେ ଉନ୍ନତିର ଆବଶ୍ୟକତା ଅଛି ବୋଲି ସେ ସବୁବେଳେ ଚିନ୍ତା କରୁଥିଲେ । ସେଥିପାଇଁ ସ୍ୱର୍ଗତ ମିଶ୍ର ତାଙ୍କ ଜୀବନ କାଳ ମଧ୍ୟରେ ବହୁତ ସ୍କୁଲ ଓ କଲେଜ ପ୍ରତିଷ୍ଠା କରିଥିଲେ। କଲେଜର ଚେୟାରପର୍ସନ୍ ଅନିମା ଦାସ ସଭାକାର୍ଯ୍ୟରେ ଯୋଗଦେଇ ଉପସ୍ଥିତ କଲେଜର ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ମିଶ୍ରଙ୍କ ପରି ଜଣେ କର୍ତ୍ତବ୍ୟନିଷ୍ଠ ଓ ପରୋପକାରୀ ବ୍ୟକ୍ତି ହୋଇ ସମସ୍ତଙ୍କ ସେବା କରିବା ପାଇଁ ଉପଦେଶ ଦେଇଥିଲେ।




ରକ୍ତଦାନ ଶିବିରରେ ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ନିଆଯାଉଛି ।

# ଓଡ଼ିଶାକୁ ସବୁଜିମା କରିବା ଆମ ସରକାରଙ୍କ ପରିକଳ୍ପନା

ନିମାପଡ଼ା, ୩।୮ (ବିଚିତ୍ରାନନ୍ଦ ସାହୁ)

ସମଗ୍ର ରାଜ୍ୟକୁ ସବୁଜିମା କରିବା, ଏକ ସବୁଜ ଓଡ଼ିଶା ଗଠନ କରିବା ଆମ ସରକାରଙ୍କ ପରିକଳ୍ପନା ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବନମହୋତ୍ସବ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ପରିବେଶର ସୁରକ୍ଷା ପାଇଁ ସବୁସ୍ତରରେ ସମସ୍ତ ବ୍ୟକ୍ତି, ଅନୁଷ୍ଠାନ, ଚାରାରୋପଣ ଜଙ୍ଗଲ ସୃଷ୍ଟି କରିବା ଦିଗରେ ବ୍ରତୀ ହୋବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଓ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ୭୫ତମ ବନ ମହୋତ୍ସବ ଓ ମା' ପାଇଁ ଗଛଟିଏ, ଚାରାରୋପଣ କାର୍ଯ୍ୟକ୍ରମ ନିମାପଡ଼ା ବ୍ଲକ ଅଧୀନ ଦିଘୋଳା ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ପୁରୀ ବନ ବିଭାଗ ଡିଏଫ୍‌ଓ ବିବେକ କୁମାର, ଏସିଏଫ୍ ଉତ୍ତମ କୁମାର ଗଡ଼ନାୟକ, ଅଶୋକ ବେହେରା, ଗୋପ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେଉରୀ, ପ୍ରଦୀପ ପାଣିଗ୍ରାହୀ, ସମିତି ସଭ୍ୟା ତିଲୋତ୍ତମା ବାରିକ୍, ପୁରୀ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ସେନାପତି ପ୍ରମୁଖ ଯୋଗଦେଇ ବୃକ୍ଷ ହିଁ ଜୀବନ, ବୃକ୍ଷର ଉପକାରିତା, ବୃକ୍ଷ ବଞ୍ଚିଲେ ମାନବ ସମାଜ ବଞ୍ଚିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମସ୍ତ ଅତିଥି, ବନବିଭାଗ ଅଧିକାରୀ, ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚାରାରୋପଣ କରିଥିଲେ। ପରିବେଶ ସୁରକ୍ଷା, ଚାରାରୋପଣ ସମ୍ପର୍କରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ ନୃତ୍ୟ, ସଙ୍ଗୀତ, ପଥପ୍ରାନ୍ତ ନାଟକ ଅତିଥି, ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଛାତ୍ରୀଛାତ୍ରମାନେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ବିଦ୍ୟାଳୟ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।




ବନ ମହୋତ୍ସବ ଅବସରରେ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ଦେଉଛନ୍ତି ।

# ଭୁବନେଶ୍ୱର ହେରିଟେଜ ଡେଭଲପମେଣ୍ଟ ଅଥରିଟି ପ୍ରତିଷ୍ଠା ପାଇଁ ପ୍ରସ୍ତାବ



ପୁରୁଣା ଭୁବନେଶ୍ୱର,୩।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ହେରିଟେଜ ଡେଭଲପମେଣ୍ଟ ଅଥରିଟି (ବିଏଚ୍‌ଡିଏ) ପ୍ରତିଷ୍ଠା ପାଇଁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଶନିବାର ପ୍ରସ୍ତାବ ଦିଆଯାଇଛି। ଏମ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ବୈଠକ ବସି ୩ ବିଧାନସଭା ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ଯୋଜନା ଚିଠା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଭାଜପା ନେତ୍ରୀ ରଶ୍ମୀ ମହାପାତ୍ର କହିଲେ, ଭୁବନେଶ୍ୱର ହେଉଛି ମନ୍ଦିରମାଳିନୀ ସହର। ଶ୍ରୀଲିଙ୍ଗରାଜ ମନ୍ଦିର ସହିତ ଶିଖରଚଣ୍ଡୀ, ଖଣ୍ଡଗିରି, ଧଉଳି ଭଳି ବୌଦ୍ଧ ଏବଂ ଜୈନପୀଠ ରହିଛି। ଏହିସବୁର ସଂରକ୍ଷଣ, ବିକାଶ ଏବଂ ସୁରକ୍ଷା ପାଇଁ ବିଏଚ୍‌ଡିଏ କାମ କରିବ। ବୈଠକରେ ଉପସ୍ଥିତ ଥିବା ଏମ୍‌ପି ଷଡ଼ଙ୍ଗୀ ଏହି ପ୍ରସ୍ତାବକୁ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାରେ ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସୁନୀତି ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱରର ରସୁଲଗଡ଼ ଛକ ଏବଂ ଏଥିସହ ସଂଯୁକ୍ତ ଜାତୀୟ ରାଜପଥ ଓ କଟକ ରୋଡ୍‌ରେ ଶନିବାର ସନ୍ଧ୍ୟାରେ ହୋଇଥିବା ଟ୍ରାଫିକ୍ ଜାମ୍‌ରେ ଗାଡିମୋଟର ଫସି ରହିଛି। ଅପରାହ୍ନ ପ୍ରାୟ ୫ଟା ୪୫ରୁ ରାତି ୮ଟା ପର୍ଯ୍ୟନ୍ତ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ରୋଗୀକୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ବହୁ ସମୟ ଧରି ଭିଡ଼ରେ ଅଟକି ରହିଥିଲା। ଏଠାରେ ବାରମ୍ବାର ଟ୍ରଫିକ୍ ଜାମ୍ ହେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ କରାଯାଉନି। ଏପରିକି ଟ୍ରାଫିକ୍ ଜାମ୍ ହେବା ସମୟରେ ଆବଶ୍ୟକ ଟ୍ରାଫିକ୍ ପୋଲିସ ନ ଥିବାରୁ ଓ ଘଟଣା ଘଟିବା ପରେ ତୁରନ୍ତ ଅଧିକ କର୍ମଚାରୀ ପହଞ୍ଚି ସ୍ଥିତି ସ୍ୱାଭାବିକ କରୁ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି।

## ସଂକ୍ଷେପରେ

### ଦକ୍ଷିଣ-ପୂର୍ବ ଜୋନ୍‌ରେ ବିଏମ୍‌ସିର ଚାରା ରୋପଣ

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)- 'ମାଆ ପାଇଁ ଗଛଟିଏ' ତଥା ସବୁଜ ଭୁବନେଶ୍ୱର ଅଭିଯାନର ଦ୍ୱିତୀୟ ଦିନରେ ଶନିବାର ବିଏମ୍‌ସି ପକ୍ଷରୁ ଦକ୍ଷିଣ-ପୂର୍ବ ଜୋନ୍‌ର ଦୁଇଟି ସ୍ଥାନରେ ଚାରା ରୋପଣ କରାଯାଇଛି। ମେଗା ପ୍ଲାଣ୍ଟେଶନ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଯୋଗଦେଇ ଚାରା ରୋପଣ କରିଥିଲେ। ୱାର୍ଡ ନଂ. ୨୮ ଅନ୍ତର୍ଗତ ତିରୁପତି ତିରୁମାଲା କଲ୍ୟାଣ ମଣ୍ଡପ ପାର୍ଶ୍ୱ ରାସ୍ତା କଡ ଏବଂ ଜୟଦେବ ବିହାର ଛକ ନିକଟରେ ଚାରା ରୋପଣ କରାଯାଇଥିଲା। ପୂର୍ବରୁ ଜୟଦେବ ବିହାର ଛକ ନିକଟରେ ଆବର୍ଜନା ପୂର୍ଣ୍ଣ ପରିବେଶ ରହିଥିଲା। ବିଏମ୍‌ସି ପକ୍ଷରୁ ସେହି ସ୍ଥାନକୁ ପରିଷ୍କାର କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେହିପରି ଷ୍ଟେଶନ ବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଧ୍ୟ ଚାରା ରୋପଣ କରାଯାଇଛି। ଏଠାରେ ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସହ ବିଦ୍ୟାଳୟ ଛାତ୍ରୀଛାତ୍ର ଶତାଧିକ ଚାରା ରୋପଣ କରିଥିଲେ।

### ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ସୂତ୍ର ଖୋଜନ୍ତୁ ଛାତ୍ରୀଛାତ୍ର

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା**

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ): ବରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଜ୍ଞାନ ବିଜ୍ଞାନ, ଭୂଗୋଳ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଧ୍ୟ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଓଡ଼ିଶା ବୈଷୟିକ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ସହକାରୀ ପ୍ରାଧାପକ ଡକ୍ଟର ବିଶ୍ୱଜିତ୍ ସାମନ୍ତରାୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ସୂତ୍ର ଖୋଜିବା ଲାଗି ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମୟାନୁବର୍ତ୍ତୀ ହେବା ଏବଂ ତୁଳନାତ୍ମକ ମନୋଭାବ ଦୂର କରି ନିଜନିଜ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସର୍ବଦା ଉଦ୍ୟମ କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟ ସମ୍ପାଦକ ରାହାସ ବିହାରୀ ନରେନ୍ଦ୍ର ପରିବର୍ତ୍ତିତ ପରିସ୍ଥିତିରେ ଶିଶୁ ବୈଜ୍ଞାନିକମାନଙ୍କ ଅନୁସନ୍ଧିତ୍ସା ହିଁ ସମସ୍ୟା ସମାଧାନର ସୂତ୍ର ବାହାର କରିପାରିବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କେତେନ ଦାଶ ଅତିଥି ପରିଚୟ ପ୍ରଦାନ କରି ବିଶ୍ୱତାପନର ହ୍ରାସ ବୃଦ୍ଧି ଅଧ୍ୟୟନ ଓ ଚିନ୍ତନ ଏହାକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ ବୋଲି ମତ ଦେଇଥିଲେ। ଏହି ମେଳାରେ ୧୭୩ଟି ବିଜ୍ଞାନ ପ୍ରକଳ୍ପ, ୩୯ଟି ଭୂଗୋଳ ପ୍ରକଳ୍ପ ଓ ୪ଶହରୁ ଊର୍ଦ୍ଧ୍ୱ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଛାତ୍ରୀଛାତ୍ର, ଅଭିଭାବକ ବିଜ୍ଞାନ ଭୂଗୋଳ ମେଳା ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ।

# 'ଠିକାଦାରଙ୍କୁ ତାଗିଦ କର, ଅଧୁରା କାମ ତୁରନ୍ତ ସାର'

## ଆରମ୍ଭ ହେଲା ଜୋନ୍ ଲେଭଲ୍ ମିଟିଂ

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)

ଅଧା ରହିଥିବା କାମ ତୁରନ୍ତ ସାର। କାମରେ ଖିଲାପ କଲେ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ୍ କର କିମ୍ବା କଳା ତାଲିକାଭୁକ୍ତ କର। କୌଣସି ଅଧିକାରୀ କାମରେ ଖିଲାପ କଲେ ତାଙ୍କ ବିରୋଧରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶନିବାରଠାରୁ ବିଏମ୍‌ସିରେ ଆରମ୍ଭ ହୋଇଥିବା ଜୋନ୍‌ସ୍ତରୀୟ ସମୀକ୍ଷା ବୈଠକରେ ଏଭଳି ଆଭିମୁଖ୍ୟ ଦେଖାଇଛନ୍ତି ମେୟର। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ପ୍ରଥମ ପର୍ଯ୍ୟାୟରେ ନର୍ଥ ଜୋନ୍‌ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଜୋନ୍‌ର କର୍ପୋରେଟରମାନେ ନିଜ ଅଞ୍ଚଳର ବିଭିନ୍ନ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ସେଗୁଡିକର ତୁରନ୍ତ ସମାଧାନ ପାଇଁ ଉପବିଭାଗ ଓ ସଂଯୁକ୍ତ ବିଭାଗର ଅଧିକାରୀଙ୍କୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ କର୍ପୋରେଟରମାନେ ନିଜ ଅଞ୍ଚଳର ରାସ୍ତାଘାଟ, ବିଦ୍ୟୁତ୍, ପରିମଳ, ଡ୍ରେନେଜ ବ୍ୟବସ୍ଥା, ଡ୍ରେନ ସ୍ଲାବ, ଗୋଷ୍ଠୀ ଶୌଚାଳୟ, ପାର୍କ, ଜଳାଶୟ, ମଶାତେଲ ସିଞ୍ଚନ, ମଶା ଧୂଆଁ, ୱାର୍ଡ ଅଫିସ୍ ଓ କମ୍ୟୁନିଟି ହଲ୍ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ପରେ ଅପରାହ୍ନରେ ଦକ୍ଷିଣ-ପଶ୍ଚିମ ଜୋନ୍‌ର ବୈଠକ ହୋଇଥିଲା। ଏଥିରେ ମଧ୍ୟ ସେହିସବୁ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୁଇଟିଯାକ ବୈଠକରେ ମେୟର ଅଧ୍ୟକ୍ଷତା କରିଥିବାବେଳେ ଡେପୁଟି ମେୟର ମଞ୍ଜୁଲତା କହଁର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମାସିକିଆ ବୈଠକର ସୀମିତ ସମୟ ମଧ୍ୟରେ ସମସ୍ତ ପ୍ରକାର ଅଭିଯୋଗ ସମାଧାନ କରିବା ସମ୍ଭବ ହେଉ ନ ଥିଲା। ତେଣୁ କର୍ପୋରେଟରମାନଙ୍କ ଦ୍ୱାରା ହସ୍ତଗତ ହୋଇଥିବା ୱାର୍ଡସ୍ତରୀୟ ଅଭିଯୋଗର ଆଶୁ ସମାଧାନ ନିମନ୍ତେ କର୍ପୋରେଶନ ବୈଠକ ପୂର୍ବରୁ ଏହିପରି ଜୋନ୍‌ସ୍ତରୀୟ ବୈଠକରେ ସଂପୃକ୍ତ ୱାର୍ଡଗୁଡିକର ସମସ୍ୟା ସମାଧାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ପ୍ରତିମାସରେ ହେଉଥିବା ବିଏମ୍‌ସିର ମାସିକିଆ ବୈଠକ ପୂର୍ବରୁ ଏହି ବୈଠକ ଅନୁଷ୍ଠିତ ହେବ। ଏହାଦ୍ୱାରା ମାସିକିଆ ବୈଠକରେ ବିଏମ୍‌ସିର ବିବିଧ ବିକାଶମୂଳକ କାର୍ଯ୍ୟ ପାଇଁ ଆଲୋଚନା ଓ ନିଷ୍ପତ୍ତି ନେବା ସୁଗମ ହେବ ବୋଲି ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇଂଲିଶ ପତ୍ରିକା 'ଇନ୍‌ସାଇଡ୍ କଭର' ଉନ୍ମୋଚିତ



ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)

ମାସିକ ଇଂଲିଶ ପତ୍ରିକା 'ଇନ୍‌ସାଇଡ୍ କଭର'ର ସ୍ୱତନ୍ତ୍ର ସଂସ୍କରଣକୁ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଏହା ଏକ ଉଚ୍ଚକୋଟୀର ପତ୍ରିକା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପତ୍ରିକା ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଭାଜପାର ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ଏକାମ୍ର ନିର୍ବାଚନମଣ୍ଡଳୀ ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଅନୁଷ୍ଠାନର ଉପଦେଷ୍ଟା ତଥା ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ ସଭାପତି ସରୋଜ କାନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ସମ୍ପାଦକ ଜଗନ୍ନାଥ ପ୍ରସାଦ ସାହୁ କାର୍ଯ୍ୟ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ରୁ ଭୁବନେଶ୍ୱରରେ ଅଟୋ ସେବା ବନ୍ଦ ଡାକରା

ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

ବିଭିନ୍ନ ସମସ୍ୟା ଓ ଦାବି ନେଇ ଓଡ଼ିଶା ପରିବହନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି। ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ହେଉ ନ ଥିବାରୁ ଶେଷରେ ସ୍ମାର୍ଟସିଟି ଅନଲାଇନ୍ ଅଟୋ ଗ୍ରୁପ୍ ବଡ଼ ଆନ୍ଦୋଳନ ଡାକରା ଦେଇଛି। ୬ ତାରିଖଠାରୁ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟୋ ଚଳାଚଳ ବନ୍ଦ ରହିବ ବୋଲି ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରୁପ୍ ଅଧ୍ୟକ୍ଷ ଦୀନବନ୍ଧୁ ନାୟକଙ୍କ ସୂଚନାନୁସାରେ, ଘରୋଇ ନମ୍ବର ପ୍ଲେଟ୍ ସହ ଓଲା, ରାପିଡୋ ଓ ଉବରର ଦୁଇଚକିଆ ଯାନ ଯାତାୟାତ କରୁଛି। ତେବେ ମାତ୍ରାଧିକ ସଂଖ୍ୟାରେ ଏହି ଯାନ ଚଳାଚଳ ଦ୍ୱାରା ସାଧାରଣ ଅଟୋ ଚାଳକଙ୍କ ରୋଜଗାର ଗୁରୁତର ଭାବେ ପ୍ରଭାବିତ ହେଉଛି। ତେଣୁ ସେମାନେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ପରିବହନ ବିଭାଗକୁ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ପ୍ରଭାବ ନ ପଡ଼ିବାରୁ ସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିବା ନାୟକ କହିଛନ୍ତି।



ନୃତ୍ୟନିଳୟ ଓ ନୃତ୍ୟାଙ୍କିତା ପକ୍ଷରୁ ଶନିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ପଞ୍ଚମ ଗୁରୁ ସମର୍ପଣ ସମାରୋହରେ ଶିଳ୍ପୀମାନ ନୃତ୍ୟ ପରିବେଷଣ କରୁଛନ୍ତି।

# ୱାୟନାଡ୍ ମୃତକଙ୍କ ପାଇଁ ନୀରବ ପାର୍ଥନା



ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଉଛି।

ପୁରୁଣା ଭୁବନେଶ୍ୱର,୩।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଗତ ୨୪ ତାରିଖରୁ ପୁରୁଣା ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଗୁଡିଆପୋଖରି ଠାରେ ଉଦ୍‌ଯାପିତ ହୋଇଅଛି। ଜେ.ଆର୍.ଲୁମ୍ବିନୀଠାରେ ଅନୁଷ୍ଠିତ ଉଦ୍‌ଯାପନ ସମାରୋହରେ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ପ୍ରାରମ୍ଭରେ ସଙ୍ଗଠନର ଉପଦେଷ୍ଟା ରାଜେନ୍ଦ୍ର ସମର୍ଥାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭୂସ୍ଖଳନ ଯୋଗୁ ୱାୟନାଡ୍‌ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଧିରେନ ପଟ୍ଟନାୟକ, ଉପସଭାପତି ଅଶୋକ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଅଜିତ ବିଶ୍ୱାଳ, ସକଳେଶ୍ୱର ପଟ୍ଟନାୟକ, କୋଷାଧ୍ୟକ୍ଷ ରମାକାନ୍ତ ମହାନ୍ତି, ସମୀକ୍ଷକ ପି.ପ୍ରଦିପ କୁମାର ପାତ୍ର, କାର୍ଯ୍ୟକାରୀ କମିଟିର ସଦସ୍ୟ ବିମଳ ପଟ୍ଟନାୟକ, ସୁଧାଂଶୁ ମିଶ୍ର, ସତ୍ୟେନ୍ଦ୍ରଲାଲ ବୋଷ, ନରେନ୍ଦ୍ର ସମର୍ଥା, ହେମନ୍ତ ପଣ୍ଡା, ନବିନ ମହାନ୍ତି, ପ୍ରଶାନ୍ତ ମହାପାତ୍ର, କୁଞ୍ଜବିହାରି ମହାନ୍ତି, କ୍ଷୀରୋଦ ଶତପଥୀ, ଗୋକୁଳ ପ୍ରଧାନ, ବିଷ୍ଣୁ ଚରଣ ମିଶ୍ର, ବିଜୟ କୁମାର ମଲିଆ, ଆଇନଜୀବୀ ସତ୍ୟବ୍ରତ ନନ୍ଦ, ସରୋଜ ପ୍ରଧାନ, ସରୋଜ ପଣ୍ଡା, ଅମିତ କୁମାର ମଲିଆ, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅର୍ଥନୈତିକ ଦୃଷ୍ଟିରୁ ମହିଳା ସ୍ୱାବଲମ୍ବୀ ହେବା ଦରକାର

## ୟୁସିସିଆଇଏଲ୍ ଲେଡିଜ ଫୋରମର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଆଜିର ସମୟରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ଅର୍ଥନୈତିକ ଦୃଷ୍ଟିରୁ ମହିଳାମାନେ ସ୍ୱାବଲମ୍ବୀ ହେଲେ ଦେଶ ତଥା ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବପର ହୋଇପାରିବ। ଏ ଦିଗରେ ସମସ୍ତେ ମିଳିମିଶି ମହିଳାମାନଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି। ଶନିବାର ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ଲେଡିଜ୍ ଫୋରମର ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହା କହିଛନ୍ତି। ୟୁସିସିଆଇଏଲ ପରିସରରେ ଆୟୋଜିତ ଉତ୍ସବରେ ଫୋରମର ସଭାପତି ପ୍ରଣତି ପରିଡ଼ା ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ତନ୍ଦ୍ରା ରାୟ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିସିକେଆଇସି ସିଇଓ ଡ. ନମ୍ରତା ମିଶ୍ର ଏବଂ ୟୁସିସିଆଇଏଲ୍‌ର ଭାରପ୍ରାପ୍ତ ସଭାପତି ତାରିଣୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲେଖିକା ତଥା ସମାଜସେବୀ ଶୈଳଜା କୁମାରୀ ଅପରାଜିତା ମହାନ୍ତି, ସାମ୍ବାଦିକା ମୌସୁମୀ ମହାନ୍ତି, ରାଜ୍ୟସ୍ତରୀୟ ଭଲିବଲ କୋଚ୍ ସୁଷମା ନନ୍ଦ ଏବଂ ଦୃଷ୍ଟିବାଧିତ ଗାୟିକା ଆଶା ବାହାଦୁର ଗୁରୁମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫୋରମର ବାର୍ଷିକ ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ଶ୍ୱେତା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅର୍ଚ୍ଚନା ମଲ୍ଲ ବାର୍ଷିକ ବିବରଣୀ ଉପସ୍ଥାପନ ଏବଂ କୋଷାଧ୍ୟକ୍ଷା ଶ୍ୱେତପଦ୍ମା ରଥ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ୟୁସିସିଆଇଏଲ୍ ଲେଡିଜ ଫୋରମର ବାର୍ଷିକ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ମହିଳାଙ୍କ ଫଟୋ ଭାଇରାଲ, ଯୁବକ ଗିରଫ

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା) - ଜଣେ ମହିଳାଙ୍କୁ ପ୍ରତାରଣା କରିବା ସହ ଆପତ୍ତିଜନକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଲାଙ୍ଗୀର ଟାଉନ ଅଞ୍ଚଳର ପୂର୍ଣ୍ଣାନନ୍ଦ ନାୟକ (୩୩)। ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡିତା ମହିଳା ଜଣକ ପାରିବାରିକ ଝଗଡା ପାଇଁ ସ୍ୱାମୀଙ୍କୁ ଛାଡ଼ି ଶିଶୁ ପୁତ୍ର ସହିତ ଘର ଭଡ଼ା ନେଇ ରହିବା ସହ ବିଉଟି ପାର୍ଲରରେ କାମ କରୁଥିଲେ। ଉକ୍ତ ପାର୍ଲରରେ ଅଭିଯୁକ୍ତ ପୂର୍ଣ୍ଣନନ୍ଦଙ୍କ ସହିତ ସମ୍ପର୍କରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଅଭିଯୁକ୍ତ ଜଣକ ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ବିଭିନ୍ନ ସମୟରେ ମହିଳାଙ୍କଠାରୁ ୫ ଲକ୍ଷ ଟଙ୍କା ନେଇଯାଇଥିଲେ। ତେବେ ଅଭିଯୁକ୍ତ ପୂର୍ଣ୍ଣନନ୍ଦ ବିବାହ ନ କରି ସମୟ ଗଡ଼ାଇବା ସହ ପୂର୍ବରୁ ବିବାହିତ ଥିବା ଜାଣିବା ପରେ ମହିଳା ଜଣକ ତାଙ୍କୁ ଟଙ୍କା ଫେରେଇବାକୁ କହିଥିଲେ। ହେଲେ ଅଭିଯୁକ୍ତ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ତାଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।

## ସଂକ୍ଷେପରେ

### ନଳକୂପ ପ୍ଲାଟଫର୍ମ ନ ଥିବାରୁ ଅସନ୍ତୋଷ

ବେଗୁନିଆ,୩।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋ ଗଣେଶ ବଜାର ନିକଟ ପଞ୍ଚୁଦୋଳ ପଡିଆ ଯିବା ରାସ୍ତାରେ ଥିବା ନଳକୂପ ଚାରିପଟେ ପ୍ଲାଟଫର୍ମ ନ ଥିବାରୁ ଲୋକେ ପାଣି ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଦୋକାନୀ ମାନସ ରଞ୍ଜନ ସୁବୁଦ୍ଧି, ଦିଲୀପ ସାହୁ, ମନୋଜ କୁମାର ପ୍ରଧାନ, ଶ୍ୟାମ ସୁନ୍ଦର ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ପ୍ଲାଟଫର୍ମ ନିର୍ମାଣ କରିବା ପାଇଁ ସରପଞ୍ଚ ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ସୂଚନା ଦେଇଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ନଳକୂପ ଉପରେ ବଜାରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ସହିତ ପଥଚାରୀ ଏବଂ ହାଟକୁ ଆସୁଥିବା ବେପାରୀ, କ୍ରେତାମାନେ ନିର୍ଭର କରିଥାନ୍ତି। ବର୍ଷାଦିନେ ନଳକୂପ ଚାରିପଟେ ପାଣି ଜମି ରହିବାରୁ ଲୋକେ ପାଣି ନେବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଚାରାରୋପଣ କାର୍ଯ୍ୟକ୍ରମ

ଜଟଣୀ,୩।୮ (ରବୀନ୍ଦ୍ରନାଥ ମାହାକୁଡ଼)

ମହିଳା ସଙ୍ଗଠନ କୁଦିଆରୀ ପକ୍ଷରୁ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଉପବନଖଣ୍ଡ ଅଧିକାରୀ ସ୍ୱାତୀ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତହସିଲଦାର ପ୍ରୀତିପର୍ଣ୍ଣ ମିଶ୍ର, ପୂର୍ବତନ ଉପଜିଲାପାଳ ସୁକାନ୍ତ ପ୍ରଧାନ, ହରିରାଜପୁର ସରପଞ୍ଚ ପ୍ରସନ୍ନ ମହାରଥୀ, ବିଜୟକେତନ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଚାରାରୋପଣ ଦ୍ୱାରା ଜଳବାୟୁରେ ସନ୍ତୁଳନ ରଖିବା ସହ ଜଗନ୍ନାଥ ମନ୍ଦିରକୁ ରଥ କାଠ ଯୋଗାଇପାରିବା ବୋଲି ମତପ୍ରକାଶ ପାଇଥିଲା। ନାରାୟଣ ରଣସିଂହଙ୍କ ନେତୃତ୍ୱରେ ମହିଳାମାନେ ଚାରା ରୋପଣ କରିଥିଲେ। ଦେବ ମଙ୍ଗରାଜ, ସାବିତ୍ରୀ ପଣ୍ଡା, ମାନସୀ ମହାପାତ୍ର, ଲବଙ୍ଗ, ମମତା, ପ୍ରୀତି ସିଂ ପ୍ରମୁଖ ପରିଚାଳନା କରିଥିଲେ।

### ୬ରୁ ଭୁବନେଶ୍ୱରରେ ଅଟୋ ସେବା ବନ୍ଦ ଡାକରା

ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

ବିଭିନ୍ନ ସମସ୍ୟା ଓ ଦାବି ନେଇ ଓଡ଼ିଶା ପରିବହନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି। ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ହେଉ ନ ଥିବାରୁ ଶେଷରେ ସ୍ମାର୍ଟସିଟି ଅନଲାଇନ୍ ଅଟୋ ଗ୍ରୁପ୍ ବଡ଼ ଆନ୍ଦୋଳନ ଡାକରା ଦେଇଛି। ୬ ତାରିଖଠାରୁ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟୋ ଚଳାଚଳ ବନ୍ଦ ରହିବ ବୋଲି ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରୁପ୍ ଅଧ୍ୟକ୍ଷ ଦୀନବନ୍ଧୁ ନାୟକଙ୍କ ସୂଚନାନୁସାରେ, ଘରୋଇ ନମ୍ବର ପ୍ଲେଟ୍ ସହ ଓଲା, ରାପିଡୋ ଓ ଉବରର ଦୁଇଚକିଆ ଯାନ ଯାତାୟାତ କରୁଛି। ତେବେ ମାତ୍ରାଧିକ ସଂଖ୍ୟାରେ ଏହି ଯାନ ଚଳାଚଳ ଦ୍ୱାରା ସାଧାରଣ ଅଟୋ ଚାଳକଙ୍କ ରୋଜଗାର ଗୁରୁତର ଭାବେ ପ୍ରଭାବିତ ହେଉଛି। ତେଣୁ ସେମାନେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ପରିବହନ ବିଭାଗକୁ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ପ୍ରଭାବ ନ ପଡ଼ିବାରୁ ସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିବା ନାୟକ କହିଛନ୍ତି।

# ଘୋଷଣା ପରେ ବି ଆଗଉନି ବେଗୁନିଆର ବିକାଶ

## ବଢୁଛି ଅସନ୍ତୋଷ, ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ା

ବେଗୁନିଆ,୩।୮ (ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଲୋକଙ୍କ ମୌଳିକ ଅସୁବିଧା ଏବେବି ଲାଗିରହିଛି। ଦୀର୍ଘ ୩୨ବର୍ଷ ହେବ ବୃହତ ଚିକିତ୍ସାଳୟ ସ୍ଥାପନ, ଏନ୍‌ଏସି ଘୋଷଣା କରିବାକୁ ପ୍ରମୁଖ ଦାବି ହୋଇଆସୁଥିଲା। ଏବେ ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି 'ମୋ ବସ୍' ସେବା, ଏସ୍‌ଡିପିଓ ଏବଂ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ନିର୍ମାଣ, ବେଗୁନିଆ ସଦର ମହକୁମାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ, ବେଗୁନିଆ ମହାବିଦ୍ୟାଳୟରେ କମର୍ସ ଶିକ୍ଷାଦାନ ଖୋଲିବା ନେଇ ବହୁ ଦାବି ହେଉଛି। ବିଭିନ୍ନ ଅନୁଷ୍ଠାନ, ଆଇନଜୀବୀ ଏବଂ ଜନସାଧାରଣଙ୍କ ପକ୍ଷରୁ ହେଉଥିବା ଏହି ଦାବିକୁ ରାଜ୍ୟ ସରକାର ଉପେକ୍ଷା କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତତ୍କାଳୀନ ସରକାରଙ୍କ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସ୍ଥାପନ ଓ ଏନ୍‌ଏସି ଘୋଷଣା କରିବା ପରେ ବିଭାଗୀୟ କାର୍ଯ୍ୟଧାରା ପ୍ରକ୍ରିୟା ସ୍ଥାଣୁ ପାଲଟିଛି। ବେଗୁନିଆ ବିକାଶ ଦିଗରେ ହସ୍ତକ୍ଷେପ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକଙ୍କୁ ନିବେଦନ କରାଯାଇଛି। ତୁରନ୍ତ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ମିଳିଛି।

ସୂଚନାଥାଉ କି, ଏନ୍‌ଏସି ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ବହନ କରୁଥିବାରୁ ୧୯୯୨ରୁ ବାରମ୍ବାର ଦାବି ହୋଇଆସୁଥିଲା। ବିଧାନସଭା ଭୋଟ ବିଜୟ ଆଳରେ ଗତ ଫେବୃଆରୀ ୨୫ରେ ବେଗୁନିଆକୁ ଏନ୍‌ଏସି ମାନ୍ୟତା ମିଳିଲା ବୋଲି ପୂର୍ବତନ ସରକାରଙ୍କ ପକ୍ଷରୁ ତରବରିଆ ଭାବେ ଘୋଷଣା କରାଯାଇଥିଲା। ଇତି ମଧ୍ୟରେ ୫ମାସ ବିତି ଯାଇଥିଲେ ମଧ୍ୟ ଏବେ କାହା ନିକଟରେ କୌଣସି ସୂଚନା ନାହିଁ। ସେହିପରି ବେଗୁନିଆ ସଦର ମହକୁମାରେ ସ୍ଥାପନ ହେବ ୧୦୦ ଶଯ୍ୟା ବିଶିଷ୍ଟ ସବଡିଭିଜନ ହସ୍ପିଟାଲ (ଏସ୍‌ଡିଏଚ୍)। ଏନେଇ ଗତ ଅକ୍ଟୋବରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫାଇଲ ନଂ. ପିଟି ୫-ଏଚଏଫ, ଡବ୍ଲୁ-ଏସିଏଚ-ଏମଇଡି ୦୦୦୨-୨୦୧୮ ଏବଂ ଚିଠି ନଂ.୨୪୬୯୬/ଏଚ/୯.୧୦.୨୦୨୩ ଯୋଗେ ଲୋକସେବା ଭବନ, ଫାଇନାନ୍ସ ବିଭାଗ, ସଚିବ, ନିର୍ଦ୍ଦେଶକ, ଜିଲାପାଳ ଏବଂ ସିଡିଏମ୍‌ଓଙ୍କ ସହିତ ଅନ୍ୟ ସମସ୍ତ ବିଭାଗକୁ ଜାରି ହୋଇଥିଲା। ପରେ ଜାଗା ଚିହ୍ନଟ ଏବଂ ଟେଣ୍ଡର ପ୍ରକ୍ରିୟା ପରେ ସୀମିତ ରହିଛି। ଅପରପକ୍ଷେ ଭୌଗଳିକ ସ୍ଥିତି, ବର୍ଦ୍ଧିତ ଜନସଂଖ୍ୟା ଓ ଆବଶ୍ୟକତା ଦୃଷ୍ଟିରୁ ଅନ୍ୟ ୫ଟି ପ୍ରମୁଖ ସମସ୍ୟାର ସମାଧାନ ଦିଗରେ ବେଗୁନିଆବାସୀଙ୍କ ପାଇଁ ବେଶ ଗୁରୁତ୍ୱ ରହିଛି। ବେଗୁନିଆ ସଦର ମହକୁମାରେ ବ୍ଲକ, ମୁଖ୍ୟ ଡାକଘର, ତହସିଲ, ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ, ଅଗ୍ନିଶମ କେନ୍ଦ୍ର, ଥାନା, ଟେଲିଫୋନ ଭବନ, କୃଷି କାର୍ଯ୍ୟାଳୟ, ସରକାରୀ ଡାକ୍ତରଖାନା, ରେଲୱେ ଷ୍ଟେଶନ, ବ୍ଲକ ପ୍ରାଣୀ ସହାୟକ କେନ୍ଦ୍ର ସହିତ ପରିବା ହାଟ ଓ ବଡ ବଜାର ରହିଛି। ୮୦ ପ୍ରତିଶତ ଜନସାଧାରଣ ସରକାରୀ ଚାକିରି ଓ ବ୍ୟବସାୟ କରୁଛନ୍ତି। ଏଠାକୁ ବେଗୁନିଆ ବ୍ଲକର ୨୧ ଓ ବୋଲଗଡ଼ ବ୍ଲକର ୭ଟି ପଞ୍ଚାୟତର ଜନସାଧାରଣ ଦୈନିକ ବିଭିନ୍ନ କାର୍ଯ୍ୟ ନେଇ ଆସିଥାନ୍ତି। ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟ୍ରେଜେରୀ ଓ ଏସ୍‌ଡିପିଓ କାର୍ଯ୍ୟାଳୟ, ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ, ବେଗୁନିଆ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ଖୋଲିବା ଏବଂ ମୋ ବସ୍ ସେବା ଦିଗରେ ଗୁରୁତ୍ୱ ଦେବାକୁ ବେଗୁନିଆ ବିକାଶ ମଞ୍ଚ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ବିଧାୟକ ପ୍ରଦୀପ କୁମାର ସାହୁ କହିଛନ୍ତି, ଅଞ୍ଚଳବାସୀଙ୍କ ସମସ୍ତ ଅସୁବିଧାକୁ ଦୃଷ୍ଟିରେ ରଖି ସରକାରଙ୍କ ନିକଟରେ ଉପସ୍ଥାପନ କରିଛି। ଆଗକୁ ମଧ୍ୟ ବେଗୁନିଆର ବିକାଶ ଏବଂ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦେବି।

# ୱାର୍ଡ ସଦସ୍ୟଙ୍କ ପ୍ରଶିକ୍ଷଣ ଶିବିର



ବେଗୁନିଆ,୩।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ ଦିନରେ ୪ ପଞ୍ଚାୟତର ୱାର୍ଡ ସଦସ୍ୟଙ୍କୁ ନେଇ ଏକଦିବସୀୟ ପୁନଃ ନବୀକରଣ ପାଠ୍ୟକ୍ରମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ଜିଲା ପଞ୍ଚାୟତ ଉନ୍ନୟନ ଅଧିକାରୀ ଶ୍ୟାମବନ୍ଧୁ ନାୟକ ମୁଖ୍ୟ ବକ୍ତା, ବିପିଏମ ସଙ୍ଗୀତା ସାମଲ, ଇଶା ମହାପାତ୍ର, ଏବିଡିଓ ସୁମିତ୍ରା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ ସଦସ୍ୟଙ୍କ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବେଗୁନିଆ, ସାରୁଆ, ରାଧାକାନ୍ତପୁର ଓ ଗୋବିନ୍ଦପୁର ପଞ୍ଚାୟତର ମୋଟ ୪୨ଜଣ ୱାର୍ଡ ସଦସ୍ୟଙ୍କୁ ପ୍ରଶିକ୍ଷକ ରଶ୍ମିତା ଦାସ ଓ ସୀତାକାନ୍ତ ମହାରଣା ୭ଟି ବିଷୟ ଯଥା ୱାର୍ଡ ସଦସ୍ୟଙ୍କ କାର୍ଯ୍ୟ, ଗଠନମୂଳକ କାର୍ଯ୍ୟ ପରିଚାଳନା ଓ ଆୟ, ଅନୁଦାନ ଅର୍ଥ ସୁପରିଚାଳନା, ଦଳଗତ କାର୍ଯ୍ୟ କରିବା ସହ ନେତୃତ୍ୱର ବିକାଶ ଓ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ପରିଚାଳନା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରା ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧାଧିକାରୀ ଏବଂ ଅନ୍ୟମାନେ।

## ସକାଳ ୯ଟା ୧୫ରେ ହେବ ପତାକା ଉତ୍ତୋଳନ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଜେବି ହାଇସ୍କୁଲ ଖେଳପଡିଆରେ ଉତ୍ସବ ପାଳନ କରାଯିବ। ବିଭିନ୍ନ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ନିଜ ଦାୟିତ୍ୱ ସୂଚାରୁଭାବେ ସମ୍ପର୍ଣ୍ଣ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅଗଷ୍ଟ ୧୫ ଭୋର ୪ଟା ୩୦ରେ ସହରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜୀ ଯନ୍ତ୍ର ମାଧ୍ୟମରେ ରାମଧୁନ ପ୍ରଚାର କରାଯିବ। ସକାଳ ୭ଟାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବ। ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟରେ ସକାଳ ୭ଟା ୩୦ରେ ପତାକା ଉତ୍ତୋଳନ କରିବେ। ସକାଳ ୯ଟା ୧୫ରେ ବିଜେବି ହାଇସ୍କୁଲ ଖେଳପଡିଆରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରିବେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ବିଭିନ୍ନ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନ, ମିଳିତ ପରେଡରେ କୃତୀତ୍ୱ ଅର୍ଜନ କରିଥିବା ଶିକ୍ଷାନୁଷ୍ଠାନ, ବାହିନୀକୁ ପୁରସ୍କୃତ କରାଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଜିଲା ପରିଷଦ ଉନ୍ନୟନ ଅଧିକାରୀ କସ୍ତୁରିବାଲା ଜେନା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଚୌଧୁରୀ ଅରବିନ୍ଦ ଦାସ ପରିଚାଳନା କରିଥିଲେ।



ନୃତ୍ୟନିଳୟ ଓ ନୃତ୍ୟାଙ୍କିତା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ପଞ୍ଚମ ଗୁରୁ ସମର୍ପଣ ସମାରୋହରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ମାଲ୍ ପରିବହନରେ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଶୀର୍ଷରେ

ଜଟଣୀ,୩।୮ (ରବୀନ୍ଦ୍ରନାଥ ମହାକୁଡ଼)

ସମଗ୍ର ଭାରତୀୟ ରେଲୱେରେ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷରେ ମାଲ୍ ପରିବହନରେ ଶୀର୍ଷ ସ୍ଥାନରେ ରହିଥିବା ପୂର୍ବତଟ ରେଲୱେ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ସୂଚନା ମିଳିଛି। ଚଳିତ ଆର୍ଥିକ ବର୍ଷରେ ଅର୍ଥାତ ୧ ଏପ୍ରିଲରୁ ୧ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧାରୋଡ ମଣ୍ଡଳ ମାଲ୍ ପରିବହନରେ ଶୀର୍ଷ ସ୍ଥାନରେ ରହିଛି। ଏହି ମଣ୍ଡଳ ପ୍ରଥମ ମଣ୍ଡଳ ଯାହା ୧୨୩ ଦିନରେ ୧୦୦ ମିଲିୟନ ଟନ୍ ମାଲ ପରବହନ କରିପାରିଛି। ଭାରତୀୟ ରେଲୱେର ସମସ୍ତ ମଣ୍ଡଳ ମଧ୍ୟରେ ମାଲ୍ ପରିବହନ ଏବଂ ଲୋଡିଂ ଅନଲୋଡିଂରେ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି। ଏହି ସମୟରେ ଖୋର୍ଦ୍ଧା ରୋଡ ମଣ୍ଡଳ ଗତ ବର୍ଷର ସମାନ ଅବଧି ତୁଳନାରେ ୬% ଅଧିକ ମାଲ ପରିବହନ କରିଛି। ଜୁଲାଇ ୨୦୨୪ରେ ୧୩.୬୯ ମେଟ୍ରିକ ଟନ ପରିବହନ କରିଛି ଏବଂ ୧୧.୬ ମିଟ୍ରିକ ଟନ୍ ମାଲ ଅନଲୋଡ କରିଛି। ଯାହା ଜୁଲାଇ ୨୦୨୩ ତୁଳନାରେ ୯% ଅଧିକ (ଅର୍ଥାତ ଲୋଡିଂରେ ୮% ଅଧିକ ଏବଂ ଅନଲୋଡିଂରେ ୧୦% ଅଧିକ) ତାଳଚେର, ପାରାଦୀପ, ଧମରା, ନୟାଗଡ଼, ମେରାମଣ୍ଡଳି, ସୁକିନ୍ଦା, ଯାହାଠାରୁ ବିଭିନ୍ନ ପଣ୍ୟ ସମେତ କୋଇଲା, ଲୌହ, ଖାଦ୍ୟ ସାମଗ୍ରୀ, ପେଟ୍ରୋଲିୟମ, କଞ୍ଚାମାଲ ଆଦି ପରିବହନ କରାଯାଇଛି। ଖୋର୍ଦ୍ଧା ରୋଡ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବାଜୱାଙ୍କ ତତ୍ତ୍ୱାବଧାନ ଏବଂ ରେଳ ବିଭାଗର ଅଧିକାରୀଙ୍କ ଚେଷ୍ଟାରେ ଏହି ସଫଳତା ମିଳିପାରିଛି।

### ଗୋଶାଳାରୁ ୧୨ ଗାଇ ଚୋରି, ଜଣେ ଗିରଫ

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ବ୍ୟକ୍ତିଙ୍କ ଗୁହାଳରୁ ୧୨ ଗାଇ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଯଦୁପୁର ଅଞ୍ଚଳର କରମତ ଖାନ୍। ତାଙ୍କଠାରୁ ଚୋରି ହୋଇଥିବା ଗୋଟିଏ ଗାଇ ଉଦ୍ଧାର କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସହଯୋଗୀମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

# ପୁଷ୍ପ ପ୍ରଦର୍ଶନୀରେ ଶିକ୍ଷାଦାନ କାର୍ଯ୍ୟକ୍ରମ



ବେଗୁନିଆ,୩।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପକ୍ଷରୁ ପ୍ରଧାନ ଗୁରୁମା ସୁକାନ୍ତି ନାୟକ ଆବାହକତ୍ୱରେ ପୁଷ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରୁଣ ଓ ଉଦୟ ଶ୍ରେଣୀର ପିଲାମାନଙ୍କୁ ବିଭିନ୍ନ ପ୍ରଜାତିର ପୁଷ୍ପ ପ୍ରଦର୍ଶନୀ ମାଧ୍ୟମରେ ଶିକ୍ଷାଦାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶୁଭକାନ୍ତ ମହାପାତ୍ର ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଗୁରୁମା ରୂପଶ୍ରୀ ବେହେରା ଓ ସୁଧଲତା ପାତ୍ର, ଗୀତାଞ୍ଜଳି ପ୍ରଧାନ, ବିଷ୍ଣୁପ୍ରିୟା ତ୍ରିପାଠୀ, ଭାରତୀ ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଜିଜ୍ଞାସା ସଫଳତା ଆଣିଦିଏ'



ଜ୍ଞାନ ବିଜ୍ଞାନ ମେଳାରେ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ।

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୋପାଳ ଚନ୍ଦ୍ର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପିଲାଙ୍କୁ ବୈଜ୍ଞାନିକ ମନୋଭାବ ରଖି ଆଗକୁ ବଢିବାକୁ କହିଥିଲେ। ଜିଜ୍ଞାସା ଭାବ ରଖିଲେ ସଫଳତା ପାଇପାରିବ। ବିଜ୍ଞାନର ଉପକାରିତା, ଉପଯୋଗିତା ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ବିଭିନ୍ନ ସ୍ତରରେ ୧୨୯ଜଣ ଶିଶୁ ଭାଇଭଉଣୀ ଭାଗ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗଗନ ବିହାରୀ ପାଇକରାୟ, ପରିଚାଳନା ସମିତି ସମ୍ପାଦକ ଅଧିବକ୍ତା ଅଜିତ ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନାଚାର୍ଯ୍ୟ ଗିରିଜା ମହାପାତ୍ର ପରିଚାଳନା କରିଥିବା ବେଳେ ଗୁରୁଜୀ ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।

# 'ଉଚ୍ଚଶିକ୍ଷିତ ହେଲେ ସଫଳତା ମିଳିବ'

ବେଗୁନିଆ,୩।୮ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଶନିବାର ପଦାସିନୀକରଣ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିୟୁ କମର୍ସ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସ୍ନାତକ ବିଭାଗର ବିଜ୍ଞାନ ଓ କଳା ବିଭାଗରେ ନୂତନଭାବେ ଯୋଗଦେଇଥିବା ୧୫୯ଜଣ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବିଧୁଭୂଷଣ ରାଉତ, ବାଣିଜ୍ୟ ବିଭାଗ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ, ବିଜୟଲକ୍ଷ୍ମୀ ସୁବୁଦ୍ଧି, ଦେବଯାନୀ ପାଇକରାୟ, ଅଧ୍ୟାପକ ଡ.ସତ୍ୟଜିତ ଦାସ, ଉଦିତ ନାରାୟଣ ପାଢୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ହତା ପରିସରରେ ଶୃଙ୍ଖଳିତ ହେବା ସହ ଆଚରଣ, ବ୍ୟବହାରରେ ନିଜର ଶାଳୀନତା ରକ୍ଷାକରି ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ଆଗକୁ ବଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଉଚ୍ଚଶିକ୍ଷା ଲାଭ କର ସଫଳତା ନିଶ୍ଚୟ ପାଇବ ବୋଲି ଅତିଥିମାନେ କହିଥିଲେ। ଆଦିତ୍ୟ ସେନାପତି, ସାଗର କୁମାର ବାରିକ, ସଂଗ୍ରାମ ଜୟସିଂହ, ଆଶିଷ ପରିଡା, ଉତ୍କଳିକା ସାହୁ, ରମେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଅର୍ଥନୈତିକ ଦୃଷ୍ଟିରୁ ମହିଳା ସ୍ୱାବଲମ୍ବୀ ହେବା ଦରକାର

## ୟୁସିସିଆଇଏଲ୍ ଲେଡିଜ ଫୋରମର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଆଜିର ସମୟରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ଅର୍ଥନୈତିକ ଦୃଷ୍ଟିରୁ ମହିଳାମାନେ ସ୍ୱାବଲମ୍ବୀ ହେଲେ ଦେଶ ତଥା ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବପର ହୋଇପାରିବ। ଏ ଦିଗରେ ସମସ୍ତେ ମିଳିମିଶି ମହିଳାମାନଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି। ଶନିବାର ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ଲେଡିଜ୍ ଫୋରମର ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହା କହିଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ୟୁସିସିଆଇ ପରିସରରେ ଆୟୋଜିତ ଉତ୍ସବରେ ଫୋରମର ସଭାପତି ପ୍ରଣତି ପରିଡ଼ା ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ତନ୍ଦ୍ରା ରାୟ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିସିକେଆଇସିସିଇଓ ଡ. ନମ୍ରତା ମିଶ୍ର ଏବଂ ୟୁସିସିଆଇଏଲ୍‌ର ଭାରପ୍ରାପ୍ତ ସଭାପତି ତାରିଣୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲେଖିକା ତଥା ସମାଜସେବୀ ଶୈଳଜା କୁମାରୀ ଅପରାଜିତା ମହାନ୍ତି, ସାମ୍ବାଦିକା ମୌସୁମୀ ମହାନ୍ତି, ରାଜ୍ୟସ୍ତରୀୟ ଭଲିବଲ କୋଚ୍ ସୁଷମା ନନ୍ଦ ଏବଂ ଦୃଷ୍ଟିବାଧିତ ଗାୟିକା ଆଶା ବାହାଦୁର ଗୁରୁଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫୋରମର ବାର୍ଷିକ ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ଶ୍ୱେତା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅର୍ଚ୍ଚନା ମଲ୍ଲ ବାର୍ଷିକ ବିବରଣୀ ଉପସ୍ଥାପନ ଏବଂ କୋଷାଧ୍ୟକ୍ଷା ଶ୍ୱେତପଦ୍ମା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଦବିଗଲା ପ୍ରେସ୍ ଛକ-ନୂଆବଜାର ରାସ୍ତା

## ୫୦ ଫୁଟ୍ ଗର୍ତ୍ତରେ ଗଳିପଡ଼ିଲା ପିକ୍ଅପ୍ ଭ୍ୟାନ୍

କଟକ,୩।୮ (କାର୍ତ୍ତିକ ସାହୁ)

କଟକ ପ୍ରେସ୍ ଛକରୁ ନୂଆବଜାର ଯିବା ରାସ୍ତା ଶନିବାର ଦବିଯିବାରୁ ପ୍ରାୟ ୫୦ ଫୁଟ୍‌ର ଗର୍ତ୍ତ ସୃଷ୍ଟି ହୋଇଛି। ଏଥିରେ ଏକ ପିକ୍ଅପ୍ ଭ୍ୟାନ୍ ଗଳି ପଡିଥିବାବେଳେ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ହଠାତ୍ ରାସ୍ତା ଦବିଯିବାରୁ ଲୋକମାନେ ଭୟଭୀତ ହୋଇପଡିଥିଲେ। କ୍ରମାଗତ ଭାବେ ସହରର ବିଭିନ୍ନ ସ୍ଥାନରେ ରାସ୍ତା ଦବୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ସୂଚନା ଅନୁସାରେ, କଟକ ସହରରେ କୋଟି କୋଟି ଟଙ୍କା ବ୍ୟୟରେ ଜାଇକା ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ତେବେ ଜାଇକାର ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁ ବିଭିନ୍ନ ସ୍ଥାନରେ ପ୍ରକଳ୍ପ ଅଧାପନ୍ତରିଆ ପଡ଼ିରହିଛି। ଏଥିଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେବେଳେ କେଉଁଠି ରାସ୍ତା ଦବୁଛି ତାହାର ଠିକଣା ନାହିଁ। ବିଗତ ଦିନରେ ସହରର ବିଭିନ୍ନ ଅଞ୍ଚଳରେ ଏଭଳି ରାସ୍ତା ଦବିଯାଇ ଗର୍ତ୍ତ ସୃଷ୍ଟି ହେବା, ମାଟି ଫଟାଇ ପାଣି ଉପରକୁ ଉଠିବା ଭଳି ନଜିର ରହିଛି। ପ୍ରେସ୍ ଛକ-ନୂଆବଜାର ରାସ୍ତା ଦବିଯିବା ପରେ ସିଏମ୍‌ସି ମେୟର ସୁବାସ ସିଂ, ଭାଜପା ନେତା ଶ୍ରୀତମ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଏନେଇ ମେୟର ସିଂ କହିଛନ୍ତି, ଦବିଥିବା ମୁଖ୍ୟରାସ୍ତାରେ ଜାଇକା ସ୍ୱେରେଜ ସିଷ୍ଟମ୍‌ର ମ୍ୟାନହୋଲ୍, ୱାଟ୍‌କୋର ପାଣି ପାଇପ ପୋତା ହୋଇରହିଛି। ପାଣି ଲିକେଜ୍ କାରଣରୁ ରାସ୍ତା ଦବିଯାଇ ଏଭଳି ସ୍ଥିତି ଉପୁଜିଛି। ବହୁ ପୂର୍ବରୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବାର ଥିଲା। ତେବେ ଘଟଣା ଘଟିବା କ୍ଷଣି ତ୍ୱରିତ ଉକ୍ତ ସ୍ଥାନରେ ବିଭିନ୍ନ ବିଭାଗର ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ଏହାର ମରାମତି ନିମନ୍ତେ ସବୁ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏତେବଡ଼ ରାସ୍ତାର ମରାମତି କରିବା ପାଇଁ ୩/୪ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି।



ପ୍ରେସ୍ ଛକ-ନୂଆବଜାର ରାସ୍ତାରେ ସୃଷ୍ଟି ହୋଇଥିବା ୫୦ ଫୁଟ୍‌ର ଗର୍ତ୍ତ।

## ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୩।୮ (ସଚ୍ଚିଦାନନ୍ଦ ପଣ୍ଡା)

ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ଓ ଆଠଗଡ଼ ବନଖଣ୍ଡ ମିଳିତ ଆନୁକୂଲ୍ୟରେ ଶନିବାର ଖୁଣ୍ଟୁଣୀ ବନାଞ୍ଚଳର କଖଡ଼ିଠାରେ ହାତୀ ସୁରକ୍ଷା ତଥା ସଂରକ୍ଷଣ ପାଇଁ ସଚେତନତା ଶୋଭାଯାତ୍ରା ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇକେଲ ଶୋଭାଯାତ୍ରା କଖଡ଼ି କଲେଜଠାରୁ ବାହାରି ମାହାଳପଡା, ବ୍ରହ୍ମପୁର, ନୂଆଶାସନ, ଧୁରୁଷିଆ, ଜେନାପୁର, ଗୋପାଳପ୍ରସାଦ, କାପ୍ତାବରାଇ, ଗୋପୀନାଥପଡା ପରିକ୍ରମା କରିଥିଲା। ଆଠଗଡ଼ ଡିଏଫଓ ଯଜ୍ଞଦତ୍ତ ପତି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଖଡ଼ି କଲେଜର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ହାତୀ ବଂଶର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିଥିଲେ। କଖଡ଼ି କଲେଜ ପରିସରରେ ଆୟୋଜିତ ସଚେତନତା ସଭାରେ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ଓଡ଼ିଶାର କାର୍ଯ୍ୟକର୍ତ୍ତା ବିଜୟ କେତନ ପଟ୍ଟନାୟକ, ଡ. ଦେବବ୍ରତ ସ୍ୱାଇଁ, ଆଠଗଡ଼ ଡିଏଫଓ ପତି, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଯୋଗଦେଇ ହାତୀ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକ, କଲେଜ ଛାତ୍ରୀଛାତ୍ର ଓ ବନ କର୍ମଚାରୀ ଉପସ୍ଥିତ ଥିଲେ।

# ଶୋଭାଯାତ୍ରାରେ ସଚେତନତା



ଜାତୀୟ ଅଙ୍ଗଦାନ ଦିବସରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

କଟକ,୩।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ଜାତୀୟ ଅଙ୍ଗଦାନ ଦିବସ**

ଏସ୍‌ସିବି ମେଡ଼ିକାଲ ପରିସରରେ ଜାତୀୟ ଅଙ୍ଗଦାନ ଦିବସ ଶନିବାର ପାଳିତ ହୋଇଯାଇଛି। ମେଡ଼ିକାଲର ମୂତ୍ରରୋଗ ଏବଂ ଯକୃତ ରୋଗ ବିଭାଗ ପକ୍ଷରୁ ଆୟୋଜିତ ଓ ସୋଟୋର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆଉ ୨ ଦିନ ଧରି ଜାରି ରହିବ। ମୂତ୍ରରୋଗ ବିଭାଗୀୟ ମୁଖ୍ୟ ଡା. ସମୀର ସ୍ୱାଇଁଙ୍କ ନେତୃତ୍ୱରେ ୱାକାଥନ ଓ ସାଇକ୍ଲୋଥନ ମେଡ଼ିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିଲା। ଏଥିରେ ଯକୃତ ରୋଗ ବିଭାଗୀୟ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ, ଶରୀର ଅଙ୍ଗଦାନ ଅଧକ୍ଷ ଡା. ପ୍ରଭାଶ ଆଚାର୍ଯ୍ୟ, ସୋଟୋର ଯୁଗ୍ମ ନିର୍ଦ୍ଦେଶକ ଡା. ବିଭୂତି ଭୂଷଣ ନାୟକ, ଡା. ସଞ୍ଜୟ ଚୌଧୁରୀ, ଡା. ରାକେଶ ରାଉତରାୟ, ଡା. ରାଜେଶ ଡୋରା ଓ ଡାକ୍ତରୀ ଛାତ୍ର ସଂଘର ସଦସ୍ୟ ଯୋଗଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ମେଡିକାଲ ପରିସରରେ ରଙ୍ଗୋଲି, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲର ଡାକ୍ତର, ନର୍ସିଂ ଓ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ତାଗିଦ୍ ପରେ ସଫା ହେଲା ଶିଶୁଭବନ ପରିସର

କଟକ,୩।୮ (ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)କୁ ଶନିବାର ପରିଦର୍ଶନରେ ଆସିଥିଲେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିନିଧି ଦଳ। ଆୟୋଗର ଅଧକ୍ଷା ମନ୍ଦାକିନୀ କରଙ୍କ ସମେତ ଅନ୍ୟ ଅଧିକାରୀ ଶିଶୁଭବନର ସମସ୍ତ ବିଭାଗ ସମେତ ଶିଶୁରୋଗୀଙ୍କ ସମ୍ପର୍କୀୟଙ୍କ ସହ ଚିକିତ୍ସା ସମ୍ପର୍କରେ ଆଲୋଚନ କରିଥିଲେ। ଶିଶୁରୋଗୀ ଚିକିତ୍ସା ହେଉଥିବା ସ୍ଥାନ ସମେତ ସମ୍ପର୍କୀୟ ବ୍ୟବହାର କରୁଥିବା ଶୌଚାଳୟ ଅସ୍ୱାସ୍ଥ୍ୟକର ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛି ପ୍ରତିନିଧି ଦଳ। ଏନେଇ ମନ୍ଦାକିନୀ କହିଛନ୍ତି, ଶିଶୁଭବନରେ ସମ୍ପର୍କୀୟ ବ୍ୟବହାର କରୁଥିବା ଶୌଚାଳୟ ସଫା କରାଯାଇ ନ ଥିଲା। ଏପରି କି ଶିଶୁ ରୋଗୀ ଯେଉଁଠି ଚିକିତ୍ସିତ ହେଉଛନ୍ତି ସେଠାରେ ଡଷ୍ଟବିନ୍ ନ ଥିବା ଦେଖିବାକୁ ମିଳିଛି। ତୁରନ୍ତ ସେଠାକାର ଇନ୍‌ଚାର୍ଜଙ୍କୁ ନିର୍ଦ୍ଦେଶ ଦେବା ପରେ ସଫା କରାଯାଇଥିଲା। ଏଭଳି ପରିବେଶରେ ଶିଶୁରୋଗୀଙ୍କ ଚିକିତ୍ସା ହେଉଥିବାବେଳେ ସଂକ୍ରମଣ ହେବାର ବହୁ ସମ୍ଭାବନା ରହିଛି। ଯେପରି ମେଡିକାଲ ପରିସରକୁ ସ୍ୱଚ୍ଛ ରଖିବେ ସେ ନେଇ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବ।

# ଓଲଟିଲା ଟ୍ରକ୍, ଜଳିଗଲା କାର୍


ଅଗ୍ନିଶମ କର୍ମଚାରୀ ଜଳିଯାଇଥିବା କାର୍‌ରୁ ନିଆଁ ଲିଭାଉଛନ୍ତି।

ଫୁଲନଖରା,୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ବାଲିକୁଦା ଟ୍ରାଫିକ ଛକ ନିକଟରେ ଶନିବାର ରାତିରେ ଏକ ଦୁର୍ଘଟଣାରେ କାର୍ ଜଳିଯାଇଛି। ଏଥିସହ ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଲଟିବାରୁ ଚାଳକ ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ଚିକିତ୍ସା ଲାଗି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଚୂନ ବୋଝେଇ ଏକ ଟ୍ରକ ଦ୍ରୁତ ଗତିରେ କଟକ ଅଭିମୁଖେ ଯାଉଥିବାବେଳେ ବାଲିକୁଦା ଟ୍ରାଫିକ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାର ଅପରପାର୍ଶ୍ୱକୁ ଓଲଟି ପଡିଥିଲା। ଏହି ସମୟରେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ଉପରେ ଚୂନ ବସ୍ତାଗୁଡିକ ଲଦି ହୋଇପଡିଥିଲା। ସ୍ଥାନୀୟ ଲୋକେ ଚୂନବସ୍ତା ମଧ୍ୟରୁ କାର୍ ଚାଳକଙ୍କୁ ଉଦ୍ଧାର କରିଥିଲେ। କିଛି ସମୟ ପରେ କ୍ରେନ୍ ଯୋଗେ ଉକ୍ତ କାର୍‌କୁ ଉଠାଯିବାବେଳେ ହଠାତ୍ ଜଳି ଉଠିଥିଲା। ଏଥିପାଇଁ କିଛି ସମୟ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଟକ ସଦର ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି ରାସ୍ତାରୁ ଗାଡ଼ି ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପରେ ସଦର ଥାନା ପୋଲିସ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

# 'ଛାତ୍ରୀଛାତ୍ର କର୍ତ୍ତବ୍ୟବୋଧକୁ ଗୁରୁତ୍ୱ ଦିଅନ୍ତୁ'

ଫୁଲନଖରା,୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)



କାର୍ଯ୍ୟକ୍ରମରେ ଅତିଥି ଓ କୃତୀ ଛାତ୍ରୀଛାତ୍ର।

## ଡିପିଏସ୍ କଳିଙ୍ଗରେ ମେଧାବୀ ପ୍ରତିଭା ସମ୍ମାନ ସମାରୋହ

କଟକ ସଦର ଥାନା ଅଧୀନ ଅଡାଳିଆସ୍ଥିତ ଡିପିଏସ୍ କଳିଙ୍ଗ ସ୍କୁଲ ପରିସରରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ୨୦୨୪ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଟ୍ରଫି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ଯୋଗଦେଇ କହିଛନ୍ତି, ଏକ ବିଦ୍ୟାଳୟର ପ୍ରଦର୍ଶନ ଏହାର ଛାତ୍ରୀଛାତ୍ରଙ୍କ ସଫଳତା ଦ୍ୱାରା ପ୍ରତିଫଳିତ ହୋଇଥାଏ। ପ୍ରତ୍ୟେକ ଛାତ୍ରୀଛାତ୍ର ଭବିଷ୍ୟତରେ ଦାବି ଅପେକ୍ଷା କର୍ତ୍ତବ୍ୟବୋଧକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍। ଦକ୍ଷତାଭିତ୍ତିକ ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରି ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଯାହା ଭାରତୀୟ ସଂସ୍କୃତିର ମୂଳଦୁଆ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧକ୍ଷା ଅନୁରାଧା ରକ୍ଷିତ୍, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧକ୍ଷ ସଞ୍ଜୟ କୁମାର ଜେନା, ଉପାଧକ୍ଷା ସ୍ୱାତୀ ନାଥ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ ସଫଳତା ପାଇଁ କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ

## ଡ୍ରେନେଜ୍ ସ୍ଥିତି ଯାଞ୍ଚ କଲା ଆଇନଜୀବୀ କମିଟି

କଟକ, ୩।୮ (କାର୍ତ୍ତିକ ସାହୁ)

ହାଇକୋର୍ଟଙ୍କ ଆଦେଶ ମୁତାବକ ଶନିବାର ଆଇନଜୀବୀ କମିଟି ସହରରେ ଡ୍ରେନେଜ, ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥାର ସ୍ଥିତି ଯାଞ୍ଚ କରିଛନ୍ତି। ବାଦାମବାଡିରୁ ଲିଙ୍କ୍‌ରୋଡ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଡ୍ରେନେଜ ଉପରେ ଜବରଦଖଲ ହୋଇଥିବା ଦେଖିବାକୁ ମିଳିଥିଲା। ଏପରି କି କେତେକ ସ୍ଥାନରେ ଧର୍ମାନୁଷ୍ଠାନ ପକ୍ଷରୁ ଜବରଦଖଲ କରାଯାଇଥିଲା। ତେଣୁ ତୁରନ୍ତ ଏହାକୁ ଉଚ୍ଛେଦ କରିବା ଲାଗି କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବହୁ ବ୍ୟବସାୟିକ ପ୍ରତିଷ୍ଠାନକୁ ମଧ ଡ୍ରେନେଜ ଉପରୁ ନିର୍ମାଣ ହଟାଇବା ଲାଗି ନୋଟିସ୍ ଜାରି କରାଯାଇଛି।


ଆଇନଜୀବୀ କମିଟି ଡ୍ରେନେଜ ସ୍ଥିତି ଯାଞ୍ଚ କରୁଛି।

ସେହିପରି ଲିଙ୍କ୍‌ରୋଡ୍ ନିକଟ ଟ୍ରେନ୍ ଲାଇନ୍ ପାର୍ଶ୍ୱରେ ଥିବା ଡ୍ରେନ୍ ସମ୍ପୂର୍ଣ୍ଣ ପୋତି ହୋଇଯାଇଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଏଠାରେ ସ୍ଥାୟୀ କଂକ୍ରିଟ୍ ଡ୍ରେନ ନିର୍ମାଣ ଲାଗି ରେଲେୱେକୁ ଚିଠି ଲେଖାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିସହ ଓଏମ୍‌ପି ଛକରୁ ନୟାବଜାର ପର୍ଯ୍ୟନ୍ତ ଡ୍ରେନେଜ୍ ଓ ପାର୍କିଂ ସ୍ଥିତି ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ଆଡ୍‌ଭୋକେଟ୍ କମିଟି ଅଧକ୍ଷ ତଥା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ ଦାଶଙ୍କ ସମେତ ୫ ଜଣିଆ ଟିମ୍, ସିଏମ୍‌ସି ଅଧିକାରୀ, ବାଦାମବାଡି, ମଧୁପାଟଣା ଓ ଚାଉଳିଆଗଞ୍ଜ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ପଦ୍ମିନୀ ରଥଙ୍କ ଶ୍ରାଦ୍ଧବାର୍ଷିକ ସମାରୋହରେ ବାବାଜୀ ଅମୃତାନନ୍ଦ ଦାସ ମହାରାଜ, ଚେୟାରମ୍ୟାନ୍ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବୃନ୍ଦ।



କଟକ ବକ୍ସିବଜାର ରୋଡ୍‌ସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ଗପ ମନକୁ ଆନନ୍ଦ ଉଲ୍ଲାସ ସହ ଉତ୍ସାହ ଦେଇଥାଏ

ଅସ୍ତରଙ୍ଗ,୩।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

କାହିଁ କେତେ କାଳରୁ ଗପ କହିବାର ପରମ୍ପରା ରହି ଆସିଛି। ଓଡ଼ିଶାରେ ଗପ କହିବାର ପରମ୍ପରା ଅତି ପ୍ରାଚୀନ। ଆଇ ମା' କାହାଣୀରେ ଜହ୍ନ ଓ ପରୀ ରାଇଜର କଥା, ମଣ୍ଡାଖିଆ ଅସୁର, ଟୁଆଁଟୁଇଁ, ଶୁଆ ଶାରୀ କଥା ଓ ବୁଢ଼ୀ ଅସୁରୁଣୀ ତଥା ଗୋପାଳ ଭାଣ୍ଡଙ୍କ କାହାଣୀ ସବୁବେଳେ ଆମର ପରିଚିତ ଗପ ରହି ଆସିଛି। ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ସମୟରେ ବର୍ତ୍ତମାନ ଗପ କହିବାର ପରମ୍ପରାକୁ ଆନନ୍ଦ ଉଲ୍ଲାସରେ ପାଳନ କରାଯାଉଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନି। ଏହି ଅବସରରେ ପୁରୀ ଜିଲା ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟ ସଭାଗୃହ ପରିସରରେ 'ଗପ ଶୁଣିବା ଓ କହିବା' କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ରବୀନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟ ଅନେକ ଛାତ୍ରୀଛାତ୍ର ଷ୍ଟୋରି ଟେଲର ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପରିଡ଼ା ଅଭିଭାଷଣରେ, 'କଷ୍ଟ କଲେ କୃଷ୍ଣ ମିଳେ' ଓ ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ 'ସକାରାତ୍ମକ ମନୋଭାବ' ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଶୁଭଙ୍କର ପଣ୍ଡା ପ୍ରଥମ, ରାଜଅରଜିତ ବେହେରା ଦ୍ୱିତୀୟ ଓ ଆଦ୍ୟାଶା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। 'ଟୁଆଁଟୁଇଁ' ଗଳ୍ପର ନାଟ୍ୟ ରୂପାନ୍ତର ଭାବେ ଶୁଭଶ୍ରୀ ସେନାପତି, ଲଗ୍ନା ସେଠୀ ଓ ସ୍ୱସ୍ତିକ ମହାନ୍ତି ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଯତିନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


'ଗପ ଶୁଣିବା ଓ କହିବା' କାର୍ଯ୍ୟକ୍ରମରେ ଅତିଥି ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

## ଦାଣ୍ଡମୁକୁନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ପିପିଲି,୩।୮ (ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ଅଧୀନ ଦାଣ୍ଡମୁକୁନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ନହଳାପଡ଼ା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ପ୍ରସନ୍ନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ବିଦ୍ୟୁତ୍ ପରିଷଦ ଅଧ୍ୟକ୍ଷ ଶିକ୍ଷାବିତ୍ ବଳଭଦ୍ର ଦାଶ, ସତ୍ୟାନନ୍ଦ ଦାଶ, ସଭ୍ୟ ବିଜୟ ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଓରକଳ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ବିକାଶ କୁମାର ଅଗ୍ରୱାଲ ବିଚାରକ ଭାବେ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ମୋଟ ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

## ଭିନ୍ନକ୍ଷମଙ୍କୁ ପୋଲିସର ଥାର୍ଡଡିଗ୍ରୀ ଘଟଣା: ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ତାଳବଣିଆ ଥାନାରେ ଅନିଲ ପାଢ଼ୀ ନାମକ ଜଣେ ଭିନ୍ନକ୍ଷମ ଯୁବକଙ୍କୁ ଲୁହା ପାଇପ୍‌ରେ ନିଷ୍ଠୁର ମାଡ଼ ମାରି ଥାର୍ଡଡିଗ୍ରୀ ଦେବା ଘଟଣା ଏବେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ଭିନ୍ନକ୍ଷମ ଯୁବକ ଅନିଲଙ୍କୁ ସମସ୍ତ ଚିକିତ୍ସା ଖର୍ଚ୍ଚ ଯୋଗେଇ ଦେବାପାଇଁ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ ଗତ ୩୦ ତାରିଖରେ ପୁରୀ ତାଳବଣିଆ ଥାନା ଅଞ୍ଚଳର ଭିନ୍ନକ୍ଷମ ଯୁବକ ଅନିଲଙ୍କୁ ଥାନାବାବୁମାନେ ବିନା କାରଣରେ ଥାନାକୁ ନେଇ ନିଷ୍ଠୁର ମାଡ଼ ମାରିଥିଲେ। ଏଥିରେ ଅନୀଲଙ୍କ ଅଣ୍ଟା ପାଖରେ ନୋଳା ଫାଟିଯିବା ସଙ୍ଗେ ସଙ୍ଗେ ବେକ, ହାତ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସମ୍ପୃକ୍ତ ଭିନ୍ନକ୍ଷମ ଯୁବକ ପୁରୀ ସହର ମଙ୍ଗଳା ମନ୍ଦିର ପାଖ ବ୍ୟାଙ୍କ କଲୋନୀ ପାଖରେ ଏକ ଛୋଟ ପାନ ଦୋକାନ କରିଥିବାବେଳେ ଗତ ୩୦ ତାରିଖରେ ୨ପକ୍ଷ ମଧ୍ୟରେ ପାଟିତୁଣ୍ଡ ଲାଗିବାରୁ ତାଳବଣିଆ ଥାନାର ପିସିଆର ଭ୍ୟାନ ଆସି ଉଭୟ ପକ୍ଷଙ୍କୁ ଥାନାକୁ ନେବା ସଙ୍ଗେ ସଙ୍ଗେ ଅନିଲଙ୍କୁ ଥାନାକୁ ନେଇ ଲୁହା ପାଇପରେ ନିଷ୍ଠୁର ମାଡ଼ ମାରିଥିଲେ। ଅନିଲଙ୍କୁ ବିଭିନ୍ନ ପ୍ରକାରର ଶାରୀରିକ, ମାନସିକ ନିର୍ଯାତନା ଦେଇଥିଲେ। ଅନିଲଙ୍କ ବାପା ଅଭିମନ୍ୟୁ ପାଢ଼ୀ ଥାନାବାବୁଙ୍କୁ ନେହୁରା ହେବା ପରେ ପୋଲିସ ତାଙ୍କୁ ଛାଡ଼ିଥିଲା। ଏହି ଘଟଣାସମ୍ପର୍କରେ ଅଭିମନ୍ୟୁ ପୁରୀ ଏସ୍‌ପିଙ୍କୁ ଜଣାଇଥିଲେ। ଏହି ହୃଦୟ ବିଦାରକ ସମ୍ବେଦନଶୀଳ ଘଟଣାକୁ ନେଇ ପୁରୀ ଜିଲାଠୁ ଆରମ୍ଭ କରି ସାରା ରାଜ୍ୟରୁ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଝାଡ଼ାବାନ୍ତି, ପହଞ୍ଚିଲେ ଡାକ୍ତରୀ ଦଳ

ସାକ୍ଷୀଗୋପାଳ,୩।୮ (ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଛାତ୍ରାବାସର ଜଣେ ଛାତ୍ର ଶନିବାର ଅପରାହ୍ନରେ ଝାଡ଼ାବାନ୍ତିର ଶିକାର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୀ ଓ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଓ ପାଣି ନମୁନା ସଂଗ୍ରହ କରିଥିଲେ। ଟିମ୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୀରୁ ସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ, ମାଇକ୍ରୋ ବାୟୋଲୋଜିଷ୍ଟ ଶାଶ୍ୱତୀ ଶତପଥୀ, ଏପିଡେମୋଲୋଜିଷ୍ଟ ଶିଳ୍ପୀ ଦାସ, ଅଳଗୁମ ଚିକିତ୍ସାକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱଜିତ୍ ମିଶ୍ର, ଡା. ସୁବାଶିଷ ଦାଶ, ଫାର୍ମାସିଷ୍ଟ ଜ୍ୟୋତିରଞ୍ଜନ ଜେନା, ବୁଲାରାମ ମୁର୍ମୁ ପ୍ରମୁଖ ପହଞ୍ଚି ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଖବରପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ବିଶ୍ୱବିଦ୍ୟାଳୟ ଫାଟକ ପାଖରେ ପହଞ୍ଚିଥିଲେ ମଧ୍ୟ ଉପସ୍ଥିତ ସିକ୍ୟୁରିଟି ତାଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇ ନ ଥିଲେ। ପରେ ସିକ୍ୟୁରିଟି ଫୋନ ଯୋଗେ ସେ ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ କଥା ହୋଇ ସାର୍ ଭିତରକୁ ଯିବାକୁ ମନା କଲେ ବୋଲି କହିଥିଲେ। ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ବିଶ୍ୱବିଦ୍ୟାଳୟ ସ୍ଥାପନ ପରେ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଅନେକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିବାବେଳେ ଏହି ସମସ୍ୟା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ସହଯୋଗ ମିଳୁନାହିଁ।


ପୁରୀ ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଜ୍ଞାନ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

## ଅଷ୍ଟବିଂଶତମ ବାର୍ଷିକ ଜ୍ଞାନବିଜ୍ଞାନ ମେଳା

ପୁରୀ ୩।୮ (ଅଜିତ୍ କୁମାର ମହାନ୍ତି)

ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଉଦ୍‌ଘାଟକ ଭାବରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ମିଥୁନ କୁମାର ହରିଚନ୍ଦନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୁରୀ ସଂକୁଳର କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲା ସହ ପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ, ଛାତ୍ର ବିଜ୍ଞାନ ସଂସଦର ସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ, ସଭାପତି ସୁଶ୍ରୀ ସୁପ୍ରିୟା ପ୍ରିୟଦର୍ଶନୀ ପାଣିଗ୍ରାହୀ ଓ ସଭ୍ୟା ଶୁଭଶ୍ରୀ ପ୍ରିୟଦର୍ଶନୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ଜୀବନ ଓ ସମାଜରେ ବିଜ୍ଞାନର ଉପାଦେୟତା ଏବଂ ଗୁରୁତ୍ୱ ସମ୍ପର୍କରେ ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରି କହିଥିଲେ। ମୁଖ୍ୟବକ୍ତା ସାହୁ ତାଙ୍କ ଅଭିଭାଷଣରେ ଶିଶୁମାନେ କିଭଳି ବିଜ୍ଞାନ ପ୍ରତି ରୁଚି ଓ ଆଗ୍ରହ ପ୍ରକାଶ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରକଳ୍ପ, ପ୍ରୟୋଗ ପତ୍ରବାଚନ, ଗଣିତ ପ୍ରକଳ୍ପ, ସଂସ୍କୃତ ବୋଧ ପରିଯୋଜନା ତତ୍କାଳୀନ ଭାଷଣ, କଥାକଥନ, ଲୋକନୃତ୍ୟ, ମୂର୍ତ୍ତିକଳା ଓ ଦେଶଭକ୍ତି, ଗଣିତ, ବିଜ୍ଞାନ ସଂସ୍କୃତି ଜ୍ଞାନ, ପ୍ରଶ୍ନମଞ୍ଚ ଆଦି ବିଭାଗରେ ୩୧୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ର ସଂସଦର ସଭ୍ୟା ଶୁଭଶ୍ରୀ ଶୁଭଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ଭାବ୍ୟ ବନ୍ୟା ନେଇ ଜନପ୍ରତିନିଧିଙ୍କ ସହ ରୁଦ୍ରପ୍ରତାପଙ୍କ ଆଲୋଚନା

ପିପିଲି,୩।୮ (ପ୍ରଭାତ କୁମାର ମହାପାତ୍ର)

ପିପିଲି- ଡେଲାଙ୍ଗ ଅଞ୍ଚଳରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ପିପିଲି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଜନପ୍ରତିନିଧିଙ୍କୁ ଭେଟି ଶନିବାର ଆଲୋଚନା କରିଛନ୍ତି। ଶୁକ୍ରବାର ମହାରଥୀ ବ୍ଲକରେ ପହଞ୍ଚି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁଙ୍କ ସମେତ ସମସ୍ତ ସମିତିସଭ୍ୟ ଓ ଅନେକ ସରପଞ୍ଚଙ୍କୁ ନେଇ ସମ୍ଭାବ୍ୟ ବନ୍ୟା ମୁକାବିଲା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅଞ୍ଚଳ ଏକ ବନ୍ୟା ପ୍ରବଣ ପ୍ରପୀଡ଼ିତ ଅଞ୍ଚଳ ହୋଇଥିବାରୁ ବନ୍ୟା ପରିସ୍ଥିତି ମୁକାବିଲା କରିବାକୁ ପ୍ରଶାସନିକସ୍ତରରେ କିଭଳି ବ୍ୟବସ୍ଥା, ଯେପରି କୌଣସି ସମସ୍ୟା ନ ହେବ ସେନେଇ ବୈଠକରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ପିପିଲି ଡେଲାଙ୍ଗ ଦେଇ ଯାଇଥିବା ଦୟା ଓ ଭାର୍ଗବୀ ନଦୀବନ୍ଧ ସୁରକ୍ଷା ନିମନ୍ତେ ସମସ୍ତ ଜନପ୍ରତିନିଧିଙ୍କୁ ସଜାଗ ରହିବାକୁ ସେ କହିଥିଲେ। ଯେଉଁ ସ୍ଥାନଗୁଡ଼ିକରେ ନଦୀବନ୍ଧ ଦୁର୍ବଳ କିମ୍ବା କିଛି ସମସ୍ୟା ରହିଛି, ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ମହାରଥୀ ପୁରୀ ଜିଲାପାଳଙ୍କୁ ଏକ ଲିଖିତ ଦରଖାସ୍ତ ଆଗତ କରିବାକୁ ସମସ୍ତ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାରଥୀଙ୍କ ପରାମର୍ଶକ୍ରମେ ଜିଲାପାଳଙ୍କୁ ଏକ ଲିଖିତ ଦରଖାସ୍ତ ଆଗତ କରାଯାଇଥିବା ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ କହିଛନ୍ତି। ପରେ ସେ ଡେଲାଙ୍ଗ ନୂଆହାଟଠାରେ ଦୟାନଦୀ ବନ୍ଧ ଦବିବା ସ୍ଥାନ ପରିଦର୍ଶନ କରିଥିଲେ। ଏହା ସହିତ ନଦୀକୂଳିଆ ଲୋକେ ଆତଙ୍କିତ ଥିବାରୁ ଏହାର ସ୍ଥାୟୀ ମରାମତି କାର୍ଯ୍ୟ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କ ସହିତ ମହାରଥୀ ଆଲୋଚନା କରିଥିଲେ।


ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଜନପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି ।

## ସରକାରୀ ବାଲିଘାଟ ନିଲାମଧାରୀଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଅଟକ

ଅସ୍ତରଙ୍ଗ,୩।୮ (ମମତା ଜେନା)

କାକଟପୁର ଥାନା ଅଧୀନ ବାଉରିଆକଣ ବାଲିଘାଟ ନିଲାମଧାରୀଙ୍କୁ ଶନିବାର ରାତିରେ ମାରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ନିଲାମଧାରୀ ଅବଧୂତ ସ୍ୱାଇଁ ନିଲାମ ନେଇଥିବା ଘାଟରୁ ବାଲି ଉଠାଉଥିବାବେଳେ ବାଲିକୁଳ ଗ୍ରାମର ଉଦୟ ପରିଡ଼ାଙ୍କ ପୁଅ ସୁନାକାର ପରିଡ଼ାଙ୍କ ସମେତ ୩ ଜଣ ବ୍ୟକ୍ତି ତାଙ୍କୁ ଶାବଳ, କୁନ୍ତ, ଖଣ୍ଡା ଏବଂ ବନ୍ଧୁକରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଅବଧୂତଙ୍କ ୨ ଗୋଡ଼କୁ ଶାବଳରେ ପ୍ରହାର କରିବା ଫଳରେ ତାଙ୍କ ଗୋଡ଼ ଓ ହାତ ପାପୁଲିରେ ଶକ୍ତ ଆଘାତ ଲାଗିଥିବା ସେ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ କାକଟପୁର ପୋଲିସ ସୁନାକାରଙ୍କୁ ଥାନାକୁ କାବୁ କରି ଥାନାକୁ ଆଣିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବିଜୟ କେତନ ବେହେରା କହିଛନ୍ତି। ସୂଚନା ଥାଉକି, ୨୦୨୨ରେ ଏହି ନଦୀ ସଇରାତ ନିଲାମ ପ୍ରକ୍ରିୟା ବନ୍ଦ ହୋଇଯାଇ ଗତ ଜୁନଠାରୁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଉକ୍ତ ନିଲାମଧାରୀଙ୍କୁ ନିଲାମ ଦିଆଯାଇଛି।

## ନୟାହାଟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

ଯୋଗେଶ୍ୱରପୁର,୩।୮ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳର ୬ ପଞ୍ଚାୟତର ୭୫ ଗ୍ରାମରେ ଲୋକେ ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ଚୋରି, ରାହାଜାନି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଫାଣ୍ଡି ଅଧିକାରୀଙ୍କ ଅପାରଗତା, ରାତ୍ରକାଳୀନ ପାଟ୍ରୋଲିଂ ଅଭାବ ସହ ୨୦ରୁ ଅଧିକ ଚୋରି ହୋଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରିନାହିଁ। ପ୍ରକାଶ ଥାଉକି, ଗତ ଜୁଲାଇ ୩୧ରେ ଚୋରି ଯାଇଥିବା ଡିଜେ ମେଶିନକୁ ପୋଲିସ ଉଦ୍ଧାରକାରୀ ଏତଲାକାରୀଙ୍କୁ ଫେରାଇଥିବାବେଳେ ଏତଲାକାରୀଙ୍କଠାରୁ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ଚୋରା ଗଞ୍ଜେଇ, ବ୍ରାଉନସୁଗାର, ଭାଙ୍ଗ ଆଦି କାରବାର ବଢୁଥିବାବେଳେ ପୋଲିସର ଏପରି ହାତ ଚିକଣ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ଜଣାପଡ଼ିଛି। ଏଥିସହ ପୋଲିସ ପ୍ରକୃତ ଘଟଣାକୁ ଚାପି ଦେଇ ମିଥ୍ୟା ମାମଲା କରୁଥିବା ନେଇ ଅଭିଯୋଗ ରହିଛି। ଫାଣ୍ଡିରେ ସ୍ଥାନୀୟ ଗଣମଧମ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି। ଏନେଇ ନୟାହାଟ ବ୍ୟବସାୟୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଶିକ୍ଷାବିତ୍‌ମାନେ ଫାଣ୍ଡି ଅଧିକାରୀଙ୍କୁ ବଦଳି ପାଇଁ ଦାବି କରିଛନ୍ତି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ୩।୮୦ ଅଙ୍ଗନୱାଡି କର୍ମୀଙ୍କ ଯୋଗଦାନ

ନିମାପଡ଼ା,୩।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଟାଉନ ହଲ୍‌ଠାରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ସିଡିପିଓ ତନୁପ୍ରଭା ବେଉରା, ମହିଳା ନେତ୍ରୀ ମୀନଲତା ମହାନ୍ତି, ମିଶନ ଶକ୍ତି ବିଭାଗର ବିପିସି ଦେବଦତ୍ତ ବିଶ୍ୱାଳ, ସୁପର ଭାଇଜର ସ୍ୱର୍ଣ୍ଣଲତା ଦେଇ, ମିନାକ୍ଷୀ ମଲ୍ଲିକ, ଦେବକୀ ସାହୁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ, ସପ୍ତାହ ପାଳନର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ବଖାଣିଥିଲେ। ଶିଶୁଙ୍କ ପାଇଁ ମା' କ୍ଷୀର ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇବା, ପ୍ରତିବନ୍ଧକକୁ ଦୂର କରିବା, ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ୩।୮୦ ଜଣ ଅଙ୍ଗନୱାଡ଼ି କର୍ମୀ, ମହିଳା ଶିଶୁ ବିକାଶ ବିଭାଗୀୟ କର୍ମଚାରୀ ଯୋଗଦେଇଥିଲେ। ସମାରୋହରେ ଅଙ୍ଗନୱାଡ଼ି କର୍ମୀ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।


इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ,
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ),
ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଆପେଣ୍ଡିକ୍ସ-୪-ଏ(ରୁଲ ୮(୬) ବ୍ୟବସ୍ଥା ଅନୁଯାୟୀ)

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ**, ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି । ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନକମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ବାପୁଜୀନଗର ଶାଖା** ଫୋନ୍: ୭୯୭୭୩୨୫୨୫୯ **ଋଣଗ୍ରହୀତା: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର,** ପ୍ଲଟ ନଂ.ଏନ୍/୩-୨୦୦, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, **ଜାମିନ୍‌ଦାରମାନେ: (୧)ଶ୍ରୀ ଯଶଜିତ୍ ସିଂ,** ଫ୍ଲାଟ ନଂ.୫୦୨, ଅମ୍ରିତା ପ୍ୟାଲେସ୍, ସତ୍ୟନଗର, ଭୁବନେଶ୍ୱର, ଓଡିଶା, ଟଙ୍କପାଣି ରୋଡ, ଭୁବନେଶ୍ୱର, ଓଡିଶା, **(୨)ଶ୍ରୀ ପ୍ରଦୀପ କୁମାର ସୁତାର,** ଫ୍ଲାଟ ନଂ.୧୦୨, ଦଉାଟ୍ରେ ହିଲ୍‌ଭିୟୁ ଆପାର୍ଟମେଣ୍ଟ, ଲୁଥିନି ବିହାର ରୋଡ, ବୁଦ୍ଧ ପାର୍କ ନିକଟ, ନିଳାଦ୍ରୀ ବିହାର, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର ।** ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ ନଂ.୩୦୨, ତୃତୀୟ ମହଲା, ନିର୍ମାଣ ଏରିଆ : ୧୩୦୦ ବର୍ଗଫୁଟ, ଅମ୍ରିତା ସଫି ଆର୍କେଡ, ସିଆରପି ଛକ, ପ୍ଲଟ ନଂ.୧୨୯୪, ଖାତା ନଂ.୧୪୦, ଅନୁରୂପ ନଟ୍ ଫାଇନାଲ ହାଲ ଖାତା ନଂ.୨୧୩୪, ହାଲ୍ ପ୍ଲଟ ନଂ.୧୬, ମୌଜା: ନୟାପଲ୍ଲୀ, ୟୁନିଟ୍ -୧୭, ଥାନା: ନୟାପଲ୍ଲୀ, ତହସିଲି: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା, ଉତ୍ତର- ପ୍ଲଟ ନଂ.୧୪ ଏବଂ ୧୫, ଦକ୍ଷିଣ- ପ୍ଲଟ ନଂ.୧୭। | ତା.୩୧.୦୩.୨୦୧୮ରିଖ ସୁଦ୍ଧା ଟ.୧୨,୬୮,୪୨୫/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBGURPREETSB / ନାହିଁ | ଟ.୬୯,୦୫,୦୦୦/- / ଟ.୬,୯୦,୫୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୨. | **କୁଜଙ୍ଗ ଶାଖା** ଫୋନ୍: ୯୯୩୮୨୦୭୦୯୦ **ଋଣଗ୍ରହୀତା: ମେସର୍ସ ଶ୍ରୀ ଗ୍ରାଫିକ୍ସ, ସତ୍ତ୍ୱାଧିକାରୀ: ଶ୍ରୀ କୈଳାଶ ପାଣୀ,** ପିତା: ଛବି ପାଣୀ, **ଜାମିନ୍‌ଦାର: ଶ୍ରୀମତୀ ସୁପ୍ରଭା ସାମନ୍ତରାୟ,** ସ୍ୱା: ଶ୍ରୀ କୈଳାଶ ପାଣୀ, ଉଭୟଙ୍କ ଠିକଣା: ସା- କରତୁଠ, ପୋ.- ବୋରିଖି, କଲ୍ୟାଣ ମଣ୍ଡପ ନିକଟ କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡିଶା- ୭୫୪୧୪୧। | **ସମ୍ପତ୍ତିର ମାଲିକ: ଶ୍ରୀ କୈଳାଶ ପାଣୀ ।** (୧)ଜମି ଏବଂ ଗୃହ ଯାହାର ଏରିଆ: ଏ୦.୧୨ ଡିସିମିଲି, ପ୍ଲଟ ନଂ.୩୩୮ ଏବଂ ୩୪୦, ଖାତା ନଂ.୧୦୬, ଥାନା ୪୨, ମୌଜା: କରତୁଠ, ଏସ୍ଆରଓ/ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି । (୨)ଜମି ଏବଂ ଗୃହ ଯାହାର ଏରିଆ: ଏ୦.୦୧ ଡିସିମିଲି, ପ୍ଲଟ ନଂ.୩୩୭/୨୧୩୭, ଖାତା ନଂ.୪୪୫/୧୭୪, ଥାନା ୪୨, ମୌଜା: କରତୁଠ, ଏସ୍ଆରଓ/ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି । | ତା.୦୩.୦୩.୨୦୨୩ରିଖ ସୁଦ୍ଧା ଟ.୧୫,୮୪,୨୮୩/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBSHREEGRAPHICS KUJANG / ନାହିଁ | ଟ.୨୫,୬୬,୦୦୦/- / ଟ.୨,୫୬,୬୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୩. | **ପଟିଆ ଶାଖା** ଫୋନ୍: ୯୪୩୭୯୬୫୮୪୧ **ଋଣଗ୍ରହୀତା/ବନ୍ଧକଦାତା: (୧)ଶ୍ରୀ ମହାଦେବ ଜେନା, (୨)ଶ୍ରୀ ଛବିନ୍ଦ୍ର କୁମାର ଜେନା,** ଉଭୟଙ୍କ ପିତା: ଶ୍ରୀ କ୍ଷେତ୍ରବାସୀ ଜେନା, ଠିକଣା: ସା-ଡମଣା, ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ମହାଦେବ ଜେନା ଏବଂ ଶ୍ରୀ ଛବିନ୍ଦ୍ର କୁମାର ଜେନା ।** ଜମି ଏବଂ ଗୃହ ଯାହା ଗୋଲାସାହି, ଡମଣା, ୟୁନିଟ୍-୪୦, ରେଭିନ୍ୟୁ ଡିଭିଜନ୍: ଭୁବନେଶ୍ୱର, ଏସ୍ଆରଓ: ଭୁବନେଶ୍ୱର, ମୌଜା: ଡମଣା, ପ୍ଲଟ ନଂ.୨୫୧, ଖାତା ନଂ.୮୮, ଏରିଆ: ଏ୦.୦୮୦ ଡିସିମିଲି (୩୪୮୪ ବର୍ଗଫୁଟ)ରେ ଅବସ୍ଥିତ, ଆରଏସ୍‌ଡି ନଂ.୧୧୦୮୧୭୧୦୭୭୦, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୨୫୨ ଏବଂ ୨୫୩, ପଶ୍ଚିମ- ପ୍ଲଟ ନଂ.୨୪୭, ୨୪୮ ଏବଂ ୨୫୦, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା । | ତା.୨୧.୦୬.୨୦୨୧ରିଖ ସୁଦ୍ଧା ଟ.୧,୨୪,୭୭,୪୩୯/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBMAHADEVPATIA / ନାହିଁ | ଟ.୬୮,୬୯,୦୦୦/- / ଟ.୬,୮୬,୯୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୪. | **ଖୋର୍ଦ୍ଧା ଶାଖା** ଫୋନ୍: ୯୭୭୭୬୫୦୭୩୩ **(୧)ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ, ପ୍ରତିନିଧୀତ୍ୱ କରୁଥିବା ଏହାର ଚେୟାରମ୍ୟାନ ଶ୍ରୀ ଜିତେନ୍ଦ୍ର ପାତ୍ର (ଋଣଗ୍ରହୀତା),** ଠିକଣା: ବିସିଆପଡା, ମୌଜା: ଦେଉଳବସ୍ତ, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦, **(୨)ଶ୍ରୀ ଜିତେନ୍ଦ୍ର ପାତ୍ର,** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ଚେୟାରମ୍ୟାନ, **(୩)ଶ୍ରୀ ଯୁଧୀଷ୍ଠିର ପାତ୍ର (ଜାମିନ୍‌ଦାର),** ପିତା: ୰ବାନାୟର ପାତ୍ର, **(୪)ଶ୍ରୀ ପ୍ରତାପ କିଶୋର ପାତ୍ର (ଜାମିନ୍‌ଦାର),** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, **(୫)ଶ୍ରୀ ଧୀରେନ୍ଦ୍ର ପାତ୍ର (ଜାମିନ୍‌ଦାର),** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ସମସ୍ତଙ୍କ ଠିକଣା: ବିସିଆପଡା, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦। | **(୧)ସମ୍ପତ୍ତିର ମାଲିକ: ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ ।** ଜମି ଏବଂ ଗୃହ ଯାହାର ଖାତା ନଂ.୨୩୧/୩୪, ପ୍ଲଟ ନଂ.୫୮୬, ଏରିଆ: ଏ୦.୫୨୫ ଡିସିମିଲି (୨୨୮୬୯ ବର୍ଗଫୁଟ) ଏବଂ ଖାତା ନଂ.୨୩୧/୩୫, ପ୍ଲଟ ନଂ.୫୮୭, ଏରିଆ: ଏ୦.୫୫୫ ଡିସିମିଲି (୨୪,୧୭୫.୮୦ ବର୍ଗଫୁଟ), କିସମ: ଘରବାରୀ, ସମୁଦାୟ ୨ଟିଖାତା, ୨ଟି ପ୍ଲଟ, ଏରିଆ: ଏ୧.୦୮୦ ଡିସିମିଲି (୪୭୦୪୪.୮୦ ବର୍ଗଫୁଟ), ମୌଜା: ଦେଉଳବସ୍ତ, ସା-ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୩, ଏସ୍ଆରଓ/ତହସିଲି: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୫୮୫, ୫୮୪, ୫୯୦, ୫୮୯, ଦକ୍ଷିଣ- ପ୍ଲଟ ନଂ.୫୮୭, ପୂର୍ବ- ପ୍ଲଟ ନଂ.୫୮୯, ପଶ୍ଚିମ- ପ୍ଲଟ ନଂ.୮୫୧ ଏବଂ ସରହଦ। **(୨)ସମ୍ପତ୍ତିର ମାଲିକ: ଶ୍ରୀ ଯୁଧୀଷ୍ଠିର ପାତ୍ର,** ପିତା: ୰ବାନାୟର ପାତ୍ର । ଜମି ଏବଂ ଗୃହ ଯାହାର ଖାତା ନଂ.୨୮୭, ପ୍ଲଟ ନଂ.୪୪/୧୪୦୨, ଏରିଆ: ଏ୦.୦୨୫ ଡିସିମିଲି (୧୦୮୯ ବର୍ଗଫୁଟ), କିସମ: ଘରବାରୀ, ମୌଜା: ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୨, ଏସ୍ଆରଓ/ତହସିଲି: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସିସି ରାସ୍ତା, ଦକ୍ଷିଣ- ସୁରେନ୍ଦ୍ର ପାତ୍ର, ପୂର୍ବ- ସୁରେନ୍ଦ୍ର ପାତ୍ର, ପଶ୍ଚିମ- ଯୁଧୀଷ୍ଠିର ପାତ୍ର । | ତା.୨୪.୦୮.୨୦୧୫ରିଖ ସୁଦ୍ଧା ଟ.୧,୫୨,୩୬,୧୭୧/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସମ୍ପତ୍ତି ୧: IDIBPREMIER01 ସମ୍ପତ୍ତି: ୨ IDIBPREMIER02 / ନାହିଁ | ସମ୍ପତ୍ତି-୧ ନିମନ୍ତେ: ଟ.୨,୨୫,୩୦,୦୦୦/- / ଟ.୨୨,୫୩,୦୦୦/- / ଟ.୫୦,୦୦୦/- ସମ୍ପତ୍ତି-୨ ନିମନ୍ତେ: ଟ.୧୨,୦୦,୦୦୦/- / ଟ.୧,୨୦,୦୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd. ର ୱେବ୍‌ସାଇଟ୍ (https://www.ebkray.in) ପରିଦର୍ଶନ କରନ୍ତୁ । ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି https://www.ebkray.in ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt. Ltd., ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ ।
https://www.ebkray.in ୱେବ୍‌ସାଇଟ୍‌ରେ ସମ୍ପତ୍ତି ଖୋଜୁଥିବାବେଳେ ଉପରୋକ୍ତ **ସମ୍ପତ୍ତି ଆଇଡି ନମ୍ବର** ବ୍ୟବହାର କରିବାକୁ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି ।

ତାରିଖ-୦୩.୦୮.୨୦୨୪, ସ୍ଥାନ-ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**ବାଇକ୍‌ରେ ବ୍ରାଉନସୁଗାର ବେପାର, ୨ଗିରଫ**
ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱରରେ ବାଇକ୍‌ରେ ବୁଲି ବ୍ରାଉନସୁଗାର ବେପାର କରୁଥିବା ୨ ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଜାନକୀ ବଲ୍ଲଭ ଭାରିମାଲ ଓ ନିରଞ୍ଜନ ପଲେଇ। ଉଭୟଙ୍କଠାରୁ ୧୦ ଗ୍ରାମ୍ ବ୍ରାଉନସୁଗାର,ଗୋଟିଏ ବାଇକ ଓ ୧୨୦୦ ଟଙ୍କା ଜବତ ମରାଯାଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ।

# ହତ୍ୟା ମାମଲା ରୁଜୁ, ୩ ଗିରଫ



ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା)

ଧଉଳି ଥାନା ଅନ୍ତର୍ଗତ କଲ୍ୟାଣପୁର ଶାସନ ଦୟାନଦୀ ବନ୍ଧ ଉପରେ ଆକ୍ରମଣର ଶିକାର ହୋଇଥିବା ରାଜେଶ ପ୍ରଧାନ ନାମକ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଲ୍ୟାଣପୁର ଶାସନର ସୁଦର୍ଶନ ଦାସ ଓ ତାଙ୍କ ଦୁଇ ପୁଅ ଶମ୍ଭୁନାଥ ଓ ହେମନ୍ତ। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ଜୁଲାଇ ୧୫ରେ ଦୟାନଦୀ ବନ୍ଧ ଉପରେ ରାଜେଶ, ଶମ୍ଭୁନାଥ ଓ ଅନ୍ୟ ଜଣେ ପିଲା ବସିଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଶମ୍ଭୁନାଥ ଓ ରାଜେଶଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଶମ୍ଭୁନାଥ ଘଟଣାସ୍ଥଳକୁ ତାଙ୍କ ବାପା ଓ ଭାଇ ହେମନ୍ତଙ୍କୁ ଡାକିଥିଲେ। ସେମାନେ

**ଆକ୍ରମଣର ଶିକାର ଯୁବକ ଆଖି ବୁଜିଲେ**

ପହଞ୍ଚିବା ପରେ ୩ଜଣ ମିଶି ରାଜେଶଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଏକ ଗାଡକୁ ଠେଲିଦେଇ ପଳାଇ ଆସିଥିଲେ। ସ୍ଥାନୀୟ ଲୋକେ ଘଟଣା ଜାଣିବା ପରେ ସେଠାରେ ପହଞ୍ଚି ରାଜେଶଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ପରିବାର ଲୋକେ ରାଜେଶଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାଜେଶଙ୍କର ଗତ ୨୬ ତାରିଖରେ ମୃତ୍ୟୁ ଘଟିଥିଲା। ଆକ୍ରମଣ ପରେ ତାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ପୋଲିସ ପ୍ରଥମେ ଏକ ମାମଲା (୧୬୬/୨୦୨୪) ରୁଜୁ କରି ତଦନ୍ତ କରୁଥିଲା। ତେବେ ରାଜେଶଙ୍କ ମୃତ୍ୟୁ ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

**ହଳଦିଆ କଲେଜ ଅଧ୍ୟକ୍ଷ ପ୍ରସଙ୍ଗ**

ଖୋର୍ଦ୍ଧା,୩।୮(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ହଳଦିଆ ମହାବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ଦୀର୍ଘଦିନ ହେବ କଲେଜରେ ଅଧ୍ୟକ୍ଷ ପଦକୁ ନେଇ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଏବଂ ଇନଚାର୍ଜ ଅଧ୍ୟକ୍ଷ ଇତିହାସ ଅଧ୍ୟାପକ ବିଜୟ କୁମାର ଭଞ୍ଜଙ୍କ ମଧ୍ୟରେ ରହିଥିବା ବିବାଦ ଘନେଇବାରେ ଲାଗିଛି। ଫଳରେ ପିଲାଙ୍କ ପାଠପଢ଼ା ବ୍ୟାହତ ହେବା ସହ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଏବଂ ପୂର୍ବତନ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଇତିହାସ ଅଧ୍ୟାପକଙ୍କୁ ଇନଚାର୍ଜ ଅଧ୍ୟକ୍ଷ ପଦବୀରୁ ହଟାଇବା ଦାବି ନେଇ ଶନିବାର ଯୁକ୍ତ ୨ ଏବଂ ୩ର ଛାତ୍ରୀଛାତ୍ର ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ସକାଳ ୭ଟାରୁ ୫ଟା ଘଣ୍ଟା ପର୍ଯ୍ୟନ୍ତ ପିଲାମାନେ କଲେଜ ଆଗରେ ବସି ରହିଥିଲେ। ଫଳରେ କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକମାନେ କଲେଜ ବାହାରେ ରହିଥିଲେ। ଶିଳ୍ପାଞ୍ଚଳ ଥାନା ଅଧିକାରୀ ତାରିକ ଅହମ୍ମଦ ପହଞ୍ଚି ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅନ୍ୟପଟେ କଲେଜର ଗୋଟିଏ ଗୋଷ୍ଠୀ ଇନଚାର୍ଜ ଅଧ୍ୟକ୍ଷଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବା ବେଳେ ଅନ୍ୟ ଗୋଷ୍ଠୀ ପିଲାଙ୍କୁ ପରୋକ୍ଷରେ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, କିଛିଦିନ ପୂର୍ବେ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କୁ ଇତିହାସ ଅଧ୍ୟାପକ, ପରିଚାଳନା ସଭାପତି ଓ ଅନ୍ୟ ୪ଜଣ ଯୁବକ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷରୁ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଭିଭାବକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ରାସ୍ତାକୁ ଓହ୍ଲାଇବା ସହ ଜିଲା ପ୍ରଶାସନ, ଏସ୍‌ପି, ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅନ୍ୟପଟେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗ ପୂର୍ବତନ ଅଧ୍ୟକ୍ଷଙ୍କୁ ବଦଳି କରିଥିବା ସ୍ଥାନରେ ପୂର୍ବ ତାରିଖ ଅନୁଯାୟୀ ଯୋଗଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେପଟେ ହାଇକୋର୍ଟରୁ ନିୟମିତ ଜାମିନ ପାଇଁ ଇତିହାସ ଅଧ୍ୟାପକ ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ପୁଣି ଥରେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ସମ୍ପୃକ୍ତ ଇତିହାସ ଅଧ୍ୟାପକଙ୍କ ବିରୋଧରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉଚ୍ଚ ଶିକ୍ଷାବିଭାଗ ଶାସନ ସଚିବଙ୍କୁ ଚିଠି ଲେଖି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିବା ବେଳେ ଶିକ୍ଷା ବିଭାଗର ନୀରବତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ଇତିହାସ ଅଧ୍ୟାପକ, ପରିଚାଳନା ସଭାପତିଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଥାନାରେ ତଦନ୍ତ ପରିସରଭୁକ୍ତ ରହିଥିବା ଏବଂ ତାଙ୍କଠାରୁ ଅନ୍ୟ ସିନିୟର ଅଧ୍ୟାପକ ଥିବା ସତ୍ତ୍ୱେ କାହିଁକି ସଭାପତି ତାଙ୍କୁ ପୁଣି ଥରେ ଇନଚାର୍ଜ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି, ଏହାକୁ ନେଇ ସ୍ଥାନୀୟ ସ୍ତରରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଇନଚାର୍ଜ ଅଧ୍ୟକ୍ଷ ଭଞ୍ଜ କହିଛନ୍ତି, ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛି। ଯୋଗଦାନ ପରେ କଲେଜ ଅଧ୍ୟାପକ, କର୍ମଚାରୀଙ୍କ ସହ ଆଲୋଚନା କରିଛି। ପାଠପଢ଼ା ସ୍ୱାଭାବିକ ହେବା ସହ ପିଲାମାନେ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଏବଂ ଅନ୍ୟ କେତେଜଣଙ୍କ ପ୍ରରୋଚନାରେ ପଡ଼ି ଫାଟକରେ ତାଲା ପକାଇ ଧାରଣା ଦେଇଥିବା ଖବରପାଇ ପୋଲିସ ଏବଂ ଉପଜିଲାପାଳଙ୍କୁ ଅବଗତ କରାଇଥିଲି। ସେହିପରି ଜଣେ ଅଧ୍ୟାପକ କହିଛନ୍ତି, କଲେଜରେ କିଏ ଅଧ୍ୟକ୍ଷ ରହିବ ତାହା ଶିକ୍ଷା ବିଭାଗ, ପ୍ରଶାସନ ସ୍ଥିର କରିବ। ପିଲାମାନେ ପାଠପଢ଼ା ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ତାଲା ପକାଇବା, ଧାରଣା ଦେବା ଠିକ୍ ନୁହଁ। ତେବେ ଏନେଇ ଥାନା ଅଧିକାରୀ ଅହମ୍ମଦ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛି। କଲେଜରେ ଧାରଣା ଦେବା ପରିବର୍ତ୍ତେ ଏ ସମ୍ପର୍କରେ ଶିକ୍ଷା ବିଭାଗ, ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦିଆଯାଇଛି।



କଟକ ପ୍ରେସ୍ ଛକରୁ ନୂଆବଜାର ଯିବା ରାସ୍ତା ଶନିବାର ଦବିଯିବାରୁ ୫୦ ଫୁଟ୍‌ର ଗର୍ତ୍ତ ସୃଷ୍ଟି ହୋଇଛି।

# ମହିଳାଙ୍କଠାରୁ ସୁନାଚେନ୍ ଲୁଟ, ୨ ଗିରଫ

ଭୁବନେଶ୍ୱର,୩।୮(ସୂର୍ଯ୍ୟକାନ୍ତ ବେହେରା)

ଠିକଣା ପଚାରିବା ବାହାନାରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଛିନ୍‌ତାଇ କରି ଫେରାର ହୋଇଯାଇଥିବା ୨ ଯୁବକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳର ସୁନୀଲ ରାଜ ଓ ବଡଗଡ ଥାନା ଅଞ୍ଚଳର ତୀର୍ଥ କୁମାର ମଣ୍ଡଳ। ଉଭୟଙ୍କଠାରୁ ଉକ୍ତ ସୁନାଚେନ୍ ସହ ଅପରାଧରେ ବ୍ୟବହୃତ ସ୍କୁଟି ଜବତ ହୋଇଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଜୁଲାଇ ୨୯ରେ ଶୁଭଶ୍ରୀ ପ୍ରିୟଦର୍ଶୀ ନାମ୍ନୀ ଜଣେ ମହିଳା ତାଙ୍କ ଝିଅଙ୍କୁ ଧରି ସ୍କୁଲରୁ କୋଳଥିଆସ୍ଥିତ ଘରକୁ ଫେରୁଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ପିଛା କରିଥିଲେ। ଘର ଆଗରେ ମହିଳା ଜଣକ ପହଞ୍ଚିବା ପରେ ଅଭିଯୁକ୍ତଦ୍ୱୟ ତାଙ୍କୁ କଳିଙ୍ଗବିହାରକୁ ରାସ୍ତା ପଚାରିଥିଲେ। ହେଲେ ମହିଳା ଜଣକ ଜାଣି ନ ଥିବା କହି ଟିକେ ଅନ୍ୟମନସ୍କ ହୋଇଯିବାରୁ ଅଭିଯୁକ୍ତଦ୍ୱୟ ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ),
ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଆପେଣ୍ଡିକ୍ସ-୪-ଏ(ରୁଲ ୮(୬) ବ୍ୟବସ୍ଥା ଅନୁଯାୟୀ)

**ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ,** ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା:

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନକମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ବାପୁଜୀନଗର ଶାଖା ଫୋନ୍: ୭୯୭୭୩୨୫୨୫୯** **ଋଣଗ୍ରହୀତା: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର,** ପ୍ଲଟ ନଂ.ଏନ୍/୩-୨୦୦, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, **ଜାମିନ୍‌ଦାରମାନେ: (୧)ଶ୍ରୀ ଯଶଜିତ୍ ସିଂ,** ଫ୍ଲାଟ ନଂ.୫୦୨, ଅମ୍ରିତା ପ୍ୟାଲେସ୍, ସତ୍ୟନଗର, ଭୁବନେଶ୍ୱର, ଓଡିଶା, ଟଙ୍କପାଣି ରୋଡ, ଭୁବନେଶ୍ୱର, ଓଡିଶା, **(୨)ଶ୍ରୀ ପ୍ରଦୀପ କୁମାର ସୁତାର,** ଫ୍ଲାଟ ନଂ.୧୦୨, ଦତ୍ତାତ୍ରେ ହିଲଭିୟୁ ଆପାର୍ଟମେଣ୍ଟ, ଲୁମ୍ବିନି ବିହାର ରୋଡ, ବୁଦ୍ଧ ପାର୍କ ନିକଟ, ନିଳାଦ୍ରୀ ବିହାର, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର।** ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ ନଂ.୩୦୨, ତୃତୀୟ ମହଲା, ନିର୍ମାଣ ଏରିଆ: ୧୩୦୦ ବର୍ଗଫୁଟ, ଅମ୍ରିତା ସଫି ଆର୍କେଡ, ସିଆରପି ଛକ, ପ୍ଲଟ ନଂ.୧୨୯୪, ଖାତା ନଂ.୧୪୦, ଅନୁରୂପ ନଟ୍ ଫାଇନାଲ ହାଲ ଖାତା ନଂ.୨୧୩୪, ହାଲ୍ ପ୍ଲଟ ନଂ.୧୬, ମୌଜା: ନୟାପଲ୍ଲୀ, ୟୁନିଟ୍ -୧୭, ଥାନା: ନୟାପଲ୍ଲୀ, ତହସିଲି: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା, ଉତ୍ତର- ପ୍ଲଟ ନଂ.୧୪ ଏବଂ ୧୫, ଦକ୍ଷିଣ- ପ୍ଲଟ ନଂ.୧୭। | ତା.୩୧.୦୩.୨୦୧୮ରିଖ ସୁଦ୍ଧା ଟ.୧୨,୬୮,୪୨୫/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBGURPREETSB / ନାହିଁ | ଟ.୬୯,୦୫,୦୦୦/- / ଟ.୬,୯୦,୫୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୨. | **କୁଜଙ୍ଗ ଶାଖା ଫୋନ୍: ୯୯୩୮୨୦୭୦୯୦** **ଋଣଗ୍ରହୀତା: ମେସର୍ସ ଶ୍ରୀ ଗ୍ରାଫିକ୍ସ, ସତ୍ତ୍ୱାଧିକାରୀ: ଶ୍ରୀ କୈଳାଶ ପାଣୀ,** ପିତା: ଛବି ପାଣୀ, **ଜାମିନ୍‌ଦାର: ଶ୍ରୀମତୀ ସୁପ୍ରଭା ସାମନ୍ତରାୟ,** ସ୍ୱା: ଶ୍ରୀ କୈଳାଶ ପାଣୀ, ଉଭୟଙ୍କ ଠିକଣା: ସା- କରତୁଠ, ପୋ.- ବୋରିଖି, କଲ୍ୟାଣ ମଣ୍ଡପ ନିକଟ କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧। | **ସମ୍ପତ୍ତିର ମାଲିକ: ଶ୍ରୀ କୈଳାଶ ପାଣୀ।** (୧)ଜମି ଏବଂ ଗୃହ ଯାହାର ଏରିଆ: ଏ୦.୧୨ ଡିସିମିଲି, ପ୍ଲଟ ନଂ.୩୩୮ ଏବଂ ୩୪୦, ଖାତା ନଂ.୧୦୬, ଥାନା ୪୨, ମୌଜା: କରତୁଠ, ଏସ୍ଆରଓ/ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି। (୨)ଜମି ଏବଂ ଗୃହ ଯାହାର ଏରିଆ: ଏ୦.୦୧ ଡିସିମିଲି, ପ୍ଲଟ ନଂ.୩୩୭/୨୧୩୭, ଖାତା ନଂ.୪୪୫/୧୭୪, ଥାନା ୪୨, ମୌଜା: କରତୁଠ, ଏସ୍ଆରଓ/ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି। | ତା.୦୩.୦୩.୨୦୨୩ରିଖ ସୁଦ୍ଧା ଟ.୧୫,୮୪,୨୮୩/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBSHREEGRAPHICS KUJANG / ନାହିଁ | ଟ.୨୫,୬୬,୦୦୦/- / ଟ.୨,୫୬,୬୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୩. | **ପଟିଆ ଶାଖା ଫୋନ୍: ୯୪୩୭୯୬୫୮୪୧** **ଋଣଗ୍ରହୀତା/ବନ୍ଧକଦାତା: (୧)ଶ୍ରୀ ମହାଦେବ ଜେନା, (୨)ଶ୍ରୀ ଛବିନ୍ଦ୍ର କୁମାର ଜେନା,** ଉଭୟଙ୍କ ପିତା: ଶ୍ରୀ କ୍ଷେତ୍ରବାସୀ ଜେନା, ଠିକଣା: ସା-ଡମଣା, ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ମହାଦେବ ଜେନା ଏବଂ ଶ୍ରୀ ଛବିନ୍ଦ୍ର କୁମାର ଜେନା।** ଜମି ଏବଂ ଗୃହ ଯାହା ଗୋଲାସାହି, ଡମଣା, ୟୁନିଟ୍-୪୦, ରେଭିନ୍ୟୁ ଡିଭିଜନ୍: ଭୁବନେଶ୍ୱର, ଏସ୍ଆରଓ: ଭୁବନେଶ୍ୱର, ମୌଜା: ଡମଣା, ପ୍ଲଟ ନଂ.୨୫୧, ଖାତା ନଂ.୮୮, ଏରିଆ: ଏ୦.୦୮୦ ଡିସିମିଲି (୩୪୮୪ ବର୍ଗଫୁଟ)ରେ ଅବସ୍ଥିତ, ଆରଏସ୍‌ଡି ନଂ.୧୧୦୮୧୭୧୦୭୭୦, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୨୫୨ ଏବଂ ୨୫୩, ପଶ୍ଚିମ- ପ୍ଲଟ ନଂ.୨୪୭, ୨୪୮ ଏବଂ ୨୫୦, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା। | ତା.୨୧.୦୬.୨୦୨୧ରିଖ ସୁଦ୍ଧା ଟ.୧,୨୪,୭୭,୪୩୯/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBMAHADEVPATIA / ନାହିଁ | ଟ.୬୮,୬୯,୦୦୦/- / ଟ.୬,୮୬,୯୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୪. | **ଖୋର୍ଦ୍ଧା ଶାଖା ଫୋନ୍: ୯୭୭୭୬୫୦୭୩୩** **(୧)ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ, ପ୍ରତିନିଧିତ୍ୱ କରୁଥିବା ଏହାର ଚେୟାରମ୍ୟାନ ଶ୍ରୀ ଜିତେନ୍ଦ୍ର ପାତ୍ର (ଋଣଗ୍ରହୀତା),** ଠିକଣା: ବିସିଆପଡା, ମୌଜା: ଦେଉଳବସ୍ତ, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦, **(୨)ଶ୍ରୀ ଜିତେନ୍ଦ୍ର ପାତ୍ର,** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ଚେୟାରମ୍ୟାନ, **(୩)ଶ୍ରୀ ଯୁଧୀଷ୍ଠିର ପାତ୍ର (ଜାମିନ୍‌ଦାର),** ପିତା: ୰ବାନାମ୍ବର ପାତ୍ର, **(୪)ଶ୍ରୀ ପ୍ରତାପ କିଶୋର ପାତ୍ର (ଜାମିନ୍‌ଦାର),** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, **(୫)ଶ୍ରୀ ଧୀରେନ୍ଦ୍ର ପାତ୍ର (ଜାମିନ୍‌ଦାର),** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ସମସ୍ତଙ୍କ ଠିକଣା: ବିସିଆପଡା, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦। | **(୧)ସମ୍ପତ୍ତିର ମାଲିକ: ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ।** ଜମି ଏବଂ ଗୃହ ଯାହାର ଖାତା ନଂ.୨୩୧/୩୪, ପ୍ଲଟ ନଂ.୫୮୬, ଏରିଆ: ଏ୦.୫୨୫ ଡିସିମିଲି (୨୨୮୬୯ ବର୍ଗଫୁଟ) ଏବଂ ଖାତା ନଂ.୨୩୧/୩୫, ପ୍ଲଟ ନଂ.୫୮୭, ଏରିଆ: ଏ୦.୫୫୫ ଡିସିମିଲି (୨୪,୧୭୫.୮୦ ବର୍ଗଫୁଟ), କିସମ: ଘରବାରୀ, ସମୁଦାୟ ୨ଟିଖାତା, ୨ଟି ପ୍ଲଟ, ଏରିଆ: ଏ୧.୦୮୦ ଡିସିମିଲି (୪୭୦୪୪.୮୦ ବର୍ଗଫୁଟ), ମୌଜା: ଦେଉଳବସ୍ତ, ସା-ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୩, ଏସ୍ଆରଓ/ତହସିଲି: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୫୮୫, ୫୮୪, ୫୯୦, ୫୮୯, ଦକ୍ଷିଣ- ପ୍ଲଟ ନଂ.୫୮୭, ପୂର୍ବ- ପ୍ଲଟ ନଂ.୫୮୯, ପଶ୍ଚିମ- ପ୍ଲଟ ନଂ.୮୫୧ ଏବଂ ସରହଦ। **(୨)ସମ୍ପତ୍ତିର ମାଲିକ: ଶ୍ରୀ ଯୁଧୀଷ୍ଠିର ପାତ୍ର,** ପିତା: ୰ବାନାମ୍ବର ପାତ୍ର। ଜମି ଏବଂ ଗୃହ ଯାହାର ଖାତା ନଂ.୨୮୭, ପ୍ଲଟ ନଂ.୪୪/୧୪୦୨, ଏରିଆ: ଏ୦.୦୨୫ ଡିସିମିଲି (୧୦୮୯ ବର୍ଗଫୁଟ), କିସମ: ଘରବାରୀ, ମୌଜା: ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୨, ଏସ୍ଆରଓ/ତହସିଲି: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସିସି ରାସ୍ତା, ଦକ୍ଷିଣ- ସୁରେନ୍ଦ୍ର ପାତ୍ର, ପୂର୍ବ- ସୁରେନ୍ଦ୍ର ପାତ୍ର, ପଶ୍ଚିମ- ଯୁଧୀଷ୍ଠୀର ପାତ୍ର। | ତା.୨୪.୦୮.୨୦୧୫ରିଖ ସୁଦ୍ଧା ଟ.୧,୫୨,୩୬,୧୭୧/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସମ୍ପତ୍ତି ୧: IDIBPREMIER01 ସମ୍ପତ୍ତି: ୨ IDIBPREMIER02 / ନାହିଁ | ସମ୍ପତ୍ତି-୧ ନିମନ୍ତେ: ଟ.୨,୨୫,୩୦,୦୦୦/- / ଟ.୨୨,୫୩,୦୦୦/- / ଟ.୫୦,୦୦୦/- ସମ୍ପତ୍ତି-୨ ନିମନ୍ତେ: ଟ.୧୨,୦୦,୦୦୦/- / ଟ.୧,୨୦,୦୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd. ର ୱେବ୍‌ସାଇଟ୍ **(https://www.ebkray.in)** ପରିଦର୍ଶନ କରନ୍ତୁ। ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ। ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt. Ltd., ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
**https://www.ebkray.in** ୱେବ୍‌ସାଇଟ୍‌ରେ ସମ୍ପତ୍ତି ଖୋଜୁଥିବାବେଳେ ଉପରୋକ୍ତ **ସମ୍ପତ୍ତି ଆଇଡି ନମ୍ବର** ବ୍ୟବହାର କରିବାକୁ ବିଡର୍‌ମାନଙ୍କୁ ପରାମର୍ଶ ଦିଆଯାଉଛି।

**ତାରିଖ-୦୩.୦୮.୨୦୨୪, ସ୍ଥାନ-ଭୁବନେଶ୍ୱର** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**


# ଚୁଆରୁ ଗଳିତ ମୃତଦେହ ଜବତ

ଯାଁଳା,୩।୮(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଭୁଆସୁଣୀ ମନ୍ଦିର ପଛପଟେ ଥିବା ଏକ ଚୁଆରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ବାଦପୁରୁ ଗ୍ରାମର ମଙ୍ଗୁଲୁ ଜାନି (୪୫)। ମଙ୍ଗୁଲୁ ପରିବାର ସହ ଓଗାଳପଡା ଅଞ୍ଚଳରେ ରହି କାମ କରନ୍ତି। ୩ଦିନ ପୂର୍ବରୁ ମଙ୍ଗୁଲୁ କାମ କରିବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳେ କେତେଜଣ ବିଲକୁ ଯାଉଥିବା ବେଳେ ଚୁଆ ନିକଟରେ ଦୁର୍ଗନ୍ଧ ହୋଇଥିଲା। ଏହାପରେ ଚୁଆରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲା। ମଙ୍ଗୁଲୁଙ୍କ ସ୍ତ୍ରୀ କନ୍ଧୁଣୀ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଗୋଶାଳାରୁ ୧୨ ଗାଈ ଚୋରି, ଜଣେ ଗିରଫ

ଭୁବନେଶ୍ୱର,୩।୮(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନାଞ୍ଚଳରେ ରହୁଥିବା ଶ୍ରୀକୁମାର ବେହେରାଙ୍କ ଗୋଶାଳାରୁ ଗତ ୩୦ ତାରିଖରେ ୧୨ ଗାଈ ଚୋରି କରିଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଯଦୁପୁର ଅଞ୍ଚଳର କରମତ ଖାନ୍। ତାଙ୍କଠାରୁ ଚୋରି ହୋଇଥିବା ଗୋଟିଏ ଗାଈ ଉଦ୍ଧାର କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସହଯୋଗୀମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

# ରେରା ନିୟମରେ ଜମି ବିକ୍ରି ହେଉ

ପୁରୁଣା ଭୁବନେଶ୍ୱର,୩।୮(ସୁବାସ ଚନ୍ଦ୍ର ପ୍ରଧାନ)

ରେରା ଅଧିନିୟମ ଧାରା ୩କୁ ଅବମାନନା କରି କୌଣସି ଜମି ଭାଗ କରି ବିକ୍ରି କରାଯାଇ ପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଅଧୀନରେ ସମସ୍ତ ଅତିରିକ୍ତ ଜିଲାପାଳ ତଥା ଜିଲା ନିବନ୍ଧକମାନଙ୍କୁ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ଓରେରା) ସଚିବ ଓ ରାଜସ୍ୱ ବିଭାଗ ପ୍ରମୁଖ ସଚିବ ବାରମ୍ବାର ଚିଠି ଜାରି କରିଛନ୍ତି। ମାତ୍ର ଖୋର୍ଦ୍ଧା ଜିଲା ଅଧୀନ ବାଲିଅନ୍ତା, ଭୁବନେଶ୍ୱର, ଖଣ୍ଡଗିରି ଓ ପିପିଲି, ବାରଙ୍ଗ ପରି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେରା ନିୟମ ସର୍ବାଧିକ ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଲେଆଉଟ୍ ଫି', ସ୍କ୍ରୁଟିନି ଫି', ନିର୍ମାଣ ଶ୍ରମିକ ସେସ୍ ଟିକସ ସରକାର ହରାଉଛନ୍ତି। ଏଥିସହିତ ପାଣିନାଳ, ଚକନାଳ ପୋତି ବେଆଇନ ପ୍ଲଟିଂ କରାଯାଇ ବିକ୍ରି କରାଯାଉଛି। ରେରା ନିୟମକୁ ଅନୁପାଳନ କରାଯାଉ ନ ଥିବାରୁ ଏନେଇ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ନଂ.୧୪୧୨୮/୨୦୨୨ରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ତେବେ ଗତ ଫେବୃଆରୀରେ ଏହାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ରେରା ଧାରା ୩କୁ ସମସ୍ତ ନିବନ୍ଧକ ମାନିବାକୁ ଆଦେଶ କରିଥିଲେ। ଫଳରେ ଗତ ପ୍ରାୟ ୪ମାସ ହେଲା ଖୋର୍ଦ୍ଧା ଜିଲାରେ ସମସ୍ତ ଅବୈଧ ପ୍ଲଟିଂ ବିକ୍ରି ଏକପ୍ରକାର ଠପ୍ ହୋଇଯାଇଛି। ଇତିମଧ୍ୟରେ ଗତ ୨୨ ତାରିଖରେ ଚିଠି ନଂ.୨୩୪୦୬ ଜରିଆରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବାଲିଅନ୍ତା, ଭୁବନେଶ୍ୱର, ଖଣ୍ଡଗିରି, ଜଟଣୀ ଓ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କୁ ଏକ ଚିଠି କରି ଜଣାଇଛନ୍ତି ଯେ ଓଡ଼ିଶା ଡେଭଲପ୍‌ମେଣ୍ଟ ଅଥରିଟି ଆକ୍ଟ ସେକ୍ସନ ୧୫ ଅନୁସାରେ କୌଣସି ଜମିକୁ ଘରବାରି ଉଦ୍ଦେଶ୍ୟରେ ବ୍ୟବହାର କରାଗଲେ ଲେଆଉଟ୍ ଏବଂ ପ୍ଲାନିଂ ପାଇଁ ବିଡିଏର ଅନୁମତି ଆବଶ୍ୟକ। ମାତ୍ର ଚାଷଜମି ଭାଗକରି ବିକ୍ରି କରିବା ପାଇଁ ବିଡିଏ ଏନ୍‌ଓସି ଅବା ଅନୁମତି ଅନାବଶ୍ୟକ ବୋଲି ସବ୍‌ରେଜିଷ୍ଟ୍ରାରମାନଙ୍କୁ ଅବଗତ କରାଇବା ସହ ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ଜଣାଇଛନ୍ତି।

ପ୍ରକାଶ ଯେ, ୨୯ ମାର୍ଚ୍ଚ ୨୦୧୮ରେ ଓରେରା ସେକ୍ରେଟାରି ଓଡ଼ିଶାର ସମସ୍ତ ଅତିରିକ୍ତ ଜିଲାପାଳ ତଥା ଜିଲା ନିବନ୍ଧକଙ୍କୁ ଚିଠି ସଂଖ୍ୟା. ୮୦୧ ଜରିଆରେ ୫୦୦ ବର୍ଗ ମିଟରରୁ ଅଧିକ ଚାଷଜମି କିମ୍ବା ଘରବାରି କିସମ ସମସ୍ତ ଜମିର ଆଂଶିକ ବିକ୍ରି କ୍ଷେତ୍ରରେ ପ୍ଲାନିଂ ଲେଆଉଟ ସହ ଓରେରାର ଅନୁମତି ଆବଶ୍ୟକ ବୋଲି ସ୍ପଷ୍ଟ କରିଥିଲେ। ଏଥିସହ ୫୦୦ ବର୍ଗ ମିଟରରୁ କମ୍ ଜମି କ୍ଷେତ୍ରରେ ଲେଆଉଟ ପ୍ଲାନିଂ ଜରୁରୀ ଥିବାବେଳେ ଓରେରା ଅନୁମତି ଅନାବଶ୍ୟକ ବୋଲି ସ୍ପଷ୍ଟ କରିଥିଲେ। ଏହାର ଉଲ୍ଲଂଘନ ହେଲେ ଧାରା ୩ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇଥିଲେ। ଉକ୍ତ ଚିଠିକୁ ଓରେରା ପକ୍ଷରୁ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ, ଆଇଜିଆର ଓ ସମସ୍ତ ଜିଲା ନିବନ୍ଧକଙ୍କୁ ଜାରି କରାଯାଇଥିଲା। ହେଲେ କେତେକ କ୍ଷେତ୍ରରେ ଏହାର ଅନୁପାଳନ ହେଉ ନ ଥିବାରୁ ଉଭୟ ବିଲ୍‌ଡର ଏବଂ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏନେଇ ପିପିଲି ସଙ୍ଗଳାଇ ଶାସନର ଚାଷୀ କମଳାକାନ୍ତ ଶତପଥୀ କହିଛନ୍ତି, ଓରେରା ନିୟମ ନ ରହିଲେ ଆମ ଅଞ୍ଚଳ ଭଳି ସବୁ ଅଞ୍ଚଳରୁ ଚାଷ ଜମି ନିଶ୍ଚିହ୍ନ ହୋଇଯିବ। ସେହିପରି ଖୋର୍ଦ୍ଧା ଅଞ୍ଚଳର ଚାଷୀ ପ୍ରଭାତ କୁମାର ସେନାପତିଙ୍କ କହିବା ହେଲା, ଚାଷ ଆମର ବେଉସା। ବିଲ୍‌ଡରମାନେ ବିନା ଓରେରା ରେଜିଷ୍ଟ୍ରେଶନରେ ଚାଷ ଜମି କିଣାବିକା କରିବାରୁ ଅନେକ ଚକ ନାଳ ଏବଂ ଚକ ରାସ୍ତା ଗାଏବ ହୋଇଯାଇଛି। ଫଳରେ ଇଚ୍ଛା ନ ଥିଲେ ମଧ୍ୟ ଚାଷୀଟିଏ ଶାଗମାଛ ଦରରେ ବିଲଡରଙ୍କୁ ଜମି ବିକିବାକୁ ବାଧ୍ୟ ହେଉଛି। ତେଣୁ ଓରେରା ନିୟମ ରହିଲେ ଆମ୍ଭେ ଚାଷୀମାନେ ନିରାପଦରେ ଚାଷ କାର୍ଯ୍ୟ କରିପାରିବୁ। ବିଲଡର ସୁଧୀର କୁମାର ଚମ୍ପତିଙ୍କ କହିବାନୁସାରେ ଚାଷ ଜମିରେ ଓରେରା ରେଜିଷ୍ଟ୍ରେଶନ ରହିବା ଉଚିତ୍। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ରାଉତରାୟ କହିଛନ୍ତି, ଟାଉନ ପ୍ଲାନିଂ ପାଇଁ ଥିବା ବିଡିଏର ଓରେରା ସହିତ ସମନ୍ୱୟ ରହିବା ଉଚିତ। ଓରେରା ନିୟମ ରହୁ, ହେଲେ ତାକୁ ସରଳୀକରଣ କରାଯାଉ। ଫଳରେ ଜଣେ ଘର ମାଲିକ ବା ଚାଷୀ ଠକାମିର ଶିକାର ହେବେ ନାହିଁ।

# ୩ ଲକ୍ଷର ପୋଖରୀ ୨୦ ଲକ୍ଷରେ ନିଲାମ

## ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ଚର୍ଚ୍ଚା

**ମାହାଙ୍ଗା,୩।୮ (ଯଯାତି ସିଂହ):**

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଖରୀ ନିଲାମ ଶନିବାର ଚର୍ଚ୍ଚାର ବିଷୟ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ଲଳିତଗିରିପଞ୍ଚାୟତର ବଡ଼ପୋଖରୀର ୫ ବର୍ଷୀୟା ନିଲାମ ଗତଥର ଠାରୁ ବହୁ ଅଧିକ ଟଙ୍କାରେ ଦିଆଯାଇଛି। ୨ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ପାଇଁ ଏପରି ହୋଇଥିବା କୁହାଯାଇଛି।

ପ୍ରକାଶ ଯେ, ବଡ ପୋଖରୀ ଗତ ତିନି ବର୍ଷ ତଳେ ୧ଲକ୍ଷ ୬୦ ହଜାର ଟଙ୍କାରେ ନିଲାମ ହୋଇଥିଲା। ଏହି ଅବଧି ଚଳିତ ବର୍ଷ ଶେଷ ହେବା ପରେ ୫ ବର୍ଷ ପର୍ଯ୍ୟନ୍ତ ପୋଖରୀ ନିଲାମ ପାଇଁ ସ୍ଥିର ହୋଇଥିଲା। ଏହାର ସରକାରୀ ମୂଲ୍ୟ ୨ ଲକ୍ଷ ୯୦ ହଜାର ଧାର୍ଯ୍ୟ ହୋଇଥିଲା । ୩ ଏସ୍‌ଏଚ୍‌ଜି ଏହି ନିଲାମରେ ଭାଗ ନେଇଥିଲେ। ଏହି ପ୍ରକ୍ରିୟାରେ ଭାଗ ନେବା ପାଇଁ ୩ ଏସ୍‌ଏଚ୍‌ଜି ଗ୍ରୁପ୍ ପକ୍ଷରୁ ୨୯ ହଜାର ଟଙ୍କା ଲେଖାଏ ଅମାନତ ରାଶି ଜମା ଦିଆଯାଇଥିଲା। ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ବଳରାମ ବେହେରା, ସମିତିସଭ୍ୟ ଧ୍ରୁବଚରଣ ସାମଲ, ଜିପିଓ ଜନ୍ମେଜୟ ରାଉତ, ପିଇଓ ଅନନ୍ତ ଚରଣ ଦେବତାଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ପୋଖରୀର ନିଲାମ ଡକାଯାଇଥିଲା। ନିଲାମ ପ୍ରକ୍ରିୟା ୨ ଲକ୍ଷ ୯୦ ହଜାରରୁ ଆରମ୍ଭ ହୋଇ ୫ ଲକ୍ଷ ପର୍ଯ୍ୟନ୍ତ ଯିବା ପରେ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ସେଥିରୁ ଓହରି ଯାଇଥିଲା । ପରେ ମା' ସମୃଦ୍ଧି ଓ ମା' ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ପୋଖରୀ ନିଲାମ ନେଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଶେଷରେ ୨୦ ଲକ୍ଷ ଟଙ୍କାରେ ମା' ସମୃଦ୍ଧି ସ୍ୱୟଂ ସହାୟକ ଗୋଷ୍ଠୀ ବଡ ପୋଖରୀ ନିଲାମ ହାତେଇବାକୁ ସକ୍ଷମ ହୋଇଛି।

ଆସନ୍ତା ୪ ଦିନ ମଧ୍ୟରେ ଏନେଇ ୧୫ ଲକ୍ଷ ଟଙ୍କା ପଇଠ କରିବା ପାଇଁ ମା' ସମୃଦ୍ଧିକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ବ୍ୟତିକ୍ରମ ହେଲେ ଅମାନତ ଅର୍ଥ ବାଜ୍ୟାପ୍ତି ହେବା ସହ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ପୁନର୍ବାର ନିଲାମ ପ୍ରକ୍ରିୟାରେ ଭାଗ ନେଇପାରିବ ନାହିଁ ବୋଲି ନିଲାମ ଅଧିକାରୀ ସୂଚନା ଦେଇଛନ୍ତି।


ନିଲାମ ପ୍ରକ୍ରିୟାରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ।

# କଟକ ଯୁବ ଛାତ୍ର ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**କଟକ, ୩।୮ (ଶିକ୍ସା ପ୍ରିୟଦର୍ଶିନୀ):**

କଟକ ନଗର ବିଜୁ ଯୁବ ଜନତା ଦଳର ଉପସଭାପତି ଲଲାଟେନ୍ଦୁ ମହାପାତ୍ରଙ୍କ ଅକାଳ ବିୟୋଗରେ ତଳତେଲେଙ୍ଗା ବଜାରସ୍ଥିତ ଶ୍ରୀ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଶନିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ବିଜୁ ଯୁବ ଜନତା ଦଳ ସଭାପତି ସୌମ୍ୟଦୀପ ଘୋଷ ସଭା ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ବନଲତା ପ୍ରଧାନ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶାଳ, ସିଦ୍ଧାର୍ଥ ରାୟ, ସୟଦ୍ ଜଲିଲ, ଆସିଫ୍ ଅମିନ, ସଞ୍ଜୟ ପଟ୍ଟନାୟକ, ଆଶିଷ ବେହେରା, ବିଶ୍ୱପ୍ରକାଶ ଦାସ, ଚିତ୍ତରଞ୍ଜନ ଦାସ, ଜନାର୍ଦ୍ଦନ ମହାନ୍ତି ଉପସ୍ଥିତ ଥିଲେ।

# ଅଧ୍ୟାପକ ପଦବୀ ପୂରଣ କରାଯାଉ

**ଫୁଲନଖରା,୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)**

## ସର୍ବଭାରତୀୟ ଶିକ୍ଷା ସମାଜର କାର୍ଯ୍ୟକାରିଣୀ ବୈଠକ

ସର୍ବଭାରତୀୟ ଶିକ୍ଷା ସମାଜର କାର୍ଯ୍ୟକାରିଣୀ ବୈଠକ ଶନିବାର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସମାଜର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସେପ୍ଟେମ୍ବର ୫ରେ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରରେ 'ଭାରତର ଭାଗ୍ୟ ତା'ର ଶ୍ରେଣୀଗୃହରେ ତିଆରି ହୁଏ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ରାଜ୍ୟରେ ୩୭ଟି ବିଶ୍ୱବିଦ୍ୟାଳୟ ଥିଲେ ମଧ୍ୟ ରେଭେନ୍‌ଶା ବ୍ୟତୀତ ଅନ୍ୟ ବିଶ୍ୱବିଦ୍ୟାଳୟରେ ଶିକ୍ଷାରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଦେଶର ସମସ୍ତ ବିଶ୍ୱବିଦ୍ୟାଳୟରେ ଶିକ୍ଷାରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯିବା, ତାମିଲନାଡୁ ଭଳି ଶିକ୍ଷା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଏମ୍.ଏ. ଏଜୁକେସନ ଓ ଏମ୍.ଏଡ୍ ଡିଗ୍ରୀକୁ ସମାନ ମାନ୍ୟତା ପ୍ରଦାନ, ବ୍ଲକ୍‌ଗ୍ରାଣ୍ଟ ଉଚ୍ଛେଦ କରାଯାଇ ଅନୁଦାନ ବ୍ୟବସ୍ଥା ଲାଗୁ କରିବା, ଖାଲି ପଡିଥିବା ଅଧ୍ୟାପକ, ଶିକ୍ଷକ ପଦବୀ ପୂରଣ, ପେନ୍‌ସନ୍, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଥିସହିତ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧନା ଓ ସ୍ମରଣିକା ପ୍ରକାଶ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଆଲୋଚନାରେ ଉପଦେଷ୍ଟା ପ୍ରଫେସର ସୁରେନ୍ଦ୍ର ମୋହନ ପାଣି, ସମ୍ପାଦକ ଡ. ବିମଳ ଚରଣ ସ୍ୱାଇଁ, ଡ. ନିକୁଞ୍ଜ ରଞ୍ଜନ ଦାସ, ଉପସଭାପତି ଡ. ପ୍ରସନ୍ନ କୁମାର ମହାପାତ୍ର, ସାଙ୍ଗଠନିକ ସମ୍ପାଦକ ଡ. ଦୀପ୍ତାଂଶୁ ଭୂଷଣ ପତି, କୋଷାଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ନାୟକ, ଡ. ମିଳନ କିଶୋର ଜେନା, ଡ. ସଦାନନ୍ଦ ମିଶ୍ର, ସୁନନ୍ଦ ଚରଣ ରଣା ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଡ. ରତ୍ନ ମଞ୍ଜରୀ ଦାସ ଧନ୍ୟବାଦ ଦେଇଥିଲେ।

# ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ସଦସ୍ୟଙ୍କ ପରଲୋକ

**ଖୁଣ୍ଟୁଣୀ, ୩।୮ (ସଚ୍ଚିଦାନନ୍ଦ ପଣ୍ଡା):**



ଆଠଗଡ଼ ଉପଖଣ୍ଡ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ସଦସ୍ୟ ତଥା ଖୁଣ୍ଟୁଣୀ ଥାନା ଘଣ୍ଟିଖାଲ ଗ୍ରାମର ରାଜେଶ କୁମାର ବିଶ୍ୱାଳ(୩୪)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରାତିରେ ସେ ଘରେ ଖାଇ ସାରି ଶୋଇଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା କରୁଥିବାବେଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ମରଶରୀରକୁ ତାଙ୍କ ବାସଭବନକୁ ଅଣାଯାଇଥିଲା। ଖବରପାଇ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ସଭାପତି ମନୋଜ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ବଳରାମ ବେହେରା, ସୁଦାମ ସାହୁ, ଶିଶିର ଧଳ, ସୌମ୍ୟରଞ୍ଜନ ଧଳ, ବିଷ୍ଣୁ ଚରଣ ଦାସ, ପ୍ରସାଦ କୁମାର ଧଳ, ଅଶୋକ ଖଟୁଆ, ବନମାଳୀ ବେହେରା, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ ଓ ଧୁରୁଷିଆ ସରପଞ୍ଚଙ୍କ ପ୍ରତିନିଧି ମଙ୍ଗୁଲି ଚରଣ ପାଣି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଘଣ୍ଟିଖାଲ ସରପଞ୍ଚ ତଥା ରାଜେଶଙ୍କ ଦାଦା ସୁବାସ ଚନ୍ଦ୍ର ବିଶ୍ୱାଳ, ବଟକୃଷ୍ଣ ବିଶ୍ୱାଳ, ସନ୍ତୋଷ ବେହେରାଙ୍କ ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଶୋଭାଯାତ୍ରାରେ ନେଇ ସ୍ଥାନୀୟ ସ୍ମଶାନରେ ସତ୍କାର କରିଥିଲେ।

# ରୋଜଗାରକ୍ଷମ ପୁତ୍ର କର୍କଟରେ ଆକ୍ରାନ୍ତ



**ନିଶ୍ଚିନ୍ତକୋଇଲି,୩।୮ (ଅଶୋକ କୁମାର ମହାପାତ୍ର):**

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତ ରାଣୀପଡା ଗ୍ରାମର ଏକ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁତ୍ର ଦୀର୍ଘ ୪ ବର୍ଷ ହେଲା କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ତାଙ୍କର ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ପରିବାର ଲୋକେ ନିବେଦନ କରିଛନ୍ତି।

ରାଣୀପଡା ଗ୍ରାମର ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁଙ୍କର ଏକମାତ୍ର ପୁତ୍ର ଦେବେନ୍ଦ୍ର କୁମାର ସାହୁ(୩୭) ସ୍ଥାନୀୟ ଅଞ୍ଚଳରେ ମିଠା ତିଆରି ମିସ୍ତ୍ରୀ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ତାଙ୍କ ଉପରେ ବିଧବା ମା' ପ୍ରମିଳା(୬୫), ସ୍ତ୍ରୀ ସରସ୍ୱତୀ (୨୮), ଜ୍ୟେଷ୍ଠପୁତ୍ର ସତ୍ୟନାରାୟଣ(୬) ଓ କନିଷ୍ଠ ପୁତ୍ର ସୁଧାଂଶୁ (୪)ନିର୍ଭର କରିଥାନ୍ତି। ଏପରିସ୍ଥଳେ ଆକସ୍ମିକ ଭାବେ କିଛି ଦିନ ତଳେ ଦେବେନ୍ଦ୍ର ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ ଡାକ୍ତରଖାନା ନେଇଥିଲେ। ପରୀକ୍ଷା ନିରୀକ୍ଷା ପରେ ଦେବେନ୍ଦ୍ର କ୍ୟାନସର ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଏହା ଶୁଣି ପରିବାର ସଦସ୍ୟ ଚିନ୍ତାରେ ଭାଙ୍ଗି ପଡିଥିଲେ। ଘରେ ଥିବା ସୁନା ଗହଣା ଓ ଜମିବାଡି ବିକ୍ରୟ କରି ସେଥିରେ ଦେବେନ୍ଦ୍ରଙ୍କ ଅସ୍ତ୍ରୋପଚାର କରାଇଥିଲେ। ଇତି ମଧ୍ୟରେ ଦେବେନ୍ଦ୍ରଙ୍କ ୩ ରୁ ୪ଥର ଅସ୍ତ୍ରୋପଚାର ହୋଇସାରିଲାଣି। ତଥାପି ତାଙ୍କର ଦେହ ଏପର୍ଯ୍ୟନ୍ତ ଭଲ ହୋଇପାରୁନାହିଁ। ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ତଥା ସ୍ଥାନୀୟ ପଡୋଶୀଙ୍କ ଆର୍ଥିକ ସହାୟତାରେ ଦେବେନ୍ଦ୍ରଙ୍କ ଚିକିତ୍ସା ସ୍ତ୍ରୀ ସରସ୍ୱତୀ ଜାରି ରଖିଛନ୍ତି। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା କାରଣରୁ ପରିବାର ଚିନ୍ତିତ ହୋଇପଡିଛନ୍ତି। ଅପରପକ୍ଷରେ ଦେବେନ୍ଦ୍ରଙ୍କ ବିଧବା ମା' ମାସିକ ଭତ୍ତା ବାବଦରେ ପାଉଥିବା ୧୦୦୦ଟଙ୍କା ଓ ସରକାରଙ୍କ ତରଫରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଦିଆଯାଉଥିବା ମାସିକ ୨୫କିଗ୍ରା ଚାଉଳରେ ପରିବାରର ୫ ସଦସ୍ୟ ବହୁ କଷ୍ଟରେ ଜୀବନ ବିତାଉଥିବା ଜଣାଯାଇଛି। ଦେବେନ୍ଦ୍ରଙ୍କ ଜ୍ୟେଷ୍ଠପୁତ୍ର ସତ୍ୟନାରାୟଣ ସ୍ଥାନୀୟ ରାଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଧ୍ୟୟନ କରୁଥିଲା ବେଳେ ସାନ ପୁଅ ସୁଧାଂଶୁ ଏପର୍ଯ୍ୟନ୍ତ ବିଦ୍ୟାଳୟ ଯାଇନାହିଁ । ଆର୍ଥିକ ସଙ୍କଟ ପାଇଁ ସତ୍ୟନାରାୟଣଙ୍କ ପାଠ ପଢାରେ ମଧ୍ୟ ଡୋରି ବନ୍ଧାହେବା ନେଇ ଆଶଙ୍କା ପ୍ରକାଶପାଇଛି। ଏପରିସ୍ଥଳେ ଦେବେନ୍ଦ୍ରଙ୍କ ଚିକିତ୍ସା ନିମନ୍ତେ ସରକାରଙ୍କ ତରଫରୁ କୌଣସି ଆର୍ଥିକ ସହାୟତା ମିଳିପାରିନାହିଁ ବୋଲି ପରିବାର ଲୋକେ କହିଛନ୍ତି। କୌଣସି ସ୍ୱେଚ୍ଛାସେବୀ ସଙ୍ଗଠନ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ଦେବେନ୍ଦ୍ରଙ୍କ ଚିକିତ୍ସା ନିମନ୍ତେ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ନୂତନ ପାଠାଗାର ଉଦ୍‌ଘାଟିତ

**ଫୁଲନଖରା,୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମରେ ନୂତନ ପାଠାଗାର ଶନିବାର ଉଦ୍‌ଘାଟିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ସିଏମ୍‌ସି ମେୟର ସୁବାସ ସିଂ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପାଠାଗାର ଦ୍ୱାରା ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଶୈକ୍ଷିକତା ମାନ ବୃଦ୍ଧି ପାଇବ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି, କର୍ପୋରେଟର ମମତା ମହାନ୍ତି, ରାକେଶ ସ୍ୱାଇଁ, ତପତୀ ଦାସ, ସୁଜାତା ସାହୁ, କନିଷ୍ଠ ଯନ୍ତ୍ରୀ ଏକଲବ୍ୟ ବାରିକ, ସାମାଜିକ କର୍ମୀ ବଦ୍ରିନାରାୟଣ ପଟ୍ଟନାୟକ, ରଞ୍ଜିତ ପଣ୍ଡା, ପ୍ରଶାନ୍ତ ଦଳାଇ, ପ୍ରମୋଦ ଓଝା, ପ୍ରଦୀପ ବେହେରାଙ୍କ ସମେତ ଭାଜପା କର୍ମୀମାନେ ଯୋଗଦେଇଥିଲେ।

# ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଘଣ୍ଟ ନ ଘୋଡାଇବା ପାଇଁ ବିଧାୟକଙ୍କୁ ସ୍ମାରକପତ୍ର

**କଟକ ସଦର,୩।୮ (ସୁଶାନ୍ତ କୁମାର ଜେନା):**

କଟକ ଜିଲାର ବିଭିନ୍ନ ବ୍ଲକରେ ବେଆଇନ କାର୍ଯ୍ୟ କରି ଲୋକାୟୁକ୍ତଙ୍କ ଦ୍ୱାରା ଦଣ୍ଡିତ ହୋଇଥିବା କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ସରକାର ପରିବର୍ତ୍ତନ ହେବା ପରେ ସଦର ବ୍ଲକ୍‌କୁ ଆସିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଉକ୍ତ ନିର୍ବାଚନମଣ୍ଡଳୀର କେତେଜଣ ବୁଦ୍ଧିଜୀବୀ ଶନିବାର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସ୍ମାରକ ପତ୍ର ଦେଇଛନ୍ତି। ଏଥିରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଆଣିଲେ ବ୍ଲକ ବଦ୍‌ନାମ୍ ହେବା ସହ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେବେ ବୋଲି ଦର୍ଶାଯାଇଛି। ଅତୀତରେ ପ୍ରଶାସନର ଅନୁକମ୍ପା ପାଇବା ପାଇଁ କେତେଜଣ ଅଧିକାରୀ ବ୍ଲକ୍‌ରେ ସାଧାରଣ ଲୋକଙ୍କ କଥା ନ ଶୁଣି କେବଳ କୁଳିନେତାଙ୍କ କଥାରେ ପରିଚାଳିତ ହେଉଥିଲେ। ଉତ୍କଳ ବିକାଶ ପରିଷଦର ସଭାପତି ଦାୟିତ୍ୱରେ ଥିବା ସେଠୀ ଅତୀତରେ ବିଡିଓଙ୍କୁ ଦେଖା କରିବା ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ। ଏବେ ସେହିଭଳି ଅଧିକାରୀଙ୍କ କାର୍ଯ୍ୟର ପୁନଃ ସମୀକ୍ଷା କରିବାର ସମୟ ଆସିଛି ବୋଲି ଉକ୍ତ ସ୍ମାରକପତ୍ରରେ ବିଧାୟକଙ୍କୁ ସ୍ମରଣ କରାଇ ଦିଆଯାଇଛି। ଏ ନେଇ ବିଧାୟକ ସେଠୀ କହିଛନ୍ତି, ଯାହା ସାଧାରଣ ଲୋକଙ୍କ ପାଇଁ ଠିକ୍ ହେବା ଓ ଦୁର୍ନୀତିମୁକ୍ତ ଶାସନ ନିମନ୍ତେ ସହାୟକ ହେବ ସେଭଳି ପଦକ୍ଷେପ ନେବି।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଆପେଣ୍ଡିକ୍ସ-୪-ଏ(ରୁଲ ୮(୬) ବ୍ୟବସ୍ଥା ଅନୁଯାୟୀ)

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ୍ ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ**, ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି । ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନକମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ବାପୁଜୀନଗର ଶାଖା** ଫୋନ: ୭୯୭୭୩୨୫୨୫୯ **ଋଣଗ୍ରହୀତା: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର**, ପ୍ଲଟ ନଂ.ଏନ୍/୩-୨୦୦, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, **ଜାମିନ୍‌ଦାରମାନେ: (୧)ଶ୍ରୀ ଯଶଜିତ୍ ସିଂ**, ଫ୍ଲାଟ ନଂ.୫୦୨, ଅମ୍ରିତା ପ୍ୟାଲେସ୍, ସତ୍ୟନଗର, ଭୁବନେଶ୍ୱର, ଓଡିଶା, ଟଙ୍କପାଣି ରୋଡ, ଭୁବନେଶ୍ୱର, ଓଡିଶା, **(୨)ଶ୍ରୀ ପ୍ରଦୀପ କୁମାର ସୁତାର**, ଫ୍ଲାଟ ନଂ.୧୦୨, ଦଭାତ୍ରେ ହିଲ୍‌ଭିୟୁ ଆପାର୍ଟମେଣ୍ଟ, ଲୁମ୍ବିନି ବିହାର ରୋଡ, ବୁଦ୍ଧ ପାର୍କ ନିକଟ, ନିଳାଦ୍ରୀ ବିହାର, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା । | **ସମ୍ପତ୍ତିର ମାଲିକ: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର** । ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ ନଂ.୩୦୨, ତୃତୀୟ ମହଲା, ନିର୍ମାଣ ଏରିଆ : ୧୩୦୦ ବର୍ଗଫୁଟ, ଅମ୍ରିତା ସଫି ଆର୍କେଡ, ସିଆରପି ଛକ, ପ୍ଲଟ ନଂ.୧୨୯୪, ଖାତା ନଂ.୧୪୦, ଅନୁରୂପ ନଟ୍ ଫାଇନାଲ ହାଲ ଖାତା ନଂ.୨୧୩୪, ହାଲ୍ ପ୍ଲଟ ନଂ.୧୬, ମୌଜା: ନୟାପଲ୍ଲୀ, ୟୁନିଟ୍ -୧୭, ଥାନା: ନୟାପଲ୍ଲୀ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା, ଉତ୍ତର- ପ୍ଲଟ ନଂ.୧୪ ଏବଂ ୧୫, ଦକ୍ଷିଣ- ପ୍ଲଟ ନଂ.୧୭ । | ତା.୩୧.୦୩.୨୦୧୮ରିଖ ସୁଦ୍ଧା ଟ.୧୨,୬୮,୪୨୫/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBGURPREETSB / ନାହିଁ | ଟ.୬୯,୦୫,୦୦୦/- / ଟ.୬,୯୦,୫୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୨. | **କୁଜଙ୍ଗ ଶାଖା** ଫୋନ: ୯୯୩୮୨୦୭୦୯୦ **ଋଣଗ୍ରହୀତା: ମେସର୍ସ ଶ୍ରୀ ଗ୍ରାଫିକ୍ସ, ସତ୍ତ୍ୱାଧିକାରୀ: ଶ୍ରୀ କୈଳାଶ ପାଣୀ**, ପିତା: ଛବି ପାଣୀ, **ଜାମିନ୍‌ଦାର: ଶ୍ରୀମତୀ ସୁପ୍ରଭା ସାମନ୍ତରାୟ**, ସ୍ୱା: ଶ୍ରୀ କୈଳାଶ ପାଣୀ, ଉଭୟଙ୍କ ଠିକଣା: ସା- କରଡୁଠ, ପୋ.- ବୋରିଖି, କଲ୍ୟାଣ ମଣ୍ଡପ ନିକଟ କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧। | **ସମ୍ପତ୍ତିର ମାଲିକ: ଶ୍ରୀ କୈଳାଶ ପାଣୀ** । (୧)ଜମି ଏବଂ ଗୃହ ଯାହାର ଏରିଆ : ଏ୦.୧୨ ଡିସିମିଲି, ପ୍ଲଟ ନଂ.୩୩୮ ଏବଂ ୩୪୦, ଖାତା ନଂ.୧୦୬, ଥାନା ୪୨, ମୌଜା: କରଡୁଠ, ଏସ୍‌ଆରଓ/ ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି । (୨)ଜମି ଏବଂ ଗୃହ ଯାହାର ଏରିଆ : ଏ୦.୦୧ ଡିସିମିଲି, ପ୍ଲଟ ନଂ.୩୩୭/୨୧୩୭, ଖାତା ନଂ.୪୪୫/୧୭୪, ଥାନା ୪୨, ମୌଜା: କରଡୁଠ, ଏସ୍‌ଆରଓ/ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି । | ତା.୦୩.୦୩.୨୦୨୩ରିଖ ସୁଦ୍ଧା ଟ.୧୫,୮୪,୨୮୩/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBSHREEGRAPHICS KUJANG / ନାହିଁ | ଟ.୨୫,୬୬,୦୦୦/- / ଟ.୨,୫୬,୬୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୩. | **ପଟିଆ ଶାଖା** ଫୋନ: ୯୪୩୭୯୬୫୮୪୧ **ଋଣଗ୍ରହୀତା/ବନ୍ଧକଦାତା: (୧)ଶ୍ରୀ ମହାଦେବ ଜେନା, (୨)ଶ୍ରୀ ଛବିନ୍ଦ୍ର କୁମାର ଜେନା**, ଉଭୟଙ୍କ ପିତା: ଶ୍ରୀ କ୍ଷେତ୍ରବାସୀ ଜେନା, ଠିକଣା: ସା-ଡମଣା, ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ମହାଦେବ ଜେନା ଏବଂ ଶ୍ରୀ ଛବିନ୍ଦ୍ର କୁମାର ଜେନା** । ଜମି ଏବଂ ଗୃହ ଯାହା ଗୋଲାସାହି, ଡମଣା, ୟୁନିଟ୍-୪୦, ରେଭିନ୍ୟୁ ଡିଭିଜନ: ଭୁବନେଶ୍ୱର, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଡମଣା, ପ୍ଲଟ ନଂ.୨୫୧, ଖାତା ନଂ.୮୮, ଏରିଆ: ଏ୦.୦୮୦ ଡିସିମିଲି (୩୪୮୪ ବର୍ଗଫୁଟ)ରେ ଅବସ୍ଥିତ, ଆରଏସ୍‌ଡି ନଂ.୧୧୦୮୧୭୧୦୭୭୦, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୨୫୨ ଏବଂ ୨୫୩, ପଶ୍ଚିମ- ପ୍ଲଟ ନଂ.୨୪୭, ୨୪୮ ଏବଂ ୨୫୦, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା । | ତା.୨୧.୦୬.୨୦୨୧ରିଖ ସୁଦ୍ଧା ଟ.୧,୨୪,୭୭,୪୩୯/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBMAHADEVPATIA / ନାହିଁ | ଟ.୬୮,୬୯,୦୦୦/- / ଟ.୬,୮୬,୯୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୪. | **ଖୋର୍ଦ୍ଧା ଶାଖା** ଫୋନ: ୯୭୭୭୬୫୦୭୩୩ **(୧)ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ, ପ୍ରତିନିଧିତ୍ୱ କରୁଥିବା ଏହାର ଚେୟାରମ୍ୟାନ ଶ୍ରୀ ଜିତେନ୍ଦ୍ର ପାତ୍ର (ଋଣଗ୍ରହୀତା)**, ଠିକଣା: ବିସିଆପଡା, ମୌଜା: ଦେଉଳବସ୍ତ, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦, **(୨)ଶ୍ରୀ ଜିତେନ୍ଦ୍ର ପାତ୍ର**, ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ଚେୟାରମ୍ୟାନ, **(୩)ଶ୍ରୀ ଯୁଧୀଷ୍ଠିର ପାତ୍ର (ଜାମିନ୍‌ଦାର)**, ପିତା: ସ୍ୱ.ବାନାୟର ପାତ୍ର, **(୪)ଶ୍ରୀ ପ୍ରତାପ କିଶୋର ପାତ୍ର (ଜାମିନ୍‌ଦାର)**, ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, **(୫)ଶ୍ରୀ ଧୀରେନ୍ଦ୍ର ପାତ୍ର (ଜାମିନ୍‌ଦାର)**, ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ସମସ୍ତଙ୍କ ଠିକଣା: ବିସିଆପଡା, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦। | **(୧)ସମ୍ପତ୍ତିର ମାଲିକ: ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ** । ଜମି ଏବଂ ଗୃହ ଯାହାର ଖାତା ନଂ.୨୩୧/୩୪, ପ୍ଲଟ ନଂ.୫୮୬, ଏରିଆ : ଏ୦.୫୨୫ ଡିସିମିଲି (୨୨୮୬୯ ବର୍ଗଫୁଟ) ଏବଂ ଖାତା ନଂ.୨୩୧/୩୫, ପ୍ଲଟ ନଂ.୫୮୭, ଏରିଆ : ଏ୦.୫୫୫ ଡିସିମିଲି (୨୪,୧୭୫.୮୦ ବର୍ଗଫୁଟ), କିସମ: ଘରବାରୀ, ସମୁଦାୟ ୨ଟିଖାତା, ୨ଟି ପ୍ଲଟ, ଏରିଆ: ଏ୧.୦୮୦ ଡିସିମିଲି (୪୭୦୪୪.୮୦ ବର୍ଗଫୁଟ), ମୌଜା: ଦେଉଳବସ୍ତ, ସା-ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୩, ଏସ୍‌ଆରଓ/ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୫୮୫, ୫୮୪, ୫୯୦, ୫୮୯, ଦକ୍ଷିଣ- ପ୍ଲଟ ନଂ.୫୮୭, ପୂର୍ବ- ପ୍ଲଟ ନଂ.୫୮୯, ପଶ୍ଚିମ- ପ୍ଲଟ ନଂ.୮୫୧ ଏବଂ ସରହଦ । **(୨)ସମ୍ପତ୍ତିର ମାଲିକ: ଶ୍ରୀ ଯୁଧୀଷ୍ଠିର ପାତ୍ର**, ପିତା: ସ୍ୱ.ବାନାୟର ପାତ୍ର । ଜମି ଏବଂ ଗୃହ ଯାହାର ଖାତା ନଂ.୨୮୭, ପ୍ଲଟ ନଂ.୪୪/୧୪୦୨, ଏରିଆ: ଏ୦.୦୨୫ ଡିସିମିଲି (୧୦୮୯ ବର୍ଗଫୁଟ), କିସମ: ଘରବାରୀ, ମୌଜା: ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୨, ଏସ୍‌ଆରଓ/ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସିସି ରାସ୍ତା, ଦକ୍ଷିଣ- ସୁରେନ୍ଦ୍ର ପାତ୍ର, ପୂର୍ବ- ସୁରେନ୍ଦ୍ର ପାତ୍ର, ପଶ୍ଚିମ- ଯୁଧୀଷ୍ଠିର ପାତ୍ର । | ତା.୨୪.୦୮.୨୦୧୫ରିଖ ସୁଦ୍ଧା ଟ.୧,୫୨,୩୬,୧୭୧/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସମ୍ପତ୍ତି ୧: IDIBPREMIER01 ସମ୍ପତ୍ତି: ୨ IDIBPREMIER02 / ନାହିଁ | ସମ୍ପତ୍ତି-୧ ନିମନ୍ତେ: ଟ.୨,୨୫,୩୦,୦୦୦/- / ଟ.୨୨,୫୩,୦୦୦/- / ଟ.୫୦,୦୦୦/- ସମ୍ପତ୍ତି-୨ ନିମନ୍ତେ: ଟ.୧୨,୦୦,୦୦୦/- / ଟ.୧,୨୦,୦୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd. ର ୱେବ୍‌ସାଇଟ୍ **(https://www.ebkray.in)** ପରିଦର୍ଶନ କରନ୍ତୁ । ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt. Ltd., ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ ।
**https://www.ebkray.in** ୱେବ୍‌ସାଇଟ୍‌ରେ ସମ୍ପତ୍ତି ଖୋଜୁଥିବାବେଳେ ଉପରୋକ୍ତ **ସମ୍ପତ୍ତି ଆଇଡି ନମ୍ବର** ବ୍ୟବହାର କରିବାକୁ ବିଡର୍‌ମାନଙ୍କୁ ପରାମର୍ଶ ଦିଆଯାଉଛି ।

**ତାରିଖ-୦୩.୦୮.୨୦୨୪, ସ୍ଥାନ-ଭୁବନେଶ୍ୱର**
**କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ଶେଷମୁଣ୍ଡରେ ପାଣି ପହଞ୍ଚିବା ନେଇ ଆଶଙ୍କାରେ ଚାଷୀ

## ନାମକୁ କେନାଲ ସଫେଇ

**ନିଶ୍ଚିନ୍ତକୋଇଲି, ୩।୮ (ଅଶୋକ କୁମାର ମହାପାତ୍ର)**



କୃଷି ଓ କୃଷକର ଉନ୍ନତି ନିମନ୍ତେ ସରକାର ନାନା ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯୋଗାଇଦେବା ନିମନ୍ତେ ଲକ୍ଷାଧିକ ଟଙ୍କା ମଞ୍ଜୁର କରୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର(ନଗସପୁର) ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଅଧୀନରେ ଥିବା ଏକ କେନାଲ ସଫେଇ ନାମକୁ ମାତ୍ର ହୋଇଛି ବୋଲି ଚାଷୀମାନେ କହିଛନ୍ତି। ଫଳରେ କେନାଲର ଶେଷ ମୁଣ୍ଡକୁ ପାଣି ଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ହେଉଛି ଏକ ଚାଷୀ ବହୁଳ ଅଞ୍ଚଳ। ଏଠାକାର ଚାଷୀମାନେ ମୁଖ୍ୟତଃ ଧାନ ଫସଲ ଉପରେ ନିର୍ଭର କରିଥାନ୍ତି। ଏହି ଅଞ୍ଚଳରେ ଜଳ ସେଚନର ସୁବିଧା ନିମନ୍ତେ ଲୋକେ ମୁଖ୍ୟତଃ ବର୍ଷାଜଳ ଓ କେନାଲ ଜଳ ଉପରେ ନିର୍ଭର କରିଥାନ୍ତି। ପୁନ୍ଦାଳ ବ୍ରାଞ୍ଚ କେନାଲ ନରେନ୍ଦ୍ରପୁର(ନଗସପୁର) ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ରହିଛି। ଏହି କେନାଲ ଉପରେ ଜଳସେଚନ ନିମନ୍ତେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଝାଡେଶ୍ୱରପୁର, ନରେନ୍ଦ୍ରପୁର, ଦାଉଦପୁର, ଓରତି ସମେତ ପାଟକୁରା ନିର୍ବାଚନ ମଣ୍ଡଳୀର ଶତାଧିକ ଚାଷୀ ନିର୍ଭର କରିଥାନ୍ତି। ମାତ୍ର ଚଳିତ ବର୍ଷ ଏହି କେନାଲର ସଫେଇକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନାଲ ସଫେଇ ଠିକ୍ ଭାବେ କରାଯାଇ ନ ଥିବା ଚାଷୀମାନେ କହିଛନ୍ତି। ଠିକାଦାର ମନମୁଖି ଭାବେ ଅତ୍ୟନ୍ତ ନିମ୍ନମାନର କେନାଲ ସଫେଇ କରିଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏହାର ତଦାରଖ କରି ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ତଦନ୍ତ କରାଯିବା ନିମନ୍ତେ ଚାଷୀ ମହଲରେ ଦାବି ହୋଇଛି। ଏସମ୍ପର୍କରେ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ମଲିକ କୁହନ୍ତି, ସଫେଇ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଖୁବ୍‌ଶୀଘ୍ର କେନାଲରେ ପାଣି ଛଡାଯିବ।

# ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

## ହଳଦିଆ କଲେଜ ଅଧକ୍ଷ ପ୍ରସଙ୍ଗ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ହଳଦିଆ ମହାବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ଦୀର୍ଘଦିନ ହେବ କଲେଜରେ ଅଧକ୍ଷ ପଦକୁ ନେଇ ପୂର୍ବତନ ଅଧକ୍ଷ ଉମାକାନ୍ତ ପାତ୍ର ଏବଂ ଇନଚାର୍ଜ ଅଧକ୍ଷ ଇତିହାସ ଅଧାପକ ବିଜୟ କୁମାର ଭଞ୍ଜଙ୍କ ମଧ୍ୟରେ ରହିଥିବା ବିବାଦ ଘନେଇବାରେ ଲାଗିଛି। ଫଳରେ ପିଲାଙ୍କ ପାଠପଢ଼ା ବ୍ୟାହତ ହେବା ସହ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ସ୍ଥାୟୀ ଅଧକ୍ଷ ନିଯୁକ୍ତି ଏବଂ ପୂର୍ବତନ ଅଧକ୍ଷଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଇତିହାସ ଅଧାପକଙ୍କୁ ଇନଚାର୍ଜ ଅଧକ୍ଷ ପଦବୀରୁ ହଟାଇବା ଦାବି ନେଇ ଶନିବାର ଯୁକ୍ତ ୨ ଏବଂ ୩ର ଛାତ୍ରୀଛାତ୍ର ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ସକାଳ ୭ଟାରୁ ୫ଟା ଘଣ୍ଟା ପର୍ଯ୍ୟନ୍ତ ପିଲାମାନେ କଲେଜ ଆଗରେ ବସି ରହିଥିଲେ। ଫଳରେ କର୍ମଚାରୀ, ଅଧାପିକା ଅଧାପକମାନେ କଲେଜ ବାହାରେ ରହିଥିଲେ। ଶିଳ୍ପାଞ୍ଚଳ ଥାନା ଅଧିକାରୀ ତାରିକ ଅହମ୍ମଦ ପହଞ୍ଚି ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ କଲେଜର ଗୋଟିଏ ଗୋଷ୍ଠୀ ଇନଚାର୍ଜ ଅଧକ୍ଷଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବା ବେଳେ ଅନ୍ୟ ଗୋଷ୍ଠୀ ପିଲାଙ୍କୁ ପରୋକ୍ଷରେ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, କିଛିଦିନ ପୂର୍ବେ ପୂର୍ବତନ ଅଧକ୍ଷ ଉମାକାନ୍ତ ପାତ୍ରଙ୍କୁ ଇତିହାସ ଅଧାପକ, ପରିଚାଳନା ସଭାପତି ଓ ଅନ୍ୟ ୪ଜଣ ଯୁବକ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷରୁ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଭିଭାବକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ରାସ୍ତାକୁ ଓହ୍ଲାଇବା ସହ ଜିଲା ପ୍ରଶାସନ, ଏସ୍‌ପି, ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅନ୍ୟପଟେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗ ପୂର୍ବତନ ଅଧକ୍ଷଙ୍କୁ ବଦଳି କରିଥିବା ସ୍ଥାନରେ ପୂର୍ବ ତାରିଖ ଅନୁଯାୟୀ ଯୋଗଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେପଟେ ହାଇକୋର୍ଟରୁ ନିୟମିତ ଜାମିନ ପାଇଁ ଇତିହାସ ଅଧାପକ ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ପୁଣି ଥରେ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ସମ୍ପୃକ୍ତ ଇତିହାସ ଅଧାପକଙ୍କ ବିରୋଧରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉଚ୍ଚ ଶିକ୍ଷାବିଭାଗ ଶାସନ ସଚିବଙ୍କୁ ଚିଠି ଲେଖି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିବା ବେଳେ ଶିକ୍ଷା ବିଭାଗର ନୀରବତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ପୂର୍ବତନ ଅଧକ୍ଷଙ୍କୁ ଆକ୍ରମଣ ଘଟଣାରେ ଇତିହାସ ଅଧାପକ, ପରିଚାଳନା ସଭାପତିଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଥାନାରେ ତଦନ୍ତ ପରିସରଭୁକ୍ତ ରହିଥିବା ଏବଂ ତାଙ୍କଠାରୁ ଅନ୍ୟ ସିନିୟର ଅଧାପକ ଥିବା ସତ୍ତ୍ୱେ କାହିଁକି ସଭାପତି ତାଙ୍କୁ ପୁଣି ଥରେ ଇନଚାର୍ଜ ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି, ଏହାକୁ ନେଇ ସ୍ଥାନୀୟ ସ୍ତରରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଇନଚାର୍ଜ ଅଧକ୍ଷ ଭଞ୍ଜ କହିଛନ୍ତି, ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛି। ଯୋଗଦାନ ପରେ କଲେଜ ଅଧାପକ, କର୍ମଚାରୀଙ୍କ ସହ ଆଲୋଚନା କରିଛି। ପାଠପଢ଼ା ସ୍ୱାଭାବିକ ହେବା ସହ ପିଲାମାନେ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରିଥିଲେ। ପୂର୍ବତନ ଅଧକ୍ଷ ଏବଂ ଅନ୍ୟ କେତେଜଣଙ୍କ ପ୍ରରୋଚନାରେ ପଡ଼ି ଫାଟକରେ ତାଲା ପକାଇ ଧାରଣା ଦେଇଥିବା ଖବରପାଇ ପୋଲିସ ଏବଂ ଉପଜିଲାପାଳଙ୍କୁ ଅବଗତ କରାଇଥିଲି। ସେହିପରି ଜଣେ ଅଧାପକ କହିଛନ୍ତି, କଲେଜରେ କିଏ ଅଧକ୍ଷ ରହିବ ତାହା ଶିକ୍ଷା ବିଭାଗ, ପ୍ରଶାସନ ସ୍ଥିର କରିବ। ପିଲାମାନେ ପାଠପଢ଼ା ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ତାଲା ପକାଇବା, ଧାରଣା ଦେବା ଠିକ୍ ନୁହଁ। ତେବେ ଏନେଇ ଥାନା ଅଧିକାରୀ ଅହମ୍ମଦ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛି। କଲେଜରେ ଧାରଣା ଦେବା ପରିବର୍ତ୍ତେ ଏ ସମ୍ପର୍କରେ ଶିକ୍ଷା ବିଭାଗ, ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦିଆଯାଇଛି।

# ରେରା ନିୟମରେ ଜମି ବିକ୍ରି ହେଉ

ପୁରୁଣା ଭୁବନେଶ୍ୱର,୩।୮ (ସୁବାସ ଚନ୍ଦ୍ର ପ୍ରଧାନ)

ରେରା ଅଧିନିୟମ ଧାରା ୩କୁ ଅବମାନନା କରି କୌଣସି ଜମି ଭାଗ କରି ବିକ୍ରି କରାଯାଇ ପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଅଧୀନରେ ସମସ୍ତ ଅତିରିକ୍ତ ଜିଲାପାଳ ତଥା ଜିଲା ନିବନ୍ଧକମାନଙ୍କୁ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ଓରେରା) ସଚିବ ଓ ରାଜସ୍ୱ ବିଭାଗ ପ୍ରମୁଖ ସଚିବ ବାରମ୍ବାର ଚିଠି ଜାରି କରିଛନ୍ତି। ମାତ୍ର ଖୋର୍ଦ୍ଧା ଜିଲା ଅଧୀନ ବାଲିଅନ୍ତା, ଭୁବନେଶ୍ୱର, ଖଣ୍ଡଗିରି ଓ ପିପିଲି, ବାରଙ୍ଗ ପରି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେରା ନିୟମ ସର୍ବାଧିକ ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଲେଆଉଟ୍ ଫି', ସ୍କ୍ରୁଟିନି ଫି', ନିର୍ମାଣ ଶ୍ରମିକ ସେସ୍ ଟିକସ ସରକାର ହରାଉଛନ୍ତି। ଏଥିସହିତ ପାଣିନାଳ, ଚକନାଳ ପୋତି ବେଆଇନ ପ୍ଲଟିଂ କରାଯାଇ ବିକ୍ରି କରାଯାଉଛି। ରେରା ନିୟମକୁ ଅନୁପାଳନ କରାଯାଉ ନ ଥିବାରୁ ଏନେଇ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ନଂ.୧୪୧୨୮/୨୦୨୨ରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ତେବେ ଗତ ଫେବୃଆରୀରେ ଏହାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ରେରା ଧାରା ୩କୁ ସମସ୍ତ ନିବନ୍ଧକ ମାନିବାକୁ ଆଦେଶ କରିଥିଲେ। ଫଳରେ ଗତ ପ୍ରାୟ ୪ମାସ ହେଲା ଖୋର୍ଦ୍ଧା ଜିଲାରେ ସମସ୍ତ ଅବୈଧ ପ୍ଲଟିଂ ବିକ୍ରି ଏକପ୍ରକାର ଠପ୍ ହୋଇଯାଇଛି। ଇତିମଧ୍ୟରେ ଗତ ୨୨ ତାରିଖରେ ଚିଠି ନଂ.୨୩୪୦୬ ଜରିଆରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବାଲିଅନ୍ତା, ଭୁବନେଶ୍ୱର, ଖଣ୍ଡଗିରି, ଜଟଣୀ ଓ ଖୋର୍ଦ୍ଧା ସବ୍ ରେଜିଷ୍ଟ୍ରାରଙ୍କୁ ଏକ ଚିଠି କରି ଜଣାଇଛନ୍ତି ଯେ ଓଡ଼ିଶା ଡେଭଲପ୍‌ମେଣ୍ଟ ଅଥରିଟି ଆକ୍ଟ ସେକ୍ସନ ୧୫ ଅନୁସାରେ କୌଣସି ଜମିକୁ ଘରବାରି ଉଦ୍ଦେଶ୍ୟରେ ବ୍ୟବହାର କରାଗଲେ ଲେଆଉଟ୍ ଏବଂ ପ୍ଲାନିଂ ପାଇଁ ବିଡିଏର ଅନୁମତି ଆବଶ୍ୟକ। ମାତ୍ର ଚାଷଜମି ଭାଗକରି ବିକ୍ରି କରିବା ପାଇଁ ବିଡିଏ ଏନ୍‌ଓସି ଅବା ଅନୁମତି ଅନାବଶ୍ୟକ ବୋଲି ସବ୍‌ରେଜିଷ୍ଟ୍ରାରମାନଙ୍କୁ ଅବଗତ କରାଇବା ସହ ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ଜଣାଇଛନ୍ତି।

ପ୍ରକାଶ ଯେ, ୨୯ ମାର୍ଚ୍ଚ ୨୦୧୮ରେ ଓରେରା ସେକ୍ରେଟାରି ଓଡ଼ିଶାର ସମସ୍ତ ଅତିରିକ୍ତ ଜିଲାପାଳ ତଥା ଜିଲା ନିବନ୍ଧକଙ୍କୁ ଚିଠି ସଂଖ୍ୟା. ୮୦୧ ଜରିଆରେ ୫୦୦ ବର୍ଗ ମିଟରରୁ ଅଧିକ ଚାଷଜମି କିମ୍ବା ଘରବାରି କିସମ ସମସ୍ତ ଜମିର ଆଂଶିକ ବିକ୍ରି କ୍ଷେତ୍ରରେ ପ୍ଲାନିଂ ଲେଆଉଟ ସହ ଓରେରାର ଅନୁମତି ଆବଶ୍ୟକ ବୋଲି ସ୍ପଷ୍ଟ କରିଥିଲେ। ଏଥିସହ ୫୦୦ ବର୍ଗ ମିଟରରୁ କମ୍ ଜମି କ୍ଷେତ୍ରରେ ଲେଆଉଟ ପ୍ଲାନିଂ ଜରୁରୀ ଥିବାବେଳେ ଓରେରା ଅନୁମତି ଅନାବଶ୍ୟକ ବୋଲି ସ୍ପଷ୍ଟ କରିଥିଲେ। ଏହାର ଉଲ୍ଲଂଘନ ହେଲେ ଧାରା ୩ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇଥିଲେ। ଉକ୍ତ ଚିଠିକୁ ଓରେରା ପକ୍ଷରୁ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ, ଆଇଜିଆର ଓ ସମସ୍ତ ଜିଲା ନିବନ୍ଧକଙ୍କୁ ଜାରି କରାଯାଇଥିଲା। ହେଲେ କେତେକ କ୍ଷେତ୍ରରେ ଏହାର ଅନୁପାଳନ ହେଉ ନ ଥିବାରୁ ଉଭୟ ବିଲ୍ଡର ଏବଂ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏନେଇ ପିପିଲି ସଙ୍ଗଳାଇ ଶାସନର ଚାଷୀ କମଳାକାନ୍ତ ଶତପଥୀ କହିଛନ୍ତି, ଓରେରା ନିୟମ ନ ରହିଲେ ଆମ ଅଞ୍ଚଳ ଭଳି ସବୁ ଅଞ୍ଚଳରୁ ଚାଷ ଜମି ନିଶ୍ଚିହ୍ନ ହୋଇଯିବ। ସେହିପରି ଖୋର୍ଦ୍ଧା ଅଞ୍ଚଳର ଚାଷୀ ପ୍ରଭାତ କୁମାର ସେନାପତିଙ୍କ କହିବା ହେଲା, ଚାଷ ଆମର ବେଉସା। ବିଲ୍‌ଡରମାନେ ବିନା ଓରେରା ରେଜିଷ୍ଟ୍ରେଶନରେ ଚାଷ ଜମି କିଣାବିକା କରିବାରୁ ଅନେକ ଚକ ନାଳ ଏବଂ ଚକ ରାସ୍ତା ଗାଏବ ହୋଇଯାଇଛି। ଫଳରେ ଇଚ୍ଛା ନ ଥିଲେ ମଧ୍ୟ ଚାଷୀଟିଏ ଶାଗମାଛ ଦରରେ ବିଲଡରଙ୍କୁ ଜମି ବିକିବାକୁ ବାଧ୍ୟ ହେଉଛି। ତେଣୁ ଓରେରା ନିୟମ ରହିଲେ ଆମ୍ଭେ ଚାଷୀମାନେ ନିରାପଦରେ ଚାଷ କାର୍ଯ୍ୟ କରିପାରିବୁ। ବିଲଡର ସୁଧୀର କୁମାର ଚମ୍ପତିଙ୍କ କହିବାନୁସାରେ ଚାଷ ଜମିରେ ଓରେରା ରେଜିଷ୍ଟ୍ରେଶନ ରହିବା ଉଚିତ୍। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ରାଉତରାୟ କହିଛନ୍ତି, ଟାଉନ ପ୍ଲାନିଂ ପାଇଁ ଥିବା ବିଡିଏର ଓରେରା ସହିତ ସମନ୍ୱୟ ରହିବା ଉଚିତ। ଓରେରା ନିୟମ ରହୁ, ହେଲେ ତାକୁ ସରଳୀକରଣ କରାଯାଉ। ଫଳରେ ଜଣେ ଘର ମାଲିକ ବା ଚାଷୀ ଠକାମିର ଶିକାର ହେବେ ନାହିଁ।

# ଧୂଆଁଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ବାଲୁଗାଁ,୩।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଧୂଆଁଳ ଉପକେନ୍ଦ୍ରରୁ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦୈନନ୍ଦିନ ପରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁକ୍ରବାର ସନ୍ଧ୍ୟାରେ କାର୍ଯ୍ୟାଳୟରେ ତାଲା ପକାଇ ବାଲୁଗାଁସ୍ଥିତ ଭଡାରେ ରହୁଥିବା ବାସଭବନକୁ ଯାଇଥିଲେ। ଶନିବାର ପୂର୍ବାହ୍ନରେ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଗ୍ରୀଲ ତାଲା ଭଙ୍ଗାଯାଇ ଘର ଖୋଲାଥିବା ସହ ଇନଭେର୍ଟର, ବ୍ୟାଟେରୀ ଓ ବିଭିନ୍ନ ଯନ୍ତ୍ରାଂଶ ଆଦି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଗ୍ରାମ୍ୟ କମିଟିକୁ ଜଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ସୁଖଦା ହାଁସଦା ଘଟଣା ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ଅନୁସନ୍ଧାନ ଜାରି ରହିଛି, ଖୁବ୍‌ଶୀଘ୍ର ଚୋର ଧରାପଡିବ ବୋଲି ଆଇଆଇସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

# ଚୁଆରୁ ଗଳିତ ମୃତଦେହ ଜବତ

## ମୃତ୍ୟୁର କାରଣ ଅସ୍ପଷ୍ଟ, ପୋଲିସର ତଦନ୍ତ ଜାରି

ଯାଁଳା,୩।୮ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଭୁଆସୁଣୀ ମନ୍ଦିର ପଛପଟେ ଥିବା ଏକ ଚୁଆରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ବାଦପୁରୁ ଗ୍ରାମର ମଙ୍ଗୁଲୁ ଜାନି (୪୫)। ସୂଚନା ମୁତାବକ, ମଙ୍ଗୁଲୁ ପରିବାର ସହ ଓଗାଳପଡା ଅଞ୍ଚଳରେ ରହୁଥିବା ବେଳେ କାମ କରି ପରିବାର ପ୍ରତିପୋଷଣ କରିଥାଏ। ୩ଦିନ ପୂର୍ବରୁ ମଙ୍ଗୁଲୁ କାମ କରିବା ପାଇଁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳେ କେତେଜଣ ବିଲକୁ ଯାଉଥିବା ବେଳେ ଚୁଆ ନିକଟରେ ଦୁର୍ଗନ୍ଧ ହୋଇଥିଲା। ଏହାପରେ ଚୁଆରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲା। ଖବରପାଇ ମଙ୍ଗୁଲୁଙ୍କ ସ୍ତ୍ରୀ କଣ୍ଡୁଣୀ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ମାସିକ ସମ୍ମିଳନୀ



ବେଗୁନିଆ,୩।୮ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନବମ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ ମୁଖ୍ୟ ବକ୍ତା, ଓଷ୍ଟା ବ୍ଲକ ସଭାପତି ଗଣେଶ୍ୱର ମିଶ୍ର, ପ୍ରଧାନ ଶିକ୍ଷକ ଗଣେଶ୍ୱର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚଳିତ ମାସ ପାଇଁ ପାଠ୍ୟକ୍ରମ, ଶୈକ୍ଷିକ ଉପକରଣ ସହ ଅନୁକୂଳ ପରିବେଶ ମାଧ୍ୟମରେ ଛାତ୍ରୀଛାତ୍ରମାନେ କିଭଳି ଜ୍ଞାନ ଆହରଣ କରିପାରିବେ ସେଥିପାଇଁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଦାଶରଥି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଲମ୍ନି କମିଟି ଓ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ପିଲାଙ୍କ ଲୁକ୍କାୟିତା ପ୍ରତିଭା, ବୈଜ୍ଞାନିକ ଚିନ୍ତାଧାରା ବିକାଶ ଲକ୍ଷ୍ୟ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଏବଂ ଓସେପା ଦ୍ୱାରା ପରିଚାଳିତ ଜିଲାସ୍ତରୀୟ ହାକାଥନ ମେଳା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୧୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ତଥା ନୂତନ ବୈଜ୍ଞାନିକ ଚିନ୍ତାଧାରାର ବହୁଳଭାବେ ପ୍ରଚାର ଏବଂ ପ୍ରସାର ଉଦ୍ଦେଶ୍ୟରେ ଏହି ହାକାଥନ ଲକ୍ଷ୍ୟ ରହିଛି। କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପ ଓ ବିଚାରଧାରାକୁ ଆଖି ଆଗରେ ରଖି ଜିଲାସ୍ତରରୁ ଉନ୍ନୀତ ସର୍ବୋଚ୍ଚ ତିନୋଟି ପ୍ରକଳ୍ପକୁ ରାଜ୍ୟସ୍ତରରେ ପୁରସ୍କୃତ କରାଯିବ।

ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ଅମ୍ରିତା ପ୍ରୀତିନନ୍ଦା ସଭାପତିତ୍ୱ କରିଥିବା ବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ସଂଯୋଜନା କରିଥିଲେ। ଉତ୍ସବରେ ପ୍ରାଣନାଥ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ.ପ୍ରଣବ କିଶୋର ମହାନ୍ତି, ପ୍ରଫେସର ବିଶ୍ୱଜିତ୍ ସାମନ୍ତରାୟ, ଅଧାପକ ସୁବୋଧ କୁମାର ଜଗଦ୍ଦେବ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ର ଅଂଶୁମାନ ପ୍ରିୟଦର୍ଶୀ ନିଜ ଶୈଳୀରେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସଭାପତିତ୍ୱ କରିଥିଲେ। ଡ.ଶୁଭେନ୍ଦୁ କୁମାର ମହାନ୍ତି ଏହାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ରବି ନାରାୟଣ ପଣ୍ଡା, ଯୁଧିଷ୍ଠିର ସାହୁ, ରବୀନ୍ଦ୍ର ପ୍ରଧାନ, ବିଭୁ ପ୍ରସାଦ ସେନାପତି, ତୋଫାନ୍ କୁମାର ରାଉତରାୟ, ଅଜୟ ନିଶଙ୍କ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରିଚାଳନା କରିଥିଲେ।


इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଆପେଣ୍ଡିକ୍ସ-୪-ଏ(ରୁଲ ୮(୬) ବ୍ୟବସ୍ଥା ଅନୁଯାୟୀ)

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ,** ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା:

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନକମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ବାପୁଜୀନଗର ଶାଖା** ଫୋନ୍: ୭୯୭୭୩୨୫୨୫୯ **ଋଣଗ୍ରହୀତା: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର,** ପ୍ଲଟ ନଂ.ଏନ୍/୩-୨୦୦, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, **ଜାମିନ୍‌ଦାରମାନେ: (୧)ଶ୍ରୀ ଯଶଜିତ୍ ସିଂ,** ଫ୍ଲାଟ ନଂ.୫୦୨, ଅମ୍ରିତା ପ୍ୟାଲେସ୍, ସତ୍ୟନଗର, ଭୁବନେଶ୍ୱର, ଓଡିଶା, ଟଙ୍କପାଣି ରୋଡ, ଭୁବନେଶ୍ୱର, ଓଡିଶା, **(୨)ଶ୍ରୀ ପ୍ରଦୀପ କୁମାର ସୁତାର,** ଫ୍ଲାଟ ନଂ.୧୦୨, ଦତ୍ତାତ୍ରେ ହିଲ୍‌ଭିୟୁ ଆପାର୍ଟମେଣ୍ଟ, ଲୁମ୍ବିନି ବିହାର ରୋଡ, ବୁଦ୍ଧ ପାର୍କ ନିକଟ, ନିଳାଦ୍ରୀ ବିହାର, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ଗୁରପ୍ରିତି ସିଂ ଭୁଲ୍ଲାର।** ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ ନଂ.୩୦୨, ତୃତୀୟ ମହଲା, ନିର୍ମାଣ ଏରିଆ: ୧୩୦୦ ବର୍ଗଫୁଟ, ଅମ୍ରିତା ସଫି ଆର୍କେଡ, ସିଆରପି ଛକ, ପ୍ଲଟ ନଂ.୧୨୯୪, ଖାତା ନଂ.୧୪୦, ଅନୁରୂପ ନଟ୍ ଫାଇନାଲ ହାଲ ଖାତା ନଂ.୨୧୩୪, ହାଲ୍ ପ୍ଲଟ ନଂ.୧୬, ମୌଜା: ନୟାପଲ୍ଲୀ, ୟୁନିଟ୍ -୧୭, ଥାନା: ନୟାପଲ୍ଲୀ, ତହସିଲି: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା, ଉତ୍ତର- ପ୍ଲଟ ନଂ.୧୪ ଏବଂ ୧୫, ଦକ୍ଷିଣ- ପ୍ଲଟ ନଂ.୧୭। | ତା.୩୧.୦୩.୨୦୧୮ରିଖ ସୁଦ୍ଧା ଟ.୧୨,୬୮,୪୨୫/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBGURPREETSB / ନାହିଁ | ଟ.୬୯,୦୫,୦୦୦/- / ଟ.୬,୯୦,୫୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୨. | **କୁଜଙ୍ଗ ଶାଖା** ଫୋନ୍: ୯୯୩୮୨୦୭୦୯୦ **ଋଣଗ୍ରହୀତା: ମେସର୍ସ ଶ୍ରୀ ଗ୍ରାଫିକ୍ସ, ସତ୍ତ୍ୱାଧିକାରୀ: ଶ୍ରୀ କୈଳାଶ ପାଣୀ,** ପିତା: ଛବି ପାଣୀ, **ଜାମିନ୍‌ଦାର: ଶ୍ରୀମତୀ ସୁପ୍ରଭା ସାମନ୍ତରାୟ,** ସ୍ୱା: ଶ୍ରୀ କୈଳାଶ ପାଣୀ, ଉଭୟଙ୍କ ଠିକଣା: ସା- କରତୁଠ, ପୋ.- ବୋରିଖି, କଲ୍ୟାଣ ମଣ୍ଡପ ନିକଟ କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧। | **ସମ୍ପତ୍ତିର ମାଲିକ: ଶ୍ରୀ କୈଳାଶ ପାଣୀ।** (୧)ଜମି ଏବଂ ଗୃହ ଯାହାର ଏରିଆ: ଏ୦.୧୨ ଡିସିମିଲି, ପ୍ଲଟ ନଂ.୩୩୮ ଏବଂ ୩୪୦, ଖାତା ନଂ.୧୦୬, ଥାନା ୪୨, ମୌଜା: କରତୁଠ, ଏସ୍‌ଆରଓ/ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି। (୨)ଜମି ଏବଂ ଗୃହ ଯାହାର ଏରିଆ: ଏ୦.୦୧ ଡିସିମିଲି, ପ୍ଲଟ ନଂ.୩୩୭/୨୧୩୭, ଖାତା ନଂ.୪୪୫/୧୭୪, ଥାନା ୪୨, ମୌଜା: କରତୁଠ, ଏସ୍‌ଆରଓ/ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୪୧, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଲୋକନାଥ ପାଣୀ, ଦକ୍ଷିଣ- କାଳନ୍ଦୀ ପାଣୀ, ପୂର୍ବ- ଯୋଗେନ୍ଦ୍ର ପାଣୀ, ପଶ୍ଚିମ- ସରକାରୀ ଜମି। | ତା.୦୩.୦୩.୨୦୨୩ରିଖ ସୁଦ୍ଧା ଟ.୧୫,୮୪,୨୮୩/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBSHREEGRAPHICS KUJANG / ନାହିଁ | ଟ.୨୫,୬୬,୦୦୦/- / ଟ.୨,୫୬,୬୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୩. | **ପଟିଆ ଶାଖା** ଫୋନ୍: ୯୪୩୭୯୬୫୮୪୧ **ଋଣଗ୍ରହୀତା/ବନ୍ଧକଦାତା: (୧)ଶ୍ରୀ ମହାଦେବ ଜେନା, (୨)ଶ୍ରୀ ଛବିନ୍ଦ୍ର କୁମାର ଜେନା,** ଉଭୟଙ୍କ ପିତା: ଶ୍ରୀ କ୍ଷେତ୍ରବାସୀ ଜେନା, ଠିକଣା: ସା-ଡମଣା, ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ମହାଦେବ ଜେନା ଏବଂ ଶ୍ରୀ ଛବିନ୍ଦ୍ର କୁମାର ଜେନା।** ଜମି ଏବଂ ଗୃହ ଯାହା ଗୋଲାସାହି, ଡମଣା, ୟୁନିଟ୍-୪୦, ରେଭିନ୍ୟୁ ଡିଭିଜନ୍: ଭୁବନେଶ୍ୱର, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଡମଣା, ପ୍ଲଟ ନଂ.୨୫୧, ଖାତା ନଂ.୮୮, ଏରିଆ: ଏ୦.୦୮୦ ଡିସିମିଲି (୩୪୮୪ ବର୍ଗଫୁଟ)ରେ ଅବସ୍ଥିତ, ଆରଏସ୍‌ଡି ନଂ.୧୧୦୮୧୭୧୦୭୭୦, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୨୫୨ ଏବଂ ୨୫୩, ପଶ୍ଚିମ- ପ୍ଲଟ ନଂ.୨୪୭, ୨୪୮ ଏବଂ ୨୫୦, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା। | ତା.୨୧.୦୬.୨୦୨୧ରିଖ ସୁଦ୍ଧା ଟ.୧,୨୪,୭୭,୪୩୯/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBMAHADEVPATIA / ନାହିଁ | ଟ.୬୮,୬୯,୦୦୦/- / ଟ.୬,୮୬,୯୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୪. | **ଖୋର୍ଦ୍ଧା ଶାଖା** ଫୋନ୍: ୯୭୭୭୬୫୦୭୩୩ **(୧)ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ, ପ୍ରତିନିଧୀତ୍ୱ କରୁଥିବା ଏହାର ଚେୟାରମ୍ୟାନ ଶ୍ରୀ ଜିତେନ୍ଦ୍ର ପାତ୍ର (ଋଣଗ୍ରହୀତା),** ଠିକଣା: ବିସିଆପଡା, ମୌଜା: ଦେଉଳବସ୍ତ, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦, **(୨)ଶ୍ରୀ ଜିତେନ୍ଦ୍ର ପାତ୍ର,** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ଚେୟାରମ୍ୟାନ, **(୩)ଶ୍ରୀ ଯୁଧୀଷ୍ଠିର ପାତ୍ର (ଜାମିନ୍‌ଦାର),** ପିତା: ୰ବାନାୟର ପାତ୍ର, **(୪)ଶ୍ରୀ ପ୍ରତାପ କିଶୋର ପାତ୍ର (ଜାମିନ୍‌ଦାର),** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, **(୫)ଶ୍ରୀ ଧୀରେନ୍ଦ୍ର ପାତ୍ର (ଜାମିନ୍‌ଦାର),** ପିତା: ଶ୍ରୀ ଯୁଧୀଷ୍ଠିର ପାତ୍ର, ସମସ୍ତଙ୍କ ଠିକଣା: ବିସିଆପଡା, ତିରିମାଳ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦। | **(୧)ସମ୍ପତ୍ତିର ମାଲିକ: ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ।** ଜମି ଏବଂ ଗୃହ ଯାହାର ଖାତା ନଂ.୨୩୧/୩୪, ପ୍ଲଟ ନଂ.୫୮୬, ଏରିଆ: ଏ୦.୫୨୫ ଡିସିମିଲି (୨୨୮୬୯ ବର୍ଗଫୁଟ) ଏବଂ ଖାତା ନଂ.୨୩୧/୩୫, ପ୍ଲଟ ନଂ.୫୮୭, ଏରିଆ: ଏ୦.୫୫୫ ଡିସିମିଲି (୨୪,୧୭୫.୮୦ ବର୍ଗଫୁଟ), କିସମ: ଘରବାରୀ, ସମୁଦାୟ ୨ଟିଖାତା, ୨ଟି ପ୍ଲଟ, ଏରିଆ: ଏ୧.୦୮୦ ଡିସିମିଲି (୪୭୦୪୪.୮୦ ବର୍ଗଫୁଟ), ମୌଜା: ଦେଉଳବସ୍ତ, ସା-ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୩, ଏସ୍‌ଆରଓ/ତହସିଲି: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୫୮୫, ୫୮୪, ୫୯୦, ୫୮୯, ଦକ୍ଷିଣ- ପ୍ଲଟ ନଂ.୫୮୭, ପୂର୍ବ- ପ୍ଲଟ ନଂ.୫୮୯, ପଶ୍ଚିମ- ପ୍ଲଟ ନଂ.୮୫୧ ଏବଂ ସରହଦ। **(୨)ସମ୍ପତ୍ତିର ମାଲିକ: ଶ୍ରୀ ଯୁଧୀଷ୍ଠିର ପାତ୍ର,** ପିତା: ୰ବାନାୟର ପାତ୍ର। ଜମି ଏବଂ ଗୃହ ଯାହାର ଖାତା ନଂ.୨୮୭, ପ୍ଲଟ ନଂ.୪୪/୧୪୦୨, ଏରିଆ: ଏ୦.୦୨୫ ଡିସିମିଲି (୧୦୮୯ ବର୍ଗଫୁଟ), କିସମ: ଘରବାରୀ, ମୌଜା: ବିସିଆପଡା, ପୋ.: ତିରିମାଳ, ଥାନା ନଂ.୨୨, ଏସ୍‌ଆରଓ/ତହସିଲି: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୦୫୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସିସି ରାସ୍ତା, ଦକ୍ଷିଣ- ସୁରେନ୍ଦ୍ର ପାତ୍ର, ପୂର୍ବ- ସୁରେନ୍ଦ୍ର ପାତ୍ର, ପଶ୍ଚିମ- ଯୁଧୀଷ୍ଠିର ପାତ୍ର। | ତା.୨୪.୦୮.୨୦୧୫ରିଖ ସୁଦ୍ଧା ଟ.୧,୫୨,୩୬,୧୭୧/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / **ସମ୍ପତ୍ତି ୧:** IDIBPREMIER01 **ସମ୍ପତ୍ତି: ୨** IDIBPREMIER02 / ନାହିଁ | **ସମ୍ପତ୍ତି-୧ ନିମନ୍ତେ:** ଟ.୨,୨୫,୩୦,୦୦୦/- / ଟ.୨୨,୫୩,୦୦୦/- / ଟ.୫୦,୦୦୦/- **ସମ୍ପତ୍ତି-୨ ନିମନ୍ତେ:** ଟ.୧୨,୦୦,୦୦୦/- / ଟ.୧,୨୦,୦୦୦/- / ଟ.୨୫,୦୦୦/- | ୨୧.୦୮.୨୦୨୪ (ବୁଧବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd. ର ୱେବ୍‌ସାଇଟ୍ **(https://www.ebkray.in)** ପରିଦର୍ଶନ କରନ୍ତୁ। ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ। ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt. Ltd., ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
**https://www.ebkray.in** ୱେବ୍‌ସାଇଟ୍‌ରେ ସମ୍ପତ୍ତି ଖୋଜୁଥିବାବେଳେ ଉପରୋକ୍ତ **ସମ୍ପତ୍ତି ଆଇଡି ନମ୍ବର** ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଛି।

ତାରିଖ-୦୩.୦୮.୨୦୨୪, ସ୍ଥାନ-ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ୪ଜି ସେବା ଆରମ୍ଭ କରିବ ବିଏସ୍ଏନ୍ଏଲ

ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ ଏବଂ ଭୋଡାଫୋନ ଆଇଡିଆର ଶୁଳ୍କ ବୃଦ୍ଧି ପରେ ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍ଏନ୍ଏଲ୍)ର ଗ୍ରାହକ ସଂଖ୍ୟା ବୃଦ୍ଧିପାଇଛି। ଅନ୍ୟପଟେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ବିଏସ୍ଏନ୍ଏଲ୍ କମ୍ପାନୀର ଘରୋଇ ୪ଜି ନେଟ୍ୱର୍କ ପ୍ରସ୍ତୁତ ଥିବାବେଳେ ଏହାକୁ ୫ଜିରେ ରୂପାନ୍ତର କରିବା ପାଇଁ କାର୍ଯ୍ୟ ଚାଲିଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ଆତ୍ମନିର୍ଭର ଭାରତ' ଅଧୀନରେ ୪ଜି ନେଟ୍ୱର୍କ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ପ୍ରସ୍ତୁତ ଏବଂ କିଛି ମାସ ମଧ୍ୟରେ ବିଏସ୍ଏନ୍ଏଲ୍ ମାଧ୍ୟମରେ ଏହାର ସେବା ସମଗ୍ର ଦେଶରେ ଉପଲବ୍ଧ ହେବ। ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ ୪ଜି ନେଟ୍ୱର୍କ ଆରମ୍ଭ କରିବା ସମୟରେ ବିଏସ୍ଏନ୍ଏଲ୍ କେଉଁବେଳେ ଏହି ସେବା ଆରମ୍ଭକରିବ ବୋଲି ନାଗରିକମାନେ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂକଳ୍ପ ଥିଲା ଯେ ଯଦି ଆମକୁ ଏକ ସରକାରୀ କମ୍ପାନୀର ନେଟ୍ୱର୍କ ବିକାଶ କରିବାକୁ ପଡିବ ତେବେ ଆମେ ଚାଇନା କିମ୍ବା ଅନ୍ୟ କୌଣସି ବିଦେଶୀ ଦେଶରୁ ଉପକରଣ ବ୍ୟବହାର କରିବୁ ନାହିଁ ବୋଲି ସିନ୍ଧିଆ କହିଛନ୍ତି। ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଭାରତ ନିଜର ୪ଜି ଷ୍ଟାକ୍, କୋର୍ ସିଷ୍ଟମ କିମ୍ବା ରେଡିଓ ଆକ୍ସେସ୍ ନେଟ୍ୱର୍କ (ଆର୍ଏଏନ୍) ନାମକ ଟାୱାର ବିକାଶ କରିବ। ଭାରତ ନିଜସ୍ୱ ଟେକ୍ନୋଲୋଜିର ବିକାଶ କରିବ ଏବଂ ଦେଶବାସୀଙ୍କୁ ୪ଜି ନେଟ୍ୱର୍କ ଯୋଗାଇବ । ଏଥିପାଇଁ ଦେଢ଼ବର୍ଷ ସମୟ ଲାଗିବ ବୋଲି ସେ କହିଛନ୍ତି। ନିଜର ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ପାଇଁ ଭାରତ ପଞ୍ଚମ ଦେଶ ହୋଇପାରିଛି। ଏହା ସହ ଟାୱାର ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ସେ କହିଛନ୍ତି, ତେଜସ୍ ନେଟ୍ୱର୍କ, ସି-ଡଟ୍ ଏବଂ ଟିସିଏସ୍ ଭଳି ଭାରତୀୟ କମ୍ପାନୀ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ବିଏସ୍ଏନ୍ଏଲ୍ ଏହାକୁ କାର୍ଯ୍ୟକାରୀ କରୁଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅକ୍ଟୋବର ଶେଷ ସୁଦ୍ଧା ୮୦,୦୦୦ ଟାୱାର ଏବଂ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ୨୧,୦୦୦ ଟାୱାର ସ୍ଥାପନ କରାଯିବ। ମାର୍ଚ୍ଚ ୨୦୨୫ ସୁଦ୍ଧା ୪ଜି ନେଟ୍ୱର୍କର ୧ ଲକ୍ଷ ଟାୱାର ସ୍ଥାପନ କରାଯିବ। ୫ଜି ସେବା ପାଇଁ ଆମକୁ ଟାୱାରରେ କିଛି ପରିବର୍ତ୍ତନ କରିବାକୁ ପଡିବ ଏବଂ ଏହା ଉପରେ କାର୍ଯ୍ୟ ଚାଲିଛି। ଭାରତ ଖୁବଶୀଘ୍ର ୪ଜିରୁ ୫ଜି ସେବା ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏହା ମଧ୍ୟରେ ଗ୍ରାହକ ଘରୋଇ ସେବା ପ୍ରଦାନକାରୀଙ୍କଠାରୁ ବିଏସ୍ଏନ୍ଏଲ୍‌କୁ ପରିବର୍ତ୍ତନ କରୁଛନ୍ତି । ଆମର ସେବା ଦ୍ରୁତ ହେବ ବୋଲି ଆମେ ସେମାନଙ୍କୁ ନିଶ୍ଚିତ କରିଛୁ।

# ପୋକୋର ନୂଆ ଉତ୍ପାଦ

ନୂଆଦିଲ୍ଲୀ,୩।୮

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ତଥା ପୋକୋର ନୂତନ ଉତ୍ପାଦ 'ଏମ୍୬ ପ୍ଲସ୍ ୫ଜି ଏବଂ ବଡ୍ସ ଏକ୍ସ୧'ର ସର୍ବଭାରତୀୟ ଅନାବରଣ (ଉନ୍ମୋଚନ) ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏମ୍-ସିରିଜ ଶୃଙ୍ଖଳାରେ ଏହି ନୂଆ ପୋକୋ ଏମ୍ ୬ ପ୍ଲସ୍ ୫ଜିର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଅପରପକ୍ଷରେ ପୋକୋ ବଡ୍ସ ଏକ୍ସ୧ରେ ୪୦ ଡିବି ହାଇବ୍ରିଡ୍ ଆକ୍ଟିଭ ନଏଜ କ୍ୟାନ୍ସେଲେଶନ ଓ କଷ୍ଟମାଇଜେବୁଲ ଅଡିଓ ସେଟିଂ ସହ ସୁସଜ୍ଜିତ ରହିଛି। ଏ ସମ୍ପର୍କରେ ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, ଏମ୍୬ ପ୍ଲସ୍ ୫ଜି ଓ ବଡ୍ସ ଏକ୍ସ୧କୁ ସୁଲଭ ମୂଲ୍ୟରେ ଶୀର୍ଷସ୍ତରର ପ୍ରଦର୍ଶନ ଓ ଷ୍ଟାଇଲ୍ ଚାହୁଁଥିବା ଗ୍ରାହକଙ୍କ ପାଇଁ ନିର୍ମାଣ କରାଯାଇଛି।

# ବଜାରରେ ସୋନିର ବ୍ରାଭିଆ ୭ ଏଲ୍ଇଡି




ଭୁବନେଶ୍ୱର,୩।୮

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ବ୍ରାଭିଆ ୭ ଏଲ୍ଇଡି'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ଓ ବଜାର ପ୍ରବେଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସୋନି ଇଣ୍ଡିଆର ବ୍ରାଞ୍ଚ ମ୍ୟାନେଜର ସି.ପି. ଓଝା, ମାର୍କେଟିଂ ମ୍ୟାନେଜର ୟୁଧିଷ୍ଠିର ପାଇକ, ଏରିଆ ସେଲ୍ସ ମ୍ୟାନେଜର ଶ୍ୟାମସୁନ୍ଦର ମହାନ୍ତି, ଦେବବ୍ରତ ସୁବୁଦ୍ଧି,ପ୍ରଡକ୍ଟ ଟ୍ରେନର ସୁମନ ହାଲ୍ଦାର, ସହଯୋଗୀ ସନ୍ଦୀପ ଦାଶ, ମାର୍କେଟିଂ କୋଅର୍ଡିନେଟର ସମରଞ୍ଜନ ମହାନ୍ତି, ପ୍ରଭାତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଷ୍ଟୋରର ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବ୍ରାଣ୍ଡର ଏହି ନୂତନ ମେଡଲ ଓଡ଼ିଶା ବଜାରରେ ପ୍ରବେଶ ସହ ପରବର୍ତ୍ତୀ ପିଢ଼ି ପାଇଁ ନୂଆ ଟେକ୍ନୋଲୋଜିରେ ନିର୍ମିତ ସୋନି ବ୍ରାଭିଆ ୭ଏଲ୍ଇଡି ରାଜ୍ୟର ସମସ୍ତ ପ୍ରମୁଖ ଆଉଟ୍ଲେଟ୍ ଓ ସୋନି ସେଣ୍ଟରରେ ଉପଲବ୍ଧ। ଏପରିକି ଭୁବନେଶ୍ୱରର ବିଭିନ୍ନ ଷ୍ଟୋରରେ ମଧ୍ୟ ଏହି ନୂଆ ଉତ୍ପାଦର ଆନୁଷ୍ଠାନିକ ଅନାବରଣ ଉତ୍ସବର କରାଯାଇଥିଲା।

# ଏସ୍‌ବିଆଇର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୩।୮(ଅନୁରାଧା ମହାରଣା)

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ)ର ନେଟ୍ ଲାଭ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସିକ ପାଇଁ ପ୍ରାୟ ୧୭,୦୩୫ କୋଟି ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସରେ ବ୍ୟାଙ୍କର ନେଟ୍ ଲାଭ ୧୬,୮୮୪ କୋଟି ଟଙ୍କା ଥିଲା। ଶନିବାର ଷ୍ଟକ୍ ମାର୍କେଟକୁ ଦିଆଯାଇଥିବା ସୂଚନାରେ ଏସ୍‌ବିଆଇ କହିଛି, ଜୁନ୍ ତ୍ରୈମାସରେ ଏହାର ମୋଟ ଆୟ ୧,୨୨,୬୮୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସରେ ୧,୦୮,୦୩୯ କୋଟି ଥିଲା। ସମୀକ୍ଷା ବୈଠକରେ ବ୍ୟାଙ୍କର ସୁଧ ଆୟ ୧,୧୧,୫୨୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସରେ ୯୫,୯୭୫ କୋଟି ଟଙ୍କା ଥିଲା। ବ୍ୟାଙ୍କର ମୋଟ ଏନ୍‌ପିଏ ପ୍ରଥମ ତ୍ରୈମାସରେ ଗତ ବର୍ଷ ଜୁନ୍ ଶେଷ ସୁଦ୍ଧା ୨.୭୬ ପ୍ରତିଶତରୁ ୨.୨୧ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ଏହାର ନେଟ୍ ଏନ୍‌ପିଏ ମଧ୍ୟ ଜୁନ୍ ୨୦୨୪ ରେ ୦.୫୭ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୧ ବର୍ଷ ପୂର୍ବେ ୦.୭୧ ପ୍ରତିଶତ ଥିଲା। ଏସ୍‌ବିଆଇର ନେଟ୍ ଲାଭ ଗତ ତ୍ରୈମାସରେ ୧୮,୫୩୭ କୋଟିରୁ ଜୁନ୍ ତ୍ରୈମାସରେ ଏକତ୍ରିତ ଭିତ୍ତିରେ ୧୯,୩୨୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏଥିସହ ଜୁନ୍ ତ୍ରୈମାସରେ ଏହାର ମୋଟ ଆୟ ୧,୫୨,୧୨୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧,୩୨,୩୩୩ କୋଟି ଟଙ୍କା ଥିଲା। ଚଳିତ ଆର୍ଥିକ ବର୍ଷରେ (୨୦୨୪-୨୫) ବେସେଲ -୩ ଅନୁରୂପ ଅତିରିକ୍ତ ଟାୟାର -୧ ବଣ୍ଡ ଏବଂ ଟାୟାର -୨ ବଣ୍ଡ ୨୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରଦାନକରି ବୋର୍ଡ ଟଙ୍କା କିମ୍ବା ଡଲାରରେ ପାଣ୍ଠି ସଂଗ୍ରହ ପାଇଁ ପ୍ରସ୍ତାବକୁ ଅନୁମୋଦନ କରିଛି। ବ୍ୟାଙ୍କ କହିଛି, ଆବଶ୍ୟକ ସ୍ଥଳେ ପାଣ୍ଠି ସଂଗ୍ରହ ପ୍ରକ୍ରିୟା କେନ୍ଦ୍ର ସରକାରଙ୍କ ଅନୁମୋଦନ ଅନୁଯାୟୀ ହେବ।

# ବନ୍‌ତାରାର ନୂତନ ଅଭିଯାନ

ମୁମ୍ବାଇ,୩।୮

ରିଲାଏନ୍ସ ଇଣ୍ଡଷ୍ଟ୍ରିର ଅଗ୍ରଣୀ ଅନୁଷ୍ଠାନ ତଥା ରିଲାଏନ୍ସ ଫାଉଣ୍ଡେଶନର ଅଭିନବ ପ୍ରକଳ୍ପ 'ବନ୍‌ତାରା'ର ନୂତନ ଅଭିଯାନ 'ଗୌରୀ କି କାହାନୀ'ର ଏକ ଟିଭି କମର୍ସିଆଲ ବା ଟିଭିସି ଭିଡିଓ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଏହି ଅଭିଯାନକୁ ଅନନ୍ତ ଭାଇ ଅମ୍ବାନୀ ଆନୁଷ୍ଠାନିକ ଉନ୍ମୋଚନ କରିଥିଲାବେଳେ ପରିବେଶ ଓ ଜଙ୍ଗଲ ସଂରକ୍ଷଣ ସମ୍ପର୍କରେ ଏକ ସୁନ୍ଦର ଓ ହୃଦୟସ୍ପର୍ଶୀ କାହାଣୀ ଏହି ଭିଡିଓ ଜରିଆରେ ବିଶ୍ୱବାସୀ ମଧ୍ୟ ଅବଗତ ହେବା ସହିତ ଗୌରୀ କି କାହାନୀକୁ ଲୋକପ୍ରିୟ କଳାକାର ଓ ଅଭିନେତା ଅଭିନେତ୍ରୀମାନେ ସୁନ୍ଦର ଭାବେ ପରିବେଷଣ କରିଛନ୍ତି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜସ୍ଥାନ ଜଙ୍ଗଲରୁ ଉଦ୍ଧାର କରାଯାଇଥିବା ଗୌରୀ କିପରି ସୁପର ଷ୍ଟାର ହୋଇଛି, ଏପରିକି ବନ୍‌ତାର କ୍ୟାମ୍ପକୁ ଆସିଲା ପରେ ଗୌରୀ କିପରି ଅନ୍ୟମାନଙ୍କ ପାଇଁ ଉଦାହାରଣ ହୋଇଛି ସେ ନେଇ ଏକ ବିସ୍ତୃତ ଭିଡିଓ ପ୍ରସ୍ତୁତ କରାଯାଇଛି। ବିଶେଷକରି ବନ୍‌ତାରର ପରିବାର କିପରି ଗୌରୀର ଯତ୍ନ ଓ ସେବାକରି ଏକ ନୂଆ ଜୀବନ ଦେବା ସହ ବନ୍‌ତାରାର ଶୋଭା ବଢ଼ାଇଛନ୍ତି, ସେସବୁ ଘଟଣାକୁ ଭିଡିଓ ମାଧ୍ୟମରେ ସୁନ୍ଦର ବାର୍ତ୍ତା ଓ କାହାଣୀ ଭାବେ ପରିବେଷଣ କରାଯାଇଛି।




# ବିଓଆଇର ନେଟ୍ ଲାଭ ୧,୭୦୩ କୋଟି

ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ଆର୍ଥିକ ବର୍ଷ ୨୦୨୪-୨୫ର ପ୍ରଥମ ତ୍ରୈମାସିକ ପାଇଁ ନେଟ୍ ଲାଭରେ ୧୦% ଅଭିବୃଦ୍ଧି ରିପୋର୍ଟ କରିଛି । କମ୍ ଟିକସ ଦେୟ ହେତୁ ଏହା ଘଟିଛି । ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ବିଓଆଇର ନେଟ୍ ଲାଭ ୧,୭୦୩ କୋଟି ଟଙ୍କା ଥିଲା, ଯାହା୨୦୨୩-୨୪ରେ ୧,୫୫୧ କୋଟି ଟଙ୍କା ଥିଲା। ବ୍ୟାଙ୍କ ଅଫ୍ ଇଣ୍ଡିଆର ନେଟ୍ ସୁଧ ଆୟ (ଏନ୍ଆଇଆଇ) ୬% ବୃଦ୍ଧି ହୋଇ ୫,୯୧୫ କୋଟିରୁ ୬,୨୭୫ କୋଟିରେ ପହଞ୍ଚିଛି। ତେବେ ବ୍ୟାଙ୍କର ଅଣ-ସୁଧ ଆୟ ୧୨% ହ୍ରାସ ହୋଇ ୧,୩୦୨ କୋଟିରେ ପହଞ୍ଚିଛି। ପ୍ରଥମ ତ୍ରୈମାସରେ ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ (ଏନ୍ଆଇଏମ୍) ୩.୦୭%ରେ ପହଞ୍ଚିଛି, ଯାହା ଗତ ବର୍ଷ ସମାନ ତ୍ରୈମାସିକ ତୁଳନାରେ ୧୪ ଆଧାର ପଏଣ୍ଟ (ବିପିଏସ୍) ଅଧିକ ଥିଲା। ୨୦୨୩-୨୪ରେ ବ୍ୟାଙ୍କର ଏନ୍ଆଇଏମ୍ ୩.୦୩% ଥିଲା। ତ୍ରୈମାସିକ ପାଇଁ ମୋଟ୍ ସ୍ଲିପେଜ Q୧FY୨୫ ରେ ୨,୯୭୩ କୋଟି ଟଙ୍କା ଥିଲା। ସେଥିମଧ୍ୟରୁ ୧,୦୫୬ କୋଟି ଏମ୍ଏସ୍ଏମ୍ଇ କ୍ଷେତ୍ରରୁ, ଖୁଚୁରା ପୋର୍ଟଫୋଲିଓରୁ ୫୮୮ କୋଟି ଏବଂ କୃଷି ପୋର୍ଟଫୋଲିଓରୁ ୭୩୭ କୋଟି ଟଙ୍କା ଥିଲା। ତ୍ରୈମାସିକ ପାଇଁ କର୍ପୋରେଟ ସ୍ଲିପେଜ ୫୬୪ କୋଟି ଟଙ୍କା ଥିଲା। ବ୍ୟାଙ୍କର ଗ୍ରସ୍ ସ୍ଲିପେଜ୍ ୨୦୨୩-୨୪ ଆର୍ଥିକବର୍ଷ ୩,୩୦୯ କୋଟି ଏବଂ ଚତୁର୍ଥ ତ୍ରୈମାସରେରେ ୪,୦୩୦ କୋଟି ଟଙ୍କା କମ୍ ଥିବା ରିପୋର୍ଟରେ ଦର୍ଶାଯାଇଛି।

# ଡେଲିଭରି ପାର୍ଟନର ସଂସ୍ଥାର ପ୍ରକୃତ ମେରୁଦଣ୍ଡ

ଭୁବନେଶ୍ୱର,୩।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଫୁଡ୍ ଅର୍ଡରିଂ ଆଣ୍ଡ ଡେଲିଭରି ପ୍ଲାଟ୍‌ଫର୍ମ 'ଜୋମାଟୋ'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଡେଲିଭରି ପାର୍ଟନର୍ସ ଡେ' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ଲାଟ୍‌ଫର୍ମର ୬ଟି ଭିନ୍ନ ଭିନ୍ନ ବର୍ଗର ଡେଲିଭରି ପାର୍ଟନର ସମ୍ମାନିତ ହୋଇଥିଲେ। ଏପରିକି ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଉକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ସମ୍ମାନ ଜୋମାଟୋର ଉତ୍ସର୍ଗୀକୃତ ଡେଲିଭରି ପାର୍ଟନରମାନଙ୍କର ଚମତ୍କାର ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସିପି ରମେଶ ଚନ୍ଦ୍ର ବିଷ୍ଣୋଇ ଯୋଗଦେଇ ପାର୍ଟନରମାନଙ୍କୁ ସମ୍ମାନିତ କରିଥିଲେ। ଏ ସମ୍ପର୍କରେ ଜୋମାଟୋର ଫୁଡ୍ ଅର୍ଡରିଂ ଆଣ୍ଡ ଡେଲିଭରି ବିଭାଗର ସିଇଓ ରାକେଶ ରଞ୍ଜନ କହିଛନ୍ତି, ଡେଲିଭରି ପାର୍ଟନରମାନେ ଆମ ସଂସ୍ଥାର ପ୍ରକୃତ ମେରୁଦଣ୍ଡ ହୋଇଥିଲାବେଳେ ଆମେ ପ୍ରାୟତଃ ଆମର ଉତ୍ସର୍ଗୀକୃତ ଡେଲିଭରି ପାର୍ଟନରମାନଙ୍କର ଅନେକ ହୃଦୟସ୍ପର୍ଶୀ କାହାଣୀର ସାମ୍ନା କରିଥାଉ, ଯିଏ ବିଶେଷକରି ଆହ୍ୱାନପୂର୍ଣ୍ଣ ସ୍ଥିତିରେ ସମାଜର ସେବା କରିବା ପାଇଁ ନିଜ କର୍ତ୍ତବ୍ୟଠାରୁ ଆଗକୁ ବଢି ଅଧିକ କିଛି କରିଥାନ୍ତି। ଏହି ସମ୍ମାନଗୁଡିକ ସେମାନଙ୍କର ନିଃସ୍ୱାର୍ଥପରତାର ଉତ୍ସାହ ଓ ଚମତ୍କାର ସେବାକୁ ସମ୍ମାନିତ କରିବା ପାଇଁ ଏକ ସୁଯୋଗ ବୋଲି ଆମେ ମତବ୍ୟକ୍ତ କରୁଛୁ। ଏହି ସମ୍ବର୍ଦ୍ଧନା ବ୍ୟତୀତ ଜୋମାଟୋ ପକ୍ଷରୁ ଭୁବନେଶ୍ୱରଠାରେ ଡେଲିଭରି ପାର୍ଟନରମାନଙ୍କ ପାଇଁ ଏକ ଫାର୍ଷ୍ଟ-ରେସ୍‌ପଣ୍ଡର ଟ୍ରେନିଂ ପ୍ରୋଗ୍ରାମର ମଧ୍ୟ ଆୟୋଜନ କରାଯାଇଥିଲା। ନିକଟରେ ଶୁଭାରମ୍ଭ ହୋଇଥିବା ଏହି ପ୍ରୋଗ୍ରାମ ଡେଲିଭରି ପାର୍ଟନରମାନଙ୍କୁ ପ୍ରଫେସନାଲ ଓ ସାର୍ଟିଫାଏଡ୍ ଟ୍ରେନିଂ ମଡ୍ୟୁଲ ମାଧ୍ୟମରେ ମେଡିକାଲ ଫାର୍ଷ୍ଟ-ଏଡ୍ ଓ ସିପିଆର (କାର୍ଡିଓପଲ୍‌ମୋନାରିରେସ୍ୟୁସାଇଟେଶନ)ର ପ୍ରୟୋଗଗୁଡିକୁ ଶିଖିବା ପାଇଁ ସକ୍ଷମ କରିବା ଲାଗି ଲକ୍ଷ୍ୟ ରଖିଛି।

# ଅଲ୍ ନ୍ୟୁ ଜାୱା ୟେଜ୍‌ଦି ଆଡ୍‌ଭେଞ୍ଚର

ନୂଆଦିଲ୍ଲୀ,୩।୮

ଜାୱା ୟେଜ୍‌ଦି ମୋଟରସାଇକେଲ୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ୟେଜ୍‌ଦି ଆଡ୍‌ଭେଞ୍ଚ'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏପରିକି ଏହାର ଡିଜାଇନ ବେଶ୍ ଉନ୍ନତ ହୋଇଥିବା ବେଳେ ଅତୁଳନୀୟ ପ୍ରଦର୍ଶନ ଏବଂ ବହୁ ସୁବିଧାସୁଯୋଗ ଏଥିରେ ସାମିଲ ରହିଛି। ଆଡ୍‌ଭେଞ୍ଚର ବାଇକ୍ ଚାହୁଁଥିବା ରାଇଡରମାନଙ୍କ ଲାଗି ଏଥିରେ ସବୁ କିଛି ସୁବିଧା ଓ ଫିଚର ସାମିଲ ରହିଛି।

ଏ ସମ୍ପର୍କରେ ଜାୱା ୟେଜ୍‌ଦି ମୋଟରସାଇକେଲ୍ସର ସିଇଓ ଆଶିଷ ସିଂହ ଜୋଷୀ କହିଛନ୍ତି, ୟେଜ୍‌ଦି ଆଡଭେଞ୍ଚର ସର୍ବଦା ଠିକ୍ ସନ୍ତୁଳନ ସୃଷ୍ଟି କରିଆସିଛି। ଏପରିକି ଯେକୌଣସି ଭୌଗୋଳିକ ଓ ପ୍ରତିକୂଳ ପରିସ୍ଥିତିଭିତ୍ତିକ ଭୂଭାଗ ପାଇଁ ଏହାକୁ ଗଠନ କରାଯାଇଛି। ଏପରିକି ଆମେ ଆମର ନୂତନ ଆଲ୍‌ଫା୨ ଲିକ୍ୱିଡ୍ କୁଲ୍ଡ ଇଞ୍ଜିନ ସହ ୬-ସ୍ପିଡ୍ ଗିଅର ବକ୍ସକୁ ବଜାୟ ରଖିଛୁ ଏବଂ ସୁଇଚେବଲ ଏବିଏସ୍ ମୋଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଯୋଡିଛୁ। କିନ୍ତୁ ଆମେ ବୋଲ୍ଡ ଡିଜାଇନ୍, ଉନ୍ନତ ବୈଶିଷ୍ଟ୍ୟ ଏବଂ ଏକ ଅପରାଜିତ ପ୍ରଦର୍ଶନର ତିନୋଟିର ସମନ୍ୱୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଆଶା ରଖିଛୁ। ୟେଜ୍‌ଦି ଆଡ୍‌ଭେଞ୍ଚରେ ରହିଥିବା ନୂଆ ପିଢ଼ିର ଆଲ୍‌ଫା ୨ ୩୩୪ସିସି ଲିକ୍ୱିଡ୍ କୁଲ୍ଡ ଇଞ୍ଜିନ୍ ଯାହା ଆରାମଦାୟକ ପ୍ରଦର୍ଶନ ଦେବା ସହ ସାମଗ୍ରିକ ଗାଡ଼ି ଚାଳନା ଅନୁଭୂତି ବଢ଼ାଇବ। ଏହି ଶକ୍ତିଶାଳୀ ଇଞ୍ଜିନ୍‌ରୁ ୨୯.୬ପିଏସ୍ ଓ ୨୯.୯ଏନ୍ଏମ୍ ଶକ୍ତି ସୃଷ୍ଟି ହେବ। ଏହାକୁ ଏଭଳି ଭାବେ ଗଠନ କରାଯାଇଛି, ଯାହାଦ୍ୱାରା ଗାଡ଼ିକୁ ଚଳାଇବା ବେଶ୍ ସହଜ ହେବ ଏବଂ ଅଫ୍ ରୋଡିଂ ସମୟରେ ରୋମାଞ୍ଚ ପ୍ରଦାନ କରିବ। ହାର ୨୨୦ଏମ୍ଏମ୍ ଗ୍ରାଉଣ୍ଡ କ୍ଲିୟରାନ୍ସ ଅଫରୋଡିଂ ଓ ଟୁରିଂ ବେଳେ ଆରାମ ପ୍ରଦାନ କରିବ। ଯେକୌଣସି ପଥକୁ ଅତି ସହଜରେ ଅତିକ୍ରମ କରିବାର ବିଶ୍ୱାସ ଏହା ପ୍ରଦାନ କରିବ। ଏହାର ଟର୍ନାଡୋ ବ୍ଲାକ୍ ଭାରିଆଣ୍ଟର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୨,୦୯,୯୦୦ ଟଙ୍କା, ମ୍ୟାଗ୍ନାଇଟ୍ ମେରୁନ୍ ଡିଟି ଦାମ୍ ୨,୧୨,୯୦୦ ଟଙ୍କା, ୱଲଫ ଗ୍ରେ ଡିଟି ଦାମ୍ ୨,୧୫,୯୦୦ ଟଙ୍କା ଓ ଗ୍ଲାସିୟର ହ୍ୱାଇଟ୍ ଡିଟି ଦାମ୍ ୨,୧୯,୯୦୦ ଟଙ୍କା ରହିଛି।



# ବର୍ଷକରେ ୧୫ହଜାର କୋଟି ସରକାରଙ୍କୁ ଦେଇଛି ଏନ୍‌ସିଏଲ୍

ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

କୋଲ୍ ଇଣ୍ଡିଆର ଏକ ଶାଖା ଉତ୍ତର କୋଲ୍‌ଫିଲ୍ଡ ଲିମିଟେଡ୍(ଏନ୍‌ସିଏଲ୍)ର ସିଏମ୍‌ଡି ବି. ସାଇରାମ ଶନିବାର କହିଛନ୍ତି, କମ୍ପାନୀ କେନ୍ଦ୍ରୀୟ ତଥା ରାଜ୍ୟ ଖନନ କ୍ଷେତ୍ରରେ ରୟାଲ୍‌ଟି ଏବଂ ଜିଏସ୍‌ଟି ଆକାରରେ ଆର୍ଥିକ ବର୍ଷ ୨୦୨୩-୨୪ରେ ୧୫ ହଜାର କୋଟି ଟଙ୍କା ପ୍ରଦାନ କରିଛି। ସେ କହିଛନ୍ତି ,ଏନ୍‌ସିଏଲ୍ ଏହାର ମୋଟ କୋଇଲାର ୯୪ ପ୍ରତିଶତ ବିଦ୍ୟୁତ୍ କ୍ଷେତ୍ରକୁ ପଠାଇଛି। ଦେଶର ଶକ୍ତି ନିରାପତ୍ତା ପୂରଣ କରିବା ଦିଗରେ କମ୍ପାନୀର ପ୍ରତିବଦ୍ଧତା ଉପରେ ସାଇରାମ ଗୁରୁତ୍ୱାରୋପ କରିଛନ୍ତି। ଏନ୍‌ସିଏଲ୍ ମୁଖ୍ୟାଳୟରେ ଆୟୋଜିତ ସିଙ୍ଗରୌଲି ଇଣ୍ଡଷ୍ଟ୍ରିଆଲ ସମ୍ମିଳନୀରେ ସେ ଏପରି ମତ ରଖିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି, ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି, ବିବିଧକରଣ, ପୂର୍ଣ୍ଣ ଶିଳ୍ପ ସାମର୍ଥ୍ୟର ଶୋଷଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଶକ୍ତି, ଆଲୁମିନିୟମ, ସିମେଣ୍ଟ, ରାସାୟନିକ ପଦାର୍ଥ ଏବଂ ଭିତ୍ତିଭୂମି ଭଳି ବିଭିନ୍ନ କ୍ଷେତ୍ରରେ ସୁଯୋଗ ବୃଦ୍ଧି ପାଇଁ ଆଲୋଚନା କରାଯାଇଥିଲା।

# ଅକ୍ଟୋବର ୧ରୁ ଫିଜିକ୍ସ ୱାଲାର ସ୍କଲାରଶିପ ପରୀକ୍ଷା

ଭୁବନେଶ୍ୱର,୩।୮

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ (କୋଚିଂ ସେଣ୍ଟର) ଫିଜିକ୍ସ ୱାଲାର ସର୍ବବୃହତ୍ ସ୍କଲାରଶିପ ପରୀକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୧ରୁ ଫିଜିକ୍ସ ୱାଲା ନ୍ୟାଶନାଲ ସ୍କଲାରଶିପ୍ କମ (କମନ) ଆଡମିସନ୍ ଟେଷ୍ଟ-୨୦୨୪ର ୩ୟ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏପରିକି ନିଟ୍-ୟୁଜି ଏବଂ ଆଇଆଇଟି-ଜେଇଇ ପରୀକ୍ଷାରେ ଉତ୍କର୍ଷ ହାସଲ କରିବାକୁ ଚାହୁଁଥିବା ଆଶାୟୀ ଛାତ୍ରୀଛାତ୍ରଙ୍କ ଆର୍ଥିକ ସ୍ଥିତି ନିର୍ବିଶେଷରେ ଉଚ୍ଚଗୁଣାତ୍ମକ ଶିକ୍ଷା ଏବଂ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ପ୍ରଦାନ କରିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଫିଜିକ୍ସ ୱାଲା ନ୍ୟାଶନାଲ ସ୍କଲାରଶିପ୍ କମ୍(କମନ) ଆଡମିସନ୍ ଟେଷ୍ଟ-୨୦୨୪ ପାଇଁ ପଞ୍ଜୀକରଣ ବର୍ତ୍ତମାନ ଖୋଲା ରହିଛି। ଏପରିକି ଦେଶର କୋଣ ଅନୁକୋଣର ଛାତ୍ରୀଛାତ୍ରମାନଙ୍କୁ ଏହି ବୃତ୍ତି ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଛି।




ସେହିପରିଏହିପରୀକ୍ଷା ୨୦୨୪ ଅକ୍ଟୋବର ୧ରୁ ୧୫ ପର୍ଯ୍ୟନ୍ତ ଅନ୍‌ଲାଇନରେ ଅନୁଷ୍ଠିତ ହେବ ଏବଂ ୨୦୨୪ ଅକ୍ଟୋବର ୬ ଏବଂ ୧୩ରେ ଅଫ୍‌ଲାଇନ ପରୀକ୍ଷା ଅନୁଷ୍ଠାନର ମନୋନୀତ କେନ୍ଦ୍ରରେ ଆୟୋଜିତ ହେବ ବୋଲି କୁହାଯାଇଛି। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ବିକଳ୍ପରେ ଏହି ବୃତ୍ତି ପରୀକ୍ଷା ହେଉଥିବାରୁ ଏହା ସବୁ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ହେଉଛି।

ଅପରପକ୍ଷରେ ପିସିଏମ୍-ପିସିବି ଗ୍ରୁପ୍ ସମେତ ୬ ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଖୋଲା ରହିଛି, ଯାହା ବ୍ୟାପକ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି,କୌଣସି ପରୀକ୍ଷା ପଞ୍ଜୀକରଣ ଶୁଳ୍କ ନାହିଁ, ଯାହା ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଆର୍ଥିକ ପ୍ରତିବନ୍ଧକ ଦୂର କରୁଛି। ଉଲ୍ଲେଖଯୋଗ୍ୟ, ଫିଜିକ୍ସ ୱାଲା ନ୍ୟାଶନାଲ ସ୍କଲାରଶିପ୍ କମ୍ (କମନ) ଆଡମିସନ୍ ଟେଷ୍ଟର ଫଳାଫଳ ୨୦୨୪ ନଭେମ୍ବରରେ ପ୍ରକାଶ ପାଇବ।ଆକାଂକ୍ଷାରେ ବାଧା ସୃଷ୍ଟି କରିବ ନାହିଁ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବ।

# ଭୁବନେଶ୍ୱରରେ ବିଆଇଏସ୍‌ର ଦିନିକିଆ କର୍ମଶାଳା

ଭୁବନେଶ୍ୱର,୩।୮

ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ବା ବିଆଇଏସ୍)ର ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଏବଂ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ଠାରେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଲେବର ଆଣ୍ଡ ଇଏସ୍ଆଇ ଡିପାର୍ଟମେଣ୍ଟ ଏବଂ ଆଇକ୍ୟୁଇଏମ୍ଏସ୍‌ର ମିଳିତ ସହଯୋଗରେ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶାର ବୈଷୟିକ ଏବଂ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ଡ. ବିଭୁଭୂଷଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଆଇଏସ୍ ଭୁବନେଶ୍ୱରର ନିର୍ଦ୍ଦେଶକ ଏ.କେ.ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଗତ ଅଭିଭାଷଣ ଓ ସମ୍ବୋଧନକରି କହିଥିଲେ, ଡାକ୍ତରଖାନା ଏବଂ ସମ୍ପ୍ରଦାୟ ଭବନ ପରି ସ୍ୱତନ୍ତ୍ର ସ୍ଥାନରେ ଏନ୍ଆଇସି-୨୦୨୩ କିପରି ବୈଦ୍ୟୁତିକ ସ୍ଥାପନର ସୁରକ୍ଷାକୁ ସାହାଯ୍ୟ କରିପାରିବ ସେ ବିଷୟରେ ସେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେହିଭଳି ଅଶ୍ୱିନୀ କୁମାର ଦାସ ପୂର୍ବତନ ସଦସ୍ୟ ଓଇଆର୍‌ସି ଓଡ଼ିଶା ଏବଂ ପରାମର୍ଶଦାତା ଶକ୍ତି ଆଇକ୍ୟୁଇଏମ୍ଏସ୍, ପ୍ୟାରୀମୋହନ ମିଶ୍ର ଇଆଇସି କମ୍ ପିସିଇଆଇ ଶକ୍ତି ବିଭାଗ ଓଡ଼ିଶା ସରକାର ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ପରିଶେଷରେ ଆଇକ୍ୟୁଇଏମ୍ଏସ୍‌ର ସିଓଓ ସୁବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରପକ୍ଷରେ ଏକ ବୈଷୟିକ ଅଧିବେଶନ 'ଏନ୍ଇସି ଭାରତର ଏକ ସମୀକ୍ଷା-୨୦୨୩-କ'ଣ ନୂଆ' ଶୀର୍ଷକ ବିଷୟବସ୍ତୁ ଉପରେ ରତିକ ଆନନ୍ଦ, ବୈଜ୍ଞାନିକ-ଡି,ଇଟିଡି, ବିଆଇଏସ୍,ନୂଆଦିଲ୍ଲୀ,କେନ୍ଦ୍ରୀୟ ବିଦ୍ୟୁତ ନିୟମାବଳୀ-୨୦୨୩, ଡି.କେ.ବାଉରୀ, ନିର୍ଦ୍ଦେଶକ, ଆର୍ଆଇଓ (ପୂର୍ବ), କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ, ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର, ଗୋପ କୁମାରଙ୍କ ଦ୍ୱାରା ବିଦ୍ୟୁତ୍ ସହିତ କାମ କରିବା ପାଇଁ ନୂତନ ସଂକେତ ଏବଂ ନିୟମକୁ ନୂତନ ପରିବର୍ତ୍ତନ, ସଭାପତି, ନ୍ୟାଶନାଲ ଫେଡେରେଶନ୍ ଅଫ୍ ଇଞ୍ଜିନିୟର୍ସ ଫର୍ ଇଲେକ୍ଟ୍ରିକାଲ ସେଫ୍ଟି ଆଣ୍ଡ ମେମ୍ବର ଇଟିଡି୨୦-ବିଆଇଏସ୍ ଉପରେ ମତପ୍ରକାଶ କରିଥିଲେ। ଏହା ପରେ ଓଡ଼ିଶାର ଓଇଆର୍‌ସିର ପୂର୍ବତନ ସଦସ୍ୟ ତଥା ଆଇକ୍ୟୁଇଏମ୍ଏସ୍‌ର ଶକ୍ତି ପରାମର୍ଶଦାତା ଅଶ୍ୱିନୀ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏକ ପ୍ୟାନେଲ ଡିସ୍‌କଶନ (ଆଲୋଚନା) ଅନୁଷ୍ଠିତ ହୋଇଥିଲା। ନ୍ୟାଶନାଲ ଇଲେକ୍ଟ୍ରିକାଲ୍ କୋଡ୍ ଅଫ୍ ଇଣ୍ଡିଆ-୨୦୨୩ (ଏନଇସି-୨୦୨୩), ବିଆଇଏସ୍ ଦ୍ୱାରା ପ୍ରସ୍ତୁତ ଏକ ବିସ୍ତୃତ ବୈଦ୍ୟୁତିକ ସଂସ୍ଥାପନ କୋଡ୍, ଏକ ବୈଦ୍ୟୁତିକ ସଂସ୍ଥାପନ ଅଭ୍ୟାସକୁ ନିୟନ୍ତ୍ରଣ କରିବା ପାଇଁ ଏକ ଜାତୀୟ ଉପକରଣ ।



# ୫ ମିନିଟ୍ ପାର୍କିଂ ପାଇଁ ୧୧ ଲକ୍ଷ ଜରିମାନା

**ଲଣ୍ଡନ**

ସାଧାରଣତଃ ଭାରତରେ ପାର୍କିଂ ପାଇଁ ଜରିମାନା ୫୦୦ କିମ୍ବା ୧୦୦୦ ଟଙ୍କା ରହିଥାଏ। କିନ୍ତୁ ଲଣ୍ଡନରୁ ଏପରି ଏକ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ୫ ମିନିଟ ପାର୍କିଂ କରିବା ପାଇଁ ଜଣେ ମହିଳାଙ୍କୁ ୧୧ ହଜାର ପାଉଣ୍ଡ (ପ୍ରାୟ ୧୧ ଲକ୍ଷ ୮୦ ହଜାର ଟଙ୍କା) ଜରିମାନା ଲାଗିଛି। ଡାରଲିଙ୍ଗଟସ୍ଥିତ କାଉଣ୍ଟି ଡୁରୁମ ଅଞ୍ଚଳର ହାନ୍ନା ରବିନ୍ସନ୍ ନାମ୍ନୀ ଜଣେ ମହିଳା ସ୍ଥାନୀୟ ଫିଥାମ୍ସ ଅବକାଶ କେନ୍ଦ୍ରରେ ନିଜ କାର ପାର୍କିଂ କରିଥିବାବେଳେ ତାଙ୍କ ଉପରେ ଏହି ଜରିମାନା ଲାଗିଛି।

ବ୍ରିଟେନର ଏକ୍ସେଲ ପାର୍କିଂ ସେବା ଦ୍ୱାରା ଏକ ନୂତନ ୫ ମିନିଟ ଜରିମାନା ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଇଛି। ଏଠାକାର ଲୋକମାନେ ଫିଥାମ୍ସ ଅବକାଶ କେନ୍ଦ୍ରରେ ଥିବା ପାର୍କିଂ ସ୍ଥଳକୁ ବ୍ୟବହାର କରି ନିକଟରେ ଥିବା ସିନେମା ହଲ୍‌କୁ ବାରମ୍ବାର ଯାଉଥିଲେ। ଏହାକୁ ରୋକିବାକୁ ଉକ୍ତ ଅବକାଶ କେନ୍ଦ୍ରରେ ୫ ମିନିଟ୍ ଜରିମାନା ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଇଛି। ନିୟମ ଅନୁଯାୟୀ, ପ୍ରତ୍ୟେକ କାର୍‌ରେ ଥିବା ଯାତ୍ରୀଙ୍କୁ ଗାଡ଼ି ପାର୍କିଂ କରିବାର ୫ ମିନିଟ ମଧ୍ୟରେ ପାର୍କିଂ ଟିକେଟ କିଣିବା ସହ ଏହାର ଦେୟ ପୈଠ କରିବାକୁ ହେବ। ଏହି ଅବକାଶ କେନ୍ଦ୍ରରେ ଥିବା ପାର୍କିଂକୁ ଏଏନ୍‌ପିଆର୍ କ୍ୟାମେରା ଦ୍ୱାରା ତଦାରଖ କରାଯାଉଛି। ଏହି କ୍ୟାମେରା ପ୍ରତ୍ୟେକ ଗାଡ଼ିର ପ୍ରବେଶ ଏବଂ ପ୍ରସ୍ଥାନ ସମୟକୁ ରେକର୍ଡ କରିଥାଏ।

ତେବେ ସେ ସର୍ବଦା ପାର୍କିଂ ପାଇଁ ନିର୍ଦ୍ଧାରିତ ଦେୟ ପୈଠ କରୁଥିବା ରବିନ୍ସନ୍ କହିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାଙ୍କ ଉପରେ ଲଗାଯାଇଥିବା ୧୧ ଲକ୍ଷ ଟଙ୍କାର ଜରିମାନାକୁ ରବିନ୍ସନ୍ ହାସ୍ୟାସ୍ପଦ ବୋଲି କହିଛନ୍ତି। ସେ ଏହି ନୂଆ ପାର୍କିଂ ବ୍ୟବସ୍ଥାର ଉଦ୍ଦେଶ୍ୟ ଉପରେ ନୁହେଁ ବରଂ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି। ନିୟମ ଅନୁଯାୟୀ, ୫ ମିନିଟ୍ ମଧ୍ୟରେ ପାର୍କିଂ ଟିକେଟ କିଣିବାକୁ ସେ ଚେଷ୍ଟା କରିଥିଲେ। କିନ୍ତୁ ଖରାପ ଇଣ୍ଟରନେଟ ସଂଯୋଗ କାରଣରୁ ଏଥିରେ ବିଫଳ ହୋଇଥିଲେ ବୋଲି ରବିନ୍ସନ୍ କହିଛନ୍ତି। ଏହି ପ୍ରସଙ୍ଗରେ ଅନ୍ୟ ଡ୍ରାଇଭରମାନେ ମଧ୍ୟ ରବିନ୍ସନ୍‌ଙ୍କୁ ସମର୍ଥନ କରିଛନ୍ତି। ମାତ୍ର ୫ ମିନିଟ୍ ମଧ୍ୟରେ ପାର୍କିଂ ଦେୟ ପୈଠ କରିବା ନେଇ ଦିଆଯାଇଥିବା ସମୟ ସୀମା କଷ୍ଟସାଧ୍ୟ ହୋଇଥିବା ସେମାନେ କହିଛନ୍ତି।



# ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ମୃଣାଳ

**ମୁମ୍ବାଇ**

ଟିଭି ଇଣ୍ଡଷ୍ଟ୍ରିରୁ କ୍ୟାରିୟର ଆରମ୍ଭ କରି ବଲିଉଡରେ ଲୋକପ୍ରିୟତା ହାସଲ କରିଥିବା ଅଭିନେତ୍ରୀଙ୍କ ମଧ୍ୟରୁ ମୃଣାଲ ଠାକୁର ଅନ୍ୟତମ। ୨୦୧୨ରେ ଟିଭି ଧାରାବାହିକ 'ମୁଝ୍‌ସେ କୁଛ୍ କେହତି ହେ ଖାମୋସିୟାଁ' ଜରିଆରେ ସେ ଛୋଟ ପରଦାରେ ଡେବ୍ୟୁ କରିଥିଲେ। ଏହାପରେ ଲୋକପ୍ରିୟ ଧାରାବାହିକ 'କୁମ୍‌କୁମ୍ ଭାଗ୍ୟ'ର ବୁଲବୁଲ୍ ଚରିତ୍ରରେ ମୃଣାଲ ନଜର ଆସିଥିଲେ। ଏହି ସିରିଏଲ ତାଙ୍କୁ ଘରେ ଘରେ ପ୍ରସିଦ୍ଧି ଦେଇଥିଲା। ୨୦୧୮ରେ ମୃଣାଲ 'ଲଭ୍ ସୋନିଆ' ଚଳଚ୍ଚିତ୍ର ମାଧ୍ୟମରେ ବଡ଼ ପରଦାରେ ଏଣ୍ଟ୍ରି କରିଥିଲେ। ଉକ୍ତ ଚଳଚ୍ଚିତ୍ରରେ ସେ ନିଜ ନିଖୁଣ ଅଭିନୟ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। ୨୦୧୯ରେ ମୃଣାଲଙ୍କୁ ଅଭିନେତା ହୃତିକ ରୋଶନଙ୍କ ସହ 'ସୁପର ୩୦' ଫିଲ୍ମରେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିଲା। ସେହିପରି ଉକ୍ତ ବର୍ଷ ସେ 'ବାଟ୍‌ଲା ହାଉସ' ଫିଲ୍ମରେ ମଧ୍ୟ ନିଜ ଅଭିନୟର କମାଲ ଦେଖାଇଥିଲେ। ଚାହୁଁ ଚାହୁଁ ବଲିଉଡ୍‌ର ଶ୍ରେଷ୍ଠ ଅଭିନେତ୍ରୀଙ୍କ ନାମ ମଧ୍ୟରେ ମୃଣାଲଙ୍କ ନାଁ ଅନ୍ତର୍ଭୁକ୍ତ ହୋଇପାରିଥିଲା।

ତେବେ ଅଭିନେତ୍ରୀ ହେବା ନେଇ ମୃଣାଲଙ୍କ ଯାତ୍ରା ଏତେ ସହଜ ନ ଥିଲା। ଜୀବନରେ ଅନେକ ଉତ୍ଥାନ ଓ ପତନ ଦେଖିଥିବା ନେଇ ସେ ଶନିବାର ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏକଦା ମୃଣାଲ ତାଙ୍କ ଜୀବନରେ ଖରାପ ସମୟ ଦେଇ ଗତି କରିଥିଲେ। ସେତେବେଳେ ତାଙ୍କୁ କୌଣସି ମଧ୍ୟ କାମ ମିଳୁ ନ ଥିଲା। ଫଳରେ ହତାଶ ହୋଇ ବହୁବାର ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ ବୋଲି ଏହି ସାକ୍ଷାତ୍‌କାରରେ ମୃଣାଲ କହିଛନ୍ତି। ତେବେ ସେତେବେଳେ ମୃଣାଲ ନିଜକୁ ନିୟନ୍ତ୍ରଣ କରିବା ସହ ଅଭିନୟ କ୍ଷେତ୍ରରେ ସଫଳତା ପାଇଁ ଅଧିକ ପରିଶ୍ରମ କରିଥିଲେ। ସମ୍ପ୍ରତି ମୃଣାଲ କେବଳ ବଲିଉଡ୍‌ରେ ନୁହେଁ, ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ଜଣେ ଲୋକପ୍ରିୟ ଅଭିନେତ୍ରୀ ହୋଇପାରିଛନ୍ତି। ରିପୋର୍ଟ ଅନୁଯାୟୀ, ସେ ଗୋଟିଏ ଚଳଚ୍ଚିତ୍ର ପାଇଁ ପ୍ରାୟ ୨ କୋଟି ଟଙ୍କା ପାରିଶ୍ରମିକ ଆକାରରେ ନିଅନ୍ତି। ସେହିପରି ମୃଣାଲଙ୍କ ସମୁଦାୟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୩୩ କୋଟି ହୋଇଥିବା ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି।



# ପୂଜାରେ ଭୋଗ ଲାଗିଲା ବିଦେଶୀ ଫଳ

**ବେଙ୍ଗାଲୁରୁ:** ସାଧାରଣତଃ ଘରେ ନଡ଼ିଆ, ସେଓ, କମଳା, ଅଙ୍ଗୁର ଆଦି ବିଭିନ୍ନ ଫଳ ଭୋଗ ଭାବରେ ଦିଆଯାଇ ହିନ୍ଦୁ ଦେବଦେବୀଙ୍କୁ ପୂଜା କରାଯାଇଥାଏ। କିନ୍ତୁ ସମ୍ପ୍ରତି ବଦଳୁଥିବା ସମୟ ସହ ଏପରି ମନେହେଉଛି, ଯେପରି ଭଗବାନଙ୍କୁ ଭୋଗ ଚଢ଼ାଇବାର ପଦ୍ଧତି ମଧ୍ୟ ଧୀରେ ଧୀରେ ଅପ୍‌ଗ୍ରେଡ୍ ହେଉଛି। ଲୋକମାନେ ପୂଜା କରିବା ସମୟରେ ଭଗବାନଙ୍କୁ କେବଳ ସେଓ, ନଡ଼ିଆ କିମ୍ବା ଅଙ୍ଗୁର ନୁହେଁ, ବିଦେଶୀ ଫଳ ମଧ୍ୟ ଭୋଗ ଭାବେ ଦେବା ଆରମ୍ଭ କରିଛନ୍ତି। ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଧର୍ମେଶ ନାମକ ଜଣେ ୟୁଜର୍ସ ଏନେଇ ଏକ ପୋଷ୍ଟ ଶେୟାର କରିଛନ୍ତି, ଯାହା ଖୁବ୍ ଭାଇରାଲ୍ ହେଉଛି। ବେଙ୍ଗାଲୁରୁରେ ରହୁଥିବା ତାଙ୍କ ପରିବାର ପୂଜା କରିବା ସମୟରେ ବିଦେଶୀ ଫଳ ଏଭୋକାଡୋ ଭଗବାନଙ୍କୁ ଅର୍ପଣ କରିଛନ୍ତି। ତେବେ ଅନେକ ସୋସିଆଲ ମିଡିଆ ୟୁଜର୍ସ ଧର୍ମେଶଙ୍କ ଏହି ଭିଡିଓକୁ ସମାଲୋଚନା କରିଛନ୍ତି। ଧାର୍ମିକ ସମାରୋହରେ ବିଦେଶୀ ଫଳ ଦିଆଯିବା ଉଚିତ୍ ନୁହେଁ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ଏଭୋକାଡୋ ଫଳ ମୁଖ୍ୟତଃ କେନ୍ଦ୍ରୀୟ ଆମେରିକା ଏବଂ ମେକ୍ସିକୋରେ ପ୍ରଚୁର ମାତ୍ରାରେ ମିଳିଥାଏ। ତେବେ ବର୍ତ୍ତମାନ ଚାହିଦା ବଢ଼ିବା ସହ ଭାରତରେ ଏହି ଫଳର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି।



## OFFICE OF THE EXECUTIVE ENGINEER, P.H. DIVISION, ANGUL

No. C-343

Ph. (06764) 296431, Email: eephangul@yahoo.in
GOVERNMENT OF ODISHA

**Bid Identification No. SE PH Division Angul - 07/2024-25 Dt.02.08.2024**

| | | | |
|---|---|---|---|
| 1. | Name of the work | : | Laying of Raw Water Rising main under Railway Track at Kamakhyanagar |
| 2. | Type of Bid | : | Single Bid System |
| 3. | Estimated Cost | : | Rs.35.69 lakhs |
| 4. | Period of Completion | : | 3 (Three) Months |
| 5. | Date & time of availability of Bid document in the portal | : | From 11.00 A.M. of 09.08.2024 to 5.00 P.M. of 20.08.2024 |
| 6. | Last date/time of receipt of bids in the portal | : | 5.00 P.M. of 20.08.2024 |
| 7. | Date & time of Opening of technical Bids | : | At 11.00 A.M. of 21.08.2024 |
| 8. | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

Sd./- (Er. Prasanta Behera)
Superintending Engineer, P.H. Division, Angul
OIPR-13056/11/0005/2425

## OFFICE OF THE MUNICIPAL COUNCIL, SUNDARGARH

**EXPRESS OF INTEREST (EOI)**

Notice No. 2833 Dt.01.08.2024

No. C-338: Executive Officer, Sundargarh Municipality, Sundargarh invites sealed Expression of Interest (EoI) from interested/intending eligible registered Supplier/Firm/Dealer for "Supply of battery operated vehicles E-rickshaw garbage tipper of Sundargarh Municipality". DTCN alongwith specification, terms & conditions can be downloaded from Sundargarh district portal i.e. **sundargarh.odisha.gov.in**. From Dt.05.08.2024 to Dt.17.08.2024. Quotation/EoI without payment of paper cost Rs.6000.00 (Rupees six thousand) only (not refundable) and EMD Rs.20000.00 (Rupees twenty thousand) only shall not be accepted in any case and will be rejected summarily. The Supplier/Firm/Dealer must be accompanied with photo copy of valid (i) GSTIN, (ii) Complete Organisation details, Authenticated proof of the Organisation, (iii) Cost of tender paper and (iv) EMD and other documents as per DTCN/Checklist. The sealed EoI and other documents will be submitted through Registered Post/Speed Post only of office address Executive Officer, Sundargarh Municipality, Sundargarh, PIN - 770001 on or before Dt.17.08.2024 upto 5.30 P.M. and will be opened on the Dt.20.08.2024 at 11.30 A.M. in presence of the bidder or their authorized representatives. The authority reserves the right to accept or cancel any or all EoI/quotation without assigning any reason thereof.

OIPR-13130/11/0003/2425
Sd./- Executive Officer
Sundargarh Municipality

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇ ବନଖଣ୍ଡ
## OFFICE OF THE DIVISIONAL FOREST OFFICER, BONAI FOREST DIVISION

Ph.: 06626-244454, Email: dfo.bonai@odisha.gov.in

Notice No. 195/1F (Acct.) Dt.03.08.2024

**WALK-IN-INTERVIEW**

No. MM-111: Divisional Forest Officer, Bonai Division invites applications from interested retired personnel for re-engagement of Retired Forest (Retired ACF/Retired Forest Ranger/Retired Dy. Range Officer) Personnel for engagement in OMBADC Cell for Bonai Division. The Walk-in-Interview is scheduled to be held on 14.08.2024 (Wednesday) at 11.00 A.M. in the Conference Hall of Bonai Forest Division. The application form along with detailed role and responsibilities shall be available on the website **www.sundargargh.nic.in**.

Sd./- Divisional Forest Officer, Bonai Division
OIPR-08040/11/0006/2425

## ODISHA HYDRO POWER CORPORATION LTD.

(A Government of Odisha Undertaking)

**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**

At : P.O. : Bariniput : Dist. Koraput - 764006, Phone : (06854) 242001, Fax : (06854) 242038
e-mail : sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE No. UKHEP : 13/2024-25 Dated. 31.07.2024**

No.CAD-735 : Sealed Tenders are invited in sealed envelopes from Authorized dealer / reputed suppliers / service providers for "AMC of 122 nos of Fire Extinguishers of Upper Kolab Hydro Electric Project, Bariniput for the year 2024-25."

| Sl. No. | Name of Work | Cost of tender paper including GST @18%/- in Rs. (Nonrefundable) | EMD amount in Rs. (Refundable) |
|---|---|---|---|
| 1 | "Annual Maintenance Contract (AMC) of 122 nos of Fire Extinguishers of Upper Kolab Power House, Bariniput for the year 2024-25." | Rs. 472/- (Rs. 400/- + Rs. 72 GST @18%/-) | 1% of Quoted value |

Sale of tender paper : From 11:00 Hrs. of Date 08.08.2024 to 11:30 Hrs. of Dtd.28.08.2024
Last date of submission of tender : 12:00 Hrs. of Dtd.28.08.2024
Date & Time of opening of tender : 12:30 Hrs. of Dtd. 28.08.2024
For details of the tender documents, terms and conditions please visit our website www.ohpcltd.coms

OIPR-04002/11/0023/2425
Sd./- G & P Head
UKHEP, Bariniput

## OFFICE OF THE PANCHAYAT SAMITI, OUPADA, DIST.: BALASORE

No. i-55

e-Mail: ori-oupada@nic.in

**INVITATION FOR BIDS THROUGH e-Procurement**
**Bid Identification No. 01/2024-25**
**Invitation for Bids**

| | | | |
|---|---|---|---|
| 1 | The Block Development Officer, Oupada, Balasore on behalf of Governor of Odisha, invites percentage rate of bids in Single Cover System in ONLINE mode only, for Construction of Building work as details below. | | |
| 2 | Nature of Work | : | Civil Works |
| 3 | No. of Work | : | 03 Nos. |
| 4 | Bid Cost | : | 6000/- |
| 5 | Class of Contractor | : | "C" & "D" |
| 6 | Availability of Bid Documents in the website | : | From 10 A.M. of 01.08.2024 to 17.08.2024 |
| 7 | Date of Opening of Bid | : | Dt.20.08.2024 at 11 A.M. |
| 8 | The bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Block Development Officer, Oupada
OIPR-19139/11/0001/2425

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି
## COLLECTORATE, GAJAPATI, PARALAKHEMUNDI

(ମଙ୍ଗଳ ଉପବିଭାଗ)

E-mail id: dwogpt@rediffmail.com, Ph. No.: 06815-222825

Letter No. 2184/Welfare Date: 31.07.2024

**TENDER FOR SELECTION OF SERVICE PROVIDER**

No. V-13: Sealed tenders are hereby invited from Registered HR Service Providers for hiring of Human Resources for Post-Matric Minority Hostel at 03 locations of Gajapati District which should be sent through by Regd. Post/Speed Post/Courier Service/by Hand and should be reached the District Welfare, Gajapati on or before Dt.21.08.2024, 4 P.M. The tender document can be obtained during office hours from the Office of the District Welfare Officer, Gajapati can be downloaded from the Website **www.gajapati.odisha.gov.in** commencing on 02.08.2024 at 10.00 A.M. The last date and time for submission of Bid documents is 21.08.2024 at 4.00 P.M. The bidders are to submit the non-refundable tender documents fee of Rs.1000/- in shape of A/c Payee Demand Draft in favour of District Welfare Officer, Gajapati and payable at Gajapati from any Nationalized Bank along with the tender paper.
The tender will be opened on Dt.22.08.2024 at 10.30 A.M. in presence of Committee members & Tenderers/their authorized agents in the Conference Hall-1, Collectorate, Gajapati.
For eligibility criteria, scope of work on, timeline and other relevant details please refer the tender documents. The undersigned reserves right to accept/reject/negotiate any or all the tenders without assigning any reasons thereof.

OIPR-19071/11/0002/2425
Sd./- Collector, Gajapati

## ODISHA PUBLIC SERVICE COMMISSION, CUTTACK

**NOTICE**

No.4236/PSC Dt.03.08.24
1E-12-2024/25 (DR-III)

No. D-105: It is for information of all concerned that, the Commission has decided to conduct the written examination for recruitment to the post of **Assistant Conservator of Forests (Group-A) (JB) and Forest Rangers (Group-B)**, pursuant to Advt. No. 08 of 2023-24 from **18.08.2024 to 28.08.2024 (except 26.08.2024)** in five zones viz. Balasore, Berhampur, Bhubaneswar, Cuttack & Sambalpur as per the programme detailed below:

**PROGRAMME FOR WRITTEN EXAMINATION**

| Date | Forenoon Session 09.00 A.M. to 12.00 Noon | Afternoon Session 02.00 P.M. to 05.00 P.M. |
|---|---|---|
| 18.08.2024 | General English | Geneal Knowledge |
| 19.08.2024 | Agriculture Paper - I<br>Veterinay Science & Animal Husbandry Paper - I | Physics Paper - I |
| 20.08.2024 | Chemistry Paper - I | Geology Paper - I |
| 21.08.2024 | Botany Paper - I | Agricultural Engineering Paper - I<br>Chemical Engineering Paper - I<br>Civil Engineering Paper-I<br>Mechanical Engineering Paper - I |
| 22.08.2024 | Forestry Paper - I | Mathematics Paper - I<br>Statistic Paper - I |
| 23.08.2024 | Zoology Paper - I | Agriculture Paper - II<br>Veterinary Science & Animal Husbandry Paper - II |
| 24.08.2024 | Physics Paper - II | Chemistry Paper - II |
| 25.08.2024 | Geology Paper - II | Botany Paper - II |
| 27.08.2024 | Agricultural Engineering Paper - II<br>Chemical Engineering Paper-II<br>Civil Engineering Paper-II<br>Mechanical Engineering Paper - II | Forestry Paper - II |
| 28.08.2024 | Mathematics Paper - II<br>Statistic Paper - II | Zoology Paper - II |

N.B.: (1) The PwD candidates will be given one hour extra time in each sitting i.e. 9.00 A.M. to 1.00 P.M. and 2.00 P.M. to 6.00 P.M.
(2) The candidates are required to download their **"Admission Certificate" & "Instruction to Candidates"** from the website of the Commission **at http://opsc.gov.in from 12.08.2024 onwards**.

OIPR-12002/11/0066/2425
Sd./- Secretary (I/C)

## OFFICE OF THE SUPERINTENDING ENGINEER, KANTABANJI (R&B) DIVISION

Government of Odisha

e-mail Id: eerbkbj@rediffmail.com, Tel/FAX No.: 06657-220216

**BID IDENTIFICATION No. 01/KBJ/2024-25**

No. B-143: The Superintending Engineer, Kantabanji (R&B) Division on behalf of Governor of Odisha invites Percentage Rate bid for Building works detailed in the table below in Double Cover System ONLINE MODE from the Class of Contractors mentioned in Column-7 registered with the State Government and contractors of equivalent grade/class registered with Central Government/MES/Railways for execution of Civil, EI & PH Works. The proof of registration from the appropriate authority shall be enclosed along with the bid.

1. No. of Work : 01 No. Double Cover (Composite Tender)
2. Nature of Work : Building Work (Civil, EI & PH)
3. Class of Contractor : B
4. Approximate value of work : Rs.99.94 lakh
5. Tender Cost : Rs.10,000/-
6. Date and time of availability of Bid documents in Online : From Dt.12.08.2024, 11.00 A.M. to Dt.22.08.2024 upto 5.00 P.M.
7. Date of Opening of Technical Bid (Cover-I) in Online : Dt.23.08.2024 at 11.30 A.M.
8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. The bidders have to participate in ONLINE bidding only. Further details can be seen from the website: **"www.tendersodisha.gov.in"**. All future corrigendum will be available on ONLINE MODE only.

Sd./- Arjuna Behera
Additional Chief Engineer,
Kantabanji (R&B) Division
OIPR-34099/11/0002/2425

## SAMS — Student Academic Management System | Skilled in ODISHA

## DIRECTORATE OF TECHNICAL EDUCATION & TRAINING, ODISHA

**KILLAMAIDAN, BUXIBAZAR, CUTTACK - 753001**
**Email: ccrdiploma2024@gmail.com, Website: dtetodisha.gov.in**

## DIPLOMA & POST-DIPLOMA SPOT ADMISSION 2024-25

**FOR ADMISSION INTO DIPLOMA IN ENGINEERING/NON-ENGINEERING, LATERAL ENTRY, WORKING PROFESSIONALS-LE & POST DIPLOMA COURSES**

No. KK-88: This is for information of aspirant candidates for Spot Admission into vacant seats at various Engineering Schools and Polytechnics (both Government & Private) of the State for the academic session 2024-25. The SAMS portal **(https://skill.samsodisha.gov.in/)** will be opened for accepting online applications as per the following timeline:

| Course | SAMS Portal Open for Online CAF | Spot Admission |
|---|---|---|
| Diploma in Engineering - Lateral Entry | 27.07.2024 to 09.08.2024 | 5th, 7th & 9th August 2024 |
| Diploma in Engineering & Non-Engineering (FRESH) | 05.08.2024 to 21.08.2024 | 12th, 13th, 16th, 17th, 20th & 21st August 2024 |
| Post Diploma Course | 05.08.2024 to 09.08.2024 | 9th August 2024 |
| Diploma in Engineering-LE Working Professionals | 15.08.2024 to 23.08.2024 | 23rd August 2024 |

**The SOP for Spot Admission is available on SAMS portal**

For any specific query, contact Diploma Admission Call Centre, Phone No. 155335/1800-345-6770 (Toll Free) from 9 A.M. to 6 P.M.) or email to **ccrdiploma2024@gmail.com** or contact/visit nearby Govt. Polytechnic/Engineering School for assistance.

**Sd./- Director, Technical Education & Training, Odisha, Cuttack**

OIPR-44008/11/0018/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ: ମନ୍ତ୍ରୀ କୃଷ୍ଣଚନ୍ଦ୍ର

ବାରିପଦା,୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ବିଧାୟକମାନଙ୍କ ସହ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ଚାଷୀଙ୍କୁ କୁଇଣ୍ଟାଲ ପିଛା ଧାନର ଏମ୍‌ଏସ୍‌ପି ୩୧ଶହ ଟଙ୍କା ପ୍ରଦାନ ବ୍ୟବସ୍ଥା ନେଇ ମନ୍ତ୍ରୀ ଆଲୋଚନା କରିଥିଲେ। ମଧ୍ୟାହ୍ନଭୋଜନ ପାଇଁ ଦିଆଯାଉଥିବା ଚାଉଳ ବସ୍ତାରେ କମ୍ ପରିମାଣ ରହିବା ଓ ଅନିୟମିତତା ଅଭିଯୋଗକ୍ରମେ ଜିଲାରେ ଥିବା ଚାଉଳ ମିଲ୍‌ଗୁଡ଼ିକ ସେ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ପ୍ରଦାନ କରାଯାଉଥିବା ମଧ୍ୟାହ୍ନଭୋଜନ ଚାଉଳ ବସ୍ତାରେ କମ୍ ପରିମାଣକୁ ନେଇ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ ଜିଲା ଗସ୍ତରେ ଆସି ଶନିବାର ଶୁଳିଆପଦାସ୍ଥିତ ଏସ୍‌ଏସ୍‌ଏମ୍ ଚାଉଳ ମିଲ୍‌ରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଚାଉଳ ବସ୍ତା ପ୍ରତି ୫୦ କେଜି ବଦଳରେ କମ୍ ପରିମାଣର ଚାଉଳକୁ ନେଇ ତଦନ୍ତ ଆରମ୍ଭ କରାଯାଇଛି। ଗୋଟିଏ ବି ଦାନା ଚୋରି ହେବାକୁ ଦିଆଯିବ ନାହିଁ କହିବା ସହ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ଏହା ପରେ ମନ୍ତ୍ରୀ ବାରିପଦାସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଆଗାମୀ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଟୋକନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ସହ ଧାନର ଏମ୍‌ଏସ୍‌ପି ୩୧ଶହ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ପହଞ୍ଚାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ଅଭିଯୋଗ କିମ୍ବା ସମସ୍ୟା ଦେଖାଦେଲେ ବିଭାଗୀୟ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଚାଉଳକୁ ନେଇ ପ୍ରକୃତ ହିତାଧିକାରୀଙ୍କ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି। କେୱାଇସି ମାଧ୍ୟମରେ ଚାଉଳ କାର୍ଡର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ପ୍ରକୃତ ହିତାଧିକାରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ। ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ତ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

# ଅଗଷ୍ଟ ୯ରୁ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ'


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଭାଜପା କୃଷକ ମୋର୍ଚ୍ଚାର ନେତୃବୃନ୍ଦ।

ଭୁବନେଶ୍ୱର,୩।୮ (ଅନିଲ ଦାସ)

## ଚାଷୀଙ୍କ ପାଖକୁ ଯିବ ଭାଜପା କୃଷକ ମୋର୍ଚ୍ଚା

ଭାଜପା ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଚାଷୀ ସମାବେଶ କରି 'ଧନ୍ୟବାଦ ପ୍ରଧାନମନ୍ତ୍ରୀ ଓ ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ କରିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଚାଷୀମାନଙ୍କୁ ଅବଗତ କରାଯିବ। ଆସନ୍ତା ଅଗଷ୍ଟ ୯ 'କ୍ରାନ୍ତି ଦିବସରେ' ଭୁବନେଶ୍ୱରଠାରେ ଓଡ଼ିଶାର ୨ ଶହ ଚାଷୀନେତାଙ୍କୁ ନେଇ ଦଳ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ' କରିବ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କୃଷକ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ ସଂଯୋଜକ ଓ ଜିଲା ସଭାପତିମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୪ ନିର୍ବାଚନରେ ଭାଜପା ବହୁମତ ପାଇ ରାଜ୍ୟରେ ସରକାର ଗଠନ କରିବାର ମାସେ ମଧ୍ୟରେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା କରିବା ସହ ରାଜ୍ୟର ୫୮ଟି ସବ୍ ଡିଭିଜନ୍‌ରେ ଶୀତଳଭଣ୍ଡାର ନିର୍ମାଣ କରିବା, ସହରାଞ୍ଚଳ ଚାଷୀଙ୍କୁ ପିଏମ୍ କିଷାନ ନିଧି ଯୋଜନାରେ ସାମିଲ କରିବା ସହ ରାଜ୍ୟର ୬ ଲକ୍ଷ ଚାଷୀଙ୍କୁ ଏଥିରେ ସାମିଲ କରିବା, ସମସ୍ତ ଚାଷ ଜମିକୁ ଉଠା ଜଳସେଚନ ଦ୍ୱାରା ଜଳସେଚିତ କରାଯିବା ନିଷ୍ପତ୍ତିକୁ ବୈଠକରେ ସ୍ୱାଗତ କରାଯାଇଛି। ଏଥିପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃଷକ ମୋର୍ଚ୍ଚା ଧନ୍ୟବାଦ ଜଣାଇଛି।

ଏହି ବୈଠକରେ ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ହଳପାଣି ମାଝୀ, ପୁଲିନ୍ ପ୍ରକାଶ ପୁହାଣ, ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ସମ୍ପାଦକ ସର୍ବଶ୍ରୀ ମନୋଜ କୁମାର ସାହୁ, ଅଶୋକ କୁମାର ରଥ, ପରାଉ ହେମ୍ବ୍ରମ, ବିକ୍ରମ କେଶରୀ ରାଉତରାୟ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ତଥା କେନ୍ଦ୍ର ସରକାରଙ୍କ ଆଇଆର୍‌ସି ମହିଳା ନିର୍ଦ୍ଦେଶିକା ମନୀଷା ଚିନ୍ମୟୀ ବେହେରା, ରାଜ୍ୟ ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତି, ରାଜ୍ୟ ସଂଯୋଜକ ମଧୁସୂଦନ ଶର୍ମା, ଅବନେଶ୍ୱର ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ରାଜ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ତ୍ରୁଟି ସୁଧାରିବା ପାଇଁ ଚାଲିଛି ସମୀକ୍ଷା: ମନମୋହନ

ରାୟଗଡ଼ା,୩।୮ (ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ାଠାରେ ଶନିବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଦଳର ସ୍ଥିତି ନେଇ ସମୀକ୍ଷା କରୁଛନ୍ତି।

ପ୍ରଥମ ଥର ପାଇଁ ରାଜ୍ୟରେ ଭାଜପା ସରକାର ଗଠନ କରିଛି। ହେଲେ ରାୟଗଡ଼ା ଜିଲାରେ ଦଳ ଆଶାନୁରୂପ ସଫଳତା ପାଇପାରି ନାହିଁ ବୋଲି ଶନିବାର ରାୟଗଡ଼ା ଗସ୍ତରେ ଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଗତ ନିର୍ବାଚନରେ ଜିଲାର ୩ ବିଧାନସଭା ଆସନରେ ଭାଜପା ତୃତୀୟ ସ୍ଥାନରେ ରହିଛି। ଦଳର ସାଂଗଠନିକ ସ୍ଥିତି ଦୁର୍ବଳ ଥିବା ନେଇ କମିଟି ରିପୋର୍ଟ ଦେଇଛି। ଉକ୍ତ ରିପୋର୍ଟକୁ ଦେଖିବା ପରେ ଦଳ ତ୍ରୁଟି ସୁଧାରି ଆଗକୁ ବଢ଼ିବ ଓ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଜିଲାରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ମନମୋହନ କହିଛନ୍ତି। ତେବେ ଭାଜପାର ଭୋଟ ହାର ୨୦୧୯ ନିର୍ବାଚନ ଅପେକ୍ଷା ୨୦୨୪ରେ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୪ ନିର୍ବାଚନ ସମୟରେ ଟିକେଟ ଛକାପଞ୍ଝାରେ ଭାଜପା ବିଭିନ୍ନ ଭାଗରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ସମ୍ଭବତଃ ତାହାକୁ ଦେଖି ଜନସାଧାରଣ ଜିଲାରେ ଭାଜପାକୁ ପ୍ରତ୍ୟାଖାନ କରିଥାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଲଗାତର ଆସନ ହାତେଇ ଥିବା ବିଜେଡିର ମଧ୍ୟ ଗୋଷ୍ଠୀ କନ୍ଦଳ ପରାଜୟର କାରଣ ପାଲଟିଛି। ତେଣୁ କଂଗ୍ରେସ ଏଠାରୁ ଫାଇଦା ନେଇଛି। ଜିଲାର ୩ଟି ବିଧାନସଭା ଆସନ ଦଖଲ ସହିତ ଦ୍ୱିତୀୟ ଥର ପାଇଁ କଂଗ୍ରେସ କୋରାପୁଟ ଲୋକ ସଭା ଆସନରେ ପାଇଥିବା ବିପୁଳ ଭୋଟରେ ରାୟଗଡ଼ାର ଅବଦାନ ଯଥେଷ୍ଟ ରହିଛି ବୋଲି କୁହାଯାଉଛି।

# ମନ୍ତ୍ରୀ ବୁଲିବେ ଜିଲା

ଭୁବନେଶ୍ୱର,୩।୮ (ଅନିଲ ଦାସ)

ମନ୍ତ୍ରୀ ବିଭିନ୍ନ ଜିଲା ଗସ୍ତ କରିବେ। ଲୋକଙ୍କ ସହ ଯୋଡ଼ି ହେବେ ରାଜ୍ୟ ସରକାର। ୩୦ ଜିଲା ବୁଲିବାକୁ ୧୫ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ମନ୍ତ୍ରୀ ୨ଟି ଜିଲା ଗସ୍ତ କରିବେ। ଗସ୍ତ କାଳରେ ବଜେଟରେ ମୋହନ ସରକାର ଆଣିଥିବା ଲୋକାଭିମୁଖୀ ଯୋଜନା ବାବଦରେ ଲୋକଙ୍କୁ ଅବଗତ କରିବେ ଓ ମତାମତ ନେବେ। ଏଥିସହ କେନ୍ଦ୍ରର ଜନକଲ୍ୟାଣକାରୀ ଯୋଜନା କଥା ମଧ୍ୟ କହିବେ। ସାଧାରଣ ଲୋକ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରଖିବ ଦଳୀୟ ସଙ୍ଗଠନ। ଯୋଜନା ଅନୁସାରେ ମନ୍ତ୍ରୀ ଜିଲା ବୁଲିବା ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ପାତ୍ର ମୟୂରଭଞ୍ଜ ଗସ୍ତରେ ଅଛନ୍ତି। ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ବୃହତ୍ ତାଳତେଲ ବୃକ୍ଷରୋପଣ ଅଭିଯାନର ବେତନଟୀରୁ ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ୨୦ଟି ଜିଲାରେ ଏହା ଚାଲିବ। ଅନ୍ୟପକ୍ଷରେ ଯୋଗାଣ ବିଭାଗର ବିଭିନ୍ନ ଯୋଜନା ଜିଲାରେ କେମିତି କାମ କରୁଛି ସେ ବିଷୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ସମୀକ୍ଷା କରିଛନ୍ତି।

# ମମତା ମହାନ୍ତଙ୍କୁ ନେଇ ବିଜେଡି-ଭାଜପାରେ କଥା କଟାକଟି

ଭୁବନେଶ୍ୱର,୩।୮ (ଅନିଲ ଦାସ)

ରାଜ୍ୟ ସଭା ଓ ବିଜେଡିରୁ ମମତା ମହାନ୍ତ ଇସ୍ତଫା ଦେଇ ଭାଜପାରେ ଯୋଗ ଦେବା ପରେ ରାଜନୈତିକ ବୟାନବାଜି ଜାରି ରହିଛି। ଉଭୟ ଦଳର ନେତା ତାଙ୍କୁ ନେଇ କଥା କଟାକଟି ହେଉଥିବା ଦେଖିବାକୁ ମିଳିଛି। ମୋରଡ଼ାର ପୂର୍ବତନ ବିଧାୟକ ରାଜକିଶୋର ଦାସ କହିଛନ୍ତି, ମମତା ମହାନ୍ତ ସେମିତି ବଡ଼ ବ୍ୟକ୍ତିତ୍ୱର ଅଧିକାରୀ ନୁହଁନ୍ତି। ନା ସେ ତାଙ୍କ ସମ୍ପ୍ରଦାୟ ପାଇଁ ନା ଦଳ ପାଇଁ କାମ କଲେ। ୨୦୨୪ ନିର୍ବାଚନ ସମୟରେ ତାଙ୍କ କାର୍ଯ୍ୟକଳାପ ଠିକ୍ ନ ଥିଲା, ଯେଉଁଥିପାଇଁ ଦଳ ତାଙ୍କୁ ଦାୟିତ୍ୱ ଦେଇ ନ ଥିଲା। ଭାଜପାର ରାଜ୍ୟସଭାରେ ସଂଖ୍ୟା କମ୍। ସେଥିପାଇଁ ଭାଜପା ସବୁ କ୍ଷମତାକୁ ପ୍ରୟୋଗ କରି ଜଣକ ପରେ ଜଣଙ୍କୁ ନେବା ପାଇଁ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ସରୋଜ ପାଢୀ କହିଛନ୍ତି, ମମତା ଦଳରେ ମିଶିବା ନେଇ କୌଣସି ଡିଲ୍ ହୋଇନି। ବିଜେଡିର ସବୁ ସଦସ୍ୟ ଏବେ ବନ୍ଦ କୋଠରୀ ଭିତରେ ଅଛନ୍ତି। ଅମ୍ଳଜାନ ମିଳୁନି, ଅଣନିଶ୍ୱାସୀ ହୋଇଗଲେଣି। ପ୍ରଶ୍ୱାସ ନେବାକୁ ସେମାନେ ବନ୍ଦ କୋଠରୀ ବାହାରକୁ ଆସୁଛନ୍ତି। ଯେତେବେଳେ ନେତାମାନେ ଅନୁଭବ କରୁଛନ୍ତି ଯେ ବିଜେଡିରେ ତାଙ୍କର ଆଉ ଭବିଷ୍ୟତ ନାହିଁ, ସେମାନେ ବାହାରକୁ ଆସୁଛନ୍ତି ଏବଂ ଅନ୍ୟର ଆଶ୍ରା ନେଉଛନ୍ତି। ଯଦି ମମତା ମହାନ୍ତ ଲୋକପ୍ରିୟ ନୁହଁନ୍ତି, ତେବେ ତାଙ୍କ ଯିବାପରେ ଶୁକ୍ରବାର ବିଜେଡି ସଭାପତି କାହିଁକି ମୟୂରଭଞ୍ଜ ନେତାଙ୍କୁ ଡାକି ବୈଠକ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଗଞ୍ଜାମରେ ବି ତାଙ୍କର ଅବସ୍ଥା ଭଲ ନାହିଁ। ଆଗକୁ ବିସ୍ଫୋରଣ ହେବ ବୋଲି ସରୋଜ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସଭା ଓ ବିଜେଡିରୁ ଗତ ବୁଧବାର ମମତା ଇସ୍ତଫା ଦେବା ପରେ ଗୁରୁବାର ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଯୋଗ ଦେଇଥିଲେ। ଭାଜପାରେ ସାମିଲ ହେବା ପରେ ସେ କହିଥିଲେ, ଲୋକମାନେ ତାଙ୍କ ସମ୍ପତ୍ତି। ସେମାନଙ୍କ ସେବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ। ବିଜେଡିରେ ତାଙ୍କୁ ଅଣଦେଖା କରାଯାଇଥିବାରୁ ସେ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ।


# Classified Everyday

0674-2580101, 2549949




## GROOM WANTED

Extremly beautiful Khandayat girl 1997, 5'5", B.Tech, Serving Software Engineer MNC, Bangalore, "SUNASANSAR", Bhubaneswar. 9937512659. D-75982

Karan bride- age 26y/5'3", B.tec, software engineer in a MNC with 6.5 lpa at Bangalore. Father state Govt. Retired class-1 officer. Looking for suitable groom software engineer (minimum 15 to 20lpa). Only interested parents can contact at in this mobile number-9937328966, 9437188370. D-919



## REAL ESTATE
## SALE

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-921

Gharabari ready-to-construct plot for sale near the North side of Dhobanala, Berhampur. The plot is 220 DCL with a boundary wall, Electricity and water supply. Genuine buyers may contact 9437062136 between 4 PM and 7PM only. D-913

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-679

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

ଖୋର୍ଦ୍ଧାରେ ପିତୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

ଢେଙ୍କାନାଳ, କୋରିଆଁ ଛକସ୍ଥିତ ଜାତୀୟ ରାଜପଥ-୫୫କୁ ଲାଗି ୧୬ଗୁଣ୍ଠର ଏକ ଜାଗା ବିକ୍ରୟ ହେବ। ଇଚ୍ଛୁକ ବ୍ୟକ୍ତିମାନେ ଏହି No.ରେ ଯୋଗାଯୋଗ କରିବାକୁ ଅନୁରୋଧ। ୯୪୩୮୨୫୩୮୫୬, ୯୪୩୭୧୧୨୬୭୯. ଧ-୭୫୪୪୩

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

4BHK duplex bungalow at Botanda, Sundarpada, BBSR near Sai Villa, Ranging 1.10cr. Contact: 9861125539, 9040521173. D-76017



## CONSTRUCTION

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-680




Newly open health benefits spa by expert therapist. Contact: 6371861658. D-76139

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits SPA special Offer @ 799 Bapujinagar. 8018429809. D-76140

Kerala body Massage best Therapist Bhubaneswar. 9337672475. D-920

Newly open Jyoti SPA positively health benefits (Expert therapist). 8458067955. D-76141

## LOST

By virtue of an affidavit before Notary Public, Kantabanji bearing V.R.No.-789 on 24.06.2024, I Lokesh Roshan Mishra, S/o- Bhairaba Charan Mishra, R/o. Village- Lakhana P.O./P.S.- Muribahal, Dist.-Balangir hereby declare that I am the Prop. of M/S.RR Construction, Hadada and there is an Account No.- 920020058453754 in the name Firm at AXIS Bank Ltd., Kantabanji Branch and a Cheque Book issued in the name of said firm. The two Nos. of Cheque No.-077063 and 077066 has been lost somewhere which was not traced out for which lodged an FIR before Muribahal Police Station. If anyone find out the same and misused the said two nos. of cheque then he will be responsible. D-926

## AFFIDAVIT

I, Shahina Begum, W/o Mohammed Aminul Alam, resident of DE 413, Arcon Retreat, Patia Square, Bhubaneswar, PIN- 751031 Odisha, declare by this affidavit No.- C.F.No-22, dated 31.07.2024 that now onwards I shall be known as SHAHINA ALAM for all future purposes. D-916

By virtue of an affidavit sworn before the Executive Magistrate, Panposh, I, Kabita Kumari Ghadei, W/o- Chandan Kumar Ghadei, R/o- Qrt. No.- DE/42, Basanti Colony, P.O.- Rourkela-12, Dist.- Sundargarh, Odisha, declare that the Birth Certificate of my Son Surjay Prakash Ghadei vide Regd. No.-8950109, dtd. 23.11.2009 where in my name has been mentioned as Kabita Ghadei. That both the names Kabita Kumari Ghadei and Kabita Ghadei stands for one and same person. D-925

By virtue of an affidavit sworn before the Notary Public, Sunabeda on dated 31.07.2024, I have changed my name from K Pradeep Kumar Dora to Kadangalu Pradeep Kumar Dora. Henceforth, I shall be known as Kadangalu Pradeep Kumar Dora for all purposes. D-924

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପ୍ରତିଭା ରାଣୀ ଜିତ୍**

ଆବିର୍ଭାବ: ୧୬।୧୨।୧୯୪୮
ତିରୋଧାନ: ୧୬।୦୮।୨୦୨୩

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ସତ୍ୟନାରାୟଣ ଜିତ୍ ବାବୁ, ରୁଦ୍ର ନାରାୟଣ ଜିତ୍ ବାବୁ, ବନ୍ଧୁ ଓ ପରିବାରବର୍ଗ।

ଧ-୭୫୯୮୧

ଧରିତ୍ରୀ DHARITRI

## Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।

BHIM | UPI

ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ବନ୍ଧୁତା ଲୋଡ଼େନି ବୟସ





**ବନ୍ଧୁତ୍ୱ ଏମିତି ଏକ ସମ୍ପର୍କ, ଯାହାକୁ ଭାଷାରେ ପ୍ରକାଶ କରିବାକୁ ଶବ୍ଦ ଅଣ୍ଟେନି କି ନିବିଡ଼ତା ମାପିହୁଏନି। ନା ଏଥିପାଇଁ ଆବଶ୍ୟକ ସହପାଠୀ, ସମବୟସ୍କ ବା କେହି ପରିଚିତ। ଏହି ମଧୁର ସମ୍ପର୍କ କେବେ କାହା ସହ ଯୋଡ଼ି ହୋଇଯାଏ, ଯେଉଁଥିପାଇଁ ଲୋଡ଼ା ନ ଥାଏ ଏକ ନିର୍ଦ୍ଦିଷ୍ଟ ବୟସ। ଆଜି ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରେ ଏମିତି କିଛି ଯୁବଗୋଷ୍ଠୀଙ୍କୁ ନେଇ ବିଶେଷ ଉପସ୍ଥାପନା ଯେଉଁମାନେ ସମବୟସ୍କଙ୍କ ସହ ନୁହେଁ ବରଂ ଅସହାୟ ବୃଦ୍ଧାବୃଦ୍ଧ ଏବଂ କୁନି ପିଲାଙ୍କ ସହ ପାଳିବାରେ ସାଉଁଟନ୍ତି ଅଧିକ ଆନନ୍ଦ...**

**ଲକ୍ଷ୍ୟ ବୃଦ୍ଧାବୃଦ୍ଧଙ୍କ ମୁହଁରେ ହସ ଫୁଟାଇବା :** ବନ୍ଧୁତା ଦିବସରେ ସାଙ୍ଗସାଥୀଙ୍କ ସହ ଏକାଠି ଖାଇବା, ପରସ୍ପରକୁ ଉପହାର ଦେବା ଓ ମଜାମସ୍ତି କରିବାରେ ଏମାନଙ୍କୁ ମିଳି ନ ଥାଏ ଆନନ୍ଦ, ବରଂ ଅସହାୟ ବୃଦ୍ଧାବୃଦ୍ଧଙ୍କ ସହ ଏଭଳି ସ୍ପେଶାଲ ଦିନକୁ ସେଲିବ୍ରେଟ୍ କରିବା ଓ ସେମାନଙ୍କ ମୁହଁରେ ହସ ଫୁଟାଇବା ଏମାନଙ୍କୁ ଦେଇଥାଏ ଅପୂର୍ବ ଆନନ୍ଦ। ଏମାନେ ହେଉଛନ୍ତି ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜୟ ଜଗନ୍ନାଥ ଗ୍ରୁପ୍‌ର ସଦସ୍ୟମାନେ। ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ବେଣ୍ଡପୁର ଗ୍ରାମ ପଞ୍ଚାୟତରେ ରହିଛି ଏହି ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଶ୍ରୀମନ୍ଦିର ସେବାଶ୍ରମ। ପରିଣତ ବୟସରେ ନିଜ ପରିବାରଠାରୁ ଦୂରେଇ ଦୁଃଖ କଷ୍ଟରେ ରାସ୍ତାକଡ଼ରେ ଜୀବନ ଅତିବାହିତ କରୁଥିବା ବୃଦ୍ଧାବୃଦ୍ଧଙ୍କୁ ଉଦ୍ଧାର କରି ଏହି ସେବାଶ୍ରମରେ ଆଶ୍ରୟ ଦେଇ ସେମାନଙ୍କ ସହ ବନ୍ଧୁତା ସ୍ଥାପନ କରି ସମାଜକୁ ସୁନ୍ଦର ବାର୍ତ୍ତାଟିଏ ଦେଇଛନ୍ତି ସଂଗଠନର ପ୍ରତିଷ୍ଠାତା ଶିବ ଶଙ୍କର ଦାଶ। ସେ କୁହନ୍ତି, 'ବନ୍ଧୁତା' କେବଳ ଏକ ଶବ୍ଦ ନୁହେଁ, ଏହା ଗୋଟିଏ ନିଆରା ଅନୁଭବ । ଯେଉଁଥିରେ ଜାତି, କଳା ଗୋରା, ଧନୀ ଗରିବ, ଛୋଟ ବଡ଼ର କିଛି ଭେଦଭାବ ନ ଥାଏ। ବନ୍ଧୁତାର ଅର୍ଥ ହେଉଛି ଗୋଟିଏ ସୁନ୍ଦର ହୃଦୟ ଯାହା କେବେ ଘୃଣା କରେନି, ମୁହଁରେ ଖୁସିଭରା ହସ ଯାହା କେବେ ଫିକା ପଡ଼େନି, ଗୋଟିଏ ଅନୁଭୂତି ଯାହା କେବେ ଦୁଃଖ ଦିଏନି ଓ ଗୋଟିଏ ସମ୍ପର୍କ ଯାହା କେବେ ଭାଙ୍ଗେନି। ଗୋଟିଏ ମନର ଅକୁହା କଥାକୁ ବୁଝିପାରୁଥିବା ମନଟିର ନାମ ହେଉଛି ବନ୍ଧୁତା। ଭିଜାଆଖିର ଲୁହକୁ ଦେଖିପାରୁଥିବା ଆଖିଟିର ନାମ ହେଉଛି ବନ୍ଧୁତା। ମଣିଷକୁ ଭଗବାନ ଦିବ୍ୟ ଜ୍ଞାନ ଦେଇଛନ୍ତି, ଯାହାର ସଦୁପଯୋଗ କରି ଅନ୍ୟର ସୁଖଦୁଃଖରେ ଛିଡା ହେବା ହିଁ ଆମ ପାଇଁ ପ୍ରକୃତ ବନ୍ଧୁତା। ତେଣୁ ଆମେ ଏହି ବୃଦ୍ଧ ମା'ବାପାମାନଙ୍କ ସହ ବନ୍ଧୁତା ଦିବସ ପାଳୁ। ପ୍ରଥମେ ଆମେ ସେମାନଙ୍କ ମଥାରେ ଚନ୍ଦନ ତିଳକ ଲଗାଇ ପୂଜା କରିବା ପରେ ହାତରେ ବନ୍ଧୁତାର ଡୋରି (ଫ୍ରେଣ୍ଡଶିପ୍ ବ୍ୟାଣ୍ଡ) ବାନ୍ଧୁ। ପରେ କେକ୍ କାଟିବା ସହ ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ଉତ୍ତମ ବ୍ୟବସ୍ଥା କରୁ। ସେମାନଙ୍କ ମୁହଁରେ ହସ ଫୁଟାଇବା ଆମକୁ କେତେ ଆନନ୍ଦ ଦିଏ, ତାହା ଭାଷାରେ ପ୍ରକାଶ କରିବା କଷ୍ଟ। ତେବେ ଏହି ମହତ୍ କାର୍ଯ୍ୟରେ ଗ୍ରୁପ୍‌ର ଅଶୋକ ସାହୁ, ଲୋପାମୁଦ୍ରା ଷଡ଼ଙ୍ଗୀ, ରଶ୍ମିତା ରଣା, ଶୁଭଶ୍ରୀ ଦାଶ ପ୍ରମୁଖ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ।



ଶ୍ରୀମନ୍ଦିର ସେବାଶ୍ରମ ଅନ୍ତେବାସୀଙ୍କ ସହ ଜୟ ଜଗନ୍ନାଥ ଗ୍ରୁପ୍‌ର ସଦସ୍ୟମାନଙ୍କ ଫ୍ରେଣ୍ଡଶିପ୍ ଡେ' ପାଳନ।

**କୁନି କୁନି ପିଲାଙ୍କ ସହ ବନ୍ଧୁତା ଦିଏ ଆନନ୍ଦ:** ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ନୂଆସାହି ଅଞ୍ଚଳର ଅଗ୍ରଣୀ ସାମାଜିକ ଯୁବ ସଂଗଠନ ହେଉଛି ଶ୍ରୀ ବିନାୟକ ୟୁଥ୍ ଆସୋସିଏଶନ। ଯୁବନେତା ତଥା ବର୍ତ୍ତମାନର ଆସୋସିଏଶନର ସଭାପତି ଦେବବ୍ରତ ମହାନ୍ତି(ବିକି) ନିଜର କିଛି ସହପାଠୀ ବନ୍ଧୁ ଚନ୍ଦନ ପ୍ରଧାନ, ବାଦଲ ପରିଡ଼ା, ସୌମ୍ୟରଞ୍ଜନ ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ, ସୂର୍ଯ୍ୟନାରାୟଣ ସ୍ୱାଇଁ, ତୁଷାର ମଲ୍ଲିକ, ଓମ୍ ପ୍ରକାଶ ଶର୍ମାଙ୍କୁ ନେଇ ୨୦୧୨ ଅଗଷ୍ଟ ୧ରେ ଏହି ଅନୁଷ୍ଠାନ ଗଢ଼ିଥିଲେ। ଏହି ଅନୁଷ୍ଠାନ ପ୍ରଥମେ ବୃକ୍ଷରୋପଣ ଏବଂ ଗଣେଶ ପୂଜା ଆୟୋଜନ କରିଥିଲା, ପରବର୍ତ୍ତୀ ସମୟରେ ସାମାଜିକ କାର୍ଯ୍ୟକ୍ରମ ନିମନ୍ତେ ସମସ୍ତେ ମନସ୍ଥ କରିଲେ। ସେବେଠାରୁ ଆସୋସିଏଶନ ତରଫରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିର, ଅସହାୟ ଲୋକଙ୍କ ସେବା ଭଳି ବିଭିନ୍ନ କାର୍ଯ୍ୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲେ। ଦେବବ୍ରତ କୁହନ୍ତି, ଯେହେତୁ ଏହି ଅନୁଷ୍ଠାନ ସବୁ ବନ୍ଧୁମାନଙ୍କୁ ନେଇ ଗଠନ ହୋଇଥିଲା, ସବୁବେଳେ ସଂଧ୍ୟାରେ ସମସ୍ତେ ନୂଆସାହି ପୋଷ୍ଟ ଅଫିସ ନିକଟରେ ଏକାଠି ହେଉଥିଲେ, ସେହି ପାଖରେ ଅବସ୍ଥିତ ଦେହୁରୀ ସାହି ବାସିନ୍ଦାମାନଙ୍କ ସହ ସମ୍ପର୍କ ଆରମ୍ଭ ହୋଇଥିଲା। ସେହି ସାହିର ଅବହେଳିତ କୁନି କୁନି ପିଲାମାନଙ୍କ ସହ ହୃଦୟର ବନ୍ଧୁତା। ଗଢି ଉଠିଥିଲା ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି। ଆମେ ପ୍ରତିବର୍ଷ ବିଭିନ୍ନ ଉତ୍ସବ ବିଶେଷକରି ଫ୍ରେଣ୍ଡଶିପ୍ ଡେ' ସେମାନଙ୍କ ସହ ବେଶ୍ ଆନନ୍ଦର ସହ ପାଳିଥାଉ। ଚଳିତବର୍ଷ ଆସୋସିଏଶନ ତରଫରୁ ପିଲାମାନଙ୍କ ସହିତ ବନ୍ଧୁତ୍ୱ ଦିବସ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ସେହି କାର୍ଯ୍ୟକ୍ରମରେ ଛୋଟ ପିଲାମାନଙ୍କ ଗହଣରେ କେକ୍ କଟାଯିବ, ମିଷ୍ଟାନ୍ନ ସହ ପାଠ୍ୟ ଉପକରଣ ପ୍ରଦାନ କରାଯାଇ ସମାଜରେ ବନ୍ଧୁତ୍ୱର ଗୁରୁତ୍ୱ ସମ୍ପର୍କରେ ସେମାନଙ୍କୁ ଜଣାଇବା ସହ ସେମାନଙ୍କ କୁନି କୁନି ହାତରେ ବୃକ୍ଷରୋପଣ କରାଯିବ।



କୁନି ପିଲାଙ୍କ ସହ ଫ୍ରେଣ୍ଡଶିପ୍ ଡେ' ପାଳୁଛନ୍ତି ଶ୍ରୀ ବିନାୟକ ୟୁଥ୍ ଆସୋସିଏଶନର ସଦସ୍ୟମାନେ ।

**ବନ୍ଧୁତାରେ ବୟସର ତାରତମ୍ୟ ନ ଥାଏ:** ବନ୍ଧୁତା, ଏପରି ଏକ ଶବ୍ଦ ଓ ଏପରି ଏକ ସୁନ୍ଦର ସମ୍ପର୍କ ଯେଉଁଠି ନ ଥାଏ ବୟସର ପାର୍ଥକ୍ୟ, ଧନୀ ଗରିବର ସଂଜ୍ଞା, ନାରୀ ପୁରୁଷର ଭେଦଭାବ ଅଥବା ଟଙ୍କା ପଇସାର ଛଳନା। ହୋପ୍ ଇନ୍ ଲାଇଫ୍, ଏକ ନିଆରା ଅନୁଷ୍ଠାନ ଯାହା ଏହି ପବିତ୍ର ସମ୍ପର୍କ "ବନ୍ଧୁତା" ପାଇଁ କେବଳ ପୁରୀ ସହର ନୁହେଁ, ସମଗ୍ର ଓଡ଼ିଶାରେ ଏକ ପରିଚିତ ନାମ ହୋଇ ପାରିଛି। ୨୦୧୭ ମସିହାରେ ହାତଗଣତି କିଛି ବନ୍ଧୁଙ୍କୁ ନେଇ ସୃଷ୍ଟି ହୋଇଥିବା ଏହି ଅନୁଷ୍ଠାନ ଇତିମଧ୍ୟରେ ବିଭିନ୍ନ ବୟସର ଶତାଧିକ ବନ୍ଧୁଙ୍କୁ ଏକାଠି କରିପାରିଛି। ସଭାପତି ସୁରେଶ କୁମାର ନନ୍ଦ କୁହନ୍ତି, ଆମର ୧୪ ବର୍ଷରୁ ଆରମ୍ଭ କରି ୬୦ ବର୍ଷ ପର୍ଯ୍ୟନ୍ତ ଯେତେଜଣ ସ୍ୱେଚ୍ଛାସେବୀ ଭାଇଭଉଣୀ ଅଛନ୍ତି ସମସ୍ତେ ସମସ୍ତଙ୍କର ବନ୍ଧୁ। ବୟସର ତାରତମ୍ୟ ଆମ ଭିତରେ କେବେ ଦେଖାଯାଏ ନାହିଁ ବୋଲି କେବଳ ସମ୍ମାନ ଓ ଭଲପାଇବା ଆମ ଅନୁଷ୍ଠାନର ଗରିମା ବୃଦ୍ଧି କରିଛି ଆଜିପର୍ଯ୍ୟନ୍ତ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଅନେକ ସମାଜସେବା କ୍ଷେତ୍ରରେ ଅଗ୍ରଣୀ କାର୍ଯ୍ୟକ୍ରମ ଆମେ କରିପାରୁଛୁ ଓ ସମସ୍ତଙ୍କ ପାଇଁ ପ୍ରେରଣା ମଧ୍ୟ ହୋଇ ପାରିଛୁ। କେବଳ ଏତିକି ନୁହେଁ, ଆମର ବୃଦ୍ଧାଶ୍ରମରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କୁ ମା'ବାପା ଓ ବନ୍ଧୁ ଭଳି ସେବା ଯୋଗାଇ ଦେଇଥାଉ। ସେମାନଙ୍କ ସହିତ ଆମର ସମସ୍ତ ସଦସ୍ୟ ଜଣେ ଜଣେ ଉତ୍ତମ ବନ୍ଧୁ ଭଳି ବ୍ୟବହାର କରିଥାନ୍ତି। ବନ୍ଧୁତା ଦିବସଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ବିଶେଷ ଉତ୍ସବ ଆମେ ତାଙ୍କ ସହ ଏକାଠି ପାଳନ କରୁ ଓ ତାଙ୍କୁ ସବୁ ପ୍ରକାର ଖୁସି ଯୋଗାଇଦେବାର ପ୍ରୟାସ କରୁ। ଏହାର କାରଣ ଯେତେବେଳେ ସେମାନଙ୍କୁ ସେମାନଙ୍କ ପରିବାର ସଦସ୍ୟ ଅଲୋଡ଼ା ଭାବି ନିଜ ପରିବାରଠାରୁ ଦୂରେଇ ଦେଲେ ସେତେବେଳେ ସେମାନେ କେବଳ ପରିବାର ନୁହେଁ, ସାଙ୍ଗସାଥୀ ଭିଟାମାଟି ସବୁଥିରୁ ଦୂରେଇଗଲେ। ତେଣୁ ସେହି ଦୁଃଖକୁ ଦୂର କରିବାର ପ୍ରୟାସ ଆମର ସମସ୍ତ ସଦସ୍ୟ ନିଜର କର୍ତ୍ତବ୍ୟ ଭାବରେ ସମ୍ପାଦନ କରନ୍ତି। ଆଉ ଏଥିରୁ ଯେଉଁଠି ଆନନ୍ଦ ମିଳେ, ତାହା ବର୍ଣ୍ଣନା କରିବା ସହଜ ନୁହେଁ। ମୋ ମତରେ ଭଗବାନଙ୍କର ମଣିଷ ପାଇଁ ସବୁଠୁ ଶ୍ରେଷ୍ଠ ଉପହାର ହେଲା ବନ୍ଧୁତା।

**– ପୌର୍ଣ୍ଣମାସୀ**



ହୋପ୍ ଇନ୍ ଲାଇଫ୍ ଅନୁଷ୍ଠାନର ସଦସ୍ୟମାନେ ।

## ଏ ସପ୍ତାହର ପ୍ରଶ୍ନ

୧– 'ବିପିନ୍: ଦି ମ୍ୟାନ୍ ବିହାଇଣ୍ଡ ଦି ୟୁନିଫର୍ମ' ପୁସ୍ତକ .......... ଲେଖିଛନ୍ତି ?
୨– ପ୍ରେସରକୁକର୍‌ର ଉଦ୍ଭାବକ .......... ?
୩– ସ୍କଟ୍‌ଲାଣ୍ଡର ଜାତୀୟ ପଶୁ .......... ?
୪– ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ପ୍ରଥମ ମହିଳା ମୁଖ୍ୟ .......... ?
୫– ପୃଥିବୀରେ ସର୍ବାଧିକ ବ୍ୟବହୃତ ଭାଷା .......... ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ଜାପାନ
୩ ରେଲ୍‌ୱେ ପ୍ରୋଟେକ୍ସନ ଫୋର୍ସ
୪ କୋଲକାତା
୫ ସାଇବେରିଆନ୍ ଟାଇଗର୍

## ଉତ୍ତରଦାତା



ସ୍ମିତା ନାୟକ, ଭଞ୍ଜନଗର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

## ପୃଥିବୀର ସର୍ବବୃହତ୍ ଚର୍ଚ୍ଚ



୧– ସେଣ୍ଟ ପିଟର୍ସ ବ୍ୟାସିଲିକା.......... ଭାଟିକାନ ସିଟି
୨– କ୍ୟାଥେଡ୍ରାଲ୍ ବ୍ୟାସିଲିକା ଅଫ୍ ଆୱାର ଲେଡି ଆପାରେସିଡା.......... ବ୍ରାଜିଲ୍
୩– ମିଲନ୍ କ୍ୟାଥେଡ୍ରାଲ୍ .......... ଇଟାଲୀ
୪– ସେଭିଲେ କ୍ୟାଥେଡ୍ରାଲ୍ .......... ସ୍ପେନ୍
୫– ମସ୍କ–କ୍ୟାଥେଡ୍ରାଲ୍ ଅଫ୍ କାର୍ଡ୍ରୋବା .......... ସ୍ପେନ୍
୬– କ୍ୟାଥେଡ୍ରାଲ୍ ଅଫ୍ ସେଣ୍ଟ ଜନ୍ ଦି ଡିଭାଇନ୍ .......... ଆମେରିକା
୭– ବ୍ୟାସିଲିକା ଅଫ୍ ଆୱାର ଲେଡି ଅଫ୍ ଲିଚେନ୍ .......... ପୋଲାଣ୍ଡ
୮– ଲିଭରପୁଲ୍ କ୍ୟାଡ୍ରୋଲ୍ .......... ଆମେରିକା
୯– ବ୍ୟାସିଲିକା ଅଫ୍ ଦି ହୋଲୀ ଟ୍ରିନିଟୀ .......... ପର୍ତ୍ତୁଗାଲ
୧୦– ବ୍ୟାସିଲାକା ଅଫ୍ ସେଣ୍ଟ ପଲ୍ ଆଉଟ୍‌ସାଡ୍ ଦି ୱାଲ୍‌ସ୍ .......... ଇଟାଲୀ

## ଜାଣନ୍ତୁ ଦୁନିଆ

# ଟ୍ରାଫିକ୍ ଲାଇଟ୍

**ପ୍ରତ୍ୟେକ ଟ୍ରାଫିକ୍ ପୋଷ୍ଟରେ ତିନୋଟି ରଙ୍ଗର ଲାଇଟ୍ ବ୍ୟବସ୍ଥା ରହିଥାଏ। ଏହାର କାର୍ଯ୍ୟ କ'ଣ ମଧ୍ୟ ସମସ୍ତେ ଜାଣନ୍ତି। ଏମିତିକି ପୃଥିବୀର ଅନେକ ଦେଶରେ ଡିଜିଟାଲ୍ ଟ୍ରାଫିକ୍ ଲାଇଟ୍ କଣ୍ଟ୍ରୋଲ୍ ବ୍ୟବସ୍ଥା ବି କାର୍ଯ୍ୟକାରୀ ହେଉଛି। ହେଲେ ଜାଣନ୍ତୁ ଏହା କେବେଠାରୁ ଏବଂ କାହିଁକି ଆରମ୍ଭ ହୋଇଥିଲା...**

- ଲଣ୍ଡନର ବ୍ରିଟିଶ୍ ହାଉସ୍ ଅଫ୍ ପାର୍ଲିଆମେଣ୍ଟ ସମ୍ମୁଖରେ ସର୍ବପ୍ରଥମେ ୧୮୬୮ ମସିହା ଡିସେମ୍ବର ୧୦ ତାରିଖରେ ଟ୍ରାଫିକ୍ ଲାଇଟ୍ ଲଗାଯାଇଥିଲା। ହେଲେ ସେତେବେଳେ କେବଳ ଲାଲ୍ ଏବଂ ସବୁଜ ଦୁଇଟି ରଙ୍ଗର ଲାଇଟ୍ ଲଗାଯାଇଥିଲା।
- ଏହି ଲାଇଟ୍‌କୁ ସେଠାକାର ଜଣେ ରେଲ୍‌ୱେ ଅଧିକାରୀ ଜେ.କେ. ନାଇଟ୍ ଲଗାଇଥିଲେ।
- ଯେହେତୁ ସେତେବେଳେ ଇଲେକ୍ଟ୍ରିକ୍ ବ୍ୟବସ୍ଥା ନ ଥିଲା, ତେଣୁ ଏହାକୁ ଗ୍ୟାସ୍ ଦ୍ୱାରା ଜଳା ଯାଉଥିଲା, ଯାହାକି ସୁରକ୍ଷିତ ନ ଥିଲା।
- ଏହାପରେ ୧୯୧୪ ମସିହା ଅଗଷ୍ଟ ୫ ତାରିଖରେ ଜେମ୍ସ ହଗ୍‌ଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ପ୍ରଥମ ଇଲେକ୍ଟ୍ରି ଟ୍ରାଫିକ୍ ଲାଇଟ୍ ଲଗାଯାଇଥିଲା ; ଯାହାକି ଆମେରିକାର ଟ୍ରାଫିକ୍ ସିଗ୍‌ନାଲ୍ କମ୍ପାନି ପକ୍ଷରୁ ଓହିଓର କ୍ଲିଭ୍‌ଲାଣ୍ଡସ୍ଥିତ ଇଷ୍ଟ ୧୦୫ ଷ୍ଟ୍ରିଟ୍ ଏବଂ ୟୁକ୍ଲିଡ୍ ଏଭିନ୍ୟୁ ମଧ୍ୟରେ ଲଗାଯାଇଥିଲା।
- ଏଥିରେ ମଧ୍ୟ ଲାଲ୍ ଏବଂ ସବୁଜ ଦୁଇଟି ଲାଇଟ୍ ଥିବା ବେଳେ ଏକ ବଜର୍ ଲଗାଯାଇଥିଲା, ଯାହା ଲାଇଟ୍ ବଦଳିବା ସମୟରେ ଏକ ଶବ୍ଦ ସଂକେତ ଦେଉଥିଲା।
- ୧୯୨୦ ମସିହାରେ ୱିଲିୟମ୍ ପଟ୍ସ ନାମକ ଜଣେ ପୋଲିସ୍ ଅଫିସର୍ ୩ଟି ରଙ୍ଗ ଥିବା ଟ୍ରାଫିକ୍ ଲାଇଟ୍ ଆରମ୍ଭ କରିଥିଲେ।
- ସମୟ ଅନୁସାରେ ଅଟୋମେଟିକ୍ ରଙ୍ଗ ପରିବର୍ତ୍ତନ ହେଉଥିବା ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ପ୍ରଥମଥର ୧୯୯୬ ମସିହାରେ ଭର୍ଜିନିଆ ଏବଂ ହେମ୍ପଟନ୍‌ଠାରେ ଲଗାଯାଇଥିଲା।



## ୟୁଥ୍ ଆଲର୍ଟ

# ବର୍ଷାରେ ରୁହନ୍ତୁ ଫିଟ୍...

**ବର୍ତ୍ତମାନ କିଛିଦିନ ହେବ ଲାଗି ବର୍ଷା ରହୁଛି। ତେବେ ଭିଜିବାର କାରଣ ଯାହାହେଉ ନା କାହିଁକି, ଏହା ଯୋଗୁ ପରବର୍ତ୍ତୀ ସମୟରେ ଫ୍ଲୁ ସମସ୍ୟା ଦେଖାଦେଉଛି ଏବଂ ଏଥିପାଇଁ ଔଷଧ ଖାଇବାକୁ ପଡୁଛି । ହେଲେ ଆପଣ ଚାହିଁଲେ ଔଷଧ ପରିବର୍ତ୍ତେ କେତୋଟି ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା ଦୂରେଇପାରିବେ...**



**ଭିଟାମିନ୍ ସି'ଯୁକ୍ତ ଖାଦ୍ୟ:** ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ସି'ଯୁକ୍ତ ଖାଦ୍ୟକୁ ସାମିଲ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଲେମ୍ବୁ, କମଳା, ଆତାପି, ଟମାଟୋ ଆଦିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି' ଭରି ରହିଥିବାରୁ ଏହାକୁ ଖାଇଲେ ବର୍ଷାଦିନେ ଫ୍ଲୁ ସମସ୍ୟା ହେବାକୁ ଦେଇ ନ ଥାଏ।

**ପାଣି ଓ ଜୁସ୍:** ଶରୀରରେ ଜଳୀୟାଂଶ କମିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଯାହାଫଳରେ ବର୍ଷାପାଣି ସଂସ୍ପର୍ଶରେ ଆସିବାମାତ୍ରେ ସହଜରେ ଫ୍ଲୁ ହୋଇଥାଏ।

**ରସୁଣ:** ଏହା କେବଳ ଏକ ମସଲା ଭାବେ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ, ବରଂ ଏଥିରେ ଭରି ରହିଛି ବିଭିନ୍ନ ଔଷଧୀୟ ଗୁଣ। ଏଥିରେ ଥିବା ଆଣ୍ଟିଭାଇରାଲ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ତତ୍ତ୍ୱ ଫ୍ଲୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ତେଣୁ ପ୍ରତିଦିନ ୨ କୋଲା ରସୁଣ କଞ୍ଚା ଖାଇଲେ ଉପକୃତ ହେବେ।



**ଅଦା:** ଏଥିରେ ଥିବା ପ୍ରଚୁର ଔଷଧୀୟ ଗୁଣ ଥଣ୍ଡା, କାଶ, କଫ ଭଳି ସମସ୍ୟା ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ହଠାତ୍ ଓଦା ହୋଇଗଲେ ଥଣ୍ଡା ନ ଧରିବା ଲାଗି ଆପଣ ଏକ କପ୍ ଅଦାପକା ଚା ପିଅନ୍ତୁ। ଅଦାରସରେ ମହୁ ମିଶାଇ ଖାଇବା ଦ୍ୱାରା ଫ୍ଲୁ ସମସ୍ୟାରୁ ଉପଶମ ମିଳିଥାଏ।

**ତଟକା ପନିପରିବା:** ତଟକା ପନିପରିବା ଏବଂ ଶାଗରେ ପ୍ରଚୁର ପରିମାଣରେ ଭିଟାମିନ୍ ଇ, ସି, ଆଇରନ୍, କ୍ୟାଲ୍‌ସିୟମ୍, ଫାଇବର୍ ଏବଂ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରିରହିଛି, ଯାହାକି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ତେଣୁ ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ଫ୍ଲୁ ସମସ୍ୟା ଦୂରେଇ ରହିଥାଏ।

# ଅପମାନିତ ହେବା ପରେ ମହିଳାଙ୍କ ଆତ୍ମହତ୍ୟା

ଓଡ଼ାପଡ଼ା,୩।୮ (ରଞ୍ଜିତ ନାୟକ)

ଗାଁ ଦାଣ୍ଡରେ ଯାଆ, ପୁତୁରା ଓ ପୁତୁରା ବୋହୂ ମାଡ଼ ମାରିବା ପରେ ଅପମାନିତ ହୋଇ ଜଣେ ମହିଳା ଶୁକ୍ରବାର ଅପରାହ୍ନରେ ଘରେ ନିଜ ପିନ୍ଧା ଲୁଗାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍ ଫାଣ୍ଡି ଅନ୍ତର୍ଗତ ଗୁଣଦେଇ ଗ୍ରାମରେ। ମୃତ ମହିଳା ହେଲେ ଗୁଣଦେଇ ଗ୍ରାମର ବାସୁଦେବ ସାହୁଙ୍କ ସ୍ତ୍ରୀ ଅବନ୍ତି ସାହୁ (୩୯)। ଏ ସଂକ୍ରାନ୍ତରେ ସ୍ୱାମୀ ବାସୁଦେବ ହିନ୍ଦୋଳ ରୋଡ୍ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ଅଭିଯୋଗରେ ବାସୁଦେବ ଦର୍ଶାଇଛନ୍ତି, ସ୍ତ୍ରୀ ଅବନ୍ତିଙ୍କୁ ଅନେକ ସମୟରେ ତାଙ୍କ ବଡ଼ ଯାଆ ଓ ପୁତୁରା ବୋହୂ ମାଡ଼ ଗାଳି ଦିଅନ୍ତି। ଗତ ୧ ତାରିଖରେ ଯାଆ, ପୁତୁରା ଓ ପୁତୁରା ବୋହୂ ଅବନ୍ତିଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ହେଲେ ସେ ସ୍ତ୍ରୀଙ୍କୁ ବୁଝାଶୁଝା କରି ଏହାର ସମାଧାନ କରିଥିଲେ। କିନ୍ତୁ ୨ ତାରିଖରେ ସେ ଓ ତାଙ୍କ ପୁଅ କିଛି କାର୍ଯ୍ୟରେ ଘରୁ ବାହାରିଯିବା ପରେ ଯାଆ, ପୁତୁରା ଓ ପୁତୁରା ବୋହୂ ଅବନ୍ତିଙ୍କୁ ଗାଳିଗୁଲଜ ସହ ଗାଁ ଦାଣ୍ଡରେ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ଅବନ୍ତି ଗ୍ରାମ ସଭାପତିଙ୍କୁ ଜଣାଇବା ପରେ ଅପରାହ୍ନରେ ବେକରେ ପିନ୍ଧା ଲୁଗା ଲଗାଇ ଝୁଲି ପଡ଼ିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ। ଶନିବାର ସକାଳେ ମୋଟଙ୍ଗା ଥାନା ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିବା ସହିତ ଢେଙ୍କାନାଳରୁ ସାଇଣ୍ଟିଫିକ ଟିମ୍ ଡକାଇ ପୂର୍ବାହ୍ନ ୧୧ଟା ୩୦ରେ ମୃତଦେହ ତଳକୁ ଓହ୍ଲାଇ ବ୍ୟବଚ୍ଛେଦ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ତେବେ ଅବନ୍ତିଙ୍କ ମୃତଦେହକୁ ଦୀର୍ଘ ସମୟ ଧରି ଝୁଲାଇ ରଖାଯିବା ଘଟଣାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ ପରେ ପୋଲିସ ନଂ. ୧୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇ ନାହିଁ।


ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଷ୍ଟିଲ୍ କାରଖାନା ବ୍ଲାଷ୍ଟଫର୍ନେସରେ ପଡ଼ି କର୍ମଚାରୀ ଜୀବନ୍ତ ଦଗ୍ଧ

ଝାରସୁଗୁଡ଼ା,୩।୮ (ସଞ୍ଜୟ ମାଲି)

**ନିରାପତ୍ତା ବ୍ୟବସ୍ଥା ଢିଲାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ**

ଝାରସୁଗୁଡ଼ା ଜିଲା ବଡ଼ମାଲରେ ଥିବା ଏସ୍ଏମ୍ସି ଷ୍ଟିଲ୍ କାରଖାନାରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଏସ୍ଏମ୍ସି ଷ୍ଟିଲ କାରଖାନାର ରୋଲିଙ୍ଗ ମିଲ୍ ବ୍ଲାଷ୍ଟଫର୍ନେସର ନିଆଁରେ ପଡ଼ି ଜଣେ କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତ ଶ୍ରମିକ ବିହାରର ଦେବନାରାୟଣ ମାହତୋ (୨୬) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁସାରେ ଶନିବାର ସକାଳୁ ଏସ୍ଏମ୍ସି କାରଖାନାରେ କାର୍ଯ୍ୟରତ ଦେବନାରାୟଣ ପ୍ରତିଦିନ ପରି କାମ କରୁଥିଲେ। ହଠାତ୍ ସେ ବ୍ଲାଷ୍ଟଫର୍ନେସର ନିଆଁ ସଂସ୍ପର୍ଶରେ ଆସି ପୋଡ଼ିଯାଇଥିଲେ। ନିକଟରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରିଥିଲେ। କିନ୍ତୁ ଆଖି ପିଛୁଳାକେ ସେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖବର ପାଇ ବଡ଼ମାଲ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। କିପରି ଭାବେ ଓ କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଛି, ତା'ର ତଦନ୍ତ ଆରମ୍ଭ କରିଛି ପୋଲିସ। ଅନ୍ୟପକ୍ଷେ ନିରାପତ୍ତା ବ୍ୟବସ୍ଥା ଢିଲା ଥିବାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। କାରଖାନା ଭିତରେ ବ୍ଲାଷ୍ଟଫର୍ନେସର ହେଉଛି ଗୋଟିଏ ନିଆଁର ପିଣ୍ଡୁଳା, ଯେଉଁଠି ଶ୍ରମିକମାନେ କାମ କରନ୍ତି। କାରଖାନା କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ନିରାପତ୍ତା ବ୍ୟବସ୍ଥା ଯୋଗାଇ ଦେବା କଥା। ଯାହାଦ୍ୱାରା ନିଆଁ ପାଖରେ କାମ କଲାବେଳକୁ ଦୁର୍ଘଟଣାରୁ ସେମାନେ ନିଜ ଜୀବନକୁ ବଞ୍ଚାଇ ପାରିବେ। କିନ୍ତୁ ପ୍ରଶ୍ନ ଉଠୁଛି, ବିନା ନିରାପତ୍ତା ବ୍ୟବସ୍ଥାରେ ଶ୍ରମିକମାନଙ୍କୁ କାହିଁକି କଳକାରଖାନାରେ କାମ କରାଉଛନ୍ତି। ଏହିପରି ଅବ୍ୟବସ୍ଥା ଯୋଗୁ ସହରର ଅନେକ କାରଖାନାରେ ବହୁ ସମୟରେ ନିରୀହ ଲୋକଙ୍କ ଜୀବନ ଯାଉଛି ଏବଂ ଜିଲା ପ୍ରଶାସନ ନୀରବ ଦ୍ରଷ୍ଟାସାଜି ବସିଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି ଓ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

କନିଷ୍ଠ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟରେ ପଶି ଆକ୍ରମଣ ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ କୋର୍ଟରେ ଆତ୍ମସମର୍ପଣ, ଅନ୍ୟ ଜଣେ ଗିରଫ

ତେନ୍ତୁଳିଖୁଣ୍ଟି, ୩।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୁରୁବାର କନିଷ୍ଠ ଯନ୍ତ୍ରୀ ବ୍ରଜବିହାରୀ ମହାକୁଡ଼ଙ୍କୁ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତ କିଶନ ବାଘ ଶନିବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ତେନ୍ତୁଳିଖୁଣ୍ଟି ପୋଲିସ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ରମେଶ ବେହେରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। କିଶନଙ୍କୁ ଧରିବାକୁ ଯାଇଥିବା ବେଳେ ସେ ଖସିଯାଇ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ବୋଲି ଏସ୍ଆଇ ସଞ୍ଜୟ କୁମାର ମିଞ୍ଜ କହିଛନ୍ତି। ପ୍ରକାଶ ଯେ, ଗୁରୁବାର କିଶନ ଅନ୍ୟ କେତେଜଣ ଯୁବକଙ୍କ ସହ ମିଶି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀ ମହାକୁଡ଼ଙ୍କୁ ବଟି ମାଗିଥିଲେ। ସେ ମନା କରିବାରୁ ସେମାନେ ତାଙ୍କୁ ମାଡପିଟ କରିଥିଲେ। କନିଷ୍ଠ ଯନ୍ତ୍ରୀ ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୧୮୧/୨୪ ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ବ୍ଲକ କଂଗ୍ରେସ ଏକ ଖବରଦାତା ସମ୍ମିଳନୀ କରି ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଦଳ ପକ୍ଷରୁ ରାସ୍ତାରୋକୋ ଚେତାବନୀ ଦିଆଯାଇଥିଲା। ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷା ମଧ ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଥିଲେ।

# ଜେଲ୍ ଗଲେ ଅଧୀକ୍ଷଣ ଯନ୍ତ୍ରୀ

ବାଲେଶ୍ୱର, ୩।୮ (ମାନସ ବିଶ୍ୱାଳ)

■୮୫ ପ୍ଲଟ୍ର କାଗଜପତ୍ର ଜବତ
■ବେନାମୀ ଦଲିଲର ତଦନ୍ତ

ବାଲେଶ୍ୱର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କ ଘର, ପୈତୃକ ସମ୍ପତ୍ତି, ସମ୍ପର୍କୀୟ ଘର, ସରକାରୀ ଅଫିସ୍ ଏବଂ କ୍ୱାର୍ଟର୍ସ ସମେତ ୭ଟି ସ୍ଥାନରେ ଗତ ଶୁକ୍ରବାର ଭିଜିଲାନ୍ସର ଏକ ୯ ଜଣିଆ ଟିମ୍ ଚଢ଼ାଉ କରି ସ୍ଥାବର, ଅସ୍ଥାବର ସମ୍ପତ୍ତି ଜବତ କରାଯାଇଥିଲା। ଶନିବାର ରାତି ୯ଟା ସମୟରେ ଯନ୍ତ୍ରୀ ପ୍ରଧାନଙ୍କ ସ୍ୱାସ୍ଥ୍ୟାବସ୍ଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାଞ୍ଚ କରାଯିବା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ପକ୍ଷରୁ ଯନ୍ତ୍ରୀ ପ୍ରଧାନଙ୍କ ୭ଟି ସ୍ଥାନରେ ଚଢ଼ାଉ କରାଯାଇ ୫ ତାଲା ବିଶିଷ୍ଟ କୋଠାଘର, ଗୋଟିଏ ମାର୍କେଟ୍‌କମ୍ପ୍ଲେକ୍ସ, ୮୫ଟି ପ୍ଲଟ୍ର କାଗଜପତ୍ର, ୩୩୫ ଗ୍ରାମ୍ ଓଜନର ସୁନାଗହଣା, ୧କୋଟି ୪୪ଲକ୍ଷ ଟଙ୍କା ଡିପୋଜିଟ୍ ଥିବା ବିଭିନ୍ନ ବ୍ୟାଙ୍କର ଜମାଖାତା, ୧୧ଲକ୍ଷ ୮୧ହଜାର ନଗଦ ଟଙ୍କା ଜବତ କରାଯାଇଛି। ଏଥିସହିତ ତାଙ୍କ ସରକାରୀ ବାସଭବନ ଏବଂ ପୈତୃକ ଘରେ ଚଢ଼ାଉ ବେଳେ ମିଳିଥିବା କେତେକ ବେନାମୀ ଦଲିଲ ଉପରେ ଭିଜିଲାନ୍ସ ତଦନ୍ତ ଜାରି ରଖିଛି।

ଶନିବାର ରାତିରେ ଭିଜିଲାନ୍ସ ଅଫିସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଭିଜିଲାନ୍ସ ଏସ୍ପି ନରହରି ନାୟକ ସୂଚନା ଦେଇଛନ୍ତି ଯେ, ଯନ୍ତ୍ରୀ ପ୍ରଧାନଙ୍କଠାରୁ ଜଳେଶ୍ୱରର ୧୨ହଜାର ୫ଶହ ସ୍କୋୟାରଫୁଟ୍ର ୫ ତାଲା ବିଶିଷ୍ଟ କୋଠାଘର, ଜଳେଶ୍ୱର ଗୋବରାଘାଟ ଅଞ୍ଚଳରେ ୬୧୫୧ ସ୍କୋୟାରଫୁଟ୍ର ଘର ସହ ମାର୍କେଟ୍ କମ୍ପ୍ଲେକ୍ସ, ୮୫ଟି ପ୍ଲଟ୍ ମଧ୍ୟରୁ ୮୦ଟି ପ୍ଲଟ ଜଳେଶ୍ୱରରେ, ୪ଟି ପ୍ଲଟ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଓ ଗୋଟିଏ ପ୍ଲଟ ପଶ୍ଚିମବଙ୍ଗ ରାଜ୍ୟ ସୁନାକଣିଆ ଅଞ୍ଚଳରେ ନିଜ ନାମ ସହ ପରିବାର ଲୋକଙ୍କ ନାମରେ ବିଭିନ୍ନ ବର୍ଷରେ କିଣିଛନ୍ତି। ଯାହାର ସରକାରୀ ମୂଲ୍ୟ ୨କୋଟି ୭ଲକ୍ଷ ହୋଇଥିବା ବେଳେ ପ୍ରକୃତ ମୂଲ୍ୟ ଏହାଠାରୁ ବହୁଗୁଣ ଅଧିକ। ନଗଦ ୧୧ଲକ୍ଷ ୮୧ହଜାର ୫୮୦ ଟଙ୍କା ଓ ଗୋଟିଏ ସୁନା ବିସ୍କୁଟ୍ ସହିତ ୩୩୪.୫୫ ଗ୍ରାମ୍ ଓଜନର ସୁନାଗହଣା ଓ ବ୍ୟାଙ୍କ, ପୋଷ୍ଟାଲ ଏବଂ ଇନ୍ସ୍ୟୁରାନ୍ସରେ ୧ କୋଟି ୪୪ଲକ୍ଷ ୩୩ହଜାର ୬୩୯ ଟଙ୍କାର ଡିପୋଜିଟ୍, ଗୋଟିଏ ଚାରିଚକିଆ ସହିତ ତିନୋଟି ଦୁଇଚକିଆ ଗାଡ଼ି ଏବଂ ୧୫ଲକ୍ଷ ୯୭ହଜାର ଟଙ୍କାର ଘରୋଇ ସାମଗ୍ରୀ ଜବତ କରାଯାଇଛି। ତେବେ ଆଉ କେଉଁଠି କେତେ ସମ୍ପତ୍ତି ଅଛି ସେନେଇ ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।


ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଉଛି।

# ନାବାଳିକାଙ୍କୁ ଅସଦାଚରଣ, ବୃଦ୍ଧ ଗିରଫ

ରାୟଗଡା, ୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ରାଣୀଗୁଡ଼ା ଫାର୍ମ ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ୬୦ ବର୍ଷର ବ୍ୟକ୍ତି ଅସଦାଚରଣ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ରାୟଗଡ଼ା ପୋଲିସ ସମ୍ପୃକ୍ତ ବୃଦ୍ଧ ନରହରି ଦାଶଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସମୟରେ ମସ୍‌ଜିଦ ସାହିରେ ନାବାଳିକା ଜଣକ ଘର ଦାଣ୍ଡରେ ଏକୁଟିଆ ଖେଳୁଥିଲେ। ଏହି ସମୟରେ ନରହରି ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ପଛପଟୁ ଜାବୁଡ଼ି ଧରିଥିଲେ। ପରେ ସେ ସମ୍ପୃକ୍ତ ନାବାଳିକାଙ୍କ ସହ ଅଶ୍ଳୀଳ ଆଚରଣ କରିଥିଲେ। ନାବାଳିକା ଜଣକ କାନ୍ଦି କାନ୍ଦି ଘର ଲୋକଙ୍କୁ ଜଣାଇବାରୁ ପରିବାର ଏବଂ ସାହିପଡ଼ିଶା ଲୋକେ ନରହରିଙ୍କୁ ଧରି ରାୟଗଡ଼ା ଥାନାକୁ ଖବର ଦେଇଥିଲେ। ପରେ ନାବାଳିକାଙ୍କ ପରିବାରବର୍ଗ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. ୨୫୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ନରହରିଙ୍କୁ ଗିରଫ କରିଥିବା ରାୟଗଡ଼ା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।


**WORKS DEPARTMENT** No.B-139
**OFFICE OF THE EXECUTIVE ENGINEER**
**MAYURBHANJ (R&B) DIVISION, BARIPADA**
e-mail : bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No. - E.E. - 13/2024-25**

| | | | |
|---|---|---|---|
| 1 | Number of works | : | 03 (Three) Number of works |
| 2 | Approximate estimated cost | : | 58.86 lakh to 62.53 lakh |
| 3 | Period of Completion | : | 04 (Four) Calendar Months |
| 4 | Date & Time of availability of bid documents in the portal | : | Dt. 09.08.2024 to 23.08.2024 |
| 5 | Last Date/Time of receipt of bid in the portal | : | Dt. 23.08.2024 up to 5.00 PM |
| 6 | Date of Opening of bid | : | Dt. 27.08.2024 at 11.00 AM |
| 7 | Name & address of the Office inviting bid | : | Executive Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http://www.tendersodisha.gov.in
OIPR-34025/11/0002/2425 **Sd./- Executive Engineer Mayurbhanj (R&B) Division**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 4169/PSC, Dt. 02.08.2024**
Website - http://opsc.gov.in

No.D-103 : In continuation to this office notice No. 4101/PSC, Dt - 26.07.2024, it is for information of all concerned that, the Computer Skill Test in respect of **104 (01-W)** provisionally shortlisted candidates for recruitment to the post of Inspector of Motor Vehicle / Addl. RTO (Enforcement)/Asst. Works Engineer, pursuant to Advt. No. 15 of 2023-24 will be held on **10.08.2024 (Saturday)** as per the programme detailed below.

**PROGRAMME OF COMPUTER SKILL TEST**

| Date | Name of the examination centre | Time of Computer Skill Test | Generation of printout of Answer sheets |
|---|---|---|---|
| 10.08.2024 (Saturday) | Suddhananda Engineering & Research Centre, Nachhipur, Bhatapatna, Cuttack - 752115 | 10.00 A.M. to 11.00 A.M. | 11.00 A.M. to 1.00 P.M. |

The Candidates are required to download the "Admission Certificate" & **"Instructions to Candidates"** from website of the Commission at www.opsc.gov.in from 06.08.2024 onwards.
OIPR-12002/11/0064/2425 **Sd./- Secretary (I/C)**

**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 4169/PSC, Dt. 02.08.2024**
Website - http://opsc.gov.in

No.D-104 : In continuation to this Office notice No. 4101/PSC, Dt - 26.07.2024, it is for information of all concerned that, the Computer Skill Test in respect of **104 (01-W)** provisionally shortlisted candidates for recruitment to the Post of Inspector of Motor Vehicle / Addl. RTO (Enforcement)/Asst. Works Engineer, pursuant to Advt. No. 15 of 2023-24 will be held on **10.08.2024 (Saturday)** as per the programme detailed below.

**PROGRAMME OF COMPUTER SKILL TEST**

| Date | Name of the Examination Centre | Time of Computer Skill Test | Generation of Printout of Answer Sheets |
|---|---|---|---|
| 10.08.2024 (Saturday) | Suddhananda Engineering & Research Centre, Nachhipur, Bhatapatna, Cuttack - 752115 | 10.00 A.M. to 11.00 A.M. | 11.00 A.M. to 1.00 P.M. |

The candidates are required to download the "Admission Certificate" & **"Instructions to Candidates"** from website of the Commission at www.opsc.gov.in from 06.08.2024 onwards.
OIPR-12002/11/0065/2425 **Sd./- Secretary (I/C)**

**ODISHA LIFT IRRIGATION CORPORATION LTD.**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I.DIVISION, BALANGIR**
E-mail: www.eeolicbgr@rediffmail.com
**"E"-Procurement Notice**
**BID IDENTIFICATION NO. OLIC-BLGR-01 /2024-25, Dt. 02.08.2024.**

No.CAD-730 : Bids are invited from intending tenderers having valid license as specified against the work for installation & energisation of new R.L.Projects with supply of all materials under Percentage rate contract on turn-key basis.

1. **Name of Works**: Installation & energisation of new R.L.Projects with supply of all materials on Turnkey basis. 2. **Total Nos. of Packages**: 04. 3. **Approximate Estimated Cost**: Rs. 26.73 Lakhs to 27.15 Lakhs. 4. **Class of Contractor**: As mentioned in packages. 5. **Period of Completion**: 120 days for all Projects from the date of issue of work order. 6. **Other details as follows**.

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Balangir | OLIC-BLGR-01 /2024-25 | 14.08.2024 at 11 Hrs. | 23.08.2024 upto 17 Hrs. | 22.08.2024 upto 17 Hrs. | 27.08.2024 at 11 Hrs. |

- Details can be seen from the Website www.tendersodisha.gov.in
- Any Corrigendum/Addendum will be displayed in the above website only.

OIPR-32154/11/0001/2425 **Sd./- EXECUTIVE ENGINEER L.I. DIVISION, BALANGIR**

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No. CAD-731
**No.-CHEP/TW-91 (Part File)/3361 Date: 02.08.2024**
**TENDER CALL NOTICE NO.-CHEP-20/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

| Sl. No. | Description | Cost of Tender Paper (Non-Refundable) | EMD (Refundable) |
|---|---|---|---|
| 1 | Supply of Mild Steel Consumable Materials for Chiplima Power House | Rs.708/- (Rs.600/- + GST @18%) | Rs.1,850/- |
| 2 | Supply of Gas Cutting Set for Chiplima Power House | Rs.472/- (Rs.400/- + GST @18%) | Rs.360/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.07.08.2024 up to 12:30 PM of dtd.21.08.2024.
OIPR-04006/11/0020/2425 Sd/- C & P Head, CHEP, Chiplima

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-739 OSIC GST No. 21AAACO2101M1Z1
**e-Procurement Notice**

**Tender Notice No.2515** **Date: 02.08.2024**
**The Odisha Small Industries Corporation Ltd. (OSIC)** (A Govt. of Odisha Undertaking), Industrial Estate, Madhupatna, Cuttack–753010 invites Tenders in sealed cover under two bid system i.e., Technical Bid & Price Bid for "Electrification & Networking of Computer Lab & supply & installation of UPS at Govt. Women's College, Keonjhar" as per specification, **in ONLINE MODE**

| Date of Commencement of Tender | Last Date & Time of online submission & receipt of Tender | Date & Time for online opening of Tender | Cost of Tender Paper+ GST @18%(Rs) |
|---|---|---|---|
| 02.08.2024 11.00 AM | 23.08.2024 at 12.00 PM | 27.08.2024 At 12.30 PM | (Rs.1000/-) |

A complete set of the Bid documents containing the details of the terms & conditions may be downloaded from http://tendersorissa.gov.in./**website:www.osicltd.in** and the same can be submitted ONLINE along with cost of Tender Paper in shape of Bank Draft. Any corrigendum/ addendum/information relating to this NIT will only be uploaded in above websites which will not be published in Newspapers. The bidders have to participate in ONLINE bidding only. Further details can be seen from the **website:http://tendersorissa.gov.in./ www.osicltd.in**. All future corrigendum will be available on ONLINE MODE ONLY.
Sd/-
OIPR-14073/11/0002/2425 GENERAL MANAGER(O)

**झारखण्ड सरकार**
**कार्यपालक अभियंता, का कार्यालय,**
**ग्रामीण विकास विशेष प्रमंडल, पाकुड़**
**अतिअल्पकालीन ई–निविदा आमंत्रण सूचना**
अतिअल्पकालीन ई– पुनःनिविदा सूचना संख्या – **RDD/SD/PAKUR/32RE/2023-24**
**1.कार्य की विस्तृत विवरणी:**

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 01 | पाकुड़ जिला के पाकुड़ प्रखण्ड अन्तर्गत ग्राम गोपीनाथपुर, पंचायत– गंधाईपुर में उत्क्रमित उच्च विद्यालय गोपीनाथपुर के निकट मसना नदी पर उच्चस्तरीय पुल निर्माण। | 2,25,83,200.00 | 4,51,700.00 | 10,000.00 | 15 (Fifteen Month) |

2. वेबसाइट में निविदा प्रकाशन की तिथि – 08.08.2024
3. ई–निविदा प्राप्ति की तिथि एवं समय – दिनांक 08.08.2024 से दिनांक 17.08.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –20.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड
7. ई–निविदा प्रकोष्ठ का दूरभाष सं० – 7991153157 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,पाकुड़
PR 331708 Rural Work Department(24-25).D

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**
**ई–निविदा आमंत्रण सूचना**
ई–निविदा संख्या:- **06/2024-25/STPKG/RWD/EE/JSR** दिनांक :- **02.08.2024**
कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1 | RWD/EE/JSR/STPKG/03/2024-25 | L068-T01 से बालीडीह तक पथ का सुदृढ़ीकरण कार्य। (लम्बाई–11.250 कि0मी0) | 7,95,67,100.00 | सात करोड़ पन्चानवे लाख सड़सठ हजार एक सौ रू0 मात्र | 15 माह |
| | | L071 कालीमाटी रोड से दिगरी तक पथ का सुदृढ़ीकरण कार्य। (लम्बाई–2.800 कि0मी0) | 1,38,90,100.00 | एक करोड़ अड़तीस लाख नब्बे हजार एक सौ रू0 मात्र | |
| | | L025 नरसिंहपुर रोड से कालाझोर टोला तक पथ का सुदृढ़ीकरण कार्य। (लम्बाई–5.550 कि0मी0) | 2,61,65,000.00 | दो करोड़ एकसठ लाख पैंसठ हजार रू0 मात्र | |
| | कुल | | 11,96,22,200.00 | ग्यारह करोड़ छियानवे लाख बाईस हजार दो सौ रू0 मात्र | |

2. वेबसाईट में निविदा प्रकाशन की तिथि:– **05.08.2024** ।
3. ई–निविदा प्राप्ति की अंतिम तिथि एवं समय:– **27.08.2024** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– **28.08.2024** अपराह्न 5.00 बजे ।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर
PR 331693 (REO) 24-25 (D)

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, सरायकेला–खरसावाँ**
**–ः ई– निविदा आमंत्रण सूचना ः–**
ई– निविदा संख्या :– 09/2024-25/EE/RWD/SRK दिनांक 02.08.2024
1. कार्य का नाम

| क्र. सं. | ID No. / पैकेज संख्या | प्रखण्ड का नाम | कार्य का नाम | प्राक्कलित राशि अंक में | अक्षर में | कार्य समाप्ति की अवधि |
|---|---|---|---|---|---|---|
| 1. | RWD/EE/SRK/15/2024-25 | गम्हरिया | जिलिंगगोड़ा शमशान घाट से काचा एवं कमलपुर सीमा भाया जिलिंगगोड़ा गांव तक पथ निर्माण कार्य। | 6,11,89,418.00 | छः करोड़ ग्यारह लाख नोवासी हजार चार सौ अठारह रू0 मात्र। | 18 माह |
| 2. | RWD/EE/SRK/16/2024-25 | चाण्डिल | सालुकडीह से कुटाम तक पथ निर्माण। | 3,31,30,100.00 | तीन करोड़ इकतीस लाख तीस हजार एक सौ रू0 मात्र। | 15 माह |
| 3. | RWD/EE/SRK/17/2024-25 | नीमडीह | भांगाट से रांकाड़ तक पथ निर्माण। | 2,22,11,900.00 | दो करोड़ बाईस लाख ग्यार हजार नौ सौ रू0 मात्र। | 12 माह |
| 4. | RWD/EE/SRK/18/2024-25 | नीमडीह | आर0ई0ओ0 रोड़ से काशीडीह होते हुए मुधपुर तक पथ निर्माण। | 1,88,25,000.00 | एक करोड़ अठासी लाख पचीस हजार रू0 मात्र। | 12 माह |

2. वेबसाईट में निविदा प्रकाशन की तिथि :– 08.08.2024
3. ई–निविदा प्राप्ति की अंतिम तिथि एवं समय :– 29.08.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 30.08.2024 को अपराह्न 03:30 बजे।
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, सरायकेला –खरसावाँ।
8. ई–निविदा प्रकोष्ठ का दूरभाष संख्या :– 7209661815

विस्तृत जानकारी के लिए वेबसाईट jharkhandtender.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग, कार्य प्रमंडल,
सरायकेला–खरसावाँ
PR 331743 Rural Work Department(24-25)#D

# ବିଜୟ ସହ ଓଡ଼ିଶା ଏଫ୍‌ସିର ଅଭିଯାନ

ଭୁବନେଶ୍ୱର, ୩।୮ (ତପନ ସ୍ୱାଇଁ)


ଗୋଲ ସ୍କୋର ପରେ ଉଲ୍ଲସିତ ଓଡ଼ିଶା ଏଫ୍‌ସି ଖେଳାଳି।

**ଡୁରାଣ୍ଡ କପ୍ ଫୁଟ୍‌ବଲ**

ଆସାମର କୋକ୍ରାଝରରେ ଚାଲିଥିବା ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଏଫ୍‌ସି ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୫-୦ ଗୋଲରେ ବିଏସ୍ଏଫ୍ ଏଫ୍‌ଟିକୁ ପରାସ୍ତ କରିଛି। ଗ୍ରୁପ୍ 'ଇ'ର ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଗିବସନ ସିଂ ୫୮ ଓ ୭୮ ମିନିଟରେ ୨ଟି ଏବଂ ରାହୁଲ ୫୦, ଆଫୋବା ୫୫ ଓ ରୋଶନ ୭୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ ଆରମ୍ଭରୁ ଓଡ଼ିଶା ଏଫ୍‌ସି ଆକ୍ରମଣାତ୍ମକ ଖେଳିଥିଲେ ହେଁ ପ୍ରଥମାର୍ଦ୍ଧରେ ଗୋଲ ହୋଇପାରି ନ ଥିଲା। ୮ମ ମିନିଟ୍‌ରେ ଅଧିନାୟକ ସାଙ୍ଗାଙ୍କ ଶଟ୍ ଟାର୍ଗେଟରେ ଯାଇଥିଲେ ହେଁ ବିଏସ୍ଏଫ୍ କିପର ଚମତ୍କାର ସେଭ୍ କରି ଦେଇଥିଲେ। ସେହିପରି ୨୫ତମ ମିନିଟରେ କ୍ରସ୍ ପାସ୍‌କୁ ଠିକ୍‌ଭାବେ ଉପଯୋଗ କରାଯାଇ ପାରି ନ ଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଓଡ଼ିଶା ଏଫ୍‌ସି ଭିନ୍ନ ଧରଣର ଖେଳ ଦେଖାଇଥିଲା। ୫୦ତମ ମିନିଟରେ ରାହୁଲ ଗୋଲ ଦେବାପରେ ଦଳ ଆଉ ପଛକୁ ଫେରି ଚାହିଁ ନ ଥିଲା। ଏହି ବିଜୟ ସହ କଳିଙ୍ଗ ୱାରିୟର୍ସ ଦଳ ଲିଗ୍ ଟେବୁଲର ଶୀର୍ଷରେ ରହିଛି। ପରବର୍ତ୍ତୀ ମ୍ୟାଚରେ ଏହି ଦଳ ୬ ତାରିଖରେ ବୋଡୋଲାଣ୍ଡ ଏଫ୍‌ସିକୁ ଭେଟିବ।

## ଅଲିମ୍ପିକ୍ସରେ ୩ୟ ଡୋପିଙ୍ଗ ମାମଲା

ପ୍ୟାରିସ, ୩।୮ (ଏପି)

ପ୍ୟାରିସ ଅଲିମ୍ପିକ୍ସରେ ଆଫଗାନିସ୍ତାନର ଜଣେ ଜୁଡୋକା ନିଷିଦ୍ଧ ଉପାଦାନ ଆନାବୋଲିକ ଷ୍ଟେରଏଡ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି, ଯାହାକୁ ସ୍ପ୍ରିଣ୍ଟର ବେନ୍ ଜନସନ ୧୯୮୮ସିଓଲ ଅଲିମ୍ପିକ୍ସରେ ବ୍ୟବହାର କରିଥିଲେ। ମହମ୍ମଦ ସମିମ ଫୈଜାଦ ଷ୍ଟାନୋଜୋଲୋଲ ପାଇଁ ଡୋପ୍ ଟେଷ୍ଟରେ ଧରା ପଡ଼ିଥିବା ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ଶନିବାର ପ୍ରକାଶ କରିଛି। ଚଳିତ ପ୍ୟାରିସ ଅଲିମ୍ପିକ୍ସରେ ଏହା ହେଉଛି ତୃତୀୟ ଡୋପିଙ୍ଗ ମାମଲା। ଜୁଡୋକା ଜଣକ ମଙ୍ଗଳବାର ପୁରୁଷ ୮୧କେଜି ଶ୍ରେଣୀରେ ଅଷ୍ଟ୍ରିଆର ୱାଚିଡ୍ ବୋର୍ଚାସଭିଲିଙ୍କୁ ଭେଟିଥିଲେ। ପ୍ରତିଯୋଗିତାରେ ଏହାଥିଲା ତାଙ୍କର ଓପନିଂ ବାଉଟ। ଏଥିରେ ସେ ପରାଜିତ ହୋଇଥିଲେ। ଫୈଜାଦ ଅଲିମ୍ପିକ୍ସରେ ୨୨ ବର୍ଷ ବୟସରେ ପଦାର୍ପଣ କରିଥିଲେ।



ମହିଳା ୧୦୦ ମିଟର ରେସ୍ ଜିତିବା ପରେ ସେଣ୍ଟ ଲୁସିଆର ଜୁଲିଆନ୍ ଆଲଫ୍ରେଡ୍।

# ଜୁଲିଆନ୍ ଆଲଫ୍ରେଡ୍ ଦ୍ରୁତତମ

ପ୍ୟାରିସ୍, ୩।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ୧୦୦ ମିଟର ମହିଳା ସ୍ପ୍ରିଣ୍ଟରେ ସେଣ୍ଟ ଲୁସିଆର ଜୁଲିଆନ୍ ଆଲଫ୍ରେଡ୍ ବିଜୟୀ ହୋଇଛନ୍ତି। ନିଟ୍ ରେକର୍ଡ ସହିତ ଆଲଫ୍ରେଡ୍ ୧୦.୭୨ ସେକେଣ୍ଡର ଟାଇମିଂ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟ ପକ୍ଷରେ ଆମେରିକାର ଶା' କାରି ରିଚାର୍ଡସନ ୧୦.୮୭ ସେକେଣ୍ଡର ଟାଇମିଂ ସହ ଦ୍ୱିତୀୟ ଓ ମେଲିସା ଜେଫରସନ୍ ୧୦.୯୨ ସେକେଣ୍ଡର ଟାଇମିଂ ସହ ତୃତୀୟ ସ୍ଥାନରେ ରହି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ସରେ ଏହା ସେଣ୍ଟ ଲୁସିଆର ପ୍ରଥମ ସ୍ୱର୍ଣ୍ଣ ପଦକ।

# ଟାଇୱାନ ସମର୍ଥକଙ୍କୁ ବିଦାକଲେ ସୁରକ୍ଷାକର୍ମୀ

ପ୍ୟାରିସ୍, ୩।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଟାଇୱାନକୁ ସମର୍ଥକଙ୍କୁ ଦର୍ଶକ ଷ୍ଟାଣ୍ଡରୁ ବିଦା କରିଛନ୍ତି ସୁରକ୍ଷାକର୍ମୀ। ବ୍ୟାଡମିଣ୍ଟନ ମ୍ୟାଚ୍ ଚାଲିଥିବା ବେଳେ ଦର୍ଶକ ଷ୍ଟାଣ୍ଡରେ ଦୁଇ ଜଣ ଦର୍ଶକ ନୀଳ ରଙ୍ଗର ବ୍ୟାନର ଧରି ଟାଇୱାନର ସମର୍ଥନ କରଥିଲେ। ଜଣେ ପୁରୁଷ ଇଂରାଜୀରେ 'ଗୋ ଟାଇୱାନ' ଲେଖା ଥିବା ପ୍ଲା କାର୍ଡ ଧରିଥିଲେ। ଅନ୍ୟ ପକ୍ଷରେ ମହିଳା ଜଣଙ୍କ ମାଣ୍ଡାରିନ୍‌ରେ କିଛି ଲେଖା ହୋଇଥିବା ପ୍ଲା କାର୍ଡ ଧରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଟାଇୱାନ ଉପରେ ନିଜ ବଳପୂର୍ବକ ଅଧିକାରୁ ସାବ୍ୟସ୍ତ କରିଥିବା ବେଳେ ଏହା ଚାଇନିଜ୍ ଟାଇପେ ନାମରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥାଏ। ବିବାଦୀୟ ପ୍ଲା କାର୍ଡ ଦେଖାଇବା କାରଣରୁ ଉଭୟଙ୍କ ସୁରକ୍ଷାକର୍ମୀ ବାହାର କରିଥିଲେ।


ଟାଇୱାନ ସମର୍ଥକଙ୍କୁ ସୁରକ୍ଷାକର୍ମୀଙ୍କ ତାଗିଦ।

# ସମର୍ଥନରେ ଆଇଓସି, ଏଲଜିବିଟିକ୍ୟୁ ସମୁଦାୟ

**ପଦକ ନିଶ୍ଚିତ କଲେ ଖେଲିଫ**

ଟାଟାରକ୍ସ, ୩।୮(ପି.ଟି.)

ଆଲଜେରିଆ ବକ୍ସର ଇମାନେ ଖେଲିଫଙ୍କ ଲିଙ୍ଗକୁ ନେଇ ବିବାଦ ଲାଗି ରହିଥିବା ବେଳେ ଶନିବାର ସେମି ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ହଙ୍ଗେରୀର ଲୁକା ଆନା ହମାରିଙ୍କୁ ୫-୦ରେ ପରାସ୍ତ କରିଥିଲେ ଖେଲିଫ। ଏହା ସହ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) ଓ ଏଲଜିବିଟିକ୍ୟୁ ସମୁଦାୟ ପକ୍ଷରୁ ତାଙ୍କର ସମର୍ଥନ କରାଯାଇଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଖେଲିଫ୍‌ଙ୍କ ଅଂଶଗ୍ରହଣକୁ ବିରୋଧ କରଛନ୍ତି। ଖେଲିଫ୍ ଜଣେ ମହିଳାଙ୍କ ବେଶଭୂଷାରେ ଥିବା ପୁରୁଷ ବୋଲି ଅଭିଯୋଗ ଆସିଥିଲା। ଉଭୟ ଇମାନେ ଖେଲିଫ୍ ଓ ତାଇୱାନ ବକ୍ସର ଲିନ୍ ୟୁ ଟିଙ୍ଗଙ୍କୁ ପୁରୁଷ ବୋଲି ସୋସିଆଲ ମିଡିଆରେ ଦାବି କରାଯାଉଛି। ମାତ୍ର ଆଇଓସି ମୁଖପାତ୍ର ମାର୍କ ଆଡାମ୍ସ ଏହାକୁ ଖଣ୍ଡନ କରିଛନ୍ତି। ଖେଲିଫ୍ ଜଣେ ମହିଳା ଭାବରେ ଜନ୍ମ ନେଇଥିବା ବେଳେ ମହିଳା ଭାବରେ ଜୀବନ ବଞ୍ଚୁଛନ୍ତି। ଜଣେ ମହିଳା ଭାବରେ ସେ ବକ୍ସିଂ କରୁଥିବା ବେଳେ ତାଙ୍କ ପାସପୋର୍ଟ ଡକ୍ୟୁମେଣ୍ଟ ମଧ୍ୟ ମହିଳାଙ୍କର ଅଟେ ବୋଲି ଆଡାମ୍ସ କହିଛନ୍ତି। ଏହି ଘଟଣାକୁ ନେଇ ଖେଳାଳିମାନଙ୍କୁ ଟାର୍ଗେଟ କରାଯିବା ଅନୁଚିତ ବୋଲି ସେ କହିଛନ୍ତି। ଏହି ଘଟଣାକୁ ଏଲଜିବିଟିକ୍ୟୁ ସମୁଦାୟ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଛି। ଆଇଓସି ଏହି ଘଟଣାକୁ ନେଇ ସ୍ପଷ୍ଟ ମତାମତ ରଖୁ ନ ଥିବା ବେଳେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ନିକଟରେ ଏହା ଏଲଜିବିଟି ସମୁଦାୟର ଏକ ଖରାପ ଛବି ଚିତ୍ରଣ କରୁଛି ବୋଲି ଅଭିଯୋଗ କରାଯାଇଛି। ସେହିପରି ଲିଙ୍ଗ ନିରୂପଣ ବର୍ତ୍ତମାନ ଏକ ରାଜନୈତିକ ଲଢେଇର ରୂପ ନେବା ପଛରେ ମଧ୍ୟ ଆଇଓସିକୁ ଦାୟୀ କରାଯାଇଛି।


ଇମାନେ ଖେଲିଫ

ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ଏଲଜିବିଟିକ୍ୟୁ ସମୁଦାୟର ୧୯୩ ଆଥଲେଟ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉଦ୍‌ଘାଟନୀ ସମାରୋହରେ ଡ୍ରାଗ୍ କୁଇନଙ୍କ ପ୍ରଦର୍ଶନ ବିବାଦର କାରଣ ରହିଥିଲା। ଏପରି କି ଉଦ୍‌ଘାଟନୀ ସମାରୋହ କାରଣରୁ ଅନେକ କଳାକାରଙ୍କୁ ହତ୍ୟା ଧମକ ମଧ୍ୟ ମିଳିଥିଲା। ନିଜକୁ ନନ୍ ବାଇନାରୀ ଭାବରେ ଚିହ୍ନଟ କରୁଥିବା ଆମେରିକୀୟ ମଧ୍ୟମ ଦୂରଗାମୀ ଧାବକ ନିକି ହିଲ୍ଟ୍ସ ଉଭୟ ବକ୍ସରଙ୍କ ପ୍ରତି ସମର୍ଥନ ଜାହିର କରିଛନ୍ତି। ଯେଉଁ ମାନେ ଟ୍ରାନ୍ସଜେଣ୍ଡରଙ୍କୁ ବିରୋଧ କରନ୍ତି ସେମାନେ ମହିଳା ବିରୋଧୀ ବୋଲି ହିଲ୍ଟ୍ସ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଭିନ୍ନ ଭିନ୍ନ ନିୟମ କାରଣରୁ ଏହି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ(ଆଇବିଏ) ପକ୍ଷରୁ ଉଭୟ ଖେଲିଫ୍ ଓ ଲିନଙ୍କୁ ବାସନ୍ଦ କରାଯାଇଥିବା ବେଳେ ଆଇଓସି ଏହାକୁ ହଟାଇଥିଲା। ଆଇବିଏ ଶରୀରରେ ହରମୋନ୍ ସ୍ତର ଓ ଟ୍ରାନ୍ସ ଆଥଲେଟଙ୍କ ପାଇଁ ରହିଥିବା ନିୟମ ଅନୁସାରେ ନିଷ୍ପତ୍ତି ନେଇଥାଏ। ତେବେ ଆଇଓସି ୨୦୧୬ରୁ ରହିଥିବା ଅଲିମ୍ପିକ୍ସ ନିୟମ ଅନୁସାରେ କେବଳ ପାସପୋର୍ଟରେ ରହିଥିବା ଲିଙ୍ଗଗତ ପରିଚୟକୁ ଦୃଷ୍ଟିରେ ରଖିଥାଏ। ଏହି କାରଣରୁ ଉଭୟ ଆଥଲେଟଙ୍କୁ ଖେଳିବାର ସୁଯୋଗ ମିଳିଥିବା ବେଳେ ବିବାଦ ଦେଖାଦେଇଛି। ଏହି ନିଷ୍ପତ୍ତି କେବଳ ମହିଳାମାନଙ୍କୁ ନୁହେଁ ବରଂ ଟ୍ରାନ୍ସ ଆଥଲେଟ ଓ ଏଲଜିବିଟିକ୍ୟୁ ସମୁଦାୟକୁ କ୍ଷତି ପହଞ୍ଚାଉଛି ବୋଲି ଆଉଟ୍ ସ୍ପୋର୍ଟ୍ସର ପ୍ରତିଷ୍ଠାତା ସିଡ୍ ଜଗଲର କହିଛନ୍ତି।

## ଫାଇନାଲ ପ୍ରବେଶରେ ଜୋକୋଭିଚ୍ ବୟସ୍କ

ପ୍ୟାରିସ, ୩।୮ (ଏପି)

ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଫାଇନାଲ ପ୍ରବେଶ କରିବାରେ ସର୍ବୀୟ ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍ ହେଉଛନ୍ତି ସବୁଠାରୁ ବୟସ୍କ ଖେଳାଳି। ତାଙ୍କୁ ଏବେ ୩୭ ବର୍ଷ ବୟସ। ଫାଇନାଲରେ ସେ ୨୧ ବର୍ଷୀୟ ଅଲକାରାଜଙ୍କୁ ଭେଟିବେ। ଜୋକୋଭିଚ୍ ସେମିଫାଇନାଲରେ ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ୬-୪, ୬-୨ ରେ ହରାଇ ଦେଇଥିଲେ। ଅନ୍ୟ ସେମିଫାଇନାଲରେ ଅଲକାରାଜ ୬-୧, ୬-୧ରେ କାନାଡାର ଫେଲିକ୍ସ ଅଗର ଆଲିଆସିମ୍‌ଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ। ଏହି ଫାଇନାଲକୁ ଗତ ଦୁଇ ୱିମ୍ବଲଡନ ଚାମ୍ପିୟନଶିପ୍‌ର ରିମ୍ୟାଚ ବୋଲି ବିବେଚନା କରାଯାଉଛି। ଉଭୟ ଥର ଅଲ୍‌କରାଜ ବିଜୟ ଲାଭ କରିଛନ୍ତି।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୬ | ୧୧ | ୯ | ୩୬ |
| ଆମେରିକା | ୧୨ | ୨୪ | ୨୧ | ୫୭ |
| ଫ୍ରାନ୍ସ | ୧୨ | ୧୪ | ୧୫ | ୪୧ |
| ଅଷ୍ଟ୍ରେଲିଆ | ୧୨ | ୭ | ୬ | ୨୫ |
| ବ୍ରିଟେନ | ୧୦ | ୧୦ | ୧୩ | ୩୩ |
| ଦ.କୋରିଆ | ୯ | ୭ | ୫ | ୨୧ |
| ଜାପାନ | ୮ | ୫ | ୯ | ୨୨ |
| ଇଟାଲୀ | ୬ | ୮ | ୪ | ୧୮ |
| ନେଦରଲାଣ୍ଡସ | ୬ | ୪ | ୪ | ୧୪ |
| କାନାଡା | ୪ | ୪ | ୭ | ୧୫ |
| ଜର୍ମାନୀ | ୪ | ୩ | ୨ | ୯ |
| ରୋମାନିଆ | ୩ | ୩ | ୧ | ୭ |
| ହଙ୍ଗେରୀ | ୩ | ୨ | ୨ | ୭ |
| ଆୟର୍ଲାଣ୍ଡ | ୩ | ୦ | ୨ | ୫ |
| ନ୍ୟୁଜିଲାଣ୍ଡ | ୨ | ୪ | ୧ | ୭ |
| ଭାରତ | ୦ | ୦ | ୩ | ୩ |

(ରାତି ୧ଟା ସୁଦ୍ଧା)

# କ୍ୱାର୍ଟରରୁ ବିଦା ହେଲେ ନିଶାନ୍ତ

ପ୍ୟାରିସ୍, ୩।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ବକ୍ସର ନିଶାନ୍ତ ଦେବ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ମେକ୍ସିକୋର ଭର୍ଡେ ଆଲଭରାଜ ମାର୍କୋ ଆଲୋଁସୋଙ୍କ ଠାରୁ ୪-୧ରେ ପରାଜିତ ହେବା ସହିତ ନିଶାନ୍ତ ବିଦାୟ ନେଇଛନ୍ତି। ପ୍ରଥମରୁ ନିଶାନ୍ତ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ତେବେ ଅନ୍ତିମ ୨ ସେଟରେ ମେକ୍ସିକାନ ବକ୍ସର ବିଜୟୀ ହୋଇଥିଲେ। ୪ ଜଣ ଜଜ୍ ନିଶାନ୍ତଙ୍କୁ ୨୮ ପଏଣ୍ଟ ଦେଇଥିବା ବେଳେ ଆଲୋଁସୋଙ୍କୁ ୨୯ ପଏଣ୍ଟ ଦେଇଥିଲେ। ବକ୍ସିଂରେ ଲଭଲିନା ବୋର୍ଗୋହେନ ଭାରତର ଏକମାତ୍ର ଆଶା ରହିଥିବା ବେଳେ ପୁରୁଷ ବର୍ଗରେ ଅଭିଯାନ ଶେଷ ହୋଇଛି।

# ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲରେ ୧୮ ଦଳ

ଭୁବନେଶ୍ୱର, ୩।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ୩୩ତମ ସଂସ୍କରଣ ଚଳିତମାସ ୬ ତାରିଖରେ ଆରମ୍ଭ ହେବ। ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ ସଭାପତି ତପନ କୁମାର ମହାନ୍ତି ପ୍ରକାଶ କରିଛନ୍ତି। କୋଭିଡ-୧୯ ପାଇଁ ୨ ବର୍ଷ ଛାଡ଼ିଦେଲେ ଏହି ପ୍ରତିଯୋଗିତା କ୍ରମାଗତଭାବେ ଆୟୋଜନ ହୋଇ ଆସୁଛି। ଏକାଡେମୀ ପଡ଼ିଆରେ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଏଥର ଟୁର୍ନାମେଣ୍ଟକୁ ୧୫ ଦିନ ମଧ୍ୟରେ ସୀମିତ ରଖାଯାଇଛି। ରାଜ୍ୟର ପ୍ରତିଭାସମ୍ପନ୍ନ ଖେଳାଳିମାନେ ଅନ୍ତର୍ଜାତୀୟ ମାନର ପଡ଼ିଆରେ ଏଥର ଖେଳିବାର ଅଭିଜ୍ଞତା ଲାଭ କରିବେ। ଡ୍ରେସିଂରୁମ୍‌ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଭିତ୍ତିଭୂମି ଉଚ୍ଚମାନର ହୋଇଥିବାରୁ ପିଲାମାନେ ଖେଳିସାରି ଫେରିବା ସମୟରେ ନିଶ୍ଚିତ ଭିନ୍ନ ଅନୁଭୂତି ଲାଭ କରିବେ ବୋଲି ଆସୋସିଏଶନ ସମ୍ପାଦକ ଦିଲୀପ ଦାସ କହିଛନ୍ତି। ଉନ୍ନତ ମାନର ପଡ଼ିଆ ଯୋଗାଇ ଦେଇଥିବାରୁ ସେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦, ରନରଅପ୍‌କୁ ୨୦,୦୦୦ ଓ ପରାଜିତ ୨ ସେମିଫାଇନାଲିଷ୍ଟ ଦଳକୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କାର୍ଯ୍ୟସୂଚୀ ଅନୁସାରେ ୬ ତାରିଖରେ ମଦର୍ସ ପବ୍ଲିକ୍ ସ୍କୁଲ ବନାମ ଜାଭିଅର ଖଣ୍ଡଗିରି ଏବଂ ୟୁନିଟ-୬ ହାଇସ୍କୁଲ ବନାମ ଡିଏଭି କଳିଙ୍ଗ ନଗର ମଧ୍ୟରେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ବିଜେତା ୨ ଦଳ ମୁଖ୍ୟ ଟୁର୍ନାମେଣ୍ଟ ପାଇଁ ଗ୍ରୁପିଂ ହୋଇଥିବା ଅନ୍ୟ ୧୬ ଦଳସହ ଯୋଗଦେବେ। ଗ୍ରୁପ୍ 'ଏ'ରେ ଗତଥରର ଚାମ୍ପିୟନ କିସ୍, କଣ୍ଟାବାଡ଼ ହାଇସ୍କୁଲ, ଲୋୟଲା ସ୍କୁଲ ଓ ଘାଟିକିଆ ହାଇସ୍କୁଲ ଏବଂ ଗ୍ରୁପ୍ 'ବି'ରେ ବିକାଶ, ଡିଏଭି ଚନ୍ଦ୍ରଶେଖରପୁର, ରାମକୃଷ୍ଣ ଏସ.କେ. ଓ ବିଜେଇଏମ୍ ସ୍କୁଲ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ସି'ରେ ୟୁନିଟ-୧ ହାଇସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ, ଡିଏଭି ପୋଖରୀପୁଟ ଓ ଏକ ଯୋଗ୍ୟତା ଅର୍ଜନକାରୀ ଦଳ ଏବଂ ଗ୍ରୁପ୍ 'ଡି'ରେ କ୍ୟାପିଟାଲ ହାଇସ୍କୁଲ, ଆଇଆରସି ଭିଲେଜ, ସାଇ ରେସିଡେନ୍ସିଆଲ ସ୍କୁଲ ଏବଂ ଯୋଗ୍ୟତା ଅର୍ଜନକାରୀ ଏକ ଦଳ ଖେଳିବ। ବର୍ଷା କିମ୍ବା ଅନ୍ୟ କୌଣସି କାରଣ ପାଇଁ ମ୍ୟାଚ ବାଧାପ୍ରାପ୍ତ ହେଲେ ତା' ପରଦିନ ଏହା ଅନୁଷ୍ଠିତ ହେବ। ୨୦ ତାରିଖ ଅପରାହ୍ନ ୩ଟାରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ସମ୍ପାଦକ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ଉପସଭାପତି ଗିରିଜା ଦାସ, ଚିତ୍ତରଞ୍ଜନ ପାତ୍ର ଓ ଜୟନ୍ତ ମହାପାତ୍ରଙ୍କ ପୁତ୍ର ଜିତେନ୍ ମହାପାତ୍ର ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି।

## ବଳାତ୍କାର ମାମଲାରେ ଦଣ୍ଡିତ ଷ୍ଟିଭେନ କ୍ୱାର୍ଟରରେ

ପ୍ୟାରିସ, ୩।୮(ଏପି)

ଇଂଲଣ୍ଡରେ ୨୦୧୬ରେ ଜଣେ ୧୨ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦଣ୍ଡିତ ହୋଇଥିବା ଡଚ୍ ଅଲିମ୍ପିଆନ ଷ୍ଟିଭେନ ଭାନ୍ ଡି' ପ୍ୟାରିସ ଅଲିମ୍ପିକ୍ସ ବିଚ୍ ଭଲିବଲ୍ ଟୁର୍ନାମେଣ୍ଟର ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଷ୍ଟିଭେନ ଓ ମାଥ୍ୟୁ ଇମର୍ସ ଯୋଡ଼ି ରବିବାର କିମ୍ବା ସୋମବାର ତାଙ୍କ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳିବେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏପର୍ଯ୍ୟନ୍ତ ସ୍ଥିର କରାଯାଇନାହିଁ। ୨୯ବର୍ଷୀୟ ଷ୍ଟିଭେନ ୨୦୧୬ ବଳାତ୍କାର ମାମଲାରେ ୧୩ ମାସ ଜେଲ ଦଣ୍ଡ ଭୋଗିଥିଲେ। ପୀଡ଼ିତାଙ୍କ ଓକିଲ, ଆଇନପ୍ରଣେତା ଓ ତାଙ୍କ ସମର୍ଥକମାନେ ଏହି କୁକାର୍ଯ୍ୟ ପାଇଁ ତାଙ୍କୁ ଅଲିମ୍ପିକ୍ସରୁ ବାଦ୍ ଦେବା ଲାଗି ଦାବି କରିଥିଲେ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି କହିଥିଲା, ସ୍ୱାଭାବିକ ଭାବେ ଯୋଗ୍ୟତା ଅର୍ଜନ କରିଥିବା ଜଣେ ଆଥ୍‌ଲେଟ୍‌ଙ୍କୁ ଅଲିମ୍ପିକ୍ସରୁ ବଞ୍ଚିତ କରିବା ସେମାନଙ୍କ କ୍ଷମତା ବାହାରେ।

# ଚଣ୍ଡିଗଡ଼କୁ ହରାଇ ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୩।୮ (ତପନ ସ୍ୱାଇଁ)

**ଜାତୀୟ ଜୁନିୟର ଫୁଟ୍‌ବଲ**

କୋଲକାତା ଦକ୍ଷିଣ ୨୪ ପ୍ରଗଣାର ନରେନ୍ଦ୍ରପୁରସ୍ଥିତ ରାମକ୍ରିଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ଜୁନିୟର ଫୁଟ୍‌ବଲ (ବି.ସି. ରୟ ଟ୍ରଫି) ଟୁର୍ନାମେଣ୍ଟର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ଦଳ ୨-୦ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ମ୍ୟାଚ୍‌ଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୨ ମିନିଟରେ ଗୋଲ ଦେଇ ଅଧିନାୟକ ପ୍ରେମପୀୟୂଷ ବାଗ୍ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ ଚଣ୍ଡିଗଡ଼ ଜୋରଦାର ଉଦ୍ୟମ କରିଥିବାବେଳେ ୬୭ତମ ମିନିଟରେ ଓଡ଼ିଶା ପକ୍ଷରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ ନରେଶ କୁମାର ଧନ। ଏହାପରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଚଳିତ ମାସ ୧୨ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳର ଖେଳାଳିଙ୍କୁ ଫାଇନାଲ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।


ସେମିଫାଇନାଲ ପରେ ଖୁସି ମୁହୂର୍ତ୍ତରେ ଓଡ଼ିଶା ଦଳ।

# ଅଳ୍ପକେ ପଦକ ହରାଇଲେ ଭାକର

ଚାଟାରକ୍ସ, ୩।୮ (ପି.ଟି.)


ମନୁ ଭାକର

ଭାରତୀୟ ଶୁଟିଂ ସେନ୍‌ସେସନ ମନୁ ଭାକର ଶନିବାର ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ମନୁ ଚତୁର୍ଥ ସ୍ଥାନରେ ରହିବା ସହ ଗୋଟିଏ ସଂସ୍କରଣରେ ୩ ପଦକର ରେକର୍ଡରୁ ଦୂରରେ ରହି ଯାଇଥିଲେ। ୨୨ ବର୍ଷୀୟ ମନୁ ଫାଇନାଲରେ ୨୮ ଶଟ୍ ମାରି ଭେରୋନିକା ମେଜରଙ୍କ ସହ ଯୁଗ୍ମ ତୃତୀୟ ସ୍ଥାନରେ ରହିଥିଲେ। ଉଭୟଙ୍କ ମଧ୍ୟରେ ହୋଇଥିବା ଶୁଟ ଅଫ୍‌ରେ ମନୁଙ୍କ ୩ଟି ଶଟ୍ ଟାର୍ଗେଟରେ ରହିଥିବା ବେଳେ ଭେରୋନିକାଙ୍କ ୪ଟି ଶଟ୍ ଟାର୍ଗେଟରେ ରହିଥିଲା। ତେବେ ଚଳିତ ଅଲିମ୍ପିକ୍ସରେ ଭାରତର ସଫଳତମ ଆଥ୍‌ଲେଟ ଭାବରେ ମନୁ ଭାକର ୨ଟି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍‌ରେ ସରବଜୋତ୍ ସିଂଙ୍କ ସହ ବ୍ରୋଞ୍ଜ ପଦକ ଜିତିଥିଲେ। ଭାରତୀୟ ଫ୍ୟାନ ମାନେ ମନୁଙ୍କଠାରୁ ହ୍ୟାଟ୍ରିକ ପଦକ ଆଶା ରଖିଥିବା ବେଳେ ମ୍ୟାଚ୍ ପୂର୍ବରୁ ସେ ସାମାନ୍ୟ ନର୍ଭସ ଥିବା କହିଛନ୍ତି ମନୁ।

**ଆର୍ଚେରୀରେ ଅଭିଯାନ ଶେଷ:** ମହିଳା ବ୍ୟକ୍ତିଗତ ଇଭେଣ୍ଟରେ ଭାରତୀୟ ମହିଳା ଆର୍ଚର ଦୀପିକା କୁମାରୀ ଓ ଭଜନ କୌର ପରାଜିତ ହେବା ସହ ଆର୍ଚେରୀରେ ଭାରତର ଅଭିଯାନ ଶେଷ ହୋଇଛି। ଭଜନ କୌର ପ୍ରି କ୍ୱାର୍ଟରରେ ହାରିଯାଇଥିବା ବେଳେ ଦୀପିକା କ୍ୱାର୍ଟରରେ ପରାଜିତ ହୋଇଥିଲେ। ଦୀପିକା ଭଲ ଆରମ୍ଭ କରିଥିଲେ ମଧ୍ୟ ଚାପରେ ପ୍ରଦର୍ଶନ ଦେବାରେ ବିଫଳ ହୋଇ କୋରିଆରୀ ସୁହେୟନ୍ ନାମଙ୍କ ଠାରୁ ୬-୪ରେ ହାରି ଯାଇଥିଲେ। ଅଧିକ ଥର ୧୦ ଶୁଟ୍ କରିଥିଲେ ମଧ୍ୟ ନିର୍ଣ୍ଣାୟକ ସମୟରେ ଥରେ ଲେଖାଏ ୬ ଓ ୭ ପଏଣ୍ଟ ସ୍କୋର କରି ପରାଜିତ ହୋଇଥିଲେ ଦୀପିକା। ଅନ୍ୟତମ ଭାରତୀୟ ଭଜନ କୌର ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ଡିଆଣ୍ଡା ଚିରୌନିସାଙ୍କ ଠାରୁ ପରାଜିତ ହୋଇଥିଲେ।

**ଆଥ୍‌ଲେଟିକ୍ସରେ ଖରାପ ପ୍ରଦର୍ଶନ ଜାରି:** ପ୍ୟାରିସ୍ ୨୦୨୪ରେ ଭାରତୀୟ ଆଥ୍‌ଲେଟଙ୍କ ଖରାପ ପ୍ରଦର୍ଶନ ଜାରି ରହିଛି। ଭାରତୀୟ ଶଟ୍‌ପୁଟର ତାଜିନ୍ଦର ପାଲ ସିଂ ତୁର ଯୋଗ୍ୟତା ପର୍ଯ୍ୟାୟରେ ଖରାପ ପ୍ରଦର୍ଶନ କରି ଫାଇନାଲକୁ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ। ୨୯ ବର୍ଷୀୟ ତୁର ୨୯ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ପ୍ରଥମ ପ୍ରୟାସରେ ସେ ୧୮.୦୫ ମିଟର ଥ୍ରୋ କରିଥିବା ବେଳେ ପରବର୍ତ୍ତୀ ୨ ପ୍ରୟାସରେ ଫାଉଲ କରି ଥିଲେ। ଅନ୍ୟପକ୍ଷରେ ୫୦୦୦ ମିଟର ଦୌଡ ମହିଳା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାରତର ପାରୁଲ ଚୌଧାରୀ ଓ ଅଙ୍କିତା ଧ୍ୟାନୀ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରି ପାରି ନ ଥିଲେ। ପାରୁଲ ଚୌଧାରୀ ୧୫:୧୦.୬୮ ସେକେଣ୍ଡର ଟାଇମିଂ ସହିତ ହିଟ୍-୧ରେ ୧୪ତମ ତଥା ଓଭରଅଲ ୨୪ତମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ଅଙ୍କିତା ହିଟ୍ ନମ୍ବର ୨ରେ ୨୦ ତଥା ଓଭରଅଲ ୪୦ତମ ସ୍ଥାନରେ ରହି ରେସ୍ ଫିନିଶ କରିଥିଲେ। କେନିଆର ଫେଥ କିପୟେଗନ ୧୪:୫୭.୫୬ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲେ।

## ଭାରତର କାର୍ଯ୍ୟସୂଚୀ (ରବିବାର)

**ଶୁଟିଂ:** ୨୫ ମିଟର ପିସ୍ତଲ ପୁରୁଷ ଯୋଗ୍ୟତା ପର୍ଯ୍ୟାୟ।
ବିଜୟବୀର ସିଦ୍ଧୁ, ଅନୀଶ ଭୁନାୱାଲା (ଅପରାହ୍ନ ୧୨.୩୦)।

**ଆଥଲେଟିକ୍ସ:**
୩୦୦୦ ମିଟର ମହିଳା ଷ୍ଟିପଲଚେଜ୍
ପାରୁଲ ଚୌଧାରୀ (ଅପରାହ୍ନ ୧.୩୫)।
ଲଙ୍ଗଜମ୍ପ ଜେସୱିନ ଆଲଡ୍ରିନ (ଅପରାହ୍ନ ୨.୩୦)।

**ହକି:** ପୁରୁଷ କ୍ୱାର୍ଟର ଫାଇନାଲ
ଭାରତ ବନାମ ଗ୍ରେଟ ବ୍ରିଟେନ(ଅପରାହ୍ନ ୧.୩୦)।

**ବକ୍ସିଂ:** ୭୫ କିଗ୍ରା ମହିଳା କ୍ୱାର୍ଟର ଫାଇନାଲ।
ଲଭଲିନା ବୋର୍ଗୋହେନ୍ ବନାମ ଲି କିଆନ୍(ଅପରାହ୍ନ ୧.୩୦)।

**ବ୍ୟାଡମିଣ୍ଟନ:** ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ।
ଲକ୍ଷ୍ୟ ସେନ୍ ବନାମ ଭିକ୍ଟର ଆକ୍ସେଲସେନ୍(ଅପରାହ୍ନ ୩.୩୦)।

**ସେଲିଂ:** ପୁରୁଷ ଡିଙ୍ଗି ରେସ୍-୭
ବିଷ୍ଣୁ ସର୍ବାନନ (ଅପରାହ୍ନ ୩.୩୫)।
ମହିଳା ଡିଙ୍ଗି ରେସ୍-୭
ନେତ୍ର କୁମାନନ(ସନ୍ଧ୍ୟା୬.୦୫)।

# ସିମୋନ ବାଇଲ୍ସଙ୍କୁ ସପ୍ତମ ସ୍ୱର୍ଣ୍ଣ


ସିମୋନ ବାଇଲ୍ସ

ପ୍ୟାରିସ୍, ୩।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଶନିବାର ଜିମ୍ନାଷ୍ଟିକ୍ସର ଭଲ୍ଟ ଇଭେଣ୍ଟରେ ଆଉ ଏକ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ଆମେରିକାର ସିମୋନ ବାଇଲ୍ସ। ଏହା ସହ ତାଙ୍କର ସମୁଦାୟ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସଂଖ୍ୟା ୭ରେ ପହଞ୍ଚିଛି। ୨୭ ବର୍ଷୀୟ ବାଇଲ୍ସ ୧୫.୩୦୦ପଏଣ୍ଟ ସ୍କୋର କରିଥିଲେ। ପାରମ୍ପରିକ ୟୁରଚେଙ୍କୋ ଡବଲ ପାଇକ୍ ଓ ଚେଙ୍ଗ ଭଲ୍ଟସରେ ବାଇଲ୍ସ ଚମତ୍କାର ପ୍ରଦର୍ଶନ କରିଥିଲେ। ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ଏହା ତାଙ୍କର ତୃତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ଟିମ୍ ଇଭେଣ୍ଟ ଓ ଅଲରାଉଣ୍ଡରେ ସେ ସ୍ୱର୍ଣ୍ଣ ଜିତିଥିଲେ। ବ୍ରାଜିଲର ରେବେକା ଆଣ୍ଡ୍ରାଡେ ଓ ଆମେରିକାର ଜେଡ୍ କେରୀ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ।



ପ୍ୟାରିସ ଅଲିମ୍ପିକ୍ସର ମହିଳା କାୟାକ କ୍ରସ୍ ରେସ୍ ଆରମ୍ଭ ଅବସରରେ (ବାମରୁ) ସ୍ପେନ୍‌ର ମିରେନ ଲାଜକାନୋ, ନ୍ୟୁଜିଲାଣ୍ଡର ଲୁକା ଜୋନ୍ସ ଓ ସ୍ଲୋଭାକିଆର ଜୁଜାନା ପାନ୍‌କୋଭା।

# ପଦକ ଜିତିଲେ, ତାଲିକାରେ ସ୍ଥାନ ପାଇବେନି

ପ୍ୟାରିସ, ୩।୮ (ଏପି)


ଇଭାନ ଲିଟ୍‌ଭିନୋଭିଚ୍ ଓ ଭିୟାଲେଟା ବାର୍ଜିଲୋସ୍କାୟା।

ଇଭାନ ଲିଟ୍‌ଭିନୋଭିଚ୍ ଓ ଭିୟାଲେଟା ବାର୍ଜିଲୋସ୍କାୟା ଅଲିମ୍ପିକ୍ସରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ସଫଳ ହୋଇପାରିଛନ୍ତି। ସେମାନଙ୍କ ପାଇଁ ଦୁଃଖର ବିଷୟ ଏହା ଗେମ୍ସର ଅଫିସିଆଲ ପଦକ ତାଲିକାରେ ସ୍ଥାନ ପାଇବ ନାହିଁ। ଇଣ୍ଡିଭିଜୁଆଲ ନ୍ୟୁଟ୍ରାଲ ଆଥଲେଟ୍ସ (ଏଆଇଆନ) ଭାବେ ପ୍ୟାରିସରେ ଭାଗ ନେଉଥିବା ୧୭ ଜଣ ବେଲାରଷିଆନ ଆଥଲେଟଙ୍କ ମଧ୍ୟରେ ଏହି ଦୁଇ ଜଣ ଟ୍ରାମ୍ପୋଲିନ୍ ଜିମ୍ନାଷ୍ଟ ଅନ୍ୟତମ। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ସମର୍ଥନ କରୁଥିବାରୁ ସେମାନଙ୍କ ଦେଶକୁ ବାସନ୍ଦ କରାଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି କିନ୍ତୁ ସର୍ତ୍ତମୂଳକ ଭାବେ ଏହି ଦୁଇ ଦେଶର ଆଥଲେଟମାନଙ୍କୁ ଗେମ୍ସରେ ଭାଗନେବା ଲାଗି ଆମନ୍ତ୍ରଣ କରିଥିଲା। ଏହି ଦୁଇ ଦେଶର ଆଥଲେଟମାନେ ଦଳଗତ ପ୍ରତିଯୋଗିତାରେ ଭାଗ ନେଇ ପାରିବେ ନାହିଁ। ସେମାନେ ବ୍ୟକ୍ତିଗତ କେବଳ ଜଣେ ଏଆଇଏନ୍ ଭାବେ ଅଂଶଗ୍ରହଣ କରିପାରିବେ। ସେମାନେ ଜାତୀୟ ପତାକା, ରଙ୍ଗ କିମ୍ବା ସଙ୍ଗୀତକୁ ବ୍ୟବହାର କରିପାରିବେ ନାହିଁ। ପଦକ ଟେବୁଲରେ ସେମାନଙ୍କ ଦେଶ କିମ୍ବା ପଦକ ସମ୍ପର୍କରେ କୌଣସି ସୂଚନା ରହିବ ନାହିଁ। ଯୁଦ୍ଧ ପ୍ରତି ସେମାନଙ୍କର ସକ୍ରିୟ ସମର୍ଥନ ନ ଥିବା ଦରକାର। ରଷିଆନ କିମ୍ବା ବେଲାରଷିଆନ ମିଲିଟାରୀ କିମ୍ବା ଜାତୀୟ ସୁରକ୍ଷା ଏଜେନ୍ସି ସହିତ ସେମାନଙ୍କର ଯୋଗାଯୋଗ ନ ଥିବା ବିଧେୟ। ୨୩ ବର୍ଷୀୟ ଲିଟନୋଭିଚ ଶୁକ୍ରବାର ତାଙ୍କ ଟାଇଟଲ ବିଜୟ ରଖିବାରେ ସମର୍ଥ ହୋଇଛନ୍ତି। ଶୁକ୍ରବାର ତାଙ୍କ ଇଭେଣ୍ଟ ପରେ ସେ ଯେତେବେଳେ ପୋଡିୟମ ଉପରକୁ ଉଠିଲେ ବେଲଶରଷିଆନ ଜାତୀୟ ସଙ୍ଗୀତ ପରିବର୍ତ୍ତେ ଆଇଓସି ଦ୍ୱାରା ପ୍ରସ୍ତୁତ ଏକ ସ୍ୱତନ୍ତ୍ର ସଙ୍ଗୀତ ବାଜିଥିଲା। ଟୋକିଓରେ ପୋଡିୟମକୁ ଉଠିଲା ବେଳେ ତାଙ୍କ ହାତରେ ଜାତୀୟ ପତାକା ରହିଥିଲା। ଏଥିରୁ ସେ କିନ୍ତୁ ବଞ୍ଚିତ ହୋଇଥିଲେ। ପଦକ ବିତରଣ ବେଳେ ଏଆଇଏନ ପତାକା ପ୍ରଦର୍ଶନ କରାଯାଇଥିଲା। ତେବେ ବେଲାରଷିଆନ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାସେଙ୍କୋ ତାଙ୍କ ଅଫିସିଆଲ ୱେବ୍ ସାଇଟ୍‌ରେ ଏକ ଅଭିନନ୍ଦନର ବାର୍ତ୍ତା ପଠାଇଥିଲେ। ସେଥିରେ ଉଲ୍ଲେଖ ଥିଲା'' ଡିଅର ଇଭାନ, ୟୁ ଆର୍ ଆୱାର ପ୍ରାଇଡ୍! ଥ୍ୟାଙ୍କ୍ ୟୁ ଫର୍ ଅଲିମ୍ପିକ ଗୋଲ୍ଡ।'' ଅନ୍ୟପକ୍ଷରେ ମହିଳା ଟ୍ରାମ୍ପୋଲିନ୍‌ରେ ୧୯ ବର୍ଷୀୟା ବାର୍ଦଜିଲୋସ୍କାୟା ଗ୍ରେଟ୍ ବ୍ରିଟେନର ବ୍ରାୟୋନି ପେଜ୍‌ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିଲେ। ବେଲାରଷିଆନ ଅଲିମ୍ପିକ କମିଟି (ବିଓସି) ତରଫରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଆଇଓସି କିନ୍ତୁ ତାହାକୁ ସ୍ୱୀକୃତି ଦେଇ ନ ଥିଲା।

ସପ୍ତାହେ ପୂର୍ବରୁ ସେନ୍ ନଦୀରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବ ପରେଡରେ ଅନ୍ୟ ଦେଶର ଆଥଲେଟଙ୍କ ଭଳି ରୁଷିଆ ଓ ବେଲାରୁଷର ସମସ୍ତ ୩୨ ଆଥଲେଟ୍‌ଙ୍କୁ ବୋଟ୍‌ରେ ଯିବାରୁ ବଞ୍ଚିତ ହୋଇଥିଲେ। ତେଣୁ ସେମାନଙ୍କ ଅଲିମ୍ପିକ ଟିମ୍‌ର ଅଂଶଗ୍ରହଣ ସମ୍ପର୍କରେ ବହୁ ଅଜଣା ଥିଲେ।

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

ପ୍ୟାରିସ, ୩।୮ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ହକିର ୪ଟି କ୍ୱାର୍ଟର ଫାଇନାଲ ରବିବାର ଅନୁଷ୍ଠିତ ହେବ। ସେମିଫାଇନାଲ ଲକ୍ଷ୍ୟରେ ଥିବା ଭାରତକୁ ପ୍ରଥମେ କ୍ୱାର୍ଟର ଫାଇନାଲରେ ଗ୍ରେଟ୍ ବ୍ରିଟେନ ହର୍ଡଲ୍ସ ଅତିକ୍ରମ କରିବାକୁ ପଡ଼ିବ। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟ ପରେ ଦୃଢ଼ ମନୋବଳରେ ଥିବା ଭାରତ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିଲା। ବିଶେଷ କରି ଦୀର୍ଘ ୫୨ ବର୍ଷ ବ୍ୟବଧାନରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଭାରତୀୟ ଖେଳାଳିଙ୍କ ମନୋବଳ ବହୁ ଉପରେ ରହିଛି। ଲିଗ୍ ପର୍ଯ୍ୟାୟ ପରେ ଅଲିମ୍ପିକ୍ ଚାମ୍ପିୟନ ବେଲଜିୟମ ପଛକୁ ଭାରତ ପୁଲ୍ 'ବି'ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ବ୍ରିଟେନ ପୁଲ୍ 'ଏ'ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ମନ୍‌ପ୍ରୀତ ସିଂ ଓ ହାର୍ଦ୍ଦିକ ସିଂଙ୍କ ନେତୃତ୍ୱାଧୀନ ମିଡ୍‌ଫିଲ୍ଡ ଓ ଫରୱାର୍ଡ ଲାଇନ୍ ମଧ୍ୟରେ ଉତ୍ତମ ସମନ୍ୱୟ ଦେଖିବାକୁ ମିଳିଥିଲା। ଅଗ୍ରଭାଗରେ ଗୁରଜାନ୍ତ ସିଂ ଓ ସୁଖଜିତ ସିଂ ଲୟରେ ରହିଥିବା ନଜରକୁ ଆସିଥିଲେ। ଗୋଲକିପର ପି.ଆର. ଶ୍ରୀଜେଶଙ୍କ ପ୍ରଦର୍ଶନ ମଧ୍ୟ ଦର୍ଶନୀୟ ରହିଥିଲା। ଭାରତ-ବ୍ରିଟେନ ମ୍ୟାଚ ଅପରାହ୍ନ ୧ଟା ୩୦ରେ ଅନୁଷ୍ଠିତ ହେବ।

ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ୩-୨ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚକୁ ଆର୍ଜେଣ୍ଟିନା ବିପକ୍ଷରେ ୧-୧ରେ ଡ୍ର ରଖିଥିଲା। ଆୟର୍ଲାଣ୍ଡକୁ ୨-୦ରେ ହରାଇ ବିଜୟ ପଥକୁ ଫେରିଥିବା ଭାରତୀୟ ଦଳ ବେଲଜିୟମଠାରୁ ୧-୨ରେ ହାରି ଯାଇଥିଲା। ତେବେ ଅନ୍ତିମ ଲିଗ୍ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ପରାସ୍ତ କରି ହରମନପ୍ରୀତ ସିଂଙ୍କ ଦଳ ଦକ୍ଷତା ଦେଖାଇଥିଲା। ଅନ୍ୟପକ୍ଷରେ ସ୍ପେନ୍‌କୁ ୪-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ବ୍ରିଟେନ ପରବର୍ତ୍ତୀ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨-୨ରେ ଡ୍ର ରଖିଥିଲା। ନେଦରଲାଣ୍ଡ୍ସକୁ ମଧ୍ୟ ଦଳ କଡ଼ା ଟକ୍କର ଦେଇ ୨-୨ରେ ମ୍ୟାଚ ଶେଷ କରି ପଏଣ୍ଟ ଭାଗ କରିଥିଲା। ପରେ ଫ୍ରାନ୍ସକୁ ୨-୧ରେ ହରାଇଥିବାବେଳେ ଜର୍ମାନୀଠାରୁ ୧-୨ରେ ହାରି ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଥିଲା। ଭାରତ ୫ ମ୍ୟାଚରୁ ୧୦ ଏବଂ ବ୍ରିଟେନ ସମାନ ସଂଖ୍ୟକ ମ୍ୟାଚରୁ ୮ ପଏଣ୍ଟ ପାଇଥିଲା। ରବିବାର ହେବାକୁଥିବା ଅନ୍ୟ ୩ କ୍ୱାର୍ଟର ଫାଇନାଲରେ ଜର୍ମାନୀ-ଆର୍ଜେଣ୍ଟିନା, ନେଦରଲାଣ୍ଡ୍ସ-ଅଷ୍ଟ୍ରେଲିଆ ଓ ବେଲଜିୟମ-ସ୍ପେନ୍ ମଧ୍ୟରେ ମୁକାବିଲା ହେବ।

## ଅଲିମ୍ପିକ୍ସ ପୁରୁଷ ହକି

**ଭାରତ-ବ୍ରିଟେନ, ଜର୍ମାନୀ-ଆର୍ଜେଣ୍ଟିନା, ନେଦରଲାଣ୍ଡ୍ସ-ଅଷ୍ଟ୍ରେଲିଆ, ବେଲଜିୟମ-ସ୍ପେନ୍ କ୍ୱାର୍ଟର ଫାଇନାଲ ଆଜି**


ହରମନପ୍ରୀତ ସିଂ

# ଚୁମ୍ବନ ଦେଇ ଚର୍ଚ୍ଚାରେ ସିନିଆକୋଭା-ମାକ୍‌ଚାକ୍

ପ୍ୟାରିସ, ୩।୮ (ଏପି)

## ଅଲିମ୍ପିକ୍ସ ଟେନିସ

ପ୍ୟାରିସ ଅଲିମ୍ପିକ୍ସ ଟେନିସ ପ୍ରତିଯୋଗିତାର ମିକ୍ସଡ ଡବଲ୍ସ ସ୍ୱର୍ଣ୍ଣ ଜିତିବାପରେ ଚେକ୍ ରିପବ୍ଲିକର କାଟରିନା ସିନିଆକୋଭା ଓ ଟୋମାସ ମାକ୍‌ଚାକ୍ ପରସ୍ପରକୁ ଚୁମ୍ବନ ସହ ଆଲିଙ୍ଗନ କରିଥିଲେ। ଏହି ଦୃଶ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି। ସେମାନଙ୍କୁ ପଚରାଯିବାରେ ଉଭୟେ କେବଳ ହସିଥିଲେ, କୌଣସି ସୂଚନା ଦେଇ ନ ଥିଲେ। ସମ୍ଭବତଃ ଉଭୟେ ସେମାନଙ୍କ ସମ୍ପର୍କକୁ ଗୋପନ ରଖିବାକୁ ଚାହିଁଥିଲେ। ସିନିକୋଭା-ମାକ୍‌ଚାକ୍ ଫାଇନାଲରେ ସେମାନେ ଚାଇନାର ୱାଙ୍ଗ୍ ଜିନ୍‌ୟୁ ଓ ଝାଙ୍ଗ୍ ଝିଜେନଙ୍କୁ ୬-୨, ୫-୭, ୧୦-୮ରେ ହରାଇ ଦେଇଥିଲେ। ଅଲିମ୍ପିକ୍ସରେ ସିନିକୋଭାଙ୍କର ଏହା ହେଉଛି ଦ୍ୱିତୀୟ ଟାଇଟଲ। ପୂର୍ବରୁ ୩ ବର୍ଷ ତଳେ ସେ ବାରବୋରା କ୍ରେଜିକୋଭାଙ୍କୁ ସାଥୀ କରି ଟୋକିଓ ଗେମ୍ସରେ ମହିଳା ଡବଲ୍ସ ଜିତିଥିଲେ।



କାଟରିନା ସିନିଆକୋଭା ଓ ଟୋମାସ ମାକ୍‌ଚାକ୍।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଅତୁଳନୀୟ ରାଇଡ୍, ଅଦ୍ୱିତୀୟ ଅଫର୍ ।

**Hero MotoCorp ତରଫରୁ VIDA ଇଲେକ୍ଟ୍ରିକ୍ ସ୍କୁଟର ରେ ₹40,000* ପର୍ଯ୍ୟନ୍ତ ଅଫରର ମଜା ନିଅନ୍ତୁ.**

- 2 ରିମୁଭେବୁଲ୍ ବ୍ୟାଟେରୀ
- 165 km** ସାର୍ଟିଫାଏଡ୍ ରେଞ୍ଜ୍
- 2500+ ଫାଷ୍ଟ ଚାର୍ଜର୍
- ବିସ୍ତୃତ ସେବା ନେଟ୍ୱାର୍କ




*Limited period offer. Call your nearest Hero dealership now.

Visit us in **BHUBANESWAR:** Near Z1 Apartments, Patia — SANJIB AUTOBIKES, 7483326989 | Near Kolathia Chack, Khandagiri — JMG AUTOMOBILES VIDA HUB, 8093180040 | Lewis Road — ARUNDHATI MOTO BIKES, 7428412997 | **JATNI:** Near Axis Bank, Main Road — VISHAL AUTOMOBILES, 7428420622 | **PURI:** S.C.S College Road — SANJIB AUTOBIKES, 9348272036 | **CUTTACK:** Sikharpur — ESSEN AUTOMOBILES, 7428418996 | Professor Pada Road, Cuttack — JMG AUTOMOBILES, 7428419930 | Kanika Chhak — SUNNY MOTORS, 7428416899.

**Certified range by Govt. certified agency. Real-world range of 110 km. Certified and Real-world range may vary depending on riding style, road/vehicle conditions, and vehicle models.